
ଗୁରୁପୂର୍ଣ୍ଣିମାରେ ଶୁଭେଚ୍ଛା ଜଣାଇଲେ |୬

# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar


ବିଗ୍‌ବସ୍ ଯିବେ ଧନଶ୍ରୀ ! |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୦୧ Vol. 22 No-101 11 JULY 2025 FRIDAY, BHUBANESWAR ଶୁକ୍ରବାର, ୧୧ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଡ୍ରାଇଭର ମହାସଂଘର ଆନ୍ଦୋଳନ ଜାରି

# ଗଡୁନି ଗାଡ଼ି, ବଢୁଛି ଯନ୍ତ୍ରଣା



- ସାରା ରାଜ୍ୟରେ ପରିବହନ ସେବା ଠପ୍
- କଲବଲ ହେଉଛନ୍ତି ଯାତ୍ରୀ,ବ୍ୟବସାୟୀ
- ବଢୁଛି ଅତ୍ୟାବଶ୍ୟକ ସାମଗ୍ରୀର ଦର
- ଗ୍ୟାସ୍ ଅଭାବରୁ ଅଧିକାଂଶ ହୋଟେଲ ବନ୍ଦ
- ପେଟ୍ରୋଲ,ଡିଜେଲର ଅଭାବ ନାହିଁ: ମନ୍ତ୍ରୀ
- କଂଗ୍ରେସ ଗାଡ଼ିକୁ ଛାଡ଼ିବ ଡ୍ରାଇଭର ସଂଘ

ଭୁବନେଶ୍ୱର,୧୦।୭(ଭାସ୍କର ନ୍ୟୁଜ): ୭ ଦଫା ଦାବିରେ ଓଡ଼ିଶା ଡ୍ରାଇଭର ମହାସଂଘ ଆରମ୍ଭ କରିଥିବା ଧର୍ମଘଟ ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ଅର୍ଥାତ ୩ ଦିନ ଧରି ମହାସଂଘର ଆନ୍ଦୋଳନ ଜାରି ରହିଛି। ଏହାର ପ୍ରଭାବରେ ହଇରାଣ ହେଉଛନ୍ତି ସାଧାରଣ ଜନତା। ବୁଧବାର ପେଟ୍ରୋଲ ଅଭାବ ଆଶଙ୍କା ପାଇଁ ଟାଙ୍କିଗୁଡ଼ିକରେ ଲାଗିଥିଲା ଲମ୍ବା ଲାଇନ୍। ଗୁରୁବାର ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ସମାନ ସ୍ଥିତି ଦେଖିବାକୁ ମିଳିଛି। ଅନ୍ୟପଟେ ପେଟ୍ରୋଲିୟମ ଡିଲର ସଂଘ ସହ ବୈଠକ କରିବା ପରେ ପେଟ୍ରୋଲ ଅଭାବ ନଥିବା ନେଇ ଆଶ୍ୱସ୍ତ କରିଛନ୍ତି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି, ରାଜ୍ୟରେ ପେଟ୍ରୋଲ, ଡିଜେଲ ମହଜୁଦ ରହିଛି। ସେହିପରି ରାଜ୍ୟ ପେଟ୍ରୋଲିୟମ ସଂଘ ମଧ୍ୟ କହିଛି ଯେ ଏବେ ଯଥେଷ୍ଟ ପେଟ୍ରୋଲ ମହଜୁଦ ରହିଛି। ଲୋକେ ଭୟଭୀତ ନ ହୋଇ ନିର୍ଭୟରେ ତେଲ ପକାଇବାକୁ ସଂଘ ଅନୁରୋଧ କରିଛି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଭାଗ ୧୨ମାସିଆ କମିଟି କରୁ ବୋଲି ସଂଘ ଦାବି କରିଛି। ଡ୍ରାଇଭର ଆନ୍ଦୋଳନର ପ୍ରଭାବ ଏବେ ସିଧା ହାଣ୍ଡିଶାଳରେ ପଡ଼ିଲାଣି। ଲମ୍ବା ଧାଡ଼ିରେ ସିଲିଣ୍ଡର ବୋଝେଇ ଗାଡ଼ି ଛିଡ଼ା ହୋଇଛି। କିନ୍ତୁ ୩ ଦିନ ହେବ ଆଗକୁ ବଢୁନି। ଗ୍ୟାସ୍ ବୁକିଂ ହେଉଛି କିନ୍ତୁ ଟାଙ୍କି ହିତାଧିକାରୀଙ୍କ ଘରେ ପହଞ୍ଚି ପାରୁନାହିଁ। ଡ୍ରାଇଭର ନଥିବାରୁ ଏଲପିଜି ଡିପୋରୁ ମଧ୍ୟ ଗାଡ଼ି ଆସିପାରୁ ନାହିଁ। ଗ୍ୟାସ୍ ସଂକଟ ପାଇଁ କେଉଁଠି ରୋଷେଇ ବନ୍ଦ ହେଲାଣି ତ ଆଉ କେଉଁଠି ତାଲା ପଡ଼ିଲାଣି। ବୁଧବାର ଡ୍ରାଇଭର ମହାସଂଘର ଆନ୍ଦୋଳନ ସହ ଶ୍ରମିକମାନଙ୍କ ଭାରତ ବନ୍ଦ ଡାକରା ପରିସ୍ଥିତିକୁ ଅଧିକ ଜଟିଳ କରିପକାଇଥିବାବେଳେ ଗୁରୁବାର ମଧ୍ୟ ସ୍ଥିତି ସଙ୍ଗୀନ ରୂପ ଧାରଣ କରିଛି। ବିଭିନ୍ନ ବସ୍‌ଷ୍ଟାଣ୍ଡରେ ବସ୍ ଠିଆହୋଇ ରହିଥିଲେ ମଧ୍ୟ ଯାତ୍ରୀ ନଥିବାରୁ ଖାଁ ଖାଁ ଲାଗୁଛି। ରାଜ୍ୟ ସରକାରଙ୍କ ସହ ● ପୃଷ୍ଠା ୫ ଦେଖନ୍ତୁ

## ଇଷ୍ଟର୍ଣ୍ଣ ଜୋନାଲ କାଉନସିଲ ବୈଠକରେ ମୁଖ୍ୟମନ୍ତ୍ରୀ

# ସୁଦୃଢ ହେବ କେନ୍ଦ୍ର-ରାଜ୍ୟ ସମ୍ପର୍କ




ରାଞ୍ଚି/ଭୁବନେଶ୍ୱର,୧୦।୭(ବ୍ୟୁରୋ): ଝାଡ଼ଖଣ୍ଡର ରାଞ୍ଚିରେ ଗୁରୁବାର ୨୭ତମ ଇଷ୍ଟର୍ଣ୍ଣ ଜୋନାଲ କାଉନସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓଡ଼ିଶା ବ୍ୟତୀତ ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ଅଭିଭାଷଣରେ ପ୍ରଥମେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ କୃତଜ୍ଞତା ଜଣାଇଥଲେ। ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ରାଜ୍ୟଗୁଡ଼ିକୁ ନେଇ ଗଠିତ ଜୋନାଲ କାଉନସିଲର ମୌଳିକ ଉଦ୍ଦେଶ୍ୟ ହେଉଛି ଆନ୍ତଃରାଜ୍ୟ ଏବଂ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସଂପର୍କ ସୃଷ୍ଟି କରିବା ତଥା ସହଯୋଗ ବୃଦ୍ଧି କରିବା। ଯାହାଦ୍ୱାରା ଆନ୍ତଃରାଜ୍ୟ ସମସ୍ୟାର ସମାଧାନ ଏବଂ ସନ୍ତୁଳିତ ସାମାଜିକ, ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରାଯାଇପାରିବ। ଏହି ଜୋନରେ ଥିବା ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡ କେବଳ ଭୌଗୋଳିକ ସୀମା ନୁହେଁ, ବରଂ ଇତିହାସ, ସଂସ୍କୃତି, ଅର୍ଥନୀତି ସହିତ ଜଡ଼ିତ। ତେଣୁ ଏହି ପରିଷଦ ସାମୂହିକ ପ୍ରଗତି ଏବଂ ପରସ୍ପରକୁ କେତେ ସହଯୋଗ ସମର୍ଥନ

**ଆସନ୍ତାବର୍ଷ ପୁରୀରେ ହେବ ପୂର୍ବାଞ୍ଚଳ ପରିଷଦ ବୈଠକ**

କରୁଛି ତାହା ଉପରେ ନିର୍ଭର କରିବ। ଶ୍ରୀ ମାଝୀ କହିଥିଲେ, ମୁଁ ଆଶା କରୁଛି ଏହି ବୈଠକ ଇଷ୍ଟର୍ଣ୍ଣ ଜୋନରେ କେନ୍ଦ୍ର-ରାଜ୍ୟ ସଂପର୍କକୁ ସୁଦୃଢ କରିବା ପାଇଁ ଏକ ଉପଯୋଗୀ ଓ ଖୋଲାମଞ୍ଚ ପ୍ରଦାନ କରିବ। ଏହାଛଡ଼ା ଓଡ଼ିଶା ସରକାରଙ୍କ ଦ୍ୱାରା ନିଆଯାଇଥିବା ନୂତନ ପଦକ୍ଷେପ, ଏଜେଣ୍ଡା ଓ ଅନ୍ୟାନ୍ୟ ପଦକ୍ଷେପ ସଂପର୍କରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ। ଯାହା ଉପରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଜରୁରି ବୋଲି ଶ୍ରୀ ମାଝୀ କହିଥିଲେ। ମୁଖ୍ୟମନ୍ତ୍ରୀ ଏହି ବୈଠକରେ ତାଙ୍କ ବର୍ଷକର ଶାସନର ଉପଲବ୍ଧି ମଧ୍ୟ ବର୍ଣ୍ଣନା କରିଥିଲେ। ମହିଳା ଓ ଶିଶୁ ସଶକ୍ତିକରଣ ଉପରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ, ୨୦୨୫-୨୬ ଆର୍ଥିକ ବର୍ଷରେ ଏହି କ୍ଷେତ୍ରପାଇଁ ୧୫,୨୨୨.୮୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଓଡ଼ିଶା ପୁଷ୍ଟି ମିଶନ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ସୁଭଦ୍ରା ଇତ୍ୟାଦି ଯୋଜନା ଉପରେ ସେ ଆଲୋକପାତ କରିଥିଲେ। ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଲାଞ୍ଚ ନେଇ ଜେଲ ଗଲେ ଏମସିଏଲ ମୁଖ୍ୟ ପ୍ରବନ୍ଧକ

ସୁନ୍ଦରଗଡ଼/ଭୁବନେଶ୍ୱର,୧୦।୭ (ଭାସ୍କର ନ୍ୟୁଜ): ଜଣେ ବିସ୍ଥାପିତଙ୍କ ଘର ବାବଦ ଟଙ୍କା ରିଲିଜ କରିବା ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ସିବିଆଇ ହାତରେ ଧରାପଡ଼ି ଜେଲ ଯାଇଛନ୍ତି ଏମସିଏଲର ଚିଫ୍ ମ୍ୟାନେଜର (ମାଇନିଂ) ଅଖିଳେଶ ବର୍ମା। ଏଥିପାଇଁ ୩୦ ହଜାର ଟଙ୍କାର ଡିଲ୍ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ଟଙ୍କା ନେଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨୦ ହଜାର ଟଙ୍କା ନେଉଥିବାବେଳେ ସିବିଆଇ ମାଡ଼ି ବସିଥିଲା।

### ମନୋଜ ମହାନ୍ତି ଓପିଏସ୍‌ସି ସଦସ୍ୟ

ଭୁବନେଶ୍ୱର,୧୦।୭(ଭାସ୍କର ନ୍ୟୁଜ): ବରିଷ୍ଠ ଆଇଏଏସ୍ ଅଧିକାରୀ ମନୋଜ ମହାନ୍ତିଙ୍କୁ ଓପିଏସ୍‌ସିର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ସେ ଏହି ପଦବୀରେ ୬ ବର୍ଷ ଯାଏ କାର୍ଯ୍ୟ କରିବେ। ଏଥିପୂର୍ବରୁ ଶ୍ରୀ ମହାନ୍ତି ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ।


### ୨ ବୁଲେଟ୍ ମୁହାଁମୁହିଁ ଧକ୍କା: ୩ ମୃତ

ଦିଗପହଣ୍ଡି,୧୦।୭(ଭାସ୍କର ନ୍ୟୁଜ): ଗୁରୁବାର ଅପରାହ୍ନରେ ଜରଡ଼ା ଥାନା ଠଣା ଗାଁ ନିକଟରେ ଦୁଇ ବୁଲେଟ୍ ମୁହାଁମୁହିଁ ପିଟି ହେବାରୁ ବାପ-ପୁଅଙ୍କ ସମେତ ୩ ଜଣଙ୍କର ମୃତ୍ୟୁ ହୋଇଛି। ବାପ-ପୁଅ ଏକ ବୁଲେଟରେ ଘରକୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଆଉ ଏକ ବୁଲେଟ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୩ଜଣଙ୍କର ମୃତ୍ୟୁ ହୋଇଥିଲା।

ସେନ୍‌ସେକ୍ସ: ୮୩,୧୯୦.୨୮
ସର୍ବାଧିକ: ୩୧ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

**୧୦।୭।୨୦୨୫ ର ମତାମତ**

ବାର୍ଡଫ୍ଲୁ ନେଇ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ଉଚିତ୍ ନୁହେଁ କି?




**ଆଜିର ପ୍ରସଙ୍ଗ**

ବରିଷ୍ଠ ଅଧିକାରୀମାନେ ଲାଞ୍ଚ ନେଇ ଜେଲ ଗଲେ ପ୍ରଭାବ କନିଷ୍ଠଙ୍କ ଉପରେ ପଡ଼ିବ ନାହିଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ଆଜି ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ

# ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ ମହାସମାବେଶରେ ଯୋଗଦେବେ



ଭୁବନେଶ୍ୱର,୧୦।୭(ଭାସ୍କର ନ୍ୟୁଜ): ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିବେ କଂଗ୍ରେସ ଯୁବରାଜ ରାହୁଲ ଗାନ୍ଧୀ। ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ କଂଗ୍ରେସ ପକ୍ଷରୁ ଆୟୋଜିତ ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ ମହାସମାବେଶରେ ସେ ସାମିଲ ହେବେ। ତାଙ୍କ ସହ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ଏହି ସମାବେଶରେ ଯୋଗଦେବେ ବୋଲି ସୂଚନା ଦେଇଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। ସେ କହିଛନ୍ତି, ପ୍ରତ୍ୟେକ ଜିଲ୍ଲାରେ ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତ୍ୟେକ ଜିଲ୍ଲାରୁ ଲୋକ ଏହି ସମାବେଶରେ ସାମିଲ ହେବେ। ସବୁ ସମସ୍ୟା ଉପରେ ଲୋକଙ୍କୁ ନେଇ ଜନଜାଗରଣ କରିବା ଦିଗରେ ସାଧୁତାର ସହିତ ପଦକ୍ଷେପ ଗ୍ରହଣ କରାଯାଉଛି। ଓଡ଼ିଶାରେ ଗୋଟିଏ ନୂଆ ରାଜନୀତିର ବାତାବରଣ ଏହି ସମାବେଶ ସୃଷ୍ଟି କରିବ। ଓଡ଼ିଶା ସରକାର କଂଗ୍ରେସର ଯେକୌଣସି ବି କାର୍ଯ୍ୟକ୍ରମ ହେଉ ସେଥିରେ ବାଧା ସୃଷ୍ଟି କରୁଛନ୍ତି। ରାହୁଲ ଗାନ୍ଧୀଙ୍କ ଗସ୍ତକୁ ନେଇ ବହୁଦିନରୁ ଘୋଷଣା କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର ଡ୍ରାଇଭର ସଂଘ ସହ ଆଲୋଚନା କରି ଏହାକୁ ସମାଧାନ କରିବାକୁ ଚାହୁଁନାହାନ୍ତି। ସରକାର ଜାଣିଶୁଣି ଷଡ଼ଯନ୍ତ୍ର କରୁଛନ୍ତି। ଶ୍ରୀ ଦାସ ଆହୁରି କହିଥିଲେ ଯେ ଡ୍ରାଇଭର ସଂଘ ପ୍ରତି କଂଗ୍ରେସର ସହାନୁଭୂତି ରହିଛି। ସଂଘର ସଭାପତିଙ୍କ ସହିତ ଆଲୋଚନା କରିଛୁ। ଗୋଟିଏ ● ପୃଷ୍ଠା ୫ ଦେଖନ୍ତୁ

# ଭୋଟର ତାଲିକା ସଂଶୋଧନ ନେଇ ବର୍ଷିଲେ ସୁପ୍ରିମକୋର୍ଟ



- ସମୟକୁ ନେଇ ଇସିଙ୍କୁ ପ୍ରଶ୍ନକଲେ
- ପ୍ରକ୍ରିୟା ଉପରେ ଲଗାଇଲେନି ରୋକ୍
- ଆଧାର, ରାସନ, ଭୋଟର ପରିଚୟପତ୍ର ଅନ୍ତର୍ଭୁକ୍ତ ପରାମର୍ଶ
- ୨୮ ରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ

ନୂଆଦିଲ୍ଲୀ,୧୦।୭: ବିହାରର ଭୋଟର ତାଲିକା ସଂଶୋଧନ ନେଇ ନିର୍ବାଚନ କମିଶନଙ୍କ ପଦକ୍ଷେପକୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ତେବେ ନିର୍ବାଚନ କମିଶନଙ୍କ ପଦକ୍ଷେପକୁ ନେଇ ସୁପ୍ରିମକୋର୍ଟ ବହୁ ପ୍ରଶ୍ନ ଉଠାଇବା ସହ ପ୍ରବଳ ବର୍ଷିଛନ୍ତି। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସୁଧାଂଶୁ ଧୁଲିଆ ଓ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଅଣ ନାଗରିକଙ୍କ ନାମ ଭୋଟର ତାଲିକାରେ ନ ରହିବା ପାଇଁ ଗହନ ପ୍ରକ୍ରିୟା ମାଧ୍ୟମରେ ଭୋଟର ତାଲିକା ସଂଶୋଧନ କରିବାରେ କିଛି ଭୁଲ ନାହିଁ। କିନ୍ତୁ ନିର୍ବାଚନର କିଛିମାସ ପୂର୍ବରୁ ଆପଣ ଯଦି ଏଭଳି ନିଷ୍ପତ୍ତି ନିଅନ୍ତି ତେବେ ଏହା କରିବା କେତେଦୂର ଯଥାର୍ଥ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଏପରିକି ତାଲିକା ସଂଶୋଧନ ପାଇଁ ଇସିଙ୍କର ସାମ୍ବିଧାନିକ କ୍ଷମତା ରହିଛି କି ବୋଲି ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ତେବେ ଆବେଦନକାରୀଙ୍କ ଓକିଲ କହିଥିଲେ ଯେ ନିର୍ବାଚନ କମିଶନ ଯାହା କରୁଛନ୍ତି ● ପୃଷ୍ଠା ୫ ଦେଖନ୍ତୁ

## ୧୨ରେ ଓଡ଼ିଶା ଫେରିବେ ନବୀନ



ଭୁବନେଶ୍ୱର,୧୦।୭(ଭାସ୍କର ନ୍ୟୁଜ): ବିରୋଧୀଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁସ୍ଥ ହେବାପରେ ଆସନ୍ତା ୧୨ ତାରିଖରେ ଓଡ଼ିଶା ଫେରିବେ। ଏ ନେଇ ତାଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଶ୍ରୀ ପଟ୍ଟନାୟକ ସଂପୂର୍ଣ୍ଣ ସୁସ୍ଥ ହୋଇ ଗତ ୭ ତାରିଖରେ ହସ୍ପିଟାଲରୁ ଡିସଚାର୍ଜ ହୋଇଛନ୍ତି। ଆସନ୍ତା ୧୨ ତାରିଖ ଅପରାହ୍ନ ୧ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସୂଚନାଯୋଗ୍ୟ ଯେ ଗତମାସ ୨୦ ତାରିଖ ଦିନ ସେ ତାଙ୍କର ସର୍ଭିକାଲ ଆର୍ଥ୍ରାଇଟିସ୍ ସମସ୍ୟା ନେଇ ମୁମ୍ବାଇସ୍ଥିତ କୋକିଲାବେନ ● ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ବଡ଼ ଦେଉଳର ସୁରକ୍ଷାକୁ ନେଇ
ସବୁଆଡ଼େ ଏବେ ଚର୍ଚ୍ଚା
ପୋଲିସି ଥାଇକି ନ ଥିବା ଭଳିଆ
ଖୋଲାଖୋଲି ପୁରା ଫର୍ଚ୍ଚା
ଗଢାଯାଉ ଗୋଟେ ମୋର୍ଚ୍ଚା
ସେ ମୋର୍ଚ୍ଚା ଜଗିବ ଶିରିମନ୍ଦିରକୁ
ପଡ଼ିବନି ଆଉ ଖର୍ଚ୍ଚା...।






ଯୋଡ଼ା(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଯୋଡ଼ା, ବଡ଼ବିଲ ଖଣି କ୍ଷେତ୍ର ଉପାନ୍ତ ଅଞ୍ଚଳରେ ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନରେ ବହୁସଂଖ୍ୟକ ଚାଳକ ସାମିଲ ହୋଇ ସରକାର ଆମର ଦାବି ମାନି ନିଅନ୍ତୁ ବୋଲି ନାରାବାଜି କରିଥିଲେ। ଯୋଡ଼ା ବ୍ଲକର ଭଦ୍ରାସାହି ଛକରେ ୧୯ଟି ଗ୍ରାମ ପଞ୍ଚାୟତ ଓ ୨ଟି ମ୍ୟୁନିସିପାଲିଟିର ପେଶାଦାର ଡ୍ରାଇଭର ମାନେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନରେ ଯୋଗ ଦେଇଥିଲେ। ପୂର୍ବ ସରକାର ଆମର କେତେଟା ଦାବିକୁ ମାନିଥିଲେବି ବର୍ତ୍ତମାନ ସରକାର ତାହା ମଧ୍ୟ ପାଳନ କରୁନଥିବା ଚାଳକ ଅଭିଯୋଗ କରୁଛନ୍ତି। ସେମାନେ ଏହାମଧ୍ୟ କହିଛନ୍ତି ସରକାର ଆମର ଦାବି ପୂରଣ ନକଲେ ଆମେ ଅନିର୍ଦ୍ଦିଷ୍ଟ କାଳ ଦିବା ରାତ୍ର ଆନ୍ଦୋଳନ ଜାରି ରଖିବୁ। ମୁଖ୍ୟତଃ ଦାବିଗୁଡିକୁ ହେଲା ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏଣ୍ଡ ୱାର୍କର ୱେଲ୍‌ଫ୍ୟାର ବୋର୍ଡ଼ ରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରାଯାଉ, ଜନ ସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯାଉ, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯାଉ, ଗାଡିଗୁଡିକ ପାର୍କିଂ ଏବଂ ଡ୍ରାଇଭରମାନଙ୍କ ବିଶ୍ରାମ ପାଇଁ ପାର୍କିଂ ସହିତ ବିଶ୍ରାମଗାରା ଓ ଶୌଚାଳୟ ବ୍ୟବସ୍ଥା ପ୍ରତି ୧୦୦କିଲୋମିଟର ଅନ୍ତରରେ କରାଯାଉ, ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ଏବଂ କାରଖାନା ଗୁଡ଼ିକରେ ଶତକଡ଼ା ୭୦ପ୍ରତିଶତ ଓଡ଼ିଶାର ଡ୍ରାଇଭର ମାନଙ୍କୁ କାମ କରିବାପାଇଁ ଅଗ୍ରାଧିକାର ଦିଆଯାଉ, ସେପ୍ଟେମ୍ବର ୧ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯାଉ ବୋଲି ଦାବି ରଖିଛନ୍ତି। ଏପଟେ ଗାଡିମଟର ଚଳାଚଳ ବନ୍ଦ ରହିଥିବା କାରଣରୁ ଜନସାଧାରଣଙ୍କ ଜରୁରୀ କାର୍ଯ୍ୟ ପ୍ରଭାବିତ ହେଉଛି।

# କିଡ୍‌ନୀ ରୋଗରେ ପୀଡିତ ସୁବ୍ରତଙ୍କୁ ଆର୍ଥିକ ସହାୟତା



ଏରସମା (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଗ୍ରାମ ପଞ୍ଚାୟତର ଢ଼ିଙ୍କିଆ ଗ୍ରାମର କିଡ଼ନୀ ରୋଗରେ ପୀଡିତ ସୁବ୍ରତ ଦାସଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନା ଯୋଗ୍ୟ କି, ସୁବ୍ରତ ଜଣେ ଗରିବ ଶ୍ରେଣୀର ପିଲା। ବାପା ଜଣେ ଦିନମଜୁରିଆ। ଗତ କିଛି ମାସ ହେବ ସୁବ୍ରତ କିଡ଼ନୀ ରୋଗରେ ପୀଡିତ ହୋଇ ବର୍ତ୍ତମାନ ସେ ଚଲାବୁଲା ଠିକ ସେ କରିପାରୁନାହାନ୍ତି। ଗୋଡ ହାତ ସବୁ ଫୁଲିଯାଉଛି। ଡାକ୍ତରଙ୍କ କହିବା ଅନୁସାରେ ତାଙ୍କର ଦୁଇଟିଯାକ କିଡନୀ ଖରାପ ହୋଇଯାଇଛି। ଅର୍ଥାଭାବରୁ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ବରିଷ୍ଠ ସଦସ୍ୟ ନନ୍ଦନନ୍ଦନ ଜୟସିଂ ଓ ସ୍ୱେଚ୍ଛାସେବୀ ସଦସ୍ୟ ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ସୁବ୍ରତଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର (୧୦,୦୦୦/-) ଟଙ୍କାର ଆର୍ଥିକ ସହାୟତା ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ଏଭଳି ବଦାନ୍ୟତା ପାଇଁ ସୁବ୍ରତଙ୍କ ବାପା, ମା' ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି।

# ଗଞ୍ଜେଇ ସହ ସ୍କୁଟି ଜବତ, ଅଭିଯୁକ୍ତ ଗିରଫ



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବଡବନସ୍ତା ଗ୍ରାମରୁ ଅବକାରୀ ପୋଲିସ ବୁଧବାର ସକାଳେ ୮କିଲୋ ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି। ଭଦ୍ରକ ଅବକାରୀ ପୋଲିସ ଅଧିକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଧାମନଗର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅଭିଳାଷ ପାଲ, ଜିଲ୍ଲା ଅବକାରୀ ପୋଲିସ ଭ୍ରାମ୍ୟମାଣ ୟୁନିଟ ଉପନିରୀକ୍ଷକ ରବିନ୍ଦ୍ର ବେହେରା, ତିହିଡି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସୁମିତ୍ରା ହେମ୍ବ୍ରମ ପ୍ରମୁଖଙ୍କୁ ନେଇ ଗଠିତ ସ୍କ୍ୱାର୍ଡ ବୁଧବାର ସକାଳ ୮ଟା ସମୟରେ ବଡବନସ୍ତା ଗ୍ରାମର ସ୍ନେହମୟୀ ସାହୁ(୨୭)ଙ୍କ (ଓ.ଆର.୦୨ ଏ. ଜେଡ. ୧୭୧୨)ନଂ ସ୍କୁଟି ଡିକିରୁ ୩କିଲୋ ଓ ବାସଭବନରୁ ୫କିଲୋ ଗଞ୍ଜେଇ ଜବତ କରିଥିଲେ। ଜବତ ଗଞ୍ଜେଇର ମୂଲ୍ୟ ଆନୁମାନିକ ୮୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏଥିସହ ସଂପୃକ୍ତ ସ୍କୁଟି ଓ ଅଭିଯୁକ୍ତକୁ ଗିରଫ କରାଯାଇଛି। ଧାମନଗର ଅବକାରୀ ଥାନାରେ ୭୫/୨୫-୨୬ନଂ ଏନ.ଡି.ପି.ଏସ. ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏଏସଆଇ ଦେବେନ୍ଦ୍ର କୁମାର ପାତ୍ର, କନେଷ୍ଟବଲ ଶିବପ୍ରସାଦ ସାହୁ, ଅଜିତ ସିଙ୍କୁ, ସୂର୍ଯ୍ୟକାନ୍ତ କିସ୍କୁ, ପରେଶ ଟୁଡ୍ଡୁ, ସନ୍ଧ୍ୟାରାଣୀ ସେନାପତି, ଜେନାମଣି ଜାମୁଡା ଓ ପ୍ରଶାନ୍ତ ସିଂ ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।

# ଜିଏସ୍‌ଏସ୍‌ର ମୁଖ୍ୟ ଉପଦେଷ୍ଟାଙ୍କ ଜନ୍ମଦିନରେ 'ଗଛଟିଏ କାର୍ଯ୍ୟକ୍ରମ'



ନିଆଳି(ଭାସ୍କର ନ୍ୟୁଜ୍): ନିଆଳି ତଥା ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଗାନ୍ଧିବାଦୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା, ବରିଷ୍ଠ ମାର୍ଗଦର୍ଶକ, ଶିକ୍ଷାବିତ ତଥା ଗାନ୍ଧିବାଦୀ ସମାଜସେବୀ ଇଂ ପ୍ରଫେସର ଡ଼ ଧନଦାକାନ୍ତ ମିଶ୍ର ସାରଙ୍କ ଜନ୍ମଦିନରେ ସ୍ୱାଧୀନତା ସଂଗ୍ରାମୀ ପଡିଆ ବା ଓହଳ ପଡିଆରେ ବର ଓସ୍ତ ସହ ବିଭିନ୍ନ ଗଛ ଲଗାଇ ଜନ୍ମଦିନ ପାଳନ କରାଯାଇଥିଲା। ପ୍ରଫେସର ମିଶ୍ର ଅନୁଷ୍ଠାନ ର ପୃଷ୍ଠପୋଷକ ସହ ଜଣେ ପରିବେଶବିତ, ସମାଜ ସଂସ୍କାରକ, ଗାନ୍ଧୀ ଦର୍ଶନର ପ୍ରଚାର ପ୍ରସାର କ୍ଷେତ୍ରରେ ଅଗ୍ରଣୀ ଭୂମିକା ସ୍ୱରୂପ ଏଡ଼ ଇଣ୍ଡିଆ, ସିଡିସ, ପ୍ରଥମ ପରି ବିଭିନ୍ନ ଅନୁଷ୍ଠାନ ଅନୁଷ୍ଠାନର ଜଡିତ ଅଛନ୍ତି। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ଅଧ୍ୟକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ନିର୍ଦ୍ଦେଶକ ତଥା ସ୍ୱାଧୀନତା ସଂଗ୍ରାମୀ କସ୍ତୁରୀ ଚରଣ ମଲ୍ଲିକଙ୍କ ସୁପୁତ୍ର କୃଷିବିତ୍ ପ୍ରମୋଦ କୁମାର ମଲ୍ଲିକ, ସ୍ଥାୟୀ ସଭାପତି ପ୍ରସନ୍ନ ପାତ୍ର, ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ପ୍ରଦୀପ୍ତ କୁମାର ମଲ୍ଲିକ, ମହାତ୍ମା ଗାନ୍ଧୀ କମ୍ପ୍ୟୁଟର ସେଣ୍ଟରର ଅଧ୍ୟକ୍ଷ ତଥା ଅନୁଷ୍ଠାନର କୋଷାଧ୍ୟକ୍ଷ ନିର୍ମାଲ୍ୟ ବାରିକ, ମହିଳା ସମ୍ପାଦିକା ସୁଶ୍ରୀ ପ୍ରିୟଙ୍କା ସେନାପତି, ସହ ସମ୍ପାଦିକା ପ୍ରୀତି ପ୍ରଜ୍ଞା ପଟ୍ଟନାୟକ, ସୋନାଲି ସୁନ୍ଦରାୟ, ସମୀର ଭୋଇ ଏବଂ ଶୁଭସ୍ମିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ। ଏହା ସହ କମ୍ପ୍ୟୁଟର ସେଣ୍ଟର ପାସ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଏହି ସ୍ୱାଧୀନତା ସଂଗ୍ରାମୀ ପଡିଆ (ଓହଳ ପଡିଆ )ରେ ଏକ ସ୍ମୃତି ଉଦ୍ୟାନ କରାଯିବ। କାରଣ ଦ୍ୱୀପାଞ୍ଚଳରେ ଇଂରେଜ ବିରୋଧରେ ଯେଉଁ ରଣନୀତି ବା ଏକତ୍ରିତ ହେବା ପାଇଁ ସଭା ହେଉଥିଲା, ତାହା ଥିଲା ଓହଳ ପଡିଆ। ତେଣୁ ସେଇ ସ୍ମୃତିକୁ ଉଜ୍ଜୀବିତ ଲକ୍ଷ୍ୟରେ ଅନୁଷ୍ଠାନ ତରଫରୁ ଆଗାମୀ ଦିନ ଏକ ସ୍ମୃତି ଉଦ୍ୟାନ ପାଇଁ ପ୍ରୟାସ କରାଯିବ ବୋଲି କୃଷିବିତ୍ ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି।

# ସମର୍ଥ ମାନସିକ ଅନଗ୍ରସର ଓ ସମର୍ଥ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟର ରୌପ୍ୟ ଜୟନ୍ତୀ



ଛତ୍ରପୁର(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘ ଦ୍ୱାରା ପରିଚାଳିତ ସମର୍ଥ ମାନସିକ ଅନଗ୍ରସର ଓ ସମର୍ଥ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟ ଦୁଇଟିର ରୌପ୍ୟ ଜୟନ୍ତୀ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତ କରଣ ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଯୋଗ ଦେଇ ଭିନ୍ନକ୍ଷମମାନଙ୍କ ପ୍ରତି ବିଭାଗର ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନା ଓ ସମର୍ଥ ପ୍ରତି ବିଭାଗର ସହଯୋଗିତା ଉପରେ ଆଲୋକପାତ କରିଥିଲେ ମୁଖ୍ୟବକ୍ତା ଭାବେ ସେହି ବିଭାଗର ଉପ ସଚିବ ତଥା ଓଡ଼ିଶାର ପ୍ରଥମ ଦୃଷ୍ଟିହୀନ ପ୍ରଶାସନିକ ଅଧିକାରୀ ସନ୍ୟାସ କୁମାର ବେହେରା ଯୋଗଦେଇ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟର ଆବଶ୍ୟକତା ଓ ଭିନ୍ନକ୍ଷମ ପିଲାଙ୍କ ପ୍ରତି ସମର୍ଥର ଅବଦାନ ଉପରେ ଆଲୋକପାତ କରିଥିଲେ। ଟାଟା ଷ୍ଟିଲ ଫାଉଣ୍ଡେସନର ସିଆରଏସ ମୁଖ୍ୟ ଅକ୍ଷୟ ନାୟକ, ଛତ୍ରପୁର ଆଇନଜୀବୀ ସଂଘର ସଭାପତି ପ୍ରଦୀପ କୁମାର ପାଢ଼ି ଓ ବ୍ରହ୍ମପୁର ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାନ ସଂଘର ସଭାପତି ତଥା ବିଶିଷ୍ଟ ସମାଜସେବୀ ସୁଶାନ୍ତ ସାବତ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟଗୁଡିକ ପ୍ରଶଂସା କରିବା ସହ ଦୀର୍ଘ ୨୫ ବର୍ଷ ଧରି ବିଦ୍ୟାଳୟ ଦୁଇଟି କେତେ କଷ୍ଟ କରି ଏହି ସ୍ତରରେ ପହଞ୍ଚି ପାରିଛନ୍ତି ତାହା ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୫ ବର୍ଷର ସମସ୍ତ ପୁରୁଣା ଛାତ୍ରଛାତ୍ରୀ ଓ ବର୍ତ୍ତମାନର ଛାତ୍ର ଛାତ୍ରୀ ସଙ୍ଗେ ସଙ୍ଗେ ସମର୍ଥର ଯେଉଁ ଛାତ୍ର ଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଛନ୍ତି ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ଖ୍ୟାତି ସମ୍ପନ୍ନ ବ୍ୟକ୍ତିତ୍ୱ, ବିଶିଷ୍ଟ ସମାଜସେବୀ ଓ ଛତ୍ରପୁର ପ୍ରେସ୍ କ୍ଲବର ଉପସଭାପତି ସନ୍ତୋଷ ମିଶ୍ର ଓ ସମ୍ପାଦକ ସନ୍ତୋଷ ପାଢ଼ୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଶେଷରେ ଡାକ୍ତର କେ ଆନନ୍ଦ ରାଓଙ୍କ ୪୪ ବର୍ଷର ସଂଘର୍ଷ ଓ ୨୫ ବର୍ଷର ସମର୍ଥ ରୂପକ ବିଦ୍ୟାଳୟର ଅବଦାନ ଯୋଗୁଁ ସମର୍ଥର ପୂର୍ବତନ ଛାତ୍ର ଛାତ୍ରୀମାନେ ଡାକ୍ତର କେ. ଆନନ୍ଦ ରାଓଙ୍କୁ ସମ୍ବର୍ଦ୍ଧନା କରିଥିଲେ।

# ମଦ ସହ ସ୍କୁଟି ଜବତ, ଅଭିଯୁକ୍ତ ଗିରଫ

ବୋଲଗଡ, ୯/୭(ଭାସ୍କର): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶନା ଓ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା ଅଞ୍ଚଳର ତିନୋଟି ସ୍ଥାନରେ ଚଢଉ ହୋଇଛି। ଏଥିରୁ ମୋଟ ୧୧୦ ଲିଟର ଦେଶୀ ମଦ ଜବତ ସହ ଏକ ସ୍କୁଟିକୁ ଜବତ କରିଥିବା ବେଳେ ୩ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବେଗୁନିଆ ଅବକାରୀ ଥାନା ପୋଲିସ ଉପନୀରିକ୍ଷକ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ସୂଚନା ଅନୁଯାୟୀ ସିକୋ ଗ୍ରାମର ବୈକୁଣ୍ଠ ବାରିକଙ୍କ ଠାରୁ ୪୫ ଲିଟର, ଗୋବିନ୍ଦପୁର ଗ୍ରାମର ଗୌରାଙ୍ଗ ସେଠୀଙ୍କ ୨୫ ଲିଟର ଦେଶୀ ମଦ ଜବତ ସହ ସ୍କୁଟି, ମୁକ୍ତାପୁର ଗ୍ରାମର ରଞ୍ଜନ ନାୟକଙ୍କ ଠାରୁ ୪୦ ଲିଟର ଦେଶୀ ମଦ ଜବତ କରିଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀଗୁରୁ ପୂର୍ଣ୍ଣିମା ଉତ୍ସବ



ଛତ୍ରପୁର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଶ୍ରୀରାମ ନଗର ସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ଶ୍ରୀଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅନୁଷ୍ଠାନର ଉପ ସଭାପତି ଗୀତା ପାଢ଼ୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ରୂପେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରଚାରକ ପ୍ରଭାକର ରାଘସ ଉପସ୍ଥିତ ରହି ବୌଦ୍ଧିକ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ବରିଷ୍ଠ ଆଚାର୍ଯ୍ୟ କୈଳାସ ଚନ୍ଦ୍ର ଶତପଥୀ ଶ୍ରୀଗୁରୁ ପୂର୍ଣ୍ଣିମାର ମହନୀୟତାର ମାର୍ଗଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାମାନଙ୍କ ସହିତ ସମସ୍ତ ଶିଶୁ ଯୋଗ ଦେଇଥିଲେ।

# ସର୍ବଭାରତୀୟ ଟ୍ରେଡ୍ ୟୁନିୟନ ଡାକରାରେ ଧର୍ମଘଟ

ଆସିକା(ଭାସ୍କର ନ୍ୟୁଜ୍):ସର୍ବ ଭାରତୀୟ ଟ୍ରେଡ୍ ୟୁନିୟନର ଡାକରାରେ ଆଜି ଆସିକା ବ୍ଲକ ସାମ୍ନାରେ ଧର୍ମଘଟ କରିବା ସହିତ ଧାରଣା ଦେଇଛନ୍ତି ଅଙ୍ଗନବାଡି କର୍ମୀ,ସହାୟିକା,ଆଶା ଓ ପାଚିକା ସଂଘ।ମୋଡି ସରକାରଙ୍କ ଶ୍ରମିକ ମାରାଣ ନୀତିକୁ ବିରୋଧ କରି ଉକ୍ତ ଧର୍ମଘଟ କରିଥିବା ଜଣାପଡିଛି।ସରକାରୀ ମାନ୍ୟତା ସହିତ ମାସିକ ବେତନ ୨୮୦୦୦ ହଜାର,ପିଏଫ ଅନ୍ତର୍ଭୁକ୍ତ କରାଇବା ଭଳି ଦାବୀ ସରକାରଙ୍କ ଉଦ୍ଦେଶ୍ୟରେ ଜଣାଇଥିଲେ ଉପସ୍ଥିତ ଆନ୍ଦୋଳନ କାରୀ। ବର୍ତ୍ତମାନ ଥିବା ୨୯ ଟି ଶ୍ରମ କୋଡ଼କୁ ସଂକୀର୍ଣ୍ଣ କରି ୪ଟି ଶ୍ରମ କୋଡରେ ସୀମିତ ରଖିବା ପାଇଁ ସରକାର ଯୋଜନା କରୁଥିବା ବେଳେ ଶ୍ରମିକମାନଙ୍କ ସ୍ୱାର୍ଥ ସମ୍ବଳିତ ବହୁ ଅସୁବିଧା ହେବାର ସମ୍ଭାବନା ଥିବାରୁ ଏହାକୁ ତୀବ୍ର ବିରୋଧ କରିଛି ଏ ଆଇ ଟି ୟୁ ସି। ଯୁବନେତା ରାଜେନ୍ଦ୍ର ଦାଶ ଶ୍ରମ କୋଡ଼ ଉଚ୍ଛେଦକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ସମଗ୍ର ଭାରତ ବର୍ଷରେ ଏଭଳି ପ୍ରତିବାଦ କରି ଶ୍ରମିକ ସୁରକ୍ଷା ନିମନ୍ତେ ସରକାରଙ୍କୁ ସଚେତନ କରାଯାଉଥିବା ନେଇ ମତ ରଖିଛନ୍ତି ବରିଷ୍ଠ ନେତା ପୀତବାସ ମହାପାତ୍ର। ଉକ୍ତ ପ୍ରତିବାଦ ସଭାରେ ମିନତୀ ବରାଡ଼, ଗାୟତ୍ରୀ ପଣ୍ଡା, ଉଷାରଣୀ ସାହୁ, ଗୀତାଞ୍ଜଳି ପ୍ରଧାନ, ରଶ୍ମିତା ପାଣିଗ୍ରାହୀ, ଅରନ୍ୟା ବେହେରା,ସୁକାନ୍ତି ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇ ନିଜର ଦାବି ଉପସ୍ଥାପନ କରିଥିଲେ।୩୦୦ରୁ ଊର୍ଦ୍ଧ୍ୱ ଅଙ୍ଗନବାଡି, ଆଶା, ପାଚିକା, ସହାୟିକା ଯୋଗଦେଇ ଧର୍ମଘଟକୁ ସାଫଲ୍ୟ ମଣ୍ଡିତ କରିଥିଲେ।



# ଶ୍ରମିକ ସଂଗଠନ ଓ ଫେଡେରେସନ ସମୂହଙ୍କ ମିଳିତ ଆହ୍ୱାନରେ ସାଧାରଣ ଧର୍ମଘଟ

କଣିହାଁ(ଭାସ୍କର ନ୍ୟୁଜ୍): କେନ୍ଦ୍ର ବିଜେପି ସରକାରଙ୍କ ଜନ ବିରୋଧୀ ନୀତି ଓ ପଦକ୍ଷେପର ପ୍ରତିବାଦ ରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେସନ ସମୂହଙ୍କ ମିଳିତ ଆହ୍ୱାନରେ ବୁଧବାର ଦିନ ସାଧାରଣ ଧର୍ମଘଟ ପାଳନ ପରିପ୍ରେକ୍ଷୀରେ ଏନଟିପିସି କଣିହାଁ ମୁଖ୍ୟ ଫାଟକ ସମ୍ମୁଖରେ ଶ୍ରମିକ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପିକେଟିଂ କରି ରାସ୍ତା ଅବରୋଧ କରିଥିଲେ। ଶ୍ରମିକ କର୍ମଚାରୀ ବିରୋଧୀ ଶ୍ରମ କୋଡ୍ ବାତିଲ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ, ବିଦ୍ୟୁତ୍ ସଂଶୋଧନ ବିଲ ୨୦୨୨ ବାତିଲ, ପ୍ରିପେଡ ସ୍ମାର୍ଟ ବିଦ୍ୟୁତ୍ ମିଟର ଲଗାଇବା ବନ୍ଦ, ସର୍ବନିମ୍ନ ମଜୁରୀ ମାସିକ ୨୬ହଜାର ଟଙ୍କା ନିର୍ଦ୍ଧାରଣ କରିବା, ପୁରୁଣା ପେନସନ ସ୍କିମ ପୁନଃପ୍ରଚଳନ କରିବା, ସର୍ବନିମ୍ନ ପେନସନ ମାସିକ ୧୦ହଜାର ଟଙ୍କା କରିବା,ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ରର ଦରବୃଦ୍ଧି ବନ୍ଦ କରିବା, ଖୁଚୁରା ବ୍ୟବସାୟରେ ଏଫ୍.ଡି. ଆଇ ବନ୍ଦ କରିବା, ପାଚିକା-ସହାୟିକା,ଆଶା, ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା ଏବଂ ପି.ଏଫ୍, ବୋନସ, ଇ.ଏସ୍.ଆଇ.ସି କ୍ଷେତ୍ରରେ ସର୍ବୋଚ୍ଚ ମଜୁରୀ ସୀମା(ସିଲିଂ) ଉଚ୍ଛେଦ କରିବା , ଆଇ.ଏଲ୍.ଓ ସୁପାରିଶକୁ କାର୍ଯ୍ୟକାରୀ କରିବା , ଭାରତୀୟ ଶ୍ରମ ସମ୍ମିଳନୀ ଅନୁଷ୍ଠିତ କରିବା ଆଦି ୧୭ ଦଫା ଦାବିରେ ଏହି ସାଧାରଣ ଧର୍ମଘଟ ଅନୁଷ୍ଠିତ ହେଉଛି ବୋଲି ଶ୍ରମିକ ସଂଗଠନର ନେତାମାନେ ପ୍ରକାଶ କରିଥିଲେ। ଆଇଏନଟିୟୁସି ନେତା ସତ୍ୟାନନ୍ଦ ସାହୁ, ଜଗବନ୍ଧୁ ପ୍ରଧାନ, ସୁଶୀଲ ବେହେରା, ଦୁଃଖବନ୍ଧୁ ନାଏକ, ବିଜୟ ନାଏକ, ଏଚ୍ ଏମ୍ ଏସ୍ ନେତା ପ୍ରସନ୍ନ କୁମାର ପାଣି , ଏଆଇୟୁଟିୟୁସି ନେତା ଜୟସେନ ମେହେର, ପ୍ରହ୍ଲାଦ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ପ୍ରଧାନ, ଟୁନା ନାଏକ, ପ୍ରତାପ ଚନ୍ଦ୍ର ପ୍ରଧାନ, ଗନ୍ଧର୍ବ ନାଏକ, ସୁନିଆ ନାଏକ, ନିଳାମ୍ବର ତିରିଆ ପ୍ରମୁଖଙ୍କ ନେତୃତ୍ୱରେ ଏନଟିପିସି କଣିହାଁ ମେନ ଗେଟ୍ ସମ୍ମୁଖ ବାଇପାସ ଛକଠାରେ ସକାଳ ୬ଟାରୁ ଏହି ଧର୍ମଘଟ ସଂଗଠିତ ହୋଇଥିଲା।ଏହି ଧର୍ମଘଟରେ ଏନଟିପିସି କଣିହାଁର ସ୍ଥାୟୀ କର୍ମଚାରୀ ଓ ଠିକାଶ୍ରମିକମାନେ ସାମିଲ ଥିଲେ। ଫଳରେ ଏନଟିପିସି କାରଖାନାକୁ ଭାରୀଯାନ ଚଳାଚଳ ବନ୍ଦ ଥିବାବେଳେ ଶ୍ରମିକ କର୍ମଚାରୀ ମାନେ କାରଖାନା ଭିତରକୁ ଯିବା ବାଧାପ୍ରାପ୍ତ ହୋଇଥିଲା।

# ପ୍ରଧାନ ଶିକ୍ଷକ ମେଘନାଦ ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବରଗଡ଼(ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ଅନ୍ତର୍ଗତ ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ସାହୁ ଗତ ତା. ୩୦.୦୬.୨୦୨୫ ରିଖ ଠାରୁ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ବିଦ୍ୟାଳୟ ପକ୍ଷରୁ ଗତ ତା.୦୮.୦୭.୨୦୨୫ ରିଖ ଦିନ ତାଙ୍କୁ ଅନୁଷ୍ଠାନିକ ଭାବରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ବରଗଡ଼ ସାଧୁ ଚରଣ ନେପାକ, ପୌରଧକ୍ଷା କଳ୍ପନା ମାଝୀ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ, ପାୱାର ଅଫ ଦିବ୍ୟାଙ୍ଗର ସଭାପତି ଶ୍ୟାମ ସୁନ୍ଦର ଅଗ୍ରୱାଲ, ଉପସଭାପତି ଅଶୋକ କୁମାର ଅଗ୍ରୱାଲ, ସଂଯୋଜକ ରତନ ଲାଲ ଅଗ୍ରୱାଲ , ସମାଜସେବୀ ପ୍ରିତମ ସିଂ, ସମାଜସେବୀ ପବିତ୍ର ଦେହେରୀ, ଆଚିଭାର୍ସ ଫାଉଣ୍ଡେସନ ସଭାପତି ଦିବାକର ମାଝୀ, ସମ୍ପାଦକ ଭଗବାନ ପଧାନ, ଓଡିଶା ମାନବିକ ଅଧିକାର କମିଶନ ଓଡିଶା ଶାଖା ସଭାପତି ଯଶବୀର ସିଂ, ବଧିର ସଂଘ, ବରଗଡ଼ ବିଭିନ୍ନ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ସଂଗଠନର କର୍ମକର୍ତ୍ତା ଯଥା ବସନ୍ତ ଭୋଇ, ଯୋଗେନ୍ଦ୍ର କଠାର, କମଳ ସାହୁ, ସୁମନ୍ତ ସାହୁ, ତରଣୀ ସୁନା, ସାନ ମେହେର,ପିଣ୍ଟୁ ବାଦୀ, ସୁରେଶ ଯୋଶୀ, ଚନ୍ଦ୍ରମଣି ତାଣ୍ଡି, ଭାସ୍କର ଦୀପ, ତରୁଣ ପଧାନ, ସୁର୍ଯ୍ୟକାନ୍ତି ଭୋଇ,ଜଳସେଚନ ବିଭାଗର ବୁର୍ଲା କାର୍ଯ୍ୟାଳୟର ଅବସର ପ୍ରାପ୍ତ ଯନ୍ତ୍ରୀ ନିରାକାର ବିଶି, ଅବସରପ୍ରାପ୍ତ ଶିକ୍ଷକ ସଂଘର ସମ୍ପାଦକ ଚଞ୍ଚଳ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ନିରାକାର ପ୍ରଧାନ, ସମାଜସେବୀ ସୌରଭ ଚନ୍ଦ୍ର ସାହୁ, ପରମାନନ୍ଦ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଅରୁଣ କୁମାର ହୋତା, ସଦସ୍ୟ ସମାରୁ ପଧାନ, ଭକ୍ତ ଚରଣ ଦାଶ, ଅଶୋକ ପଧାନ, ମନୋରଞ୍ଜନ ସାହୁ, ସୁଶୀଲ ସାହୁ, ଶଶିଭୂଷଣ ତ୍ରିପାଠୀ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଶିକ୍ଷୟିତ୍ରୀ ତପସ୍ୱିନୀ ମହାପାତ୍ର, ଶିବାୟନୀ ପଣ୍ଡା ତଥା ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଉତ୍ସିତ ସମ୍ବର୍ଦ୍ଧନା ଜଣାଇଥିଲେ। ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ କୁମାର ପଧାନ ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ନୂତନ ଭାବରେ ମାନସିକ ଅନଗ୍ରସର ବିଦ୍ୟାଳୟରେ, ପ୍ରଧାନ ଶିକ୍ଷକ ଦାୟିତ୍ୱ ବହନ କରିଥିବା ନେପାଳ ଦୁଆନ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ, କର୍ମଚାରୀ ଏବଂ ସମସ୍ତ ଛାତ୍ରଛାତ୍ରୀଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅବସର ପରବର୍ତ୍ତୀ ଜୀବନ ସୁଖମୟ କାମନା କରିଥିଲେ। ପରିଶେଷରେ ଅଭୟ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଷଣ୍ଢ ଆକ୍ରମଣରେ ଯୁବକ ଗୁରୁତର

ମାହାଙ୍ଗା (ଭାସ୍କର ନ୍ୟୁଜ୍):ଛତିଆ ସାଲେପୁର ପୂର୍ତ୍ତ ବିଭାଗ ରାସ୍ତାରେ ଷଣ୍ଢଙ୍କ ଆତଙ୍କ। ଏହି ରାସ୍ତା ଉପରେ ଆନନ୍ଦ ବଜାର ଠାରୁ ଭୋଳିଦାସପୁର ପର୍ଯ୍ୟନ୍ତ ଅନେକ ଷଣ୍ଢ ରାସ୍ତା ଉପରେ ରହି ନିଜ ଭିତରେ ଲଢେଇ କରୁଛନ୍ତି। ଫଳରେ ଏହି ବାଟ ଦେଇ ଯିବା ଆସିବା କରୁଥିବା ବାଟୋଇଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ଆଜି ସଂଧ୍ୟା ବେଳେ ସମସରପୁର ଗ୍ରାମ କୀର୍ତ୍ତିରଞ୍ଜନ ପଣ୍ଡା ( ପିଣ୍ଟୁ)( ୩୮)ଛତିଆରୁ ଘରକୁ ଫେରୁଥିବା ବେଳେ ସମସରପୁର ଛକ ନିକଟରେ ଷଣ୍ଢଙ୍କ ଆକ୍ରମଣର ଶିକାର ହୋଇଥିଲେ। ଷଣ୍ଢଙ୍କ ଆକ୍ରମଣରେ ପିଣ୍ଟୁ



ର ମୁଣ୍ଡରେ ଗଭୀର କ୍ଷତ ହେବା ସହିତ ଛାତିରେ ଯନ୍ତ୍ରଣା ହେଉଥିବା ଜଣାପଡିଛି।ପିଣ୍ଟୁଙ୍କୁ ପ୍ରଥମେ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରିବା ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

# ଗାଁ ରାସ୍ତା ପାଲଟିଛି ମରଣଯନ୍ତା



କଣାସ (ଭାସ୍କର ନ୍ୟୁଜ୍): କଣାସ ବ୍ଲକ୍ ଅନ୍ତର୍ଗତ ପଣ୍ଡିଆକେରା ପଞ୍ଚାୟତର ମାଟିଆପଡ଼ା ନୂଆସାହି ମୁଖ୍ୟ ରାସ୍ତା ପାଲଟିଛି ମରଣଯନ୍ତା। ଏହି ଗ୍ରାମରେ ଯାଉଥିବା ପ୍ରାୟ ୧କିମି ରାସ୍ତାର ଅବସ୍ଥା ବଡ଼ ଶୋଚନୀୟ ହୋଇପଡିଛି। ବର୍ଷାଦିନେ ଲୋକଙ୍କ ସମସ୍ୟା ବହୁଗୁଣିତ ହୋଇଯାଇଛି।ସତେ ଯେମିତି ଏହା ଏକ ରାସ୍ତା ନୁହେଁ ନର୍କ କୁଣ୍ଡ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ରାସ୍ତା ଖରାପ ହେବାର କାରଣ ପୂର୍ବରୁ ଏହି ଗାଁ ରାସ୍ତା ଦେଇ ଉଚ୍ଚକ୍ଷମତା ବିଶିଷ୍ଟ ଟ୍ରକ୍ ଓ ଟ୍ରାକ୍ଟର ଯାଇ ଗାଁ ର ମୁଖ୍ୟ ରାସ୍ତାକୁ ନଷ୍ଟ କରିଦେଇଥିବା ଯାହା ଅଭିଯୋଗ ଆଣିଛନ୍ତି ନୂଆସାହି ର ବାସିନ୍ଦା।ଏହି ଦୃଶ୍ୟ ଉପରେ ବାରମ୍ବାର ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ଅଭିଯୋଗ ପତ୍ରରେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏଥିପ୍ରତି କର୍ଣ୍ଣପାତ କରିନଥିଲେ।

# ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ




ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ମହାବିଦ୍ୟାଳୟ ସଭା କକ୍ଷ ଠାରେ ମହାବିଦ୍ୟାଳୟର ୪୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସୋମନାଥ ପ୍ରଧାନ ଯୋଗଦେଇଥିଲେ।ଏହି ସଭାରେ ମୁଖ୍ୟବକ୍ତା ଭାବେ ଇଂରାଜୀ ବିଭାଗର ମୁଖ୍ୟ ଉମେଶ ଚନ୍ଦ୍ର ରାଉତ ଯୋଗଦେଇ ମହାବିଦ୍ୟାଳୟ ଆରମ୍ଭ ଦିନରୁ ୪୭ ବର୍ଷର ଇତିହାସ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରେମରେଖା ଭତ୍ରା ସଭାପତିତ୍ୱ କରିଥିଲେ। ସଭା ଆରମ୍ଭରେ ଅଧ୍ୟକ୍ଷ ଗୌତମ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।ସଭା ଶେଷରେ ବାଣିଜ୍ୟ ବିଭାଗର ମୁଖ୍ୟ ଡ଼. ରଞ୍ଜନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ।।।।।। ମିଳିଲା ଦରମା ।।।।।। ସମିତି ସହସମ୍ପାଦକଙ୍କ ଧାରଣା ପ୍ରତ୍ୟାହୃତ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମାଳଦା କୃଷି ସେବା ସମବାୟ ସମିତି ଲିଃର ସହକାରୀ ସମ୍ପାଦକ ନିର୍ମଳ ଚନ୍ଦ୍ର ଦାସଙ୍କ ଧାରଣା ବୁଧବାର ପ୍ରତ୍ୟାହୃତ ହୋଇଛି। ସଂପୃକ୍ତ ସମବାୟ ସମିତି ପରିସରରେ ଜିଲ୍ଲା ସମବାୟ ଉପନିବନ୍ଧକ ପ୍ରାଚୀତା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାରେ ସମବାୟ ନିରୀକ୍ଷକ ରତ୍ନପୂର୍ଣ୍ଣା ସାହୁ, ସହକାରୀ ନିବନ୍ଧକ ଆଲୋକ ବଲ୍ଲଭ ସାହାଣୀ, ବସନ୍ତ ରଣା, ସଂପୃକ୍ତ ସମିତି ସଭାପତି ମୁକୁନ୍ଦ ଚରଣ ମଲ୍ଲିକ, ସମ୍ପାଦକ ଅଜୟ କୁମାର ବେହେରା ପ୍ରମୁଖ ଧାରଣାରତ ନିର୍ମଳ ଚନ୍ଦ୍ର ଦାସଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ଦାସ ସମିତି ସମ୍ପାଦକଙ୍କୁ ଦାଇତ୍ୱ ହସ୍ତାନ୍ତର କରିବାକୁ ସମ୍ମତି ପ୍ରକାଶ କରିଥିଲେ। ତାଙ୍କୁ ବକେୟା ୬ ମାସର ଦରମା ତତ୍କାଳ ପ୍ରଦାନ କରାଯାଇଥିଲା। ଏଥିସହ ୩ ଦିନ ଧରି ଚାଲିଥିବା ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚାଷୀଙ୍କୁ କୃଷି ଋଣ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯିବ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଯଥା ସମୟରେ ବୀମା କମ୍ପାନୀ କ୍ଷତି ପୂରଣ ପ୍ରଦାନ କରିବେ। ସମବାୟ ମାଧ୍ୟମରେ ଫସଲ ଋଣ ପ୍ରଦାନ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କାର୍ଯ୍ୟକାରିତା ଉପରେ ଆଜି ଅନୁଷ୍ଠିତ ଆଲୋଚନା ବୈଠକରେ ଏହି ମତ ପ୍ରକାଶ ପାଇଛି । ଏହି ବୈଠକରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଅଧ୍ୟକ୍ଷତା କରି କହିଥିଲେ, ସରକାର କୃଷି ଓ କୃଷକର ଉନ୍ନତି ପାଇଁ ପ୍ରତିବଦ୍ଧ । କୃଷି ଋଣ ପ୍ରଦାନରେ ସ୍ୱଚ୍ଛତା ରକ୍ଷା ପାଇଁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି । ଏହି ବୈଠକରେ ଆଜି ବିଧାୟକ ପ୍ରତାପ କେଶରୀ ଦେବ, ବେଗୁନିଆ ବିଧାୟକ ପ୍ରଦିପ କୁମାର ସାହୁ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଉପସ୍ଥିତ ରହି ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ସମବାୟ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମବାୟ ସମିତି ସମୂହର ନିବନ୍ଧକ ସିଦ୍ଧାର୍ଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ଜାତୀୟ ମତ୍ସ୍ୟ ଚାଷୀ ଦିବସ**

## ୧୭ ନୂଆ ମତ୍ସ୍ୟ କ୍ଲଷ୍ଟର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟାଗଙ୍ଗସ୍ଥିତ ଆଇସିଏଆର-କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ପ୍ରତିଷ୍ଠାନ (ସିଫା) ପରିସରରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ ୨୦୨୫ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଭାରତ ସରକାରଙ୍କ ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଯୋଗ ଦେଇ ୧୭ଟି ନୂଆ ମତ୍ସ୍ୟ କ୍ଲଷ୍ଟରକୁ ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି। ଏହାସହିତ ସାରା ଦେଶରେ ମୋଟ ମତ୍ସ୍ୟଚାଷ କ୍ଲଷ୍ଟର ସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ଏହା ବ୍ୟତୀତ, କେନ୍ଦ୍ରମନ୍ତ୍ରୀ ୧୧ଟି ରାଜ୍ୟରେ ୧୦୫ କୋଟି ଟଙ୍କା ବିନିମୟରେ ୭୦ଟି ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ବ୍ୟତୀତ, କେନ୍ଦ୍ର ମନ୍ତ୍ରୀ ମତ୍ସ୍ୟଚାଷ କ୍ଷେତ୍ରରେ ଗୁଣବତ୍ତା, ମାନକୀକରଣ ଏବଂ କ୍ଷମତା ନିର୍ମାଣ ସୁନିଶ୍ଚିତ କରିବା ପାଇଁ ଆଇସିଏଆର ତାଲିମ କ୍ୟାଲେଣ୍ଡର ପ୍ରକାଶନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ପାରମ୍ପରିକ ମତ୍ସ୍ୟଚାଷୀ, ସମବାୟ/ ଏଫଏଫପିଓ, କେସିସି କାର୍ଡଧାରକ ଏବଂ ପ୍ରତିଶ୍ରୁତିବଦ୍ଧ ମତ୍ସ୍ୟଚାଷ ଷ୍ଟାର୍ଟ-ଅପ୍ ସମେତ ମତ୍ସ୍ୟଚାଷ ହିତାଧିକାରୀଙ୍କୁ ମଧ୍ୟ ସମ୍ମାନିତ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ରାଜୀବ ରଞ୍ଜନ ସିଂ ପ୍ରଦୀପ ପ୍ରଜ୍ୱଳନ କରି ଜାତୀୟ ମତ୍ସ୍ୟ ଦିବସ ସମାରୋହକୁ ଆନୁଷ୍ଠାନିକ ଭାବେ ମଧ୍ୟ ଉଦଘାଟନ କରିଛନ୍ତି। ଏହି ଅବସରରେ କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ.ପି. ସିଂ ବାଘେଲ, ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ଏବଂ ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଜର୍ଜ କୁରିୟନ, ଓଡ଼ିଶା ସରକାରଙ୍କ ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ରାଷ୍ଟ୍ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ଅଂଶଗ୍ରହଣ କରିଥିଲେ। ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ସଚିବ ଡକ୍ଟର ଅଭିଲାକ୍ଷ ଲେଖି ୫୦୦ କୋଟି ଟଙ୍କା ମତ୍ସ୍ୟଜୀବୀ ସହାୟତା, ସମ୍ବଲପୁରରେ ୧୦୦ କୋଟି ଟଙ୍କା ଆକ୍ୱାପାର୍କ, ସ୍ମାର୍ଟ ହାଚେରୀ ଏବଂ ୧୮ଟି ଘୂର୍ଣ୍ଣିଝଡ଼ ପ୍ରବଣ ଗାଁରେ ବିପର୍ଯ୍ୟୟ ପ୍ରସ୍ତୁତି ଭଳି ପ୍ରମୁଖ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଭାରତ ସରକାରଙ୍କ ମତ୍ସ୍ୟ ବିଭାଗର ଯୁଗ୍ମ ସଚିବ ସାଗର ମେହରା ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ରଖିଥିଲେ । ଯୁଗ୍ମ ସଚିବ ନିତୁ ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ ।




**ଗୁରୁ ପୂର୍ଣ୍ଣିମା ଉତ୍ସବ ମହାସମାରୋହରେ ପାଳିତ**

## ଭାରତ ବର୍ଷର ଗୁରୁ ପରମ୍ପରା ଅନନ୍ୟ: ସ୍ୱାମୀ ବ୍ରହ୍ମାନନ୍ଦ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ପ୍ରତିଷ୍ଠିତ ନିଗମ କଳ୍ପତରୁ ଆଶ୍ରମ ରୁଦ୍ରବିହାର ଠାରେ ଗୁରୁବାର ଦିନ ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ପୂଜ୍ୟ ସ୍ୱାମିଜୀଙ୍କ ପୌରହିତ୍ୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଫେସର ବୈଷ୍ଣବ ଚରଣ ସାମଲ କହିଲେ ଯେ, ଆମ ସଂସ୍କୃତିରେ ଗୁରୁ ପୂଜନ ଏଭଳି ଏକ ବ୍ୟବସ୍ଥା ସମଗ୍ର ପୃଥିବୀରେ କେବଳ ଭାରତବର୍ଷରେ ହିଁ ଦେଖା ଦେଇଥାଏ । ଆମେ ଗୁରୁଙ୍କୁ କେବଳ ଶିକ୍ଷାଦାତା ଭାବେ ସମ୍ମାନ କରୁନାହୁଁ, ଗୁରୁଙ୍କୁ ସାକ୍ଷାତ ଈଶ୍ୱର ଭାବରେ ଆମେ ସମ୍ମାନିତ କରିଥାଉ । ଆଶୀର୍ବଚନରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ଭାରତବର୍ଷର ଗୁରୁ ପରମ୍ପରା ଅନନ୍ୟ । ଭଗବାନ ବେଦବ୍ୟାସଙ୍କ ଠାରୁ ଗୁରୁ ପରମ୍ପରା ଆରମ୍ଭ ହୋଇଛି । ସମ୍ମାନିତ ଅତିଥି ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, ପ୍ରଫେସର ବ୍ରଜବନ୍ଧୁ ପଣ୍ଡା ଓ ପାର୍ଥସାରଥୀ ଅଜୟ ବାରିକ ଗୁରୁଙ୍କ ପ୍ରତି ସମ୍ମାନ ଜଣାଇ କହିଲେ ଯେ, ମାତା ହେଉଛନ୍ତି ଆମର ପ୍ରଥମ ଗୁରୁ । ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ଅଭିନେତା ବିନାୟକ ମିଶ୍ର, ସଙ୍ଗୀତଜ୍ଞ ଚିତ୍ତରଞ୍ଜନ ପାଣି, ଡ. ବିଜୟାନନ୍ଦ ସିଂ, ଇଂ ବିନୟ ଭୂଷଣ ଭୂୟାଁ ତାଙ୍କ ବକ୍ତବ୍ୟରେ ଆଜିର ସମାଜରେ ଗୁରୁମାନେ ଠିକଣା ଭାବେ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରୁନଥିବାରୁ ସମାଜରେ ନିନ୍ଦିତ ହେଉଛନ୍ତି ସେମାନେ ବୋଲି କହିଥିଲେ ।

## ବିଜେଡି ଛାଡି କଂଗ୍ରେସରେ ସୁନୀତା ବିଶ୍ୱାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେଡି ଛାଡ଼ି କଂଗ୍ରେସରେ ମିଶିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତା ବିଶ୍ୱାଳ । ପିସିସି ସଭାପତି ଭକ୍ତ ଦାସ ଓ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ କଂଗ୍ରେସକୁ ଫେରିଛନ୍ତି ସୁନୀତା। ବିଜେଡି ଛାଡିବା ପରେ ସେ ସେ ଅଭିଯୋଗ କରିଛନ୍ତି ଯେ ବିଜେଡିର 'ମହିଳା ସମ୍ମାନ' କେବଳ ଲୋକଦେଖାଣିଆ, ସାମ୍ନାରେ ମହିଳାଙ୍କୁ ରଖି ସବୁ କାମ କରେ ବିଜେଡି। ସଭା ସମିତିରେ କେବଳ ଲୋକଦେଖାଣିଆ ପାଇଁ ମହିଳାଙ୍କୁ ରଖାଯାଏ । ଏମିତିକି ମହିଳାଙ୍କୁ ବିଜେଡିରେ ସୁଯୋଗ ମିଳେନି। ଗଞ୍ଜାମ ଜିଲ୍ଲାର ପୂର୍ବତନ ସରପଞ୍ଚ ଆରତୀ ଦେବୀଙ୍କ ଉଦାହରଣ ଦେଇ ସୁନୀତା କହିଛନ୍ତି ଆରତୀ ସର୍ବ କନିଷ୍ଠ ସରପଞ୍ଚ ହେଇ ବି ବିଜେଡିରେ ସୁଯୋଗ ପାଇନଥିଲେ ତେଣୁ ସେ ଦଳ ଛାଡ଼ିଲେ । ଅନେକ ଦଳ ଛାଡ଼ିଛନ୍ତି ଆଉ ଯେଉଁମାନେ ଅଛନ୍ତି ସେମାନେ ଡରିକି କହି ପାରୁନାହାନ୍ତି । ସୂଚନାଯୋଗ୍ୟ ଯେ ଗତକାଲି ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତା ବୁଧବାର ବିଜେଡି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ । ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଏ ସଂପର୍କରେ ଚିଠି ଲେଖି ଜଣାଇଥିଲେ ସୁନୀତା । ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଟିକଟରେ ସୁନ୍ଦରଗଡ଼ ସାଂସଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ ।

## ମଧୁପାଟଣା ଶିଳ୍ପାଞ୍ଚଳରେ ଭାରୀ ଯାନ ଚଳାଚଳ ଉପରେ ପ୍ରତିବନ୍ଧକ

କଟକ(ଭାସ୍କର ନ୍ୟୁଜ୍): ମଧୁପାଟଣା ଶିଳ୍ପାଞ୍ଚଳରେ ବହୁ ସଂଖ୍ୟାରେ ଶିଳ୍ପ କାର୍ଯ୍ୟକଳାପ ସହ ଜଡିତ ଭାରୀ ଯାନବାହାନ ଚଳାଚଳ କରିବା ହେତୁ, ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ସକାଳ ୬ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଏବଂ ଅପରାହ୍ନ ୪ଟାଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲୁଥିବାରୁ ଏଥିପାଇଁ ସାଧାରଣ ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହିସବୁ ଅସୁବିଧାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭଉସାହେବ ଶିନ୍ଦେ ମଧୁପାଟଣା ଏବଂ ଆଖପାଖ ଅଞ୍ଚଳର ବାସିନ୍ଦା ଏବଂ ଛୋଟ ସ୍କୁଲ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ସୁବିଧା ଦୃଷ୍ଟିରୁ, କଟକ ଶିଳ୍ପାଞ୍ଚଳ ଭିତରେ ଭାରୀ ବାଣିଜ୍ୟିକ ଯାନବାହାନ ଚଳାଚଳକୁ ସକାଳ ୬ଟାରୁ ଦିନ ୧୧ଟା ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରତିବନ୍ଧକ ଲାଗାଇଛନ୍ତି । ଏହି ପ୍ରତିବନ୍ଧକ ୬ ଜୁଲାଇ, ୨୦୨୫ ରୁ ୫ ଅଗଷ୍ଟ, ୨୦୨୫ ପର୍ଯ୍ୟନ୍ତ ବଳବର ରହିବ । ମୋଟର ଭେଇକିଲ ଆଇନ, ୧୯୮୮ ର ବିଭାଗ ୧୧୫ ଅଧୀନରେ ଏବଂ ଓଡ଼ିଶା ମୋଟର ଯାନ ନିୟମ, ୧୯୯୩ର ନିୟମ-୧୭୩ ସହିତ ପ୍ରଦତ କ୍ଷମତା ବ୍ୟବହାର କରି ଏହି ନିର୍ଦ୍ଦେଶ ଜାରି କରାଯାଇଛି ।

## ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଜାରି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଜାରି ରହିଛି । ତୃତୀୟ ଦିନରେ ପହଞ୍ଚିଛି ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ । ପେଟ୍ରୋଲଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଏକପ୍ରକାର ଠପ୍ ହୋଇପଡିଛି । ଘରୋଇ ବସ୍ ଚଳାଚଳ କରୁନଥିବାରୁ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ୬ ଦଫା ଦାବି ପୂରଣ ଜିଦରେ ଅଟଳ ଓଡ଼ିଶା ଡ୍ରାଇଭର ମହାସଂଘ । ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ବି ଆନ୍ଦୋଳନ ଜାରି ରହିଛି । ସରକାରଙ୍କଠାରୁ ଲିଖିତ ପ୍ରତିଶ୍ରୁତି ଆଶା କରୁଛି ଡ୍ରାଇଭର ସଂଘ । ଏଠାରେ ସୂଚନାଯୋଗ୍ୟ, ମୁଖ୍ୟତଃ ପୁଲିସକୁ ଗାଡ଼ି ଚେକିଂ କ୍ଷମତା ପ୍ରଦାନ ପ୍ରକ୍ରିୟାକୁ ବିରୋଧ, ସେପ୍ଟେମ୍ବର ୧ ତାରିଖକୁ ଡ୍ରାଇଭର ଦିବସ ଭାବେ ପାଳନ, ଗାଡ଼ି ପାର୍କିଂ ସ୍ଥାନରେ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ, ଡ୍ରାଇଭର ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ ଆଦି ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘର ଆନ୍ଦୋଳନ କରୁଛି ।

## ଭାଷାବିଜ୍ଞାନ ଏବଂ ଶାସ୍ତ୍ରୀୟ ଓଡ଼ିଆ ଭାଷା ଓ ସାହିତ୍ୟ ଗବେଷଣା ଆଲୋଚନାଚକ୍ର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପକ୍ଷରୁ 'ଭାଷାବିଜ୍ଞାନ ଏବଂ ଶାସ୍ତ୍ରୀୟ ଓଡ଼ିଆ ଭାଷା ଓ ସାହିତ୍ୟ ଗବେଷଣା' ସଂପର୍କରେ ଏକ ଆଲୋଚନାଚକ୍ର କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବକ୍ତା ଭାବରେ ପ୍ରଫେସର ପଞ୍ଚାନନ ମହାନ୍ତି ଓଡ଼ିଆ ବ୍ୟାକରଣର ସ୍ୱତବତା, ଶାସ୍ତ୍ରୀୟ ଓଡ଼ିଆ ଭାଷାର ଗୁରୁତ୍ୱ ଓ ସାହିତ୍ୟ ଗବେଷଣାର ଭାଷାତାତ୍ତ୍ୱିକ ଦିଗ ସଂପର୍କରେ ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ସଞ୍ଜୟ କୁମାର ବାଗ ପ୍ରାରମ୍ଭରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଅତିଥିଙ୍କର ସାରସ୍ୱତ ପରିଚୟ ପ୍ରଦାନ କରିବା ସହିତ ଆଲୋଚନାର ବିଷୟବସ୍ତୁ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆର ମ୍ବରୁ ମାଙ୍ଗଳିକ ସଂଗୀତ ଗାନ କରିଥିଲେ ଡ. ଅମ୍ବରୀଶ ଶତପଥୀ। ଉତ୍କର୍ଷ କେନ୍ଦ୍ରର ଗବେଷକ ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଡୋଇ, ଡ. ମନସା ଶ୍ରୀଚନ୍ଦନ, ଡ. ମିତାଲି ମଧୁସ୍ମିତା ମହାନ୍ତି, ଡ. ଜ୍ୟୋତିପ୍ରଭା ମହାନ୍ତି, ଡ. ହିମାଦ୍ରି ତନୟା ମିଶ୍ର, ରୂପଶ୍ରୀ ଧର ସମେତ ବହୁ ଶିକ୍ଷାବିତ୍ ଓ ଗବେଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଓଲିଉଡ୍ ଅଭିନେତା ପାର୍ଥସାରଥୀ ରାୟ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଲିଉଡ୍ ଅଭିନେତା ପାର୍ଥସାରଥୀ ରାୟଙ୍କୁ ଏନବିଡବ୍ଲୁ ଆଧାରରେ ବଡଗଡ଼ ଥାନା ପୋଲିସ ଗିରଫ କରିଛି । କୋର୍ଟ ନିୟମ ଖିଲାପ କରିଥିବାରୁ ଜେଏମଏଫସି କୋର୍ଟ ଗିରଫ ନିର୍ଦ୍ଦେଶ ଦେଇଥିଲେ । ପାର୍ଥଙ୍କ ବିରୋଧରେ ଖାରବଳ ନଗର ଥାନାରେ ଅପହରଣ ଉଦ୍ୟମ, ହତ୍ୟା ଧମକ ଓ ଭିଡିଓ ଭାଇରାଲ ଭଳି ସଙ୍ଗୀନ ଅଭିଯୋଗ ରହିଛି। ସେହି ମାମଲାର ଶୁଣାଣି ପାଇଁ କୋର୍ଟଙ୍କ ପକ୍ଷରୁ ବାରମ୍ବାର ସମନ ଆସିଥିଲେ ମଧ୍ୟ ହାଜର ହୋଇନଥିଲେ ପାର୍ଥସାରଥୀ । ତେଣୁ କୋର୍ଟ ତାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ । ଫଳରେ ଏବେ ପାର୍ଥସାରଥୀ ରାୟଙ୍କୁ ଗିରଫ କରିଛି ବଡଗଡ଼ ଥାନା ପୋଲିସ । ଓଡ଼ିଆ ଟେଲିଭିଜନ ଆଗଧାଡ଼ିର ନାୟକ ପାର୍ଥ ଅନେକ ଧାରାବାହିକରେ ଅଭିନୟ କରିଛନ୍ତି । ତା' ସହ କିଛି ଚଳଚ୍ଚିତ୍ରରେ ମଧ୍ୟ ତାଙ୍କ ଅଭିନୟ ଦେଖିବାକୁ ମିଳିଛି ।

## ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ କଟକରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୧୫ ତାରିଖରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଟକ ସହରର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଉକ୍ତ ସ୍ଥାନଗୁଡିକୁ ପରିଦର୍ଶନ କରିବା ସହ ସେଠାକାର ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା ସଂକ୍ରାନ୍ତରେ ବିସ୍ତୃତ ଭାବେ ସମୀକ୍ଷା କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର- କଟକ ପୋଲିସ କମିଶନର, କଟକ ଜିଲ୍ଲାପାଳ ଓ କଟକ ସହରାଂଚଳ ଜିଲ୍ଲାର ଡିସିପିଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ରାଜ୍ୟରେ ନୂଆ ରୋଡ ପଲିସି ଲାଗୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଲାଗୁ ହେଲା ନୂଆ ରୋଡ ପଲିସି ୨୦୨୫ । ନୂଆ ରୋଡ ପଲିସି କାର୍ଯ୍ୟକାରୀ କରିବାକୁ ସବୁ ଜିଲ୍ଲାପାଳ ଚିଠି ଲେଖିଲା ପୂର୍ତ୍ତ ବିଭାଗ। ଆନୁଷଙ୍ଗିକ ବିଭାଗ ଗୁଡିକ କିପରି କାମ କରିବେ ଗାଇଡ ଲାଇନ ଜାରିକଲା ପୂର୍ତ୍ତ ବିଭାଗ। ପୂର୍ତ୍ତ ବିଭାଗ ଚିଠି ଆଧାରରେ କାର୍ଯ୍ୟ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖିଲା ବିଭାଗ।

## ବିଧାୟକଙ୍କ ଗିରଫ ଦାବିରେ ମହିଳା ବିଜେଡିର ସ୍ୱାଭିମାନ ରାଲି




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଡ଼ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ଗୁରୁବାର ବିଜୁ ମହିଳା ଜନତା ଦଳ ରାଜରାସ୍ତାକୁ ଓହ୍ଲାଇଛି । ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଜେଡିର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ମହିଳା ବିଜେଡିର ସ୍ୱାଭିମାନ ରାଲି କରାଯାଇ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଜଣେ ମହିଳାଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଏପରି କୁତ୍ସିତ ମନ୍ତବ୍ୟ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । କ୍ଷମତା ନିଶାରେ ଅନ୍ଧ ହୋଇ ବିଜେପିର ବିଧାୟକ ମାନେ ନିଜର ନୀତି ନୈତିକତା ଭୁଲି ଯାଉଛନ୍ତି। ବିଜେପି ସରକାରରେ ମହିଳା କେତେ ଅସୁରକ୍ଷିତ ତାହା ବିଧାୟକ ସନ୍ତୋଷ ଖଟୁଆଙ୍କ ମନ୍ତବ୍ୟରୁ ସ୍ପଷ୍ଟ ଅନୁମେୟ । ବିଜେପି ସରକାରକୁ ଆସିବା ଦିନଠୁ ରାଜ୍ୟରେ ମହିଳା ପ୍ରତିଦିନ ନିର୍ଯାତିତ ହେଉଛନ୍ତି । ବିଗତ ୧ ବର୍ଷ ମଧ୍ୟରେ ରାଜ୍ୟରେ ଦୁଷ୍କର୍ମ ହାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି । ଉତ୍ସବରେ ମାତି ବିଜେପି ସରକାର ମହିଳାଙ୍କ ସମ୍ମାନ ଭୁଲିଯାଇଛନ୍ତି । ଡ଼ ଲେଖଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ମନ୍ତବ୍ୟ ମାମଲାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ । ନ ହେଲେ ଆଗାମୀ ଦିନରେ ପ୍ରତି ଜିଲ୍ଲାରେ ଆନ୍ଦୋଳନ କରିବ ବିଜୁ ମହିଳା ଜନତା ଦଳ । ଏହି ରାଲିରେ ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ମନୋରମା ମହାନ୍ତି, ସୁବାସିନୀ ଜେନା, ସୁଜାତା ସାହୁ, ମେୟର ସୁଲୋଚନା ଦାସ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ଲୋପାମୁଦ୍ରା ବକ୍ସିପାତ୍ର, ଡ଼ ଲେଖାଶ୍ରୀ ସାମନ୍ତସିଂହାର, ଡେପୁଟି ମେୟର ମଞ୍ଜୁଲତା କହଁର, ଗୀତାଞ୍ଜଳୀ ରାଉତରାୟ ପ୍ରମୁଖ ସାମିଲ୍ ଥିଲେ । ଅପରାହ୍ନରେ ବିଜୁ ମହିଳା ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ପୋଲିସ୍ ଡିଜି ୱାଇ.ବି ଖୁରାନିଆଙ୍କୁ ଭୁବନେଶ୍ୱର କ୍ୟାମ୍ପ ଅଫିସ୍ରେ ଭେଟି ସ୍ମାରକପତ୍ର ପ୍ରଦାନ କରିବା ସହ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଗିରଫ ଦାବି କରିଥିଲା।


DSPL-171
OIPR 10003/13/0232/2526



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଡେଙ୍ଗୁ ନିରାକରଣ ସଚେତନତା ମାସ
ଜୁଲାଇ ୨୦୨୫

ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ଡେ଼ଙ୍ଗୁ ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଡେଙ୍ଗୁ ଏକ ଋତୁକାଳୀନ ଭୁତାଣୁ ଜନିତ ରୋଗ। ଏଡ଼ିସ୍ ମଶା କାମୁଡିବା ଦ୍ୱାରା ଏହି ରୋଗ ସଂକ୍ରମିତ ହୋଇଥାଏ।ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ଆଖପାଖରେ ଜମିରହୁଥିବା ସ୍ଥିର ଓ ପରିଷ୍କାର ପାଣିରେ ଏଡିସ୍ ମଶା ଡିମ୍ବ ଦେଇ ବଂଶ ବିସ୍ତାର କରିଥାଏ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଟ୍ରେ ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଖଡ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଏଡିସ୍ ମଶା ସାଧାରଣତଃ ଘର ଭିତରେ ସୋଫା, ଖଟ, ଆଲମିରା ଓ ଥାକ ତଳେ ଅନ୍ଧାରୁଆ ସ୍ଥାନରେ ବିଶ୍ରାମ ନେଇଥାଏ
- ଏହି ମଶା ସାଧାରଣତଃ ସକାଳ ଏବଂ ଅପରାହ୍ନ (ଗୋଧୂଳି) ସମୟରେ କାମୁଡ଼ିଥାଏ। ମନୁଷ୍ୟ ଶରୀରର ବାହାର ଅଙ୍ଗ ଯଥା; ଗୋଡ, ହାତ, ମୁହଁ, ନାକ ଏବଂ କାନକୁ ଏହି ମଶା କାମୁଡିଥାଏ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର ସହିତ ଆଣ୍ଠୁ-ଗଣ୍ଠି ବିନ୍ଧା, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ, ଡେଙ୍ଗୁ ରୋଗରୁ ନିଜକୁ ସୁରକ୍ଷିତ ରଖନ୍ତୁ
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha

ଓଡ଼ିଶା ଭାସ୍କର
ସମ୍ପାଦକୀୟ



" ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । "

-ସ୍ୱାମୀ ବିବେକାନନ୍ଦ



" ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ । "

-ମଧୁସୂଦନ ରାଓ



## ଦିନକରେ ଦୁଇଟି ଅଘଟଣ

# ପ୍ରଶାସନର ଦକ୍ଷତାକୁ ନେଇ ପ୍ରଶ୍ନବାଚୀ

ଆମ ଦେଶ ପାଇଁ ବୁଧବାର ଅଶୁଭ ଥିଲା ଭଳି ମନେ ହେଉଛି । ଗୋଟିଏ ଦିନରେ ଦୁଇଟି ଦୁଃଖଦ ଦୁର୍ଘଟଣାରେ ଭାରତୀୟ ବାୟୁସେନାର ଦୁଇ ପାଇଲଟ୍‌ଙ୍କ ସମେତ ୧୫ଜଣଙ୍କର ଜୀବନହାନି ଘଟିଛି । ଗୁଜରାଟର ବଦୋଦରା ଜିଲ୍ଲାରେ ମହାନଗର ନଦୀ ଉପରେ ଥିବା ୪୦ ବର୍ଷର ଗୋଟିଏ ସେତୁ ହଠାତ୍ ଭୁଶୁଡ଼ି ପଡ଼ିବାରୁ ୧୩ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ସେତୁଟି ଭୁଶୁଡ଼ିବା ଫଳରେ ଦୁଇଟି ଟ୍ରକ୍, ଦୁଇଟି ଭ୍ୟାନ୍ ଓ ଗୋଟିଏ ଅଟୋ ରିକ୍ସା ନଦୀଗର୍ଭକୁ ଖସି ପଡ଼ିଥିଲା । ଅନ୍ୟ ଗୋଟିଏ ଦୁଇଚକିଆ ଯାନର ତିନିଜଣ ଆରୋହୀ କୌଣସି ପ୍ରକାରେ ପହଁରି ପହଁରି ସୁରକ୍ଷିତ ସ୍ଥାନକୁ ଚାଲି ଆସିଥିଲେ । ଏହି ଦୁର୍ଘଟଣାର ପୃଷ୍ଠଭୂମିକୁ ଅନୁଧ୍ୟାନ କଲେ ସରକାରୀ ଦାୟିତ୍ୱହୀନତାର ସ୍ପଷ୍ଟଚିତ୍ର ଦେଖିବାକୁ ମିଳୁଛି । ସେତୁଟି ମାତ୍ର ୪୦ବର୍ଷ ପୂର୍ବେ ନିର୍ମାଣ କରାଯାଇଥିଲେ ହେଁ ଏହାର ସ୍ଥିତି ଯେ ଅତ୍ୟନ୍ତ ଦୁର୍ବଳ ଓ ଅଧିକ ଦିନ ତିଷ୍ଠିବ ନାହିଁ, ତାହା ଜଣାପଡିଯାଇଥିଲା । ଗତ ୨୦୨୨ ଅଗଷ୍ଟ ମାସରେ ବଦୋଦରାର ଜଣେ ସାମାଜିକ କର୍ମୀ ଓ ପୂର୍ତ୍ତ ବିଭାଗର ଉଚ୍ଚ ଅଧିକାରୀଙ୍କ ମଧ୍ୟରେ ଟେଲିଫୋନ୍ ବାର୍ତ୍ତାଳାପରୁ ଏହି ସୂଚନା ମିଳିଥିଲା, ଯାହା ଏବେ ଭାଇରାଲ୍ ହେବାରେ ଲାଗିଛି । ସରକାରୀ ବାବୁଜଣକ ସ୍ୱୀକାର କରିଛନ୍ତି କି ସେତୁଟି ଦୁର୍ବଳ ହୋଇପଡିଥିବାରୁ ଏବେ ଯାତାୟାତ ପାଇଁ ଅନୁପଯୋଗୀ ହୋଇପଡିଛି । ଏହା ସତ୍ତ୍ୱେ ତିନିବର୍ଷ ମଧ୍ୟରେ ଏହାର ମରାମତି ପାଇଁ କୌଣସି ପଦକ୍ଷେପ ନିଆଗଲା ନାହିଁ, ଯାହାର ଫଳ ସ୍ୱରୂପ ବୁଧବାର ସେତୁଟି ଭୁଶୁଡ଼ି ପଡିଲା । ୧୯୮୫ ମସିହାରେ ନିର୍ମିତ ସେତୁର ଜୀବନକାଳ ୧୦୦ ବର୍ଷ ହୋଇଥିବା ସ୍ଥଳେ ୪୦ବର୍ଷରେ ଏହା ଭୁଶୁଡ଼ିବା ପାଇଁ ଯେଉଁ ଯନ୍ତ୍ରୀ ଓ ଯନ୍ତ୍ରୀ ଦାୟୀ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି । ଗୁଜରାଟ ମୁଖ୍ୟମନ୍ତ୍ରୀ ଏହି ଦୁର୍ଘଟଣା ସମ୍ପର୍କରେ ସବିଶେଷ ତଦନ୍ତ କରି ରିପୋର୍ଟ ଦେବାକୁ ସଡ଼କ ଓ କୋଠାବାଡ଼ି ବିଭାଗକୁ ନିର୍ଦ୍ଦେଶ ଦେଇଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦି ମୃତକଙ୍କ ପରିବାର ପିଛା ଦୁଇଲକ୍ଷ ଟଙ୍କାର ଅନୁଦାନ ରାଶି ଘୋଷଣା କରିଛନ୍ତି । ଅଶୁଭ ବୁଧବାରରେ ଭାରତୀୟ ବାୟୁସେନାର ଏକ ଜାଗୁଆର ଯୁଦ୍ଧ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ଦୁଇଜଣ ଯାନ ବୈମାନିକ ପ୍ରାଣ ହରାଇଛନ୍ତି । ଏହି ଦଃଖଦ ଘଟଣାଟି ରାଜସ୍ଥାନର ଚୁରୁ ଜିଲ୍ଲାରେ ଘଟିଥିବା ବେଳେ ଯୁଦ୍ଧ ବିମାନର ଧ୍ୱଂସାବଶେଷ ଓ ଦୁଇ ବୈମାନିକଙ୍କ ମରଶରୀର ନିକଟସ୍ଥ ଧାନ ବିଲରୁ ଉଦ୍ଧାର କରାଯାଇଛି । ଦୁର୍ଘଟଣାର କାରଣ ଜାଣିବା ପାଇଁ ଏକ 'କୋର୍ଟ ଅଫ୍ ଇନ୍‌କ୍ୱାରୀ' ଗଠିତ ହୋଇଛି ବୋଲି ବାୟୁସେନା ପକ୍ଷରୁ ସୂଚନା ଦିଆଯାଇଛି । ଗ୍ରାମବାସୀଙ୍କ ବୟାନ୍ ଅନୁଯାୟୀ ସେମାନେ ପ୍ରଥମେ ଆକାଶରୁ ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ପାଇଲେ ଏବଂ ପରେ ପରେ ଚାଷଜମିରେ ନିଆଁ ଓ ଧୂଆଁ ଦେଖିଥିଲେ । ଚୁରୁ ଜିଲ୍ଲାପାଳ ଓ ପୋଲିସ ଟିମ୍ ସମେତ ବାୟୁସେନାର ଏକ ଉଦ୍ଧାରକାରୀ ଦଳ ମଧ୍ୟ ତୁରନ୍ତ ସେଠାରେ ପହଞ୍ଚିଥିଲେ । ସବୁଠାରୁ କ୍ଷୋଭର ବିଷୟ ହେଉଛି ଯେ ଗତ ୫ ମାସ ମଧ୍ୟରେ ଦେଶରେ ଜାଗୁଆର ଯୁଦ୍ଧ ବିମାନର ଏହା ତୃତୀୟ ଦୁର୍ଘଟଣା । ଗତ ମାର୍ଚ୍ଚ ୭ ତାରିଖରେ ଅମ୍ବାଲାରେ ଜାଗୁଆର୍ ଜେଟ୍ ଉଡ଼ାଣ କରିବାର ଅଳ୍ପ ସମୟ ମଧ୍ୟରେ ଖସି ପଡିଥିଲା । ସେହିପରି ଏପ୍ରିଲ୍ ୨ ତାରିଖରେ ଅନ୍ୟ ଏକ ଜାଗୁଆର ଯୁଦ୍ଧ ବିମାନ ଗୁଜରାଟର ଜାମନଗରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । କେଉଁ କାରଣରୁ ଗୋଟିଏ ପରେ ଗୋଟିଏ ଦୁର୍ଘଟଣାରେ ମୂଲ୍ୟବାନ ଜୀବନ ସହ ଦେଶର ସମ୍ପତ୍ତି ନଷ୍ଟ ହେବାରେ ଲାଗିଛି, ତାହାର ମୂଳ କାରଣ ଖୋଜି ବାହାର କରିବାକୁ ପଡ଼ିବ । ବୁଧବାର ଦୁଇଟିଯାକ ଦୁର୍ଘଟଣା ଜନସାଧାରଣଙ୍କ ନିରାପତ୍ତା ଓ ପ୍ରଶାସନର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।



# ଜନସଂଖ୍ୟା ବୃଦ୍ଧି-ଆଶୀର୍ବାଦ ନା ଅଭିଶାପ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ବିଶ୍ୱ ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଜନସଂଖ୍ୟା ବୃଦ୍ଧିର ଭୟାବହତା ସମ୍ପର୍କରେ ବିଶ୍ୱବାସୀଙ୍କୁ ଅବଗତ କରାଇବା ପାଇଁ ପ୍ରତିବର୍ଷ ଜୁଲାଇ ୧୧ ତାରିଖରେ ବିଶ୍ୱ ଜନସଂଖ୍ୟା ଦିବସ ରୂପେ ପାଳନ କରାଯାଉଛି । ଜନ୍ମହାରକୁ ନିୟନ୍ତ୍ରଣ କରିବା ଲାଗି ବିଶ୍ୱବାସୀଙ୍କୁ ସଚେତନ କରାଇବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । କୁହାଯାଏ ଜନସଂଖ୍ୟା ଯେକୌଣସି ଦେଶର ପରିସମ୍ପଦ । କାରଣ ଏହା ଅର୍ଥବ୍ୟବସ୍ଥାକୁ ଶ୍ରମଶକ୍ତି ଯୋଗାଇଥାଏ । କିନ୍ତୁ ଜନସଂଖ୍ୟାର ଅଭିବୃଦ୍ଧି ଅଧିକ ହେଲେ ତାହା ପରିସମ୍ପଦ ହେବା ପରିବର୍ତ୍ତେ ଦେଶ ପାଇଁ ବୋଝ ହୋଇଥାଏ । ଏଠାରେ ସୂଚନାଯୋଗ୍ୟ ଯେ, ୧୯୮୭ ମସିହା ଜୁଲାଇ ୧୧ ତାରିଖରେ ବିଶ୍ୱର ଜନସଂଖ୍ୟା ୫୦୦ କୋଟିରେ ପହଞ୍ଚିଥିଲା । ସେତେବେଳେ ବିଭିନ୍ନ ଦେଶର ଚିନ୍ତା ନାୟକ ଓ ନେତୃବର୍ଗ ଜନସଂଖ୍ୟାର ବିଷୟରେ ସଚେତନ ହେବାକୁ ଏହି ଦିନଟିକୁ ପାଞ୍ଚବିଲିୟନ ଦିବସ ଭାବେ ପାଳନ କଲେ । ପରେ ଏହିକଥାକୁ ଦୃଷ୍ଟିରେ ରଖି ମିଳିତ ଜାତିସଂଘରେ ଗୃହୀତ ପ୍ରସ୍ତାବ ଅନୁଯାୟୀ ୧୯୮୯ ମସିହାରୁ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ରୂପେ ପାଳନ କରାଯାଉଛି । ଚଳିତ ବର୍ଷ ୨୦୨୫ରେ ଏହି ଦିବସର ବିଷୟବସ୍ତୁ ରହିଛି- 'ଯୁବକମାନଙ୍କୁ ସଶକ୍ତ କରିବା ଯେପରିକି ସେମାନେ ଏକ ସୁନ୍ଦର ଓ ଆଶାପ୍ରଦ ବିଶ୍ୱରେ ଜୀବନ ଯାପନ କରିପାରିବେ ।' ଏଥିସହିତ ଯୁବକମାନଙ୍କୁ ଲିଙ୍ଗଗତ ସମାନତା ଓ ଏକ ସ୍ଥିର ଭବିଷ୍ୟତ ଗଠନରେ ସଚେତନ କରାଇବା ।

ଏହି ପରିପ୍ରେକ୍ଷୀରେ ଚିନ୍ତାକଲେ ଜୁଲାଇ ୨୦୨୦ ସୁଦ୍ଧା ସମଗ୍ର ବିଶ୍ୱର ଜନସଂଖ୍ୟା ପ୍ରାୟ ୭୭୯ କୋଟି ଟପି ସାରିଥିବା ବେଳେ୧୯୮୭ ମସିହାରେ ଏହା ସଂଖ୍ୟା ୫୦୦ କୋଟି, ୧୯୯୯ ମସିହାରେ ୬୦୦କୋଟି ୨୦୧୧ ମସହରେ ୭୦୦କୋଟିରେ ଥିଲା । ଚଳିତବର୍ଷ ଏହା ୮ ବିଲିୟନ ଅର୍ଥାତ ୮, ୨୩୧,୬୧.୦୭୦ରେ ପହଞ୍ଚିଛି । ଏହି ବିଶାଳ ଜନସଂଖ୍ୟା ପାଇଁ ସ୍ଥିର ଭବିଷ୍ୟତ ଓ ସମସ୍ତଙ୍କ ପାଇଁ ଅଧିକାର ସୁରକ୍ଷିତ କରିବା ଆମ ପାଇଁ ଏକ ଆହ୍ୱାନ । ସେହିପରି ଆମ ଦେଶର ଲୋକସଂଖ୍ୟା ୨୦୧୧ ମସିହାରେ ୧୨୧କୋଟି ଥିବାବେଳେ ଏବେ ଏହା ୧୪୬ କୋଟିରେ ପହଞ୍ଚିଛି । ଜନସଂଖ୍ୟା ଦୃଷ୍ଟିରୁ ଭାରତ ସମଗ୍ର ପୃଥିବୀରେ ସର୍ବାଧିକ ଜନବହୁଳ ରାଷ୍ଟ୍ର । ପ୍ରାୟ ୧.୮ କୋଟି ଲୋକ ମୋଟ ଜନସଂଖ୍ୟାରେ ଯୋଗ ଦେଉଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସମଗ୍ର ପୃଥିବୀର ଭୂ-ଭାଗର ମାତ୍ର ୨.୪ ପ୍ରତିଶତ ଭାରତରେ ଥିବା ସ୍ଥଳେ, ପ୍ରାୟ ୧୭.୫ ପ୍ରତିଶତ ଜନସଂଖ୍ୟା ଏଠାରେ ବସତି ସ୍ଥାପନ କରିଛି । ଏହି ପରିପ୍ରେକ୍ଷୀରେ ବିଶ୍ୱରେ ଅଧିକ ଜନବହୁଳ ଦେଶମଧ୍ୟରେ ଚୀନ, ଯୁକ୍ତରାଷ୍ଟ୍ର ଆମେରିକା, ଇଣ୍ଡୋନେସିଆ, ପାକିସ୍ତାନ, ବ୍ରାଜିଲ, ନାଇଜେରିଆ, ବାଙ୍ଗଲାଦେଶ, ରୁଷ୍ ଓ ମେକ୍ସିକୋ ଜନସଂଖ୍ୟା ଯଥାକ୍ରମେ ପ୍ରାୟ ୧୪୫ କୋଟି, ୩୩କୋଟି, ୨୭କୋଟି, ୨୨କୋଟି, ୨୧.୨କୋଟି, ୨୮.୬କୋଟି, ୧୬.୮କୋଟି, ୧୪.୬କୋଟି ଓ ୧୩.୭କୋଟି ରହିଛି । ଏପରିକି ୪୦ହଜାରରୁ କମ୍ ଜନସଂଖ୍ୟା ଥିବା ଦେଶମାନଙ୍କ ମଧ୍ୟରେ ସାନ୍ ମାରିନୋ, ମୋନାକୋ, ନାଉରୁ, ତୁଭାଲୁ, ପାଲାଉ ପ୍ରଭୃତି ରହିଛନ୍ତି । ସେହିପରି ସବୁଠାରୁ କମ୍ ଜନସଂଖ୍ୟାଥିବା ଦେଶ ହେଉଛି ଭାଟିକାନସିଟି ଯାହାର ଲୋକସଂଖ୍ୟା ମାତ୍ର ୧୦୦୦ ଭିତରେ । ଏଥିରୁ ଅନୁମେୟ ପୃଥିବୀର ଅନ୍ୟାନ୍ୟ ଉନ୍ନତ ଦେଶ ତୁଳନାରେ ଦକ୍ଷିଣ ଆଫ୍ରିକୀୟ ଓ ଏସୀୟ ରାଷ୍ଟ୍ରମାନଙ୍କରେ ଜନସଂଖ୍ୟା ସମସ୍ୟା ଉତ୍କଟତର । ସେହିପରି ଆମ ପ୍ରଦେଶ ଓଡ଼ିଶା କଥା ଚିନ୍ତାକଲେ ସଂପ୍ରତି ଜନଗଣନା ଅନୁସାରେ ଆମ ରାଜ୍ୟର ଜନସଂଖ୍ୟା ପ୍ରାୟ ୪.୬୯ କୋଟି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଜନସଂଖ୍ୟା ବୃଦ୍ଧି ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଯାହାକୁ ଅର୍ଥଶାସ୍ତ୍ରୀ ମାନେ ଜନ ବିସ୍ଫୋରଣର ଆଖ୍ୟା ଦେଇଛନ୍ତି । ଆମ ଦେଶର ଜନସଂଖ୍ୟାର ଅଭିବୃଦ୍ଧିକୁ ଦେଖିଲେ ୧୯୨୧ ମସିହା ପରଠାରୁ ଜନସଂଖ୍ୟାର ଆକାର ବଢ଼ିବାରେ ଲାଗିଛି । ୧୯୨୧ ମସିହାରେ ଭାରତରେ ଜନସଂଖ୍ୟା ୨୫ କୋଟି ଥିଲାବେଳେ ୧୯୯୧ ମସିହାରେ ଏହି ସଂଖ୍ୟା ୮୪.୪ କୋଟିରେ ପହଞ୍ଚିଥିଲା । ୨୦୧୧ ଜନଗଣନା ଅନୁସାରେ ଏହା ଦ୍ରୁତଗତିରେ ବୃଦ୍ଧି ହୋଇ ୧୨୧.୦୨ କୋଟିରେ ପହଞ୍ଚିଥିଲା । ଏହା ହିଁ ଉଦ୍‌ବେଗର କାରଣ ।

ଏହି ଜନସଂଖ୍ୟା ବିସ୍ଫୋରଣ ଭାରତର ଅର୍ଥ ବ୍ୟବସ୍ଥା ସମ୍ମୁଖରେ ଏକ ବିରାଟ ଆହ୍ୱାନ, ଯାହାର ପ୍ରତିହତ ନିମନ୍ତେ ଆମକୁ ଏହା ସମ୍ପର୍କରେ ବିଶଦ ଆଲୋଚନା ଏଠାରେ ପ୍ରଣିଧାନଯୋଗ୍ୟ । ଆକାର ଦୃଷ୍ଟିରୁ ଏହା ବିଶାଳ, ଅଭିବୃଦ୍ଧି ମଧ୍ୟ ଅତି ଉତ୍କଟତର, ଏଣେ ଜନସଂଖ୍ୟାର ଗୁଣାତ୍ମକ ମାନ ମଧ୍ୟ ନିମ୍ନ ଧରଣର । ଏହି ପରିପ୍ରେକ୍ଷୀରେ ଜନ ବିସ୍ଫୋରଣ ଆର୍ଥିକ ବ୍ୟବସ୍ଥାରେ କି ପ୍ରଭାବ ପକାଇଛି, ତାହାର ବିଶ୍ଳେଷଣ ଏକାନ୍ତ ଆବଶ୍ୟକ । ଜନ ବିସ୍ଫୋରଣ ଦେଶରେ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାରକୁ ସ୍ଲଥ କରେ । ୧୯୫୦-୧୯୫୧ରୁ ୧୯୯୦-୧୯୯୧ ମଧ୍ୟରେ ଜାତୀୟ ଆୟର ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ୪.୨୧ ପ୍ରତିଶତ ହୋଇଥିଲେ ହେଁ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାର ମାତ୍ର ୨.୧୪ ପ୍ରତିଶତ ହୋଇଥିଲା । ଦ୍ରୁତ ଜନସଂଖ୍ୟା ବୃଦ୍ଧି ଦେଶରେ ଖାଦ୍ୟଦ୍ରବ୍ୟ ପାଇଁ ଅଧିକ ଚାହିଦା ସୃଷ୍ଟି କରେ । ପଞ୍ଚବାର୍ଷିକ ଯୋଜନାକାଳ ମଧ୍ୟରେ ଦେଶର ମୋଟ ଖାଦ୍ୟଦ୍ରବ୍ୟ ଉତ୍ପାଦନ ପରିମାଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଁ ଦେଶ ଆତ୍ମନିର୍ଭରଶୀଳ ହେବାର ସଫଳତା ହାସଲ କରିଛି । ଏସବୁ ସତ୍ତ୍ୱେ ଦେଶରେ ଏବେ ମଧ୍ୟ ୨୭ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହି ଦୁଇବେଳା ଦୁଇମୁଠା ଖାଇବାକୁ ପାଉନାହାନ୍ତି । ଅନେକ ଶିଶୁ ପୁଷ୍ଟିହୀନତା ଓ ଖାଦ୍ୟାଭାବ ଜନିତ ରୋଗବାଧିରେ ଶିକାର ହୋଇ ମୃତ୍ୟୁମୁଖରେ ପଡ଼ୁଛନ୍ତି । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ବୃଦ୍ଧିହାର ଦେଶର ସୀମିତ ଭୂମି ଉପରେ ଅଧିକ ଚାପ ସୃଷ୍ଟି ମଧ୍ୟ କରିଥାଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରେ ୧୯୫୧ ରୁ ୨୦୧୧ ମଧ୍ୟରେ ଜଣପିଛା ଚାଷଜମି ୦.୯ ହେକ୍ଟରରୁ ୦.୩ ହେକ୍ଟରକୁ ହ୍ରାସ ପାଇଛି । ଜନସଂଖ୍ୟା ବୃଦ୍ଧି ଦ୍ୱାରା ଦେଶରେ ବେକାରୀ ଓ ଅଣନିଯୁକ୍ତି ସମସ୍ୟା ସୃଷ୍ଟି ହୋଇଛି । ଯୋଜନା ଆୟୋଗ ହିସାବରୁ ଜଣାଯାଏ ଯେ, ୨୦୦୧ ମସିହା ସୁଦ୍ଧା ଦେଶରେ ୧୦୬ ନିୟୁତ ବେକାରୀ ସଂଖ୍ୟା ଥିଲା ।

ଭାରତ ଭଳି ଏକ ବିକାଶିତ ରାଷ୍ଟ୍ରର ଆର୍ଥିକ ବିକାଶ ନିମିତ୍ତ ପୁଞ୍ଜି ଗଠନର ବିଶେଷ ଗୁରୁତ୍ୱ ରହିଛି । ତେବେ ଜନସଂଖ୍ୟା ଦ୍ରୁତହାରରେ ବୃଦ୍ଧି ପାଇବା ଦ୍ୱାରା ଲୋକମାନଙ୍କର ଅଧିକ ଖର୍ଚ୍ଚ ଉପଭୋଗ୍ୟ ସାମଗ୍ରୀରେ ହୋଇଥାଏ, ଫଳରେ ସଞ୍ଚୟ ଆୟବୃଦ୍ଧି ସହିତ ତାଳଦେଇ ବୃଦ୍ଧି ପାଇନଥାଏ । ଏହା ପୁଞ୍ଜି ଗଠନରେ ସାହାଯ୍ୟ କରେନାହିଁ ଓ ଦେଶ ଆର୍ଥିକ ଅଭିବୃଦ୍ଧି ନିମିତ୍ତ ଅନ୍ୟ ଦେଶ ଉପରେ ନିର୍ଭର କରିଥାଏ । ଛୋଟ ପିଲା, ବୃଦ୍ଧ ଓ ୧୫ ରୁ ୫୯ ବର୍ଷ ବୟସ ଗୋଷ୍ଠୀ ମଧ୍ୟରୁ ବେକାର ଥିବା ଲୋକମାନଙ୍କୁ ଅଣଉତ୍ପାଦୀ ଉପଭୋକ୍ତା ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଥାଏ । ପୂର୍ବ ସୂଚନା ଅନୁସାରେ ୧୫ ବର୍ଷରୁ କମ୍ ବୟସର ଅଣଉତ୍ପାଦୀ ଲୋକସଂଖ୍ୟା ମୋଟ ଲୋକସଂଖ୍ୟାର ୩୧.୧ ପ୍ରତିଶତ ଓ ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ପ୍ରାୟତଃ ୮.୩ ପ୍ରତିଶତ । ଏଣୁ ମୋଟ ୩୯.୪ ବା ୪୦ ପ୍ରତିଶତ ଲୋକ ଅଣଉତ୍ପାଦୀ ଉପଭୋକ୍ତା । ଜନସଂଖ୍ୟାର ବୃଦ୍ଧି ସହ ଏହି ନିର୍ଭରଶୀଳ ଉପଭୋକ୍ତାଙ୍କ ସଂଖ୍ୟାରେ ବୃଦ୍ଧି ହେତୁ, ସେମାନଙ୍କ ଜୀବନଧାରଣ ନିମିତ୍ତ ଆମକୁ ଜାତୀୟ ଆୟର ବହୁ ଭାଗ ଖର୍ଚ୍ଚ କରିବାକୁ ହେଉଛି । ଏହାଦ୍ୱାରା ସଞ୍ଚୟ କମୁଛି ଓ ସାଧାରଣ ଭାବେ ସମସ୍ତଙ୍କ ଜୀବନଧାରଣର ମାନରେ ଉଲ୍ଲେଖନୀୟ ଉନ୍ନତି ଦେଖାଯାଉନାହିଁ ।

ଜନସଂଖ୍ୟାର ଆକାର ବର୍ଷକୁ ବର୍ଷ ବିଶାଳ ହେବା ଦ୍ୱାରା ଲୋକମାନଙ୍କୁ ଶିକ୍ଷା, ଚିକିତ୍ସା ତଥା ବାସଗୃହର ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଦିଆଯାଇ ପାରୁନାହିଁ । ଏସବୁ ମାନବ ସମ୍ବଳ ବିକାଶ ନିମିତ୍ତ ଆବଶ୍ୟକ । ଦେଶର ପ୍ରାୟ ୧୨ ପ୍ରତିଶତ ଲୋକଙ୍କ ବାସଗୃହ ନାହିଁ । ସାକ୍ଷରତା ହାର ୫୨.୧ ରୁ ୭୪.୦ ପ୍ରତିଶତକୁ ବୃଦ୍ଧି ପାଇଥିଲେ ମଧ୍ୟ (୧୯୯୧ - ୨୦୧୧), ଦେଶର ୨୪ ପ୍ରତିଶତରୁ ଅଧିକ ଲୋକ ନିରକ୍ଷର । ଚିକିତ୍ସାର ସୁବିଧା ମଧ୍ୟ ସମସ୍ତଙ୍କ ପାଇଁ ନାହିଁ । ଏସବୁ ଦ୍ରୁତ ଜନସଂଖ୍ୟା ବୃଦ୍ଧିର କୁପରିଣାମ । ଜନ ବିସ୍ଫୋରଣ ପରିବେଶ ଓ ପର୍ଯ୍ୟାବରଣ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଜନସଂଖ୍ୟା ଦ୍ରୁତ ବେଗରେ ବୃଦ୍ଧି ପାଉଥିବା ହେତୁ ନିଯୁକ୍ତି ଓ ଉଚ୍ଚଶିକ୍ଷା ଆଶାରେ ବହୁ ଲୋକ ଛୋଟ ଓ ବଡ଼ ସହର ଆଡ଼କୁ ଧାବମାନ ହେଉଛନ୍ତି । ସହରରେ ଛୋଟ ଛୋଟ ବସ୍ତି ଅନିୟନ୍ତ୍ରିତ ଭାବେ ଗଢ଼ିଉଠୁଛି । ସହରର ଜଳ, ରାସ୍ତା, ପରିବହନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ଉପରେ ଚାପ ପଡୁଛି । ପରିବେଶ ଦୂଷିତ ହେଉଛି । ଜନସଂଖ୍ୟା ବୃଦ୍ଧି ଦ୍ୱାରା ପର୍ଯ୍ୟାବରଣ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି । ମଣିଷ ତଥା ପ୍ରକୃତି ମଧ୍ୟରେ ଥିବା ସମତୁଳତା ରକ୍ଷା କରାଯାଇ ପାରୁନାହିଁ । ଜଳ, ଜଙ୍ଗଲ, ବାୟୁ, ମୃତ୍ତିକା ନାନାଭାବରେ ପ୍ରଭାବିତ ହେଉଛନ୍ତି । ମୃତ୍ତିକା, ଜଙ୍ଗଲ କ୍ଷୟ ଦ୍ୱାରା ମୌସୁମୀ ନିୟମିତ ଭାବେ ପ୍ରବାହିତ ହୋଇନପାରି, ପୃଥିବୀର ତାପମାତ୍ରାରେ ବୃଦ୍ଧି, ବାତ୍ୟା, ବନ୍ୟା, ମରୁଡ଼ି ଇତ୍ୟାଦି ପ୍ରାକୃତିକ ଦୁର୍ବିପାକ ଦେଖାଦେଉଛି । ଏଣୁ ଜନସଂଖ୍ୟା ବୃଦ୍ଧି ଆଜିର ଅସ୍ୱାସ୍ଥ୍ୟ ପରିବେଶ ଓ ପ୍ରଦୂଷିତ ପର୍ଯ୍ୟାବରଣ ନିମିତ୍ତ ବହୁ ପରିମାଣରେ ଦାୟୀ ।

ଜନ ବିସ୍ଫୋରଣର ପ୍ରଭାବ ସୁଦୂରପ୍ରସାରୀ । ଦ୍ରୁତ ଅର୍ଥନୈତିକ ପ୍ରଗତି ପଥରେ ଏକ ପ୍ରଧାନ ଅନ୍ତରାୟ । ଦେଶରେ ବହୁ ଉନ୍ନତି ସତ୍ତ୍ୱେ ସାଧାରଣ ବ୍ୟକ୍ତିର ଜୀବନ ନିର୍ବାହର ମାନଦଣ୍ଡରେ ଉଲ୍ଲେଖନୀୟ ପ୍ରଗତି ହାସଲ ହୋଇପାରିନାହିଁ । ଦ୍ରୁତ ଜନସଂଖ୍ୟା ବୃଦ୍ଧି ବା (ଜନ ବିସ୍ଫୋରଣ) ଏକ ମୁଖ୍ୟ କାରଣ । ତେଣୁ ଏହାକୁ ପ୍ରତିହତ କରିବା ପାଇଁ ଆମକୁ ଚାରୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ହେବ । ସେଗୁଡ଼ିକ ହେଲା- ଅର୍ଥନୈତିକ ସଂସ୍କାର, ସାମାଜିକ ସଂସ୍କାର, ପରିବାର ନିୟନ୍ତ୍ରଣ ଯୋଜନା ଓ ପ୍ରଶାସନିକ ସଂସ୍କାର । ଏଥିନିମନ୍ତେ କୃଷିର ଆଧୁନିକିକରଣ, ଶିଳ୍ପ ବିକାଶ, ସହରୀକରଣ, ଦାରିଦ୍ର୍ୟ ଦୂରୀକରଣ, ବିବାହ ବୟସ ବୃଦ୍ଧି, ଶିକ୍ଷା ବିଶେଷ କରି ମହିଳା ଶିକ୍ଷାର ପ୍ରସାର, ମହିଳା ସଶକ୍ତିକରଣ, ପରିବାର ନିୟୋଜନ ବ୍ୟବସ୍ଥାର ସୁଦୃଢ଼ୀକରଣ ସହ ଦୁଇଟି ସନ୍ତାନ ଭିତରେ ଗୁରୁତ୍ୱ ପ୍ରଦାନ ଏବଂ ଏଥିନିମନ୍ତେ ପ୍ରୋତ୍ସାହନ ଦିଆଗଲେ ଏହି ବର୍ଦ୍ଧିତ ଜନସଂଖ୍ୟା ଉପରେ ନିୟନ୍ତ୍ରଣ ରଖାଯାଇପାରିବ । ଯାହା ଫଳରେ ଜନସଂଖ୍ୟା ବିକାଶର ବାଧକ ନହୋଇ ବିକାଶରେ ସହାୟକ ହେବ ।

# ଭଡ଼ାଟିଆ ସୈନ୍ୟବାହିନୀ



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ: ୯୮୬୧୦୩୪୧୬୩

ଭଡ଼ାଟିଆ ଶବ୍ଦ ସମଗ୍ର ବିଶ୍ୱରେ ଘରେ ଘରେ ପ୍ରଚଳିତ । ବହୁ ଜିନିଷ, ବ୍ୟକ୍ତିଙ୍କୁ ଭଡାରେ ଆଣି କାମ ଚଳାଯାଏ । ବିନିମୟରେ ଅର୍ଥ ଖର୍ଚ୍ଚ କରିବାକୁ ପଡ଼େ । ମୂର୍ଖଠାରୁ ପାଠୁଆ ପର୍ଯ୍ୟନ୍ତ, ଭିକାରିଠାରୁ କୋଟିପତିପର୍ଯ୍ୟନ୍ତ 'ଭଡା' ବିନା ଚଳିପାରିବେ ନାହିଁ । କିନ୍ତୁ ଭଡ଼ାଟିଆ ସୈନ୍ୟବାହିନୀ କଥାଟା ଅଧିକାଂଶ ଜାଣିନାହାଁନ୍ତି । ଏବେ କିନ୍ତୁ ରୁଷରେ ଭଡ଼ାଟିଆ ସୈନ୍ୟବାହିନୀ ଘଟଣା ହାଟରେ ପଡି ଦାଣ୍ଡରେ ଗଡଗଡ ହେଉଛି । ସଂପ୍ରତି ରୁଷିଆରେ ୱାଗନର ସେନାବାହିନୀର ଅଭ୍ୟୁତ୍‌ଥାନ୍ ଏବଂ ମସ୍କୋ ଦଖଲ ପାଇଁ ଆଗେଇ ଯିବା ପୃଥିବୀ ଇତିହାସରେ ବିରଳ । ରକ୍ତବୃତର ପରିଧିରେ ରୁଷ୍ ଆତଙ୍କିତ ହୋଇପଡିଛି ।

ପ୍ରାୟ ୫୦ହଜାର ଦୁର୍ଦ୍ଦାନ୍ତ ଭୟଙ୍କର ଭଡ଼ାଟିଆ ସୈନ୍ୟବାହିନୀର ମୁଖ୍ୟ ପ୍ରିଗୋଜିନ୍ ଦିନେ ପୁଟିନ୍‌ଙ୍କର ରୋଷେୟା ଥିଲେ । ଘଟଣାଚକ୍ରରେ ସେ ପ୍ରାଇଭେଟ୍ ଆର୍ମି ଗଢି ତୋଳିଥିଲେ । ସଫଳ ବ୍ୟବସାୟୀ ପାଲଟିଲେ ବଡ଼ ହୋଟେଲକରି । ତାଙ୍କ ଖାଦ୍ୟର ମହକରେ ସମସ୍ତେ ଟାଣିହୋଇ ଆସୁଥିଲେ । ସେ ପୁଟିନ୍‌ଙ୍କର ବନ୍ଧୁ ପାଲଟି ଗଲେ । ପୁଟିନ୍ ତାଙ୍କୁ ସ୍କୁଲପିଲା ଓ କର୍ମଚାରୀ ଖାଦ୍ୟଯୋଗାଣ ଦାୟିତ୍ୱ ଦେଲେ । ଧନୀରୁ ମହାଧନୀ ହୋଇଗଲେ । ରୁଷ-ୟୁକ୍ରେନ୍ ଯୁଦ୍ଧରେ ପୁଟିନ୍ ତାଙ୍କ ଭଡ଼ାଟିଆ ସୈନ୍ୟବାହିନୀକୁ ଯୁଦ୍ଧକୁ ପଠାଇଲେ । ପ୍ରତିବଦଳରେ ବହୁ ଅର୍ଥ ଦେବାକୁ ପଡୁଥିଲା । ଯେଉଁ ଭଡ଼ାଟିଆ ସୈନ୍ୟବାହିନୀର ମୁଖ୍ୟ ପୁଟିନଙ୍କ ଆଖିର ମଣି ଥିଲେ- ସେଇ ସୈନ୍ୟବାହିନୀ ବନ୍ଧୁଙ୍କର ନଳି ପୁଟିନ୍ ଆଡକୁ ଘୂରେଇଦେଲେ-ଏହା ବାସ୍ତବିକ ଅନେକଙ୍କୁ ହତଚକିତ କରିଦେଇଛି । ଆଦିମକାଳରୁ ବିଭିନ୍ନ ଦେଶରେ ଭଡ଼ାଟିଆ ସୈନ୍ୟମାନେ ଯୁଦ୍ଧ କରିବାର ମୂଳଲକ୍ଷ୍ୟ ଅର୍ଥ । ଭଡ଼ାଟିଆ ସୈନ୍ୟଙ୍କର କୌଣସି ପକ୍ଷ ନାହିଁ - କୌଣସି ରଙ୍ଗ ନାହିଁ । କୁରୁକ୍ଷେତ୍ର ଯୁଦ୍ଧରେ ନାରାୟଣୀ ସେନା କେଉଁପକ୍ଷରେ ରହିବେ - ଯାକୁ ନେଇ ବହୁ ଘଟଣା ଘଟିଯାଇଛି ।

ଏବେ ସୈନ୍ୟମାନଙ୍କୁ ଦେଶପ୍ରେମୀ କହିହେବନି । ଏମାନେ ଚାକିରିଆ-ଭଡ଼ାଟିଆ । ବିଶ୍ୱବ୍ୟାପୀ ସବୁ ବଡ଼ବଡ଼ ଦେଶରେ ଭଡ଼ାଟିଆ ସୈନ୍ୟ ରଖୁଛନ୍ତି । ଯେମିତି ଶିଳ୍ପପତିମାନେ ପ୍ରାଇଭେଟ୍ ସିକ୍ୟୁରିଟି ରଖନ୍ତି । କେହି କାହାକୁ ହତ୍ୟା କରିବା ପାଇଁ ମଧ୍ୟ ଭଡ଼ାରେ 'କିଲର୍' ମିଳନ୍ତି । ଭଡ଼ାଟିଆମାନଙ୍କୁ ଯିଏ ଅଧିକ ଅର୍ଥ ଦେବେ ସେ ସେଇଆଡ଼େ ପଳେଇଯିବେ ।

ପୁଟିନ୍ ନିଜକୁ ସବୁବେଳେ 'ହିରୋ' ମନେକରୁଥିଲେ । ତାଙ୍କ ରାଜତ୍ୱରେ ଦୁଇନମ୍ବର ବ୍ୟକ୍ତିର ସ୍ଥାନ ନାହିଁ । ଏକଦା ପୁଟିନଙ୍କର ଘନିଷ୍ଠ ବନ୍ଧୁ ପ୍ରିଗୋଜିନ୍ ହିଁ ବିଦ୍ରୋହର ନାୟକ । ସେ ବହୁ ଦୁର୍ନୀତି ଓ ଅପରାଧରେ ଜେଲ ଗଲେ । ଜେଲରେ ଦୁର୍ଦ୍ଦାନ୍ତ ଗୁଣ୍ଡା ଓ ବନ୍ଦୀଥିବା ସୈନ୍ୟମାନଙ୍କୁ ନେଇ ଘରୋଇ ସୈନ୍ୟବାହିନୀ ୱାଗନର ଗ୍ରୁପ୍ ଗଠନ କଲେ । ଏହି ଗ୍ରୁପ୍‌କୁ ମଧ୍ୟ ପୁଟିନ୍ ଲିବ୍ୟା, ସିରିଆ, ମାଲି ଆଦି ଅନେକ ଦେଶରେ ଯୁଦ୍ଧକାର୍ଯ୍ୟରେ ଭଡ଼ାରେ ନେଇଥିଲେ । ରୁଷ-ୟୁକ୍ରେନ୍ ଯୁଦ୍ଧରେ ମଧ୍ୟ ଏହି ଭଡ଼ାଟିଆ ଦୁର୍ଦ୍ଦାନ୍ତ, ନରଖାଦକ ସୈନ୍ୟକୁ ପୁଟିନ୍ ନିୟୋଜିତ କରିଥିଲେ । ରୁଷିଆ ସୈନ୍ୟମାନେ ୱାଗନର୍ ଗ୍ରୁପ୍ ସୈନ୍ୟଛାଉଣୀରେ ଆକ୍ରମଣ, ହଜାର ହଜାର ସଂଖ୍ୟାରେ ରୁଷିଆ ସୈନ୍ୟଙ୍କ ମୃତ୍ୟୁ, ରକ୍ଷାମନ୍ତ୍ରୀ, ମିଲିଟାରୀ ଜେନେରାଲଙ୍କ ଅପାରଗତା ବିରୋଧରେ ସ୍ୱର ଉତ୍ତୋଳନ କରି ପ୍ରିଗୋଜିନ୍ ପୁଟିନ୍‌କୁ ହୁସିଆରିବାଣୀ ଶୁଣାଇଥିଲେ । ସମୟକ୍ରମେ ପୁଟିନ୍-ପ୍ରିଗୋଜିନ୍‌ଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ବଢିଚାଲିଲା । ଯେଉଁଠି ପାରସ୍ପରିକ ସନ୍ଦେହ, ଅବିଶ୍ୱାସର ବାତାବରଣ ସୃଷ୍ଟିହୁଏ, ସେ ଦେଶର ପତନ ଅବଶ୍ୟମ୍ଭାବୀ ।

ଯେଉଁ ରୁଷ୍ ଦିନେ ସାରାବିଶ୍ୱକୁ ଚମକାଇଦେଇ ସାମ୍ରାଜ୍ୟବାଦ, ପୁଞ୍ଜିବାଦର ବକ୍ଷବିଦାରି ସମାଜବାଦ ପ୍ରତିଷ୍ଠା କରିଥିଲା ୧୯୧୭ ମସିହାରେ, ଏବେ ସେଠାରେ ୧୦୬ବର୍ଷ ପରେ ସମାଜବାଦକୁ କବରଦେଇ ଦୀର୍ଘ ୨୩ବର୍ଷ ହେଲା ସାମ୍ରାଜ୍ୟବାଦୀ, ଫାସିବାଦୀ ଶାସନ ବିରୁଦ୍ଧରେ ପ୍ରଳୟଙ୍କର ବିଦ୍ରୋହ । ମହାନ୍ ବୈଜ୍ଞାନିକ, ଦାର୍ଶନିକ କାର୍ଲ ମାର୍କ୍ସଙ୍କ ତତ୍ତ୍ୱକୁ ନୀତିଆଦର୍ଶ ଭାବେ ଗ୍ରହଣ ଓ କାର୍ଯ୍ୟକାରୀ କରି ମହାନ୍ ମାର୍କ୍ସବାଦୀ ଲେନିନ୍, ଷ୍ଟାଲିନ୍ ନଭେମ୍ବର ବିପ୍ଳବକରି ରୁଷରେ ସମାଜବାଦ ପ୍ରତିଷ୍ଠା କରିଥିଲେ । ସେତେବେଳେ ରୁଷର ୧୬ଟି ରାଜ୍ୟ ଅଲଗାଅଲଗା ଥିଲେ । ସମସ୍ତଙ୍କୁ ଏକତ୍ରକରି ସୋଭିଏତ୍ ୟୁନିୟନ୍ ଅଫ୍ ରୁଷ୍ ଗଠନ କଲେ । ସେ ସମୟରେ ୟୁକ୍ରେନ୍ ମଧ୍ୟ ରୁଷରେ ଥିଲା । ରୁଷ୍ ପ୍ରଭାବରେ ପୂର୍ବ ୟୁରୋପର ଦେଶେଦେଶେ ସମାଜବାଦୀ ରାଷ୍ଟ୍ର ମୁଣ୍ଡଟେକିଲେ । ୧୯୫୦ ମସିହାରେ ଏସିଆ ମହାଦେଶର ଚୀନରେ ମହାନ୍ କ୍ରାନ୍ତିକାରୀ ମାଓ-ସେ-ତୁଙ୍ଗଙ୍କ ନେତୃତ୍ୱରେ ସମାଜବାଦ ପ୍ରତିଷ୍ଠା ହେଲା । ଏବେ ସେ ଚୀନ୍‌ରେ ସମାଜବାଦ ବଦଳରେ ପୁଞ୍ଜିବାଦ ପ୍ରବେଶ କରିଛି । ରୁଷ୍ ରାଷ୍ଟ୍ରପତି ପୁଟିନଙ୍କ ୨୩ବର୍ଷ ଶାସନକାଳରେ ସବୁଠୁ ବଡ଼ ବିପର୍ଯ୍ୟୟ ତାଙ୍କ ନିଜ ବନ୍ଧୁ ବ୍ୟବସାୟୀ ୫୦ହଜାର ଘରୋଇ ଦୁର୍ଦ୍ଦାନ୍ତ ସୈନ୍ୟ ୱାଗନର ଗ୍ରୁପର ମୁଖ୍ୟ ପ୍ରିଗୋଜିନ୍‌ଙ୍କ ପଛପଟୁ ଛୁରିକାଘାତ । କମ୍ୟୁନିଷ୍ଟ ରାଷ୍ଟ୍ର ରୁଷରେ ମଧ୍ୟ ପୂର୍ବରୁ ବହୁ ରାଷ୍ଟ୍ରମୁଖ୍ୟଙ୍କୁ ନାଟକୀୟ ଢଙ୍ଗରେ ଗାଦିଚ୍ୟୁତ କରାଯାଇଛି । ଏହା ଇତିହାସର ପୁନରାବୃତ୍ତି । ହଠାତ୍ ବିଦ୍ରୋହରେ ପୁଟିନ୍ ଛାନିଆ ହୋଇପଡିଛନ୍ତି । ପୁଟିନ୍‌ଙ୍କ ସ୍ୱପ୍ନ ଭାଙ୍ଗି ଚୂରମାର୍ ହୋଇଯାଇଛି । ରୁଷ୍ ଜନଗଣ ବର୍ତ୍ତମାନ ଦୁଇଭାଗରେ ବିଭକ୍ତ । ମସ୍କୋରେ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇଛି । ୱାଗନର ଗ୍ରୁପର ୫୦ହଜାର ସୈନ୍ୟ ରକ୍ତମୁଖା । ଏ ଗୃହଯୁଦ୍ଧ କେଉଁଠି ପହଞ୍ଚିବ-ତାହା ଆଗକୁ ଜଣାପଡିବ । ଏ ଅବସ୍ଥାରେ ୟୁକ୍ରେନ୍, ଆମେରିକା, 'ନାଟୋ' ଦେଶସମୂହ ଯାହା ଚାହୁଁଥିଲେ - ରୁଷରେ ସେ ଘଟଣାମାନ ଘଟିଚାଲିଛି । ପୁଟିନ୍ ଯେକୌଣସି ମୁହୂର୍ତ୍ତରେ ଭସ୍ମାସୁର ପାଲଟି ଯାଇପାରନ୍ତି । ସଂପ୍ରତି 'ନାଟୋ' ଦେଶମାନେ ଯୁଦ୍ଧର ହୁଙ୍କାର ଦେଲେଣି ।

୨୦୨୨ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲେ । ୧୬ମାସ ୟୁକ୍ରେନରେ ରକ୍ତତାଣ୍ଡବ ନୃତ୍ୟକରି ମଧ୍ୟ ୨ଦିନରେ ଜୟଲାଭ ସ୍ୱପ୍ନ ଭାଙ୍ଗିଯାଇଛି । ନିଜ ଦେଶରେ ସଶସ୍ତ୍ର ବିଦ୍ରୋହର ସମ୍ମୁଖୀନ । ବିଦ୍ରୋହୀମାନେ ରୁଷିଆର ସେନାମୁଖ୍ୟ କାର୍ଯ୍ୟାଳୟକୁ ଦଖଲ କରିନେଲେ । ୨୫ହଜାର ଦୁର୍ଦ୍ଧର୍ଷ ଭଡ଼ାଟିଆ ସୈନ୍ୟବାହିନୀ ମସ୍କୋଆଡକୁ ମାଡିଚାଲିଲେ । ରୁଷିଆରେ ପୁଟିନଙ୍କର ଏକଛତ୍ରବାଦୀ ଶାସନ ବିରୁଦ୍ଧରେ ପ୍ରିଗୋଜିନ୍ ରାଗିଯାଇଥିଲେ । ପୁଟିନଙ୍କୁ ଗାଦିଚ୍ୟୁତ କରିବାକୁ ଘୋଷଣା କରିଥିଲେ । ଏ ଗୃହଯୁଦ୍ଧ ସାମୟିକ ଭାବେ ମଧ୍ୟସ୍ଥିଙ୍କ ଦ୍ୱାରା ବନ୍ଦ ରହିଛି - କିନ୍ତୁ ଯୁଦ୍ଧ ସରିନି । ପୁଟିନଙ୍କ ବନ୍ଧୁ ବେଲାରୁଷ ରାଷ୍ଟ୍ରପତି ଲୁକାଶୋଙ୍କ ମଧ୍ୟସ୍ଥତାରେ ଚୁକ୍ତି ହୋଇଛି । ପ୍ରିଗୋଜିନ୍‌ଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେବନି । ସେ ଏବଂ ତାଙ୍କ ସୈନ୍ୟବାହିନୀ ବେଲାରୁଷରେ ରହିବେ ।

ଆଣବିକ ଯୁଦ୍ଧର ଧମକ ଦେଉଥିବା ଏକଛତ୍ରବାଦୀ, ଫାସିଷ୍ଟ ପୁଟିନ୍ ସବୁଠୁ ବଡ଼ ବିପଦରେ ସମ୍ମୁଖୀନ । ଏକଦା ଜର୍ମାନୀର ଫାସିଷ୍ଟ ହିଟଲର୍ ରୁଷ ଦଖଲ କରିବାକୁ ଆସି ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ୨ୟ ବିଶ୍ୱଯୁଦ୍ଧରେ ହାରିଗଲା । ହିଟଲର ଆତ୍ମହତ୍ୟା କଲା । ଏବେ ସେଇ ରୁଷରେ ଫାସିଷ୍ଟ ପୁଟିନଙ୍କୁ ନିଜଦେଶର ଭଡ଼ାଟିଆ ସୈନ୍ୟବାହିନୀଙ୍କ ସହ ମୁକାବିଲା କରିବାକୁ ହେଉଛି । ପୁଟିନଙ୍କ ମୁଣ୍ଡ ଆଉ କାମ କରୁନି । ସେ କାହାକୁ ବିଶ୍ୱାସ କରୁନାହାଁନ୍ତି । ବେଲାରୁଷ ରାଷ୍ଟ୍ରପତିଙ୍କ ମଧ୍ୟସ୍ଥିରେ କିଛି ସମୟ ପାଇଁ ଗୃହଯୁଦ୍ଧ ବିରତି ରହିଛି । ପୁଣି ସଜବାଜହୋଇ ଯେକୌଣସି ମୁହୂର୍ତ୍ତରେ ରୁଷିଆ ବିରୁଦ୍ଧରେ ଗରିଲାଯୁଦ୍ଧ ହୋଇଯାଇପାରେ ।

ଆମେରିକାର ସବୁଦେଶରେ ନାକ ଗଳାଇବାର ଅଭ୍ୟାସ ଅଛି । ରୁଷ୍ ବିରୁଦ୍ଧରେ ୱାଗନର ଗ୍ରୁପ୍‌କୁ ଲଗାଇବାଭଳି ଚୀନ୍‌କୁ ଦବାଇବା ପାଇଁ ଆମେରିକା ପ୍ରାଣପଣେ ଲାଗିଯାଇଛି । ଚୀନ୍ ମଧ୍ୟ ଭଡ଼ାଟିଆ ସୈନ୍ୟ ରଖିଛି । ଭାରତ ସରକାର କିଛି ବୁଝିପାରୁନି । ଖାଲି ଭାଷଣରେ ଯୁଦ୍ଧ ଡାକରା ଦେଉଛନ୍ତି । ଏହା ଭାରତ ପାଇଁ ଘାତକ ହୋଇପାରେ ।

ରୁଷ୍ ବିରୋଧରେ ଆମେରିକା -'ନାଟୋ'ର ୩୨ଟି ଦେଶ ୟୁକ୍ରେନକୁ ସହଯୋଗ କରୁଛନ୍ତି । ଆମ ଭାରତବର୍ଷ ରୁଷିଆରୁ ଡିଜେଲ ଆଣୁଥିବାରୁ ବିରୋଧ କରିପାରୁନି । ୟୁକ୍ରେନକୁ ସାହାଯ୍ୟ କରିବା ଦୂରର କଥା । ସାରାବିଶ୍ୱ ବର୍ତ୍ତମାନ ରୁଷିଆ ଉପରେ ନଜର ରଖିଛି । ଯଦିଓ ଏ ଗୃହଯୁଦ୍ଧ, ରକ୍ତତାଣ୍ଡବ ରୁଷିଆରେ ଦୁଇଗୋଷ୍ଠୀ ମଧ୍ୟରେ ଚାଲିଛି – କେତେକ ଦେଶ ଏହାକୁ ଉପରେ ଉପରେ ଆଭ୍ୟନ୍ତରୀଣ ସମସ୍ୟା କହି ଭିତରେ ଭିତରେ ରୁଷିଆର ଧ୍ୱଂସ ଚାହୁଁଛନ୍ତି । ଧ୍ୱଂସସ୍ତୂପରେ ପରିଣତ ହୋଇଥିବା ୟୁକ୍ରେନ୍ ରୁଷିଆର ଏ ଦୁର୍ଦ୍ଦଶା ଦେଖି ଖୁସିହେବା ସ୍ୱାଭାବିକ ।

ଯୁଦ୍ଧ କିନ୍ତୁ ସରିନି । ସମଗ୍ର ବିଶ୍ୱ ବର୍ତ୍ତମାନ ଯୁଦ୍ଧମୁହାଁ । ଯେକୌଣସି ମୁହୂର୍ତ୍ତରେ ୩ୟ ବିଶ୍ୱଯୁଦ୍ଧ ଲାଗିଯାଇପାରେ । ପୁଟିନ୍ ପାଗଳହୋଇ ଯଦି ରାଗରେ ଆଣବିକବୋମା ବଟନ୍ ଦବେଇ ଦିଅନ୍ତି – ତା'ହେଲେ ସମଗ୍ର ବିଶ୍ୱରେ ଘୋର ବିପର୍ଯ୍ୟୟ ଘଟିବ । ବିଶ୍ୱଧ୍ୱଂସର କାରଣ ହେବ । ରୁଷିଆକୁ ଅଟକାଇବାକୁ ହେବ । ହେଲେ ଅଟକାଇବ କିଏ ? ଚୀନ୍, ଉତ୍ତରକୋରିଆ ପାଖରେ ଆଣବିକ ବୋମା ଅଛି । ସେମାନେ ପରୋକ୍ଷରେ ରୁଷିଆକୁ ସମର୍ଥନ ଦେଉଛନ୍ତି । ଏ ତିନିଦେଶ ପାଖରେ ଯାହା ଆଣବିକ ବୋମା ଅଛି - ଅନ୍ୟ ଦେଶସମୂହ ନିକଟରେ କମ୍ ଅଛି । ଆଜି ବିଜ୍ଞାନ ବିକାଶର ରାସ୍ତାରୁ ବିନାଶର ରାସ୍ତାରେ ପାଦଦେଇଛି । ସତେ କ'ଣ ପୃଥିବୀର ଜୀବଜଗତ ଧ୍ୱଂସ ପାଇଯିବେ ?

# ଜନ୍ମ ଓ ମୃତ୍ୟୁର ଚକ୍ରରେ ଭଗବତ୍ ପ୍ରାପ୍ତିର ଫଳ



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ଆମ ସଭିଙ୍କ ମନରେ ଏକ ପ୍ରଶ୍ନ ଆସେ ଯେ ଏ ଯେଉଁ ଭଗବତ୍ ପ୍ରାପ୍ତି କଥା ଅଛି ତାହା କଣ ଅର୍ଥାତ୍ ଭଗବତ୍ ପ୍ରାପ୍ତିର ଫଳ କ'ଣ ? ତାହାର ସାଧାରଣ ଉତ୍ତର ହେଉଛି, ଯେଉଁମାନେ ଭଗବତ୍ ପ୍ରାପ୍ତି କରନ୍ତି, ସେମାନେ ଜନ୍ମ ମୃତ୍ୟୁର ଚକ୍ରରୁ ମୁକ୍ତ ହୋଇ ଭଗବାନଙ୍କର ଦିବ୍ୟ ଲୋକରେ ସ୍ଥାନ ପାଆନ୍ତି । ସେମାନଙ୍କୁ ପୁଣି ଏହି ସଂସାରରେ ଜନ୍ମନେବାକୁ ପଡ଼େ ନାହିଁ, ଯାହାକି ଦୁଃଖ ଭୋଗର ଏକ ସ୍ଥାନ ଅଟେ । ଆମେ ଜନ୍ମ ହେବାର କଷ୍ଟପ୍ରଦ ପ୍ରକ୍ରିୟା ଭୋଗ କରେ ଏବଂ ଅସହାୟ ଭାବେ କ୍ରନ୍ଦନ କରେ । ଗୋଟିଏ ଛୋଟ ଶିଶୁ ଭାବରେ ଅନେକ ଆବଶ୍ୟକତା ରହିଥାଏ ଯାହା ପ୍ରକାଶ କରି ନ ପାରି ଆମେ କାନ୍ଦିଥାଉ । କିଶୋର ଅବସ୍ଥାରେ ଆମେ ନିଜର ଶାରୀରିକ କାମନାକୁ ନେଇ ସଂଘର୍ଷରେ ମାନସିକ ଅଶାନ୍ତି ଭୋଗ କରେ । ବୈବାହିକ ଜୀବନରେ ସ୍ୱାମୀ/ସ୍ତ୍ରୀଙ୍କର ମନମୁଖୀ ସ୍ୱଭାବକୁ ସହ୍ୟ କରିବାକୁ ପଡିଥାଏ । ବୃଦ୍ଧାବସ୍ଥାରେ ଶାରୀରିକ କଷ୍ଟ ଭୋଗ କରେ । ଏହିପରି ସାରା ଜୀବନ ଆମେ ଶାରୀରିକ ଓ ମାନସିକ କଷ୍ଟ ସହିତ ଅନ୍ୟର ବ୍ୟବହାର ଏବଂ ପରିବେଶ ଜନିତ କ୍ଲେଶ ଭୋଗକରିଥାଏ । ଶେଷରେ ଆମେ ମୃତ୍ୟୁର କଷ୍ଟ ଅନୁଭବ କରିଥାଏ । ଏହି ସବୁ ଯାତନା ଅର୍ଥହୀନ ନୁହେଁ, ଭଗବାନଙ୍କର ବୃହତ୍ ଯୋଜନାରେ ଏହାର ଗୋଟିଏ ଉଦ୍ଦେଶ୍ୟ ରହିଛି । ଏହା ଆମର ହୃଦ୍‌ବୋଧ କରାଇଥାଏ ଯେ ଭୌତିକ ଜଗତ ଆମର ସ୍ଥାୟୀ ନିବାସ ନୁହେଁ । ଆମ୍ଭମାନଙ୍କ ପରି ଭଗବତ୍ ବିମୁଖ ଜୀବାତ୍ମାମାନଙ୍କ ପାଇଁ ଏହା ଏକ ସୁଧାର ଗୃହ ସଦୃଶ ଅଟେ । ଦୁଃଖ କଷ୍ଟ ଭୋଗ ନ କଲେ ଆମେ କେବେ ବି ଭଗବାନଙ୍କର କାମନା କରନ୍ତେ ନାହିଁ । ଉଦାହରଣ ସ୍ୱରୂପ, ଯଦି ଆମେ ଅଗ୍ନିକୁ ସ୍ପର୍ଶ କରିବା ତେବେ ଦୁଇଟି କଥା ହେବ - ହାତ ପୋଡିଯିବ ଏବଂ ଆମେ ଯନ୍ତ୍ରଣା ଅନୁଭବ କରିବା । ହାତ ପୋଡିଯିବା ଖରାପ କଥା କିନ୍ତୁ ଯନ୍ତ୍ରଣା ଅନୁଭବ କରିବା ଆମ ପାଇଁ ଲାଭଦାୟକ ଅଟେ । ଆମେ ଯଦି ଯନ୍ତ୍ରଣା ଅନୁଭବ କରି ନଥାନ୍ତେ, ତାହେଲେ ଆମେ ହାତକୁ ନିଆଁଠାରୁ ଦୂରେଇ ନେଇ ନ ଥାନ୍ତେ ଏବଂ ତଦ୍ୱାରା ଆମର ବହୁତ କ୍ଷତି ହୋଇଥାଆନ୍ତା । ତେଣୁ ଯନ୍ତ୍ରଣାଟି ଏକ ସୂଚନା ଯେ କେଉଁଠି କିଛି ଭୁଲ ରହିଯାଇଛି ଏବଂ ତାକୁ ସୁଧାରିବା ଆବଶ୍ୟକ । ସେହିପରି ମାୟିକ ଜଗତରେ ଅନୁଭବ କରୁଥିବା ଦୁଃଖ କଷ୍ଟ ମାଧ୍ୟମରେ ଭଗବାନ ଆମକୁ ସତର୍କ କରାଇ ଥାଏ ଯେ ଆମର ଚେତନା ଦୋଷଯୁକ୍ତ ଅଟେ । ସଂସାରିକ ଚେତନାରୁ ଆମେ ଭଗବତ୍ ଚେତନାଯୁକ୍ତ ହେବା ନିମନ୍ତେ ଅଗ୍ରସର ହେବା ଆବଶ୍ୟକ ।

ବ୍ୟକ୍ତିର ଜୀବନବ୍ୟାପୀ ଅଭ୍ୟାସ ଏବଂ ସଙ୍ଗର ପରିଣାମ ସ୍ୱରୂପ ଯାହାର ଚିନ୍ତନ ଏବଂ ଅନୁଧ୍ୟାନ ସେ ନିରନ୍ତର କରିଥାଏ, ତାହା ହିଁ ତା'ର ଅନ୍ତିମ ବିଚାର ନିର୍ଦ୍ଧାରଣ କରିବା ସ୍ୱାଭାବିକ । ପୁରାଣରେ ମହାରାଜ ଭରତଙ୍କର ଆଖ୍ୟାନ ବର୍ଣ୍ଣନା କରାଯାଇଛି । ସେ ଜଣେ ରାଜା ଥିଲେ । କିନ୍ତୁ ଭଗବତ୍ ପ୍ରାପ୍ତି କରିବା ଉଦ୍ଦେଶ୍ୟରେ ସେ ରାଜ୍ୟ ତ୍ୟାଗ କରି, ବନରେ ସନ୍ନ୍ୟାସୀ ଭାବରେ ଜୀବନଯାପନ କରୁଥିଲେ । ଦିନେ ସେ ଗୋଟିଏ ହରିଣକୁ ବାଘର ଗର୍ଜନ ଶୁଣି ପାଣି ମଧ୍ୟକୁ ଡେଇଁ ପଡ଼ିବାର ଦେଖିଲେ । ଅତିଶୟ ଭୟ ଯୋଗୁଁ ଗର୍ଭିଣୀ ମୃଗଟି ଗର୍ଭରୁ ଗୋଟିଏ ଶାବକ ଜନ୍ମ ଲାଭ କରି ପାଣିରେ ଭାସିବାରେ ଲାଗିଲା । ଶାବକଟି ପ୍ରତି ଭରତଙ୍କ ମନରେ ଦୟା ଉତ୍ପନ୍ନ ହେଲା ଏବଂ ସେ ତାକୁ ପାଣିରୁ ଉଦ୍ଧାର କରି ତାଙ୍କ କୁଟୀରକୁ ଆଣି ତା'ର ଲାଳନ ପାଳନ କରିବାକୁ ଲାଗିଲେ । ଅତି ଆଗ୍ରହର ସହିତ ସେ ତାର ଚପଳତାପୂର୍ଣ୍ଣ ଚାଲିକୁ ନିରୀକ୍ଷଣ କରିବାରେ ଲାଗିଲେ । ସେ ଖାଇବା ପାଇଁ ଘାସ ସଂଗ୍ରହ କରୁଥିଲେ ଏବଂ ତାକୁ ଉଷ୍ମତା ପ୍ରଦାନ ପାଇଁ କୋଳାଗ୍ରତ କରୁଥିଲେ । ଧୀରେ ଧୀରେ ତାଙ୍କର ମନ ଭଗବାନଙ୍କ ଠାରୁ ହଟିଯାଇ ସେହି ହରିଣ ଠାରେ କେନ୍ଦ୍ରିତ ହେବାକୁ ଲାଗିଲା । କ୍ରମଶଃ ସେହି ତନ୍ମୟତା ଏତେ ଗଭୀର ହେଲା ଯେ ଦିନସାରା ତାଙ୍କର ମନ ସେହି ହରିଣର ହିଁ ଚିନ୍ତନ କଲା । ଯେତେବେଳେ ସେ ମୃତ୍ୟୁବରଣ କରିବାକୁ ଯାଉଥିଲେ, ହରିଣଟି ପ୍ରତି ତାଙ୍କର ମମତା ଏବଂ ଚିନ୍ତା ଯୋଗୁଁ, ସେ ତାକୁ ପାଖକୁ ଡ଼ାକିଲେ । ପରିଣାମ ସ୍ୱରୂପ, ପରବର୍ତ୍ତୀ ଜନ୍ମରେ ସେ ମୃଗ ଯୋନିରେ ଜନ୍ମଗ୍ରହଣ କଲେ । କିନ୍ତୁ ଯେହେତୁ ସେ ଭଗବତ ସାଧନା କରିଥିଲେ, ପୂର୍ବଜନ୍ମର ସମସ୍ତ ତ୍ରୁଟି ସଂପର୍କରେ ସେ ସଚେତନ ଥିଲେ । ସେଥିପାଇଁ ହରିଣ ହେଲେ ମଧ୍ୟ ସେ ଜଙ୍ଗଲରେ ସାଧୁମାନଙ୍କ ଆଶ୍ରମ ପାଖରେ ରହୁଥିଲେ । ହରିଣ ଶରୀର ତ୍ୟାଗ କରିବା ପରେ ପୁନର୍ବାର ସେ ମନୁଷ୍ୟ ଜନ୍ମ ପ୍ରାପ୍ତ କରିଥିଲେ । ଏଥର ସେ ବିଖ୍ୟାତ ସନ୍ଥ ଜଡ଼ଭରତ ହେଲେ ଏବଂ ସାଧନା ସମାପ୍ତ କରି ଭଗବତ ପ୍ରାପ୍ତି କଲେ ।

ଏ ସଂସାରରେ ଯେଉଁମାନେ ଭଗବାନଙ୍କୁ ପ୍ରାପ୍ତ କରିବାକୁ ଇଚ୍ଛା କରନ୍ତି, ସେମାନେ ଭୌତିକ ଲାଭ ଉଦ୍ଦେଶ୍ୟରେ କର୍ମ କରନ୍ତି ନାହିଁ । ତେବେ ସେମାନେ ସାଂସାରିକ କର୍ମ କରନ୍ତି କାହିଁକି ? ତା'ର କାରଣ ଏହା ଯେ ସେମାନେ ଭଗବାନଙ୍କର ସେବା କରିବାକୁ ଚାହାଁନ୍ତି ଏବଂ ତାଙ୍କ ଖୁସି ପାଇଁ ସେମାନେ କର୍ମ କରିବାକୁ ପ୍ରେରିତ ହୁଅନ୍ତି । ଭଗବାନଙ୍କ ପ୍ରତି ବିମୁଖ ହୋଇ ଭୌତିକ ଜଗତରେ କଷ୍ଟଭୋଗ କରୁଥିବା ଜୀବାତ୍ମା ମାନଙ୍କୁ ଦେଖି ତାଙ୍କର ହୃଦୟ ତରଳି ଯାଏ ଏବଂ ସେମାନଙ୍କର ଆଧ୍ୟାତ୍ମିକ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ସେମାନେ ପ୍ରେରିତ ହୋଇଥାନ୍ତି । ଏକଦା ବୁଦ୍ଧଦେବ କହିଥିଲେ, "ଭଗବତ ପ୍ରାପ୍ତି ପରେ ତୁମ ସମ୍ମୁଖରେ ଦୁଇଟି ବିକଳ୍ପ ଥାଏ- ତୁମେ କିଛି କରି ନ ପାର, ବା ଅନ୍ୟର ଭଗବତ୍ ପ୍ରାପ୍ତି କରାଇବାରେ ସାହାଯ୍ୟ କରିପାର ।" ତେଣୁ ଯେଉଁମାନଙ୍କର ନିଜର ସ୍ୱାର୍ଥପୂର୍ତ୍ତି ଉଦ୍ଦେଶ୍ୟରେ କୌଣସି କାର୍ଯ୍ୟ କରିବାର ନ ଥାଏ, ସେମାନେ ଭଗବତ୍ ପ୍ରୀତ୍ୟର୍ଥ କର୍ମରେ ପ୍ରବୃତ୍ତ ହୁଅନ୍ତି । ଭକ୍ତି ଯୁକ୍ତ କର୍ମ ଭଗବାନଙ୍କର କୃପା ଆକର୍ଷିତ କରିଥାଏ ।



ଆସିକା, (ଭାସ୍କର ନ୍ୟୁଜ୍): ଆସିକା ବିଜ୍ଞାନ ମହାବିଦ୍ୟାଳୟର ଭାରତ ସ୍କାଉଟ୍ସ ଏଣ୍ଡ ଗାଇଡ୍ସର ସମସ୍ତ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପରିବେଶର ସୁରକ୍ଷା ଓ ଧରାପୃଷ୍ଠରେ ବସବାସ କରୁଥିବା ସମସ୍ତ ଜିବଜନ୍ତୁର ସୁରକ୍ଷା ଲାଗି ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ତଥା 'ମା ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋଭୋର ଲିଡର ଅଧ୍ୟାପକ ଦେବାଶିଷ କୁମାର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ସ୍ୱେଚ୍ଛାସେବୀ ମାନେ ବିଭିନ୍ନ କିସମର ଔଷଧୀୟ ଓ ମୂଲ୍ୟବାନ ଚାରା ତଥା ନିମ, ଅର୍ଜୁନ, ଆକାଶିଆ, ଡାକୁଣ୍ଡା, କୃଷ୍ଣଚୁଡ଼ା, ଶାଳ, ଶାଗୁଆନି, ବିଷ୍ଣୁଚୁଡା, ଆମ୍ବ ଏପରି ପାଖାପାଖି ଏକ ସହ ଚାରା ରୋପଣ କରିଥିଲେ। ସ୍କାଉଟର ସମସ୍ତ ସ୍ୱେଚ୍ଛାସେବୀ ତଥା ଗୌରୀ ଶଙ୍କର ଜେନା, ଆକାଶ ଗୌଡ଼, ପ୍ରଶାନ୍ତ ସାହୁ, ଶୁଭଙ୍କର ପ୍ରଧାନ, ଶୁଭମ ନାୟକ, ରୁଦ୍ର ପ୍ରସାଦ ପାଣିଗ୍ରାହୀ, ସତ୍ୟପ୍ରକାଶ ନାୟକ, ଲୋକା ସେଠି, ଶୁଭମ ମହାନ୍ତି, ଶୁଭମ ରାଉତ, ସଙ୍କର୍ଷଣ ପାତ୍ର, ସାହିଲ ଗୌଡ଼ ପ୍ରମୁଖ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।



# ହାତୀ ଆକ୍ରମଣରେ ମହିଳା ଗୁରୁତର



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ବାଂଶପାଳ ବ୍ଲକ କୁସୁମି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତଳକାଉର ଗ୍ରାମର ଜଣେ ମହିଳା ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳାଙ୍କ ନାମ ଫୁଲମଣୀ ପ୍ରଧାନ ଓ ତାଙ୍କ ବୟସ ୫୦ବର୍ଷ ହେବ ବୋଲି ଜଣାପଡିଛି। ମଙ୍ଗଳବାର ସନ୍ଧ୍ୟାସମୟରେ ଫୁଲମଣୀ ପ୍ରଧାନ ବିଲରୁ ଫେରୁଥିବାବେଳେ ତଳକାଉର ଜଙ୍ଗଲରେ ଗୋଠଛଡା ଏକ ଦନ୍ତାହାତୀ ସହ ସାମ୍ନାସାମ୍ନି ହୋଇଥିଲା। ହାତୀ କବଳରୁ ବର୍ତ୍ତିବା ପାଇଁ ଫୁଲମଣୀ ଏପଟସେପଟ ଦୌଡାଦୌଡି କରିଥିଲେ ମଧ୍ୟ ଦନ୍ତା ହାତୀଟି ତାଙ୍କୁ ଶୁଣ୍ଢରେ ଧରି କଚାଡି ଦେଇଥିଲା। ତଳକାଉର ଜଙ୍ଗଲରେ ଥିବା ଅନ୍ୟ ଲୋକମାନେ ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗାଁ ଲୋକ ବନବିଭାଗକୁ ସୂଚନା ଦେବା ପରେ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁ, ଶୁଆକାଟୀ ଫରେଷ୍ଟର ସେକ୍ସନ ଜ୍ୟୋତିର୍ମୟୀ ପଟ୍ଟନାୟକ, ଶୁଆକାଟୀ ବିଟ୍ ଫରେଷ୍ଟ ଗାର୍ଡ ଚନ୍ଦ୍ରକାନ୍ତ ମହାନ୍ତ ଏବଂ ଅନ୍ୟ ବନ କର୍ମଚାରୀ ଗ୍ରାମବାସୀଙ୍କ ସହ ଘଟଣାସ୍ଥଳକୁ ଯାଇ ଫୁଲମଣୀଙ୍କୁ ଉଦ୍ଧାର କରି ଓଡିଶା ଖଣି ନିଗମ ଆମ୍ବୁଲାନ୍ସରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ଏହି ଦନ୍ତାହାତିଟି ଆଜି କୁସୁମିତା କଣ୍ଡେଇ ଗ୍ରାମ ନିକଟରେ ଥିବାବେଳେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ନିକଟ ଗାଁକୁ ଆସି ଘର କାନ୍ଥ ଭାଙ୍ଗି ଧାନ, ଚାଉଳ ଖାଉଛି। ଗୋଠ ଛଡା ଦନ୍ତହାତୀଟି ଗତ କିଛିଦିନ ରାତିରେ ଜଙ୍ଗଲ ନିକଟ ଗାଁକୁ ଆସି ବହୁ ଲୋକଙ୍କ ଘର କାନ୍ଥ ଭାଙ୍ଗି ଧାନ ଚାଉଳ ଖାଇବା ସହ ବାଡିରେ ଥିବା ପଣସ ମଧ୍ୟ ଖାଇଦେଉଛି। ବୁଧବାର ଦିନ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ରାଇଗୋଡା ଜଙ୍ଗଲରେ ଗୋଟିଏ ଦଲରେ ୧୨ଟି ହାତୀ ଥିବାବେଳେ ଜଙ୍ଗଲ ପାଖ ରାସ୍ତା ଦେଇ ଯାତାୟତ କରିବା ବିପଦପୂର୍ଣ୍ଣ ହୋଇପଡିଛି। ଲୋକଙ୍କ ସୁରକ୍ଷା ପାଇଁ ବନ ବିଭାଗ ଜଙ୍ଗଲ ନିକଟସ୍ଥ ଗ୍ରାମରେ ମାଇକରେ ପ୍ରଚାର କରାଯାଇ ଜଙ୍ଗଲ ରାସ୍ତାରେ ନ ଯିବା ପାଇଁ ସଚେତନ କରାଯାଉଛି ବୋଲି ରେଞ୍ଜର ନୟନକାନ୍ତ ସାହୁ କହିଛନ୍ତି।

# ଅସ୍ତ୍ର ସହ ବିସ୍ଫୋରକ ଜବତ, ୨ ଶିକାରୀ ଗିରଫ



ବାରିପଦା, (ଭାସ୍କର ନ୍ୟୁଜ୍): ସିମିଳିପାଳ ବାଘ ଅଞ୍ଚଳରେ ଆଇଏ କ୍ୟାମେରା ଦ୍ୱାରା ୯ ଜୁଲାଇ ସକାଳେ ଧରାପଡ଼ିଥିବା ଏକ ଚିତ୍ର ଆଧାରରେ ବନବିଭାଗ କ୍ଷେତ୍ର ସ୍ତରରେ ବଡ଼ ଅଭିଯାନ ଚଲାଇଥିଲା। ଏହି ଅଭିଯାନରେ ସପନଚୁଆ ଗାଁ ର ଦୁଇ ଶିକାରୀଙ୍କୁ ବନବିଭାଗ ଗିରଫ କରିବା ସହ ବଡ଼ ପରିମାଣରେ ଅସ୍ତ୍ର, ବିସ୍ଫୋରକ, ଅବୈଧ ସାମଗ୍ରୀ ଓ ଭାଙ୍ଗିଥିବା କ୍ୟାମେରା ଜବତ କରିଛି। ଘଟଣାକ୍ରମ ଅନୁଯାୟୀ, ଆଇଏ କ୍ୟାମେରାରେ ଧରାପଡ଼ିଥିବା ଏକ ଲୋକଙ୍କୁ ଚିହ୍ନଟ କରି ତାଙ୍କ ଘରରୁ ଧରାଯାଇଥିଲା। ତାଙ୍କୁ ପଚାରଉଚରା କରି ତାଙ୍କ ଅନ୍ୟ ଜଣ ସାଥୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଘର ତଲାସୀ ସମୟରେ ୫ଟି ଦେଶୀ ଅସ୍ତ୍ର, ବଡ଼ ପରିମାଣର ବିସ୍ଫୋରକ, ୨ଟି ଭାଙ୍ଗିଥିବା ଟ୍ରାପ କ୍ୟାମେରା ଓ ଅନ୍ୟାନ୍ୟ ଅବୈଧ ବସ୍ତୁ ଜବତ କରାଯାଇଛି। ଏହି ଅଭିଯାନରେ ଦୁଇ ଶୂରା ମହିଳା ବନ କର୍ମଚାରୀ-ମିନାଖାଇ ନାଏକ (ଫରେଷ୍ଟର) ଓ ତାପସୀ ମିଶ୍ର (ଫରେଷ୍ଟ ଗାର୍ଡ), ଡୁକୁରା ବନ ରେଞ୍ଜ- ଅଗ୍ରଣୀ ଭୂମିକା ନିଭାଇଥିଲେ। ଗିରଫ ହୋଇଥିବା ଅଭିଯୁକ୍ତ କାର୍ତ୍ତିକ ସିଂହ ଓରଫ ରେବା (୩୫ବର୍ଷ), ପିତା-ଉଦୟ ସିଂହ, ଗାଁ: ସପନଚୁଆ, ଜିଲ୍ଲା: ମୟୁରଭଞ୍ଜ , ରାମଚନ୍ଦ୍ର ତୁଡୁ ଓରଫ ସିଧା (୩୫ ବର୍ଷ), ପିତା ରଘୁନାଥ ତୁଡୁ, ଗାଁ: ସପନଚୁଆ, ଜିଲ୍ଲା: ମୟୁରଭଞ୍ଜ। ଏହି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ବିଚାର ପାଇଁ ବାରିପଦା ମୁଖ୍ୟ ବିଚାରାମ୍ମ ମହୋଦୟଙ୍କ ନିକଟରେ ଉପସ୍ଥାପିତ କରାଯିବ। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି। ବନବିଭାଗର ଏହି ଲାଗାତାର ପ୍ରୟାସ ଫଳରେ ସିମିଳିପାଳ ଅଞ୍ଚଳରେ ଶିକାର କାର୍ଯ୍ୟକଳାପରେ ଅନେକ ଅଂଶରେ ଅବରୋଧ ଆସିଛି।

## ଦାଦାର କୋଦାଳ ଚୋଟରେ ପୁତୁରା ମୃତ



ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଥାନା ଅଧୀନ ଯାହାନପୁର ଗ୍ରାମରେ ଗୁରୁବାର ସକାଳ ୬ ଘଣ୍ଟିକା ସମୟରେ ଏକ ମର୍ମନ୍ତୁଦ ହତ୍ୟାକାଣ୍ଡ ସଂଘଟିତ ହୋଇଯାଇଛି। ପୋଲିସ ଓ ସ୍ଥାନୀୟ ଜନ ସାଧାରଣଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ +୨ ଶ୍ରେଣୀରେ ପାଠ ପଢୁଥିବା ସୁମନ୍ତ ଦାସ ନାମକ ଜଣେ ଯୁବକ ଦାନ୍ତ ଘଷୁଥିବା ସମୟରେ ପଛପଟୁ ତାର ଦାଦା ସଞ୍ଜୟ ଦାସ ସୁମନ୍ତଙ୍କୁ କୋଦାଳରେ ହାଣି ପକାଇଥିଲା। ସୁମନର ବେକରେ ଓ ମୁଣ୍ଡରେ ଭୟଙ୍କର କ୍ଷତ ହୋଇଥିବାରୁ ଗାଁ ଲୋକ ସୁମନ୍ତଙ୍କୁ ମଣ୍ଡାସାହି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଜଗତସିଂହପୁର ପୋଲିସ ଯାହାନପୁରରେ ପହଞ୍ଚି ଅଭିଯୁକ୍ତ ସଞ୍ଜୟ ଦାସକୁ ଗିରଫ କରି ପଚରାଉଚରା ଚଳାଇଛନ୍ତି ଓ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଶୁଣିବାକୁ ମିଳେ ଯେ ପାରିବାରିକ ବିବାଦ ଓ ପୂର୍ବ ଶତ୍ରୁତାକୁ ନେଇ ସଞ୍ଜୟ ଦାସ ତାଙ୍କ ପୁତୁରାକୁ କୋଦାଳରେ ହାଣି ହତ୍ୟା କରିଛନ୍ତି।

# ନଡ଼ିଆ ତୋଳାକୁ କେନ୍ଦ୍ରକରି ଏକାଧିକ ମହିଳାଙ୍କୁ ଠେଙ୍ଗାରେ ଆକ୍ରମଣ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଭାଟବନ୍ଧ ଗ୍ରାମରେ ଠାକୁରଙ୍କ ନିକଟରେ ଭୋଗ ପାଇଁ ନଡ଼ିଆ ତୋଳିବା ସମୟରେ ଏକାଧିକ ମହିଳା ଓ ପୁରୁଷଙ୍କୁ ଅନ୍ୟ ଏକ ଗୋଷ୍ଠୀ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ଥାନା ଭାଟବନ୍ଧ ଗ୍ରାମରେ ଗୁରୁବାର ସକାଳ ସମୟରେ ବାସୁଦେବଙ୍କ ମନ୍ଦିରରେ ପୂଜା ପାଇଁ ସେଠାରେ ଥିବା ନଡ଼ିଆ ଗଛରୁ ଚଢ଼ାଳିକୁ ଡ଼ାକି ନଡ଼ିଆ ତୋଳୁଥିଲେ। ନଡ଼ିଆ ଗଛ ମୂଳେ ଜ୍ୟୋସ୍ନା ମହାରଣା,ପ୍ରଭାତି ମହାରଣା, ବସନ୍ତ ମହାରଣା, ଝୁଲଣ ମହାରଣା,ସର୍ମିଷ୍ଠା ମହରଣା, ଝରଣା ମହାରଣା, ଗଙ୍ଗାଧର ମହାରଣା ନଡ଼ିଆ ଗୋଟାଉ ଥିବା ବେଳେ ସେହି ଗ୍ରାମର ନାୟକ ସମ୍ପ୍ରଦାୟର ଏକାଧିକ ବ୍ୟକ୍ତି ସେଠାରେ ପହଞ୍ଚି ମହିଳାମାନଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ଇଟା ଓ ଠେଙ୍ଗାରେ ମାଡ଼ ମାରିଥିଲେ। ଅନେକ ମହିଳା ଆହତ ହୋଇଥିବା ବେଳେ ଜ୍ୟୋସ୍ନା ମହାରଣାଙ୍କ ମୁଣ୍ଡ ଫାଟି ତଳେ ଟଳି ପଡ଼ିଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି। ସାମାନ୍ୟ ସୁସ୍ଥ ହେବା ପରେ ଜ୍ୟୋସ୍ନା ମହାରଣା ଏ ସଂପର୍କରେ ଏକାଧିକ ଲୋକଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଗଙ୍ଗାଧର ମହାରଣା (୫୫) ଅଭିଯୋଗ କରିଛନ୍ତି, ନଡ଼ିଆ ତୋଳା ହେଉଥିବା ବେଳେ ନାୟକ ସମ୍ପ୍ରଦାୟର ବ୍ୟକ୍ତିମାନେ ତାଙ୍କୁ ମାଡ଼ ମାରି ମୁଣ୍ଡ ଫଟାଇ ଦେଇଛନ୍ତି। ଏ ସମ୍ପର୍କରେ ଦିଲ୍ଲୀପ, କାଳନ୍ଦୀ, ତାଙ୍କ ସ୍ତ୍ରୀ ସୁଲଚନା ପ୍ରମୁଖ ଆକ୍ରମଣ କରିଥିବା ନେଇ ପୋଲିସ ପକ୍ଷରୁ ଛାନଭିନ ଆରମ୍ଭ ହୋଇଛି।

## ବିଦ୍ୟୁତ୍ ଆଘାତରେ ନାବାଳକ ମୃତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା ଅଚକ ପଞ୍ଚାୟତ ଅଧୀନ ଉତ୍ତରବାହା ଗ୍ରାମର ସୁବାସ ସ୍ୱାଇଁଙ୍କ ନାବାଳକ ପୁଅ ତାପସ ସ୍ୱାଇଁ (୧୭)ଙ୍କର ବୁଧବାର ରାତିରେ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ତାପସ ତାଙ୍କ ବଡ଼ଭାଇଙ୍କ ସହ ପାଳିଆବିନ୍ଧା ଗ୍ରାମର ଏକ ଚତୁର୍ଥୀ ଭୋଜିରେ ଫୁଲ ସଜାଇବା ପାଇଁ ଯାଇଥିଲେ। ସେ କାର୍ଯ୍ୟ ସାରି ପରିଶ୍ରା କରିବା ସମୟରେ ଏକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ବିଦ୍ୟୁତ ଆଘାତରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ତିହିଡ଼ି ଡାକ୍ତରଖାନା ନିଆଯାଇ ଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଟଙ୍କା ପାଇଁ ଝିଅକୁ ମାରିଦେବା ଘଟଣାରେ ଅଭିଯୁକ୍ତଙ୍କୁ ଜେଲ୍



ରଘୁନାଥପୁର, (ଭାସ୍କର ନ୍ୟୁଜ୍): ଏକ ଲକ୍ଷ ଟଙ୍କା ପାଇଁ ଜଣେ ମହିଳାଙ୍କୁ ମିଳିମିଶି ମାରିଦେଇଥିବ ଅଭିଯୋଗ ଘଟଣାରେ ରଘୁନାଥପୁର ଥାନା ପୋଲିସ ତାରପୁର ପଞ୍ଚାୟତ ଖଣ୍ଡତରି ତଳପଡାର ଅଭିଯୁକ୍ତ ସ୍ୱାମୀ ଶୁଭମ ମଲ୍ଲିକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ଯିବାକୁ ପଡିଛି। ଅନ୍ୟ ଅଭିଯୁକ୍ତଙ୍କ କ୍ଷେତ୍ରରେ ତଦନ୍ତ ଜାରି ରହିଥିବାର ଏସଆଇ ଯୋଗେଶ୍ୱର ବେହେରା ପ୍ରକାଶ କରିଛନ୍ତି। ଗତ ୮ ତାରିଖରେ ଅଭିଯୁକ୍ତ ଶୁଭମ ଓ ତାଙ୍କ ପରିବାର ରଘୁନାଥପୁର ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ରରୁ ବଳପୂର୍ବକ ଭାବେ ସ୍ତ୍ରୀ ପ୍ରୀତିମୟୀଙ୍କ ମୃତଦେହ ନେଇ ଚାଲିଯାଇଥିଲେ। ଏ ସମ୍ପର୍କରେ ଗତ ବୁଧବାର ଝିଅକୁ ମାରିଦେଇ ବିଷ ପିଆଇ ଦେଇଥିବା ସମ୍ପର୍କରେ ବାପା ବିଜୟ ମଲ୍ଲିକ ୫ଜଣଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ କରିଥିଲେ।

## ପୋଖରୀରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଗୁଡୁପାଳ ଗ୍ରାମର କମଳା ସାହୁ (୮୦) ନାମ୍ନୀ ଜଣେ ବୃଦ୍ଧାଙ୍କର ମୃତଦେହକୁ ବୁଧବାର ଗ୍ରାମ ନିକଟସ୍ଥ ଏକ ପୋଖରୀରୁ ଉଦ୍ଧାର କରାଯାଇଛି। ମୃତ ବୃଦ୍ଧା କମଳା ବୁଧବାର ମଧ୍ୟାହ୍ନରେ ଶୌଚ ହେବାକୁ ତାଙ୍କ ବାଡ଼ିରେ ଥିବା ଏକ ପୋଖରୀକୁ ଯାଇଥିଲେ। ସେ ଘରକୁ କିଛି ସମୟ ଧରି ନଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ପରେ ତାଙ୍କୁ ବାଡ଼ି ପୋଖରୀରୁ ଉଦ୍ଧାର କରାଯାଇ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୁଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

# ଆସିକାରେ ପରିବହନ କ୍ଷେତ୍ରରେ ସାଂଘାତିକ ଅବସ୍ଥା

ଆସିକା, (ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ଡ୍ରାଇଭରମାନଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଜାରି ରହିଛି। ଡ଼ବଲ ଇଞ୍ଜିନ ସମାଧାନ କରିବାରେ ବିଫଳ ସାଧାରଣ ଜନତା ହଟହଟା। ଆସିକାରେ ଥିବା ପେଟ୍ରୋଲ ଟାଙ୍କିରେ ତେଲ କଳା ବଜାରରେ ହୋଉଥିବା ସ୍ଥାନୀୟ ଲୋକେ କରୁଛନ୍ତି। ଡ୍ରାଇଭ ମାନଙ୍କ ଆନ୍ଦୋଳନ ଆଜି ୩ ଦିନ ବିତିଥିଲେ ବି ସରକାର ସମାଧାନ କରିବାରେ ବିଫଳ ହେବା ଯୋଗୁଁ ଆଜି ପେଟ୍ରୋଲିୟମ ଦ୍ରବ୍ୟରେ ଦର ହୁଁ ହୁଁ ହୋଇ ବଢ଼ିଚାଲିଛି। ପରିବହନ କ୍ଷେତ୍ରରେ ବାଧା ଉପୁଜିବା ଫଳରେ ଅତ୍ୟାବଶ୍ୟ ସାମଗ୍ରୀ ଦର ବି ଧୀରେଧୀରେ ବଢ଼ିବାରେ ଲାଗିଛି। ଗତ କାଲିଠାରୁ ପେଟ୍ରୋଲ ଅଭାବ ଦେଖା ଦେଇଥିବା ବେଳେ ଡିଜେଲ ଖାଲି ହେଲେ ଅବସ୍ଥା ଆହୁରି ଦୟନୀୟ ହେବ। ପ୍ରକାଶ ଥାଉକି ରାହୁଲ ଗାନ୍ଧୀ ଓଡିଶା ଆସି କି ଯିବା ପରେ ଏହି ଆନ୍ଦୋଳନ ହଟିବ ବୋଲି ଚାରିଆଡେ ଚର୍ଚ୍ଚା ହେଉଛି। ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ସାଧାରଣ ଜନତା ବଳି ପଡୁଥିବା ଆଲୋଚନା ହେଉଛି।

## ଗାଡ଼ିରୁ ୩ଲକ୍ଷ ଟଙ୍କା ଜବତ ଘଟଣା
## ମୁଖ୍ୟ ଯୋଗାଣ ଅଧିକାରୀ ଗିରଫ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଭିଜିଲାନ୍ସ ଦ୍ୱାରା ଗଞ୍ଜାମ ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା ଗୁରୁବାର ଗିରଫ ହୋଇଛନ୍ତି। ପରେ ତାଙ୍କୁ ଭିଜିଲାନ୍ସ ଥାନା ପକ୍ଷରୁ ବ୍ରହ୍ମପୁର ଭିଜିଲାସନ୍ସ ସ୍ୱେସିଆଲ ଜଜ କୋର୍ଟ ରେ ହାଜର କରାଯାଇଥିଲା, ବୁଧବାର ଗଞ୍ଜାମ ଜିଲ୍ଲା ଛତ୍ରପୁର ନିକଟ ଆଶ୍ରିବାଦ ଆପାର୍ଟମେଣ୍ଟରେ ଥିବା ତାଙ୍କ ଭଡାଘରୁ ବାହାରି କାର୍ଯ୍ୟାଳୟକୁ ଯିବା ସମୟରେ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ନିକଟରୁ ତାଙ୍କ ଗାଡ଼ିରୁ ୩ ଲକ୍ଷ ଟଙ୍କା ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଜବତ କରିଥିଲେ। ତାଙ୍କ ଗାଡ଼ିରୁ ଜବତ ଟଙ୍କା ବାବଦରେ ସେ ସନ୍ତୋଷ ଜନକ ଉତ୍ତର ଦେଇପାରି ନଥିବାରୁ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ତାଙ୍କ ନାଁରେ ମାମଲା ରୁଜୁ କରିଛି। ଛତ୍ରପୁରରେ ଥିବା ଭଡାଘର, ଭବାନୀ ପାଟଣାରେ ଥିବା ଆବାସିକ ଘର ଓ ଛତ୍ରପୁର ସ୍ଥିତ ଅଫିସ ଚ୍ୟାମ୍ବରରେ ଯାଞ୍ଚ କରିଥିଲା। ଛତ୍ରପୁର ବ୍ୟାଙ୍କ କଲୋନୀ ଭଡା ଘରୁ ନିଜ ଅଫିସ ଯାଉଥିବା ସମୟରେ ବ୍ରହ୍ମପୁର ଭିଜିଲାନ୍ସ ଟିମ ଚଢ଼ାଉ କରିଥିଲା। ତାଙ୍କ ଗାଡ଼ିରୁ ୫୦୦ ଟଙ୍କିଆ ୬ଟି ବ୍ୟାଣ୍ଡେଲରେ ଟଙ୍କା ଜବତ କରିଥିଲେ।

# ଅସ୍ୱାସ୍ଥ୍ୟକର ପରିବେଶରେ ରାଜନଗର ହାଟ



ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ସଦର ମହକୁମାରେ ଥିବା ସାପ୍ତାହିକ ହାଟକୁ ଗ୍ରାମପଞ୍ଚାୟତ ବଦଳରେ ପଟ୍ଟାମୁଣ୍ଡାଇ ଆର୍ ଏମ୍ ସି ସଂସ୍ଥା ନିଜ ଆୟତ୍ତରେ ରଖିଛି। ଏଠାରେ ସୋମବାର ଓ ଶୁକ୍ରବାର ଦୁଇ ଦିନ ସାପ୍ତାହିକ ହାଟ ଅନୁଷ୍ଠିତ ହୁଏ। ଏହି ହାଟରୁ ବେପାରୀଙ୍କ ଠାରୁ ଆର୍ ଏମ୍ ସି ହଜାର ହଜାର ଟଙ୍କା ଆଦାୟ କରି ବାର୍ଷିକ ପ୍ରାୟ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଥିବା ବେଳେ ହାଟ ସଫା ବାବଦକୁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରୁ ନଥିବା ଅଭିଯୋଗ ହେଉଛି। ଯାହାଫଳରେ ହାଟର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ନର୍ଦ୍ଦମା ଭରି ରହିଥିବା ବେଳେ ବର୍ଷା ଜଳରେ ଓଦା ହୋଇ ନର୍ଦ୍ଦମା ରେ ପରିଣତି ହୋଇ ଦୁର୍ଗନ୍ଧ ସୃଷ୍ଟି ହୋଇଛି। ହେଲେ ନାକରେ ହାତ ନଦେଲେ କୋମଳମତୀ ଛାତ୍ରଛାତ୍ରୀମାନେ ସ୍କୁଲକୁ ନର୍ଦ୍ଦମାରେ ପଶି ଯିବା କଷ୍ଟ ହୋଇପଡୁଛି। ଏପରିକି ହାଟଭିତରକୁ ପରିବା କିଣିବାକୁ ଯାଉଥିବା ଗ୍ରାହକ ମଧ୍ୟ ନାକରେ ହାତ ଦେଇ ପରିବା କିଣୁଥିବା ଦେଖିବାକୁ ମିଳୁଛି। ଅନ୍ୟ କେତେକ ହାଟ ବଖରାରେ ଇଟାବାଲି ଗଦା ହୋଇଥିବା ବେଳେ କୁଢ଼ କୁଢ଼ ନର୍ଦ୍ଦମା କାଣ୍ଡି ହୋଇଛି। ଆରଏମ୍‌ସିର ବେପରୁଆ ନିତି ଯୋଗୁଁ ଟଙ୍କା ଲୁଟି ନେଉଛି ଅଥଚ ନର୍ଦ୍ଦମା ସଫା ନକରି ମେଲେରିଆ, ହଇଜା, ଡ଼େଙ୍ଗୁ ଭଳି ମାରାତ୍ମକ ରୋଗକୁ ନିମନ୍ତ୍ରଣ କରାଯାଉ ଥିବା ଅଭିଯୋଗ ହେଉଛି। ଯଦି ଅସ୍ୱାସ୍ଥ୍ୟକର ପରିବେଶରେ କିଛି ରୋଗ ସଂକ୍ରମିତ ହୁଏ ସେଥିପାଇଁ ଆର୍‌ଏମ୍‌ସି ଦାୟୀ ରହିବ ବୋଲି ସଚେତନ ନାଗରିକ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ହାଟ ଦୋକାନୀ ମାନେ କହିଛନ୍ତି ଯଦି ଆର୍‌ଏମ୍‌ସି ସପ୍ତାହକ ମଧ୍ୟରେ ହାଟରୁ ନର୍ଦ୍ଦମା ସଫା ନକରେ ଆମେ ହାଟ ମହାସୁଲ ଦେବୁନାହଁ ବୋଲି ସୂଚନା ଦେଇଛନ୍ତି। ଆର୍‌ଏମ୍‌ସିର କେବଳ ହାଟ ନୁହେଁ ସେ ଦେଇଥିବା ଡେଲି ମାର୍କେଟ କମ୍ପ୍ଲେକ୍ସରେ ମଧ୍ୟ କାଚଡା ପଡି ରହୁଛି। ଏଠାରେ ପ୍ରଶ୍ନ ଉଠୁଛି ଆଦାୟ ହେଉଛି ଲକ୍ଷ ଲକ୍ଷ ଟଙ୍କା ସଫା କରାଯାଉନାହିଁ କାହିଁକି, ନା ସଫା କରିବା ନାଁରେ ଆତ୍ମସାତ ହେଉଥିବା ଅଭିଯୋଗ ହେଉଛି। ତେଣୁକରି ଏହାର ତଦନ୍ତ କରାଯିବା ସହ ମେଡ଼ିକାଲ ପକ୍ଷରୁ ଅଶ୍ୱାସ୍ଥ୍ୟକର ପରିବେଶ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ବେଳେ ବ୍ଲିଚିଂ ମଧ୍ୟ ପକା ଯାଉନାହି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏହାର ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି।

## ଶିକ୍ଷକଙ୍କ ମୃତଦେହ ଉଦ୍ଧାର

କଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଳି ଥାନା ଅନ୍ତର୍ଗତ ବରପଦା ହାଟ ଛକରେ ଥିବା ବସ୍ ଷ୍ଟାଣ୍ଡ ଘର ଭିତରୁ ଶିକ୍ଷକ ସୋମନାଥ ସାହୁଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ୍ୟୁର କାରଣ ଜଣାପଡି ନଥିବା ବେଳେ ପୋଲିସ ତଦନ୍ତ ଚଳାଇଛି। ଖବର ଜଣାଯାଇଛି ଯେ, ବାଲିପଶି ପଞ୍ଚାୟତ ଅନ୍ଧାରି ଗାଁର ସୋମନାଥ ସାହୁ ଗତକାଲି ବଜ୍ରକୋଟ ସ୍କୁଲକୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିଥିଲେ ମଧ୍ୟ ପାଇନଥିଲେ। ଗୁରୁବାର ସକାଳୁ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ତାଙ୍କ ବାପା ରେଙ୍ଗାଳି ଥାନାରେ ଖବର ଦେବାରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ସାଇଣ୍ଟିଫିକ ଟିମ ସାହାଯ୍ୟରେ ତଦନ୍ତ କରି ପୋଷ୍ଟମଟମ ପାଇଁ ପାଲଲହଡା ଡାକ୍ତରଖାନାକୁ ପଠାଇଥିବା ଜଣାଯାଇଛି। ପୁଲିସ ଶିକ୍ଷକଙ୍କ ବାଇକ ଓ ଡିକିରୁ ଲକ୍ଷେ ବତିଶ ହଜାର ପାଞ୍ଚସହ ଟଙ୍କା ସହ ମୋବାଇଲ ଜବତ କରିଛି।

# ଲୁହା ହାତୁଡ଼ିରେ ଆକ୍ରମଣ, ଯୁବକ ଗୁରୁତର

ନିମାପଡ଼ା, (ଭାସ୍କର ନ୍ୟୁଜ୍): କୌଣସି କାରଣ ନଥାଇ ଜଣେ ଦଳିତ ଯୁବକକୁ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ସଂଗୀନ୍ ଦଫାରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ତଳଅଣ୍ଠିଆ ଗ୍ରାମର ସୋନାଲି ଭୋଇ (୨୭)ଙ୍କ ସ୍ୱାମୀ ମଣ୍ଟୁ ଭୋଇ ଗ୍ରାମ ବେହେରା ସାହି ଛକରେ ବୁଧବାର ରାତ୍ର ୯ଟା ସମୟରେ ଠିଆ ହୋଇଥିବା ବେଳେ ଅଲଣ୍ଡି ଗ୍ରାମର ଇଟା ସ୍ୱାଇଁ କୌଣସି କାରଣ ନଥାଇ ସେଠାରେ ପହଞ୍ଚି ମଣ୍ଟୁଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବାରୁ ମଣ୍ଟୁ ପ୍ରତିବାଦ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ, ଇଟା ହାତରେ ଧରିଥିବା ଏକ ଲୁହା ହାତୁଡ଼ିରେ ଆକ୍ରମଣ କରିବାରୁ ଚିତ୍କାର କରି ମଣ୍ଟୁ ତଳେ ପଡ଼ି ଯାଇଥିଲେ। ଚିତ୍କାର ଶୁଣି ଗ୍ରାମ ଓ ପରିବାର ଲୋକେ ସେଠାରେ ପହଞ୍ଚି ମଣ୍ଟୁଙ୍କୁ ଉଦ୍ଧାର କରି ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ କ୍ୟାପିଟାଲ୍ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଏ ସମ୍ପର୍କରେ ମଣ୍ଟୁଙ୍କ ପତ୍ନୀ ସୋନାଲି ଭୋଇ ନିମାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦଳିତ ଆକ୍ଟରେ ମାମଲା ରୁଜୁ କରିଛି। ଏହି ଘଟଣାକୁ କେନ୍ଦ୍ର କରି ବିବାଦ ଦେଖା ଦେଇଥିବା ବେଳେ ପୂର୍ବ ବିବାଦକୁ ନେଇ ଗଣ୍ଡଗୋଳ ଘଟିଥିବା ସ୍ଥାନୀୟ ଅଞ୍ଚଳରୁ ଶୁଣିବାକୁ ମିଳୁଛି।

# ବେଦାନ୍ତ ଦ୍ୱାରା 'ପ୍ରୋଜେକ୍ଟ ସଖୀ'ରେ ମହିଳା ସଶକ୍ତିକରଣର ପ୍ରଦର୍ଶନ




ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ପ୍ରଥମ ବାର୍ଷିକୀ ଉପଲକ୍ଷେ ଆୟୋଜିତ ବିକାଶ ମେଳା ୨୦୨୫ରେ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ କଳାହାଣ୍ଡିର ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକର ଭୂମିକା ପ୍ରଦର୍ଶନ କରିଥିଲା। କମ୍ପାନୀ ଏହାର ପ୍ରମୁଖ ମହିଳା ସଶକ୍ତିକରଣ ପଦକ୍ଷେପ ପ୍ରୋଜେକ୍ଟ ସଖୀରୁ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ କରିଥିଲା, ଯାହା ଗ୍ରାମୀଣ ମହିଳାଙ୍କ ଉଦ୍ୟୋଗୀ ମନୋଭାବକୁ ପାଳନକରି କଳାହାଣ୍ଡିର ବିକାଶକୁ ପ୍ରୋତ୍ସାହନ ଦେଇଥିଲା। ମହିଳାମାନଙ୍କ ନେତୃତ୍ୱରେ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ନିର୍ମିତ ହସ୍ତନିର୍ମିତ ଉତ୍ପାଦଗୁଡ଼ିକର ପ୍ରଦର୍ଶନ ମାଧ୍ୟମରେ କମ୍ପାନୀର ଷ୍ଟଲଟି କଳାହାଣ୍ଡିର ଜିଲ୍ଲା ମାଜିଷ୍ଟ୍ରେଟ ପାୱାର ସଚିନ ଏବଂ ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି, ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା, ଏବଂ ଜିଲ୍ଲା ଯୋଜନା ଏବଂ ମନିଟରିଂ ୟୁନିଟ୍‌ର ବରିଷ୍ଠ ପ୍ରତିନିଧିମାନଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନଙ୍କ ଠାରୁ ବ୍ୟାପକ ପ୍ରଶଂସା ପାଇଥିଲା। ପରିଦର୍ଶକମାନେ ପ୍ରଦର୍ଶିତ ଉତ୍ପାଦ ଗୁଡ଼ିକର ଉଚ୍ଚ-ମାନ, ସୃଜନଶୀଳତା ଏବଂ ବଜାର ଉପଯୋଗୀତାକୁ ପ୍ରଶଂସା କରିଥିଲେ। ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, 'କଳାହାଣ୍ଡିର ବିକାଶ ମହିଳା ଙ୍କସଶକ୍ତିକରଣ ସହିତ ଆନ୍ତରିକ ଭାବରେ ଜଡିତ। ବେଦାନ୍ତ ଆଲୁମିନିୟମରେ ଆମେ ବିଶ୍ୱାସ କରୁ ଯେ ମହିଳାମାନେ ଅନ୍ତର୍ଭୁକ୍ତ ଅଭିବୃଦ୍ଧିର ମୂଳଦୁଆ। ପ୍ରୋଜେକ୍ଟ ସଖୀ ମାଧ୍ୟମରେ ଆମେ ସେମାନଙ୍କୁ ଆତ୍ମନିର୍ଭରଶୀଳ, ଉଦ୍ୟୋଗୀ ଏବଂ ସାମାଜିକ-ଆର୍ଥିକ ପରିବର୍ତ୍ତନର ସକ୍ରିୟ ଭାଗିଦାରୀ ହେବାକୁ ସକ୍ଷମ କରୁଛୁ।' ବିକାଶ ମେଳାରେ ପ୍ରୋଜେକ୍ଟ ସଖୀର ଉପସ୍ଥିତି ଗ୍ରାମୀଣ ମହିଳାମାନଙ୍କୁ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ କରିବା, ନୂତନ ବଜାର ସଂଯୋଗ ସ୍ଥାପନ କରିବା ଏବଂ ବ୍ୟାପକ ଦର୍ଶକଙ୍କ ସମ୍ମୁଖରେ ସେମାନଙ୍କର ଉଦ୍ୟୋଗୀ ପ୍ରୟାସକୁ ବୃଦ୍ଧି କରିବା ପାଇଁ ଏକ ମୂଲ୍ୟବାନ ପ୍ଲାଟଫର୍ମ ପ୍ରଦାନ କରିଥିଲା। ଏହା ସ୍ଥାୟୀ ଜୀବିକା, ସ୍ୱାସ୍ଥ୍ୟସେବା, ଶିକ୍ଷା, ଭିତ୍ତିଭୂମି ଏବଂ ତୃଣମୂଳ କ୍ରୀଡା ଓ ସଂସ୍କୃତିରେ କେନ୍ଦ୍ରିତ ହସ୍ତକ୍ଷେପ ମାଧ୍ୟମରେ କଳାହାଣ୍ଡିକୁ ପରିବର୍ତ୍ତନ କରିବାର ବେଦାନ୍ତର ବ୍ୟାପକ ଦୃଷ୍ଟିକୋଣ ସହିତ ନିରନ୍ତର ସମନ୍ୱୟ ରକ୍ଷାକରେ। ଯାହାଦ୍ୱାରା ଏହି ଅଞ୍ଚଳର ଭବିଷ୍ୟତକୁ ପୁନଃନିର୍ମାଣ କରିଥାଏ। ୨୦୧୬ରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ସଖି କଳାହାଣ୍ଡି ଜିଲ୍ଲାରେ ମହିଳା ବିକାଶର ଏକ ମୂଳଦୁଆ ଭାବରେ ନିଜର ସ୍ଥିତି ବଜାୟ ରଖିଛି। ଏହା ୪,୭୦୧ ସ୍ୱୟଂସହାୟକ ଗୋଷ୍ଠୀରେ ୪,୯୦୦ରୁ ଅଧିକ ମହିଳାଙ୍କୁ ସହାୟତା କରେ। କୃଷି ଏବଂ ଅଣ-କୃଷି କ୍ଷେତ୍ରରେ ବ୍ୟାପକ ତାଲିମ, ନେତୃତ୍ୱ ପରାମର୍ଶ ଏବଂ ବଜାର ପ୍ରବେଶ ପ୍ରଦାନ କରି, ଏହି ପଦକ୍ଷେପ ସ୍ଥାୟୀ ଜୀବିକା ନିର୍ମାଣ ଏବଂ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରୁଛି। କଳାହାଣ୍ଡି ଆଗକୁ ଏକ ନୂତନ ପଥ ପ୍ରସ୍ତୁତ କରୁଥିବା ସମୟରେ, ବେଦାନ୍ତ ଆଲୁମିନିୟମ ପରିବର୍ତ୍ତନର ଏକ ଉତ୍ପ୍ରେରକ ଭାବରେ ଏହାର ଭୂମିକାକୁ ଗଭୀର କରିବା ସହିତ ସମ୍ପ୍ରଦାୟକୁ ସଶକ୍ତ କରିବା ଏବଂ ଗ୍ରାମୀଣ ମହିଳାମାନଙ୍କର ଅନ୍ତର୍ନିହିତ ବିକାଶ ଏବଂ ଆକାଂକ୍ଷାକୁ ପୋଷଣ କରିବା ପାଇଁପ୍ରତିବଦ୍ଧ।

## ତହସିଲ କାର୍ଯ୍ୟାଳୟରୁ ଚୋରି

ଉମରକୋଟ, (ଭାସ୍କର ନ୍ୟୁଜ୍): ସୂଚନା ଅନୁଯାୟୀ ଗୁରୁବାର ତହସିଲ କାର୍ଯ୍ୟାଳୟର ପିଅନ କାର୍ଯ୍ୟାଳୟ ଖୋଲିବା ସମୟରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏହା ଜାଣିବା ପରେ ସେ ତହସିଲଦାରଙ୍କୁ ଜଣେଇ ଥିଲେ। ତହସିଲଦାର କାର୍ଯ୍ୟଳୟକୁ ଆସି ପ୍ରଥମେ ପୋଲିସକୁ ଖବର ଦେଇଥିଲେ। ରେଜିଷ୍ଟର ଅଫିସରେ ଲାଗିଥିବା ସିସି ଟିଭି କ୍ୟାମେରା ଦେଖି ଜାଣିବାକୁ ପାଇଥିଲେ ଯେ ଗତକାଲି ରାତି ପ୍ରାୟ ୧ ଘଟିକା ସମୟରେ ଚାରି ଜଣ ଦୁର୍ବୃତ୍ତ ପାଚେରୀ ଡେଇଁ ଅଫିସ ପରିସର କୁ ଆସିଥିଲେ ଏବଂ ପରେ ଲାଗିଥିବା ସିସି ଟିଭି କ୍ୟାମେରା ଓ କବାଟକୁ ଭାଙ୍ଗି ତହସିଲଦାରଙ୍କ ବ୍ୟକ୍ତିଗତ ଚାମ୍ବର ଭିତରକୁ ପଶି ଟ୍ରେଜେରି ଲକର କୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଲକର ଭାଙ୍ଗିବାକୁ ସଫଳ ହୋଇନଥିଲେ। ପରେ ଧରା ପଡ଼ିଯିବା ଭୟରେ ସିସି ଟିଭି କ୍ୟାମେରାର ଡିଭିଆର୍ ବକ୍ସକୁ ଚୋରି କରି ନେଇଯାଇ ଥିଲେ। ଯେଉଁ ଦୁର୍ବୃତ୍ତ ମାନଙ୍କ ଭିଡିଓ ସିସି ଟିଭି ଫୁଟେଜ୍‌ରେ ରହିଛି ତାକୁ ନେଇ ତହସିଲଦାର ମଘବାନ ବାଗ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଆସି ତଦନ୍ତ ଆରମ୍ଭ କରିଛି।

# ଶ୍ରାବଣ ସୋମବାର ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ଡାବୁଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ପ୍ରସିଦ୍ଧ ଡାବୁଗାଁର କେଲିଆ ଶୈବ ପୀଠ ଶ୍ରାବଣ ସୋମବାର ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟିର ଉପସଭାପତି ତଥା ଡାବୁଗାଁ ବ୍ଲକ ଅଧକ୍ଷା ବୀଣା ମାଝୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଶ୍ରାବଣ ମାସର ପ୍ରଥମ ସୋମବାର ଆସନ୍ତା ୧୪ ତାରିଖରୁ ଆରମ୍ଭ ହେଉଥିବାରୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାରହଜାର ସଂଖ୍ୟାରେ ବୋଲ ବମ୍ ଭକ୍ତ (କାଉଡ଼ିଆ)ଙ୍କ ଗହଳି ରହିବ। ତେଣୁ ମନ୍ଦିର ପରିସରରେ ଶାନ୍ତି ଶୃଙ୍ଖଳା ସହ କାଉଡ଼ିଆ ମାନଙ୍କ ଉପଯୁକ୍ତ ରହଣି ଓ ଖାଦ୍ୟ ବ୍ୟବସ୍ଥା, କୁସୁମ ବନ୍ଧ ଓ ବାଣୁଆ ଗୁଡା ପୋଖରୀରେ କାଉଡ଼ିଆ ମାନେ ଶୌଚ ସମୟରେ କାଉଡ଼ି ରହିବା ବ୍ୟବସ୍ଥା, ରାତ୍ର ରହଣି ପାଇଁ ଦୁଇଟି ପାନ୍ଥ ନିବାସର ସଫେଇ କାର୍ଯ୍ୟ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରତ୍ୟେକ ଶ୍ରାବଣ ସୋମବାର ଦିନ ଶ୍ରଦ୍ଧାଳୁ ଓ କାଉଡ଼ିଆମାନଙ୍କ ପାଇଁ ମନ୍ଦିର ପରିଚାଳନା କମିଟି ତରଫରୁ ଅନ୍ନଭୋଗର ବ୍ୟବସ୍ଥା କରିବା ନେଇ ଆଲୋଚନା ହୋଇଥିଲା। ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପାଇଥିବା ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅନ୍ତର୍ଗତ କେଲିଆ ବାବା ଝାଡେଶ୍ୱର ଶୈବ ପୀଠରେ ପ୍ରତ୍ୟେକ ବର୍ଷ ଶ୍ରାବଣ ମାସ ସୋମବାରରେ ଜଳ ଲାଗି କାଉଡ଼ିଆମାନେ ଦୂରଦୁରାନ୍ତରୁ ହଜାର ହଜାର ସଂଖ୍ୟାରେ ଆସୁଥିବାରୁ କାଉଡ଼ିଆ ମାନଙ୍କ ରହଣି ଓ ସୁରକ୍ଷା ପାଇଁ କେଲିଆ ମନ୍ଦିର ପରିଚାଳନା କମିଟି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରା ଯାଉଛି। ଏହା ସହ ଡାବୁଗାଁରେ ମଧ୍ୟ ବିଭିନ୍ନ ହିନ୍ଦୁ ସଂଗଠନର ଯୁବକମାନଙ୍କ ତରଫରୁ କାଉଡ଼ିଆ ମାନଙ୍କ ପାଇଁ ରାତ୍ର ରହଣି ସହ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥାଏ। ଆଜିର ଏହି ପ୍ରସ୍ତୁତି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ମନ୍ଦିର ପରିଚାଳନା କମିଟିର କୋଷାଧକ୍ଷ ଜି ସାଇ ରାଜୁ, ଭଗବାନ ମହାନ୍ତି, ସୁରେନ୍ଦ୍ର କୁମାର ମିଶ୍ର, ସୂର୍ଯ୍ୟନାରାୟଣ ସୁବୁଦ୍ଧି, ଧର୍ମାନନ୍ଦ ନାୟକ, କର୍ଣ୍ଣ ଭତରା, ପଦମ୍ ମାଝୀ, ଉତ୍ତମ ପ୍ରଧାନ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ମହାବୀର ହନୁମାନଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ



ତିହିଡ଼ି, (ଭାସ୍କର ନ୍ୟୁଜ୍): ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ଅଧୀନ ତିହିଡ଼ି ଚନ୍ଦନସାହିରେ ମାହାବୀର ହନୁମାନ ଜୀଉଙ୍କର ୧୪ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସକାଳେ କଳସ ଶୋଭାଯାତ୍ରାରେ ଅଣାଯାଇ ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ପଣ୍ଡିତ ଲକ୍ଷ୍ମୀଧର କର, ଓଁକାର ପଣ୍ଡା, ମନୋଜ ପାଢ଼ୀ, ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। କର୍ତ୍ତାଭାବେ ପ୍ରଭାତ କୁମାର ରାଉଳ ଓ ପତ୍ନୀ ସନ୍ଧ୍ୟାରାଣୀ ରାଉଳ ପୂଜାକାର୍ଯ୍ୟ ତୁଲାଇଥିଲେ। କଳସ ସ୍ଥାପନ ପରେ ସୂର୍ଯ୍ୟପୂଜା କରାଇ ହନୁମାନ ଚାଳିଶା ପାଠ କରାଯାଇଥିଲା। ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗ ଦେଇ ବିଭୁକୃପା ଲାଭ କରିବା ସହ ପ୍ରସାଦ ସେବନ କରିଥିଲେ। ସରସ୍ୱତୀ ରାଉଳ, ପାର୍ଥସାରଥୀ ନାୟକ, ରମାକାନ୍ତ ନାଥ, ଘନଶ୍ୟାମ ଓଝା, ଶିବପ୍ରସାଦ ନାଥ, ପ୍ରକାଶ କୁମାର ରାଉଳ, ପୀତାମ୍ବର ଓଝା, ସୁଧାଂଶୁ ଓଝା, ଦେବେନ୍ଦ୍ର ନାଥ, ସୁଦର୍ଶନ ଓଝା ପ୍ରମୁଖଙ୍କ ସମେତ ଗ୍ରାମବାସୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କରଞ୍ଜିଆ, (ଭାସ୍କର ନ୍ୟୁଜ୍) : କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତିକୁ ବିରୋଧ କରି ଦେଶର ୫ଟି ପ୍ରମୁଖ ବାମପନ୍ଥୀ ଦଳ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଭାରତ ବନ୍ଦ ହୋଇଛି। ଆଇଏନଟିୟୁସିର ରାଜ୍ୟ ସଭାପତି ଡ଼. ରାମଚନ୍ଦ୍ର ଖୁଣ୍ଟିଆଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଇଏନଟିୟୁସିର ମୟୂରଭଞ୍ଜ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କ ଆହ୍ୱାନ କ୍ରମେ କରଞ୍ଜିଆରେ ବନ୍ଦ ପାଳନ ସଫଳ ହୋଇଥିବା ଦେଖାଯାଇଛି। ରାଜ୍ୟ ପିସିସି ସମ୍ପାଦକ ଲକ୍ଷ୍ମୀଧର ସିଂଙ୍କ ନେତୃତ୍ୱରେ ଲାଲନ ସିଂ, ଜାକିର ହୁସେନ, ଧରଣୀଧର ମହାନ୍ତ, ପ୍ରଫୁଲ୍ଲ ବେହେରା ଓ ଶ୍ରମିକ ସଂଗଠନର ସଦସ୍ୟଗଣ ସ୍କୁଲ, କଲେଜ, ସରକାରୀ ତଥା ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ, ବୀମା ଓ ଯାନବାହାନ ଚଳାଚଳକୁ ବନ୍ଦ କରାଇଥିଲେ। କେନ୍ଦ୍ର ସରକାରଙ୍କ ଘରୋଇକରଣ ନୀତି, ଶ୍ରମ ସଂହିତା ଓ କୃଷକ ବିରୋଧୀ ନୀତିକୁ ବିରୋଧ କରାଯିବା ସହ ରାଜ୍ୟରେ ୧୨ଦଫା ଦାବି ନେଇ ଆଜି ବନ୍ଦ ପାଳନ ହୋଇଥିଲା। ଦାବିଗୁଡିକ ମଧ୍ୟରେ ୪ଗୋଟି ଶ୍ରମ ସଂହିତାକୁ ପ୍ରତ୍ୟାହାର, ଭବିଷ୍ୟନିଧି ମାସିକ ପେନସନ ବୃଦ୍ଧି, ପୁରୁଣା ପେନସନ ଯୋଜନା ଲାଗୁକରିବା, ମାସିକ ସର୍ବନିମ୍ନ ମଜୁରୀ ୨୭ହଜାରକୁ ବୃଦ୍ଧି କରିବା, ଘରୋଇକରଣ ବନ୍ଦ କରିବା, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଚିକିତ୍ସା ଓ ସାମାଜିକ ସୁରକ୍ଷା ଲାଗୁକରିବା, ଅଙ୍ଗନବାଡି, ପାଚିକା, ସ୍ୱାସ୍ଥ୍ୟକର୍ମୀ ଓ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା, ଭବିଷ୍ୟନିଧି, ଶ୍ରମିକ ସ୍ୱାସ୍ଥ୍ୟବୀମା, ଗ୍ରାଚ୍ୟୁଇଟି ଓ ବୋନସ ପାଇଁ ଦରମା ସୀମା ନିର୍ଦ୍ଧାରଣ ନକରିବା, ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତିରେ ୨୦୦ଦିନ କାମ ଓ ୬୦୦ଟଙ୍କା ସର୍ବନିମ୍ନ ମଜୁରୀ ପ୍ରଦାନ କରିବା, ସହରାଞ୍ଚଳରେ ମନରେଗା ଓ ଜଙ୍ଗଲ ଅଧିକାର ଆଇନ-୨୦୦୬କୁ ଲାଗୁକରିବା, କୃଷକମାନଙ୍କ ପାଇଁ ସର୍ବନିମ୍ନ ମୂଲ୍ୟ ଧାର୍ଯ୍ୟ କରିବାକୁ ଆଇନଗତ ପଦକ୍ଷେପ ନେବା ଏବଂ ନିର୍ମାଣ ଓ ବିଡ଼ି ଶ୍ରମିକ କଲ୍ୟାଣବୋର୍ଡ ବନ୍ଦ ନକରିବା । ଆଜିର ବନ୍ଦ ସମ୍ପୂର୍ଣ୍ଣ ଶାନ୍ତି ଶୃଙ୍ଖଳାର ସହ ହୋଇଥିଲା।

## ୬ବର୍ଷର ଶିଶୁକୁ ଦୁଷ୍କର୍ମ ଘଟଣା ଅଭିଯୁକ୍ତ ଗିରଫ

ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ବନ୍ଧୁଗାଁ ଥାନା ଅଧୀନରେ ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ଘଟଣାରେ ବନ୍ଧୁଗାଁ ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ ପାଇଁ ଥାନାରେ ଅଟକ ରଖିଛନ୍ତି। ଶିଶୁ କନ୍ୟାର ଅବସ୍ଥା ସଙ୍ଗିନୀ ଥିବାରୁ ପୋଲିସ ପରିବାର ବର୍ଗଙ୍କୁ ଅଧିକ ଚିକିତ୍ସା ପାଇଁ କୋରାପୁଟ ଡାକ୍ତରଖାନାକୁ ପଠେଇଲେ। ଘଟଣାଟି ଅତି ସଙ୍ଗିନୀ ଥିବାରୁ କଡ଼ା ଦଫାରେ ଅଭିଯୁକ୍ତକୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ବିରୋଧରେ ପୀଡ଼ିତାଙ୍କ ପିତା ଗତକାଲି ରାତିରେ ମାମଲା ରୁଜୁ କରିବା ପରେ ରାତିରେ ତାକୁ ଉଠେଇ ଆଣି ପଚରା ଉଚୁରା କରିବା ପରେ ଦୁଷ୍କର୍ମ କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲା। ବନ୍ଧୁଗାଁ ଥାନା କେସ୍ ୭୫/୨୫ ରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି।

ସୂଚନା ଥାଉ କି ୭ ତାରିଖ ଦିନ ବନ୍ଧୁଗାଁ ଥାନା କାନାଗାଁ ପଞ୍ଚାୟତ ଅନ୍ତର୍ଗତ ସାନ ମାଥୁର ଗାଁର ଏହି ଲଜ୍ୟା ଘଟଣା ଘଟିଥିଲା। ପୀଡିତା ଶିଶୁ କନ୍ୟା ପିତାମାତା ସହ ବିଲକୁ ଚାଷ ପାଇଁ ଯାଇଥିଲେ। ବର୍ଷା ହେବାରୁ ପିତାମାତା ଛୋଟ ଶିଶୁକୁ ନିଜ କୁଡ଼ିଆରେ ଛାଡି ଚାଷ କରୁଥିବା ବେଳେ ସେହି ଗାଁର ଯୁବକ ବେଙ୍କା ପିଡି (୩୦) ଶିଶୁ କନ୍ୟାକୁ ଚକଲେଟ କିଣି ଦେବି କହି ଅନ୍ୟ ଏକ କୁଡ଼ିଆକୁ ନେଇ ବଳାତ୍କାର କରିଥିଲା। ଝିଅ ଜ୍ୱରରେ ଦୁର୍ବଳ ହୋଇ ଶୋଇ ପଡିଥିବା ଭାବି ମାଆ ଜଣଙ୍କ ପିଲା ପାଖରେ ବସି ମୁଣ୍ଡ ଓ ଗୋଡ଼କୁ ଆଉଁସି ଦେଉ ଥିବାବେଳେ ଜଙ୍ଘ ନିକଟରେ ବଥା ହେଉଛି ବୋଲି ଝିଅ କହିଥିଲା। ପରେ ମାଆ ଝିଅକୁ ପଚାରିବାରୁ ସବୁ ଘଟଣା ଜାଣିବାକୁ ପାଇଥିଲା। ପରେ ଝିଅର ବାପାମାଆ ୮ ତାରିଖ ଦିନ ଖବରଟି ଗାଁ ଲୋକଙ୍କୁ ଜଣାଇବା ପରେ ଅଭିଯୁକ୍ତକୁ ଓ ତା ବାପାଙ୍କୁ ଡାକି ମାଡ଼ ମାରିଥିଲେ। ପରେ ଗାଁ ଲୋକେ ଓ ପରିବାର ଲୋକେ ପୀଡ଼ିତା ଝିଅକୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ବେଳେ ଦୁଷ୍କର୍ମ ହୋଇଥିବା ବେଳେ ଝିଅର ପ୍ରାଇଭେଟ୍ ପାର୍ଟରେ ଗଭୀର ଆଘାତ ହୋଇ ରକ୍ତସ୍ରାବ ହେଉଥିବାରୁ ଚିକିତ୍ସା କରିଥିବା ଡାକ୍ତର ପୋଲିସକୁ ଯାଇ ଅଭିଯୋଗ କରିବାକୁ କହିଥିଲେ। ପରେ ପରିବାର ଲୋକ ଅତି ଗରୀବ ଶ୍ରେଣୀର ଆଦିବାସୀ ପରିବାରର ହୋଇଥିବା ବେଳେ ଦୁଷ୍କର୍ମ କରିଥିବା ଯୁବକ ସମ୍ପର୍କୀୟ ହୋଇଥିବାରୁ ଲୋକଲଜ୍ୟାକୁ ଭୟ କରି କଥା ପଦାକୁ ନ ଆସୁ ଆପୋଷ ବୁଝାମଣା କରି ଘଟଣାକୁ ଚାପି ଦେବାକୁ ପରିବାର ବର୍ଗ ଉପରେ ଚାପ ପକେଇଥିଲେ। କିନ୍ତୁ ଘଟଣା ଅତି ସଙ୍ଗୀନ ଥିବାରୁ ପୋଲିସ ପୀଡ଼ିତା ଝିଅର ବାପା ମାଆଙ୍କୁ ଆଣି ନିଜ ଆଡୁ ଲିଖିତ ଅଭିଯୋଗ କରି ମାମଲା ରୁଜୁ କରି ଆସାମୀକୁ ଗିରଫ କରି ପୋଲିସ ଥାନାରେ ଅଟକ ରଖିଛନ୍ତି। ଉକ୍ତ ଘଟଣାକୁ ନେଇ ବନ୍ଧୁଗାଁରେ ଜୋରରେ ଚର୍ଚ୍ଚା ଚାଲିଥିବା ଦେଖିବାକୁ ମିଳୁଛି।

# ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ଗ୍ରାମପଞ୍ଚାୟତ ଗଡିଜଙ୍ଗସ୍ଥିତ କଳିଙ୍ଗ ମଡେଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ଜନିତ କାରଣରୁ ଶିକ୍ଷାଦାନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବାର ଛାତ୍ରାଭିଭାବକ ମହଲରେ ଅଭିଯୋଗ ହୋଇଛି। ଏହାର ପ୍ରତିକାର ଦିଗରେ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା କାରଣରୁ ଗଣ ଆନ୍ଦୋଳନ ନିମନ୍ତେ ଛାତ୍ରାଭିଭାବକ ସଜବାଜ ହେଉଥିବାର ଜଣାଯାଇଛି। କଳିଙ୍ଗ ମଡେଲ ସରକାରୀ ଉଚ୍ଚ ବିଦ୍ୟାଳୟ ଗତ ୧୯୬୩ ମସିହାରେ ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୦ଟି ଶ୍ରେଣୀ ରହିଛି। ନୂତନ ଭାବେ ବାଲବାଟିକା ଖୋଲାଯାଇଛି। ଏହି ବିଦ୍ୟାଳୟରେ ୪୨୮ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି।



ଦାନା ବାନ୍ଧୁଛି ଗଣ ଆନ୍ଦୋଳନ

ସରକାର ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରୁଥିଲା ବେଳେ ଏହି ବିଦ୍ୟାଳୟରେ ଦୀର୍ଘ ଦିନ ହେଲା ଆବଶ୍ୟକୀୟ ଶିକ୍ଷକ ଶିକ୍ଷୟିତ୍ରୀ ନଥିବା ଯୋଗୁଁ ଶିକ୍ଷାଦାନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଏହି ବିଦ୍ୟାଳୟରେ ଦୀର୍ଘ ଦିନ ହେଲା ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଛି। ଫଳରେ ବିଦ୍ୟାଳୟର ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସେହିପରି ଭାବେ ଏହି ବିଦ୍ୟାଳୟରେ ୬ଟି ଶିକ୍ଷକ ପଦବୀ ଖାଲି ରହିଛି। ଫଳରେ ଶିକ୍ଷକ ଅଭାବ କାରଣରୁ ବହୁ ସମୟରେ ଶ୍ରେଣୀରେ ଶିକ୍ଷାଦାନ ନିମନ୍ତେ କୌଣସି ଶିକ୍ଷକ ଶିକ୍ଷୟିତ୍ରୀ ରହୁନଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ସରକାର ଶାରିରୀକ କ୍ରୀଡା କୌଶଳ ଉପରେ ଗୁରୁତ୍ୱାରୋପ କରୁଥିଲା ବେଳେ ଦୀର୍ଘ ଦିନ ହେଲା ଏହି ବିଦ୍ୟାଳୟରେ କ୍ରୀଡା ଶିକ୍ଷକ ପଦବୀ ଖାଲି ରହିଛି। ଫଳରେ ଛାତ୍ର ଛାତ୍ରୀମାନେ ଶାରିରୀକ କ୍ରୀଡା କୌଶଳ ଶିକ୍ଷାଲାଭରୁ ବଞ୍ଚିତ ହେଉଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଏହି ବିଦ୍ୟାଳୟରେ ମଧ୍ୟ ଦୁଇଟି ପିଅନ ପଦବୀ ଖାଲି ରହିଥିଲେ ମଧ୍ୟ ତାହା ପୂରଣ କରାଯିବାରେ ପ୍ରଶାସନ ତରଫରୁ କୌଣସି ଆନ୍ତରିକତା ପ୍ରକାଶ ପାଉନାହିଁ। ସେହିପରି ଭାବେ ଶିକ୍ଷାଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା ଏହି ଆଦର୍ଶ ବିଦ୍ୟାଳୟରେ ଆବଶ୍ୟକୀୟ ଶ୍ରେଣୀ ଗୃହ ନଥିବା କାରଣରୁ ଗୋଟିଏ ଶ୍ରେଣୀ କକ୍ଷରେ ଦୁଇଟି ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କୁ ଦୟନୀୟ ଭାବେ ଶିକ୍ଷା ପ୍ରଦାନ କରାଯାଉଛି। ସେହିପରି ଭାବେ ବିଦ୍ୟାଳୟର କୌଣସି ସମ୍ମିଳନୀ କକ୍ଷ ନଥିବା କାରଣରୁ ସଭା ସମିତି ହେବାରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି। ତେବେ ଏହି ବ୍ଲକର ବହୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକତା ଠାରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ରହିଥିଲେ ମଧ୍ୟ ସେଠାରୁ ରହସ୍ୟ ଜନକ ଭାବେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବଦଳୀ କରାଯାଉନାହିଁ। ଏପରିକି ଶିକ୍ଷକ ଅଭାବଥିବା ବିଦ୍ୟାଳୟ ଗୁଡିକୁ ମଧ୍ୟ ଅଧିକ ଶିକ୍ଷକ ଯୋଗାଇ ଦିଆନଯିବା ଘଟଣାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ପ୍ରଶାସନ ତରଫରୁ ତୁରନ୍ତ ଏହି ବିଦ୍ୟାଳୟର ସମସ୍ୟା ସମାଧାନ କରାନଗଲେ ଆଗାମୀ ଦିନରେ ଛାତ୍ରାଭିଭାବକ ମାନେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଓଡ଼ିଶା କୃଷକ ସଭା ପକ୍ଷରୁ ଟାଙ୍ଗୀରେ ରାସ୍ତାରୋକ




ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ସମଗ୍ର ଦଶରେ ଶ୍ରମିକ ଟ୍ରେଡ୍ ୟୁନିଅନ୍ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିବାବେଳେ ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥରେ ଓଡ଼ିଶା କୃଷକ ସଭା (ଓସିଆଇଟିୟୁ), ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କମିଟି ପକ୍ଷରୁ ସମର୍ଥନ ଜଣାଇ ରାସ୍ତାରୋକ କରାଯାଇଥିଲା। ରମେଶ ବେହେରା, ଚନ୍ଦ୍ରମୋହନ ମାଝୀ, ମହେନ୍ଦ୍ର ବେହେରା, ପର୍ଶୁରାମ ମହାରଣା, ନରେନ୍ଦ୍ର ହେମ୍ବ୍ରମ ଓ ବିଷ୍ଣୁ ବେହେରାଙ୍କ ନେତୃତ୍ୱରେ ଭଗତ୍‌ପୁରଠାରୁ ଏକ ଶୋଭାଯାତ୍ରାରେ ବାହାରିଟାଙ୍ଗୀ ବ୍ଲକ୍ ଦେଇ ଜାତୀୟ ରାଜପଥକୁ ଯାଇ ରାସ୍ତାରୋକ କରାଯାଇଥିବା ବେଳେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଜନ ବିରୋଧି ନୀତି ବିରୁଦ୍ଧରେ ନାରାବାଜି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଝିଲି ବିଶୋଇ, ଯୁବନେତା ସୁନାକର ବରାଳ, ପରମାନନ୍ଦ ସ୍ୱାଇଁ, ଶେକକରିମ୍, ରମେଶ ନାୟକ, ଶେଖ୍‌ରୁଜୁଓ୍ୱାନ, ସୁବ୍ରତମଲ୍ଲିକ, କାମିନୀ ପ୍ରଧାନ, କୁନିଭୋଇ ପ୍ରମୁଖଙ୍କ ସମେତବହୁ ସଦସ୍ୟ ଏହି ବନ୍ଦ ପାଳନରେ ସାମିଲ ହୋଇଥିଲେ।

## ଗଞ୍ଜାମରେ ଉଦ୍‌ଘାଟିତ ହେଲା ମୁଗ ମଣ୍ଡି

ଛତ୍ରପୁର, (ଭାସ୍କର ନ୍ୟୁଜ୍) : ହିଞ୍ଜିଳିକାଟୁ ବ୍ଲକ ଦାରୁଭଦ୍ରା ଠାରେ ମାର୍କଫେଡ଼ ତରଫରୁ ଡାଲି ଏବଂ ତୈଳବୀଜ ଫସଲ ଉତ୍ପାଦର ମଣ୍ଡି ମୁଖ୍ୟ କୃଷି ଜିଲ୍ଲା ଅଧିକାରୀ ଅଜୟ କୁମାର କରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହାଦ୍ୱାରା ମୁଗ, ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ ଚାଷ କରୁଥିବା ଚାଷୀଙ୍କ ଠାରୁ ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟର କ୍ୱିଣ୍ଟାଲ ପ୍ରତି ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ଏମ୍‌ଏସ୍‌ପି (ଟଙ୍କାରେ) ମୁଗ ୮୬୮୨, ବିରି ୭୪୦୦, ଚୀନା ବାଦାମ ୬୭୮୩, ସୂର୍ଯ୍ୟମୁଖୀ ୭୨୮୦, ସୋରିଷ ୫୯୮୦ ସରକାରି ନିର୍ଦ୍ଧାରିତ ମୂଲ୍ୟରେ ମୁଗ, ବିରି ମାର୍କଫେଡ଼ ତରଫରୁ ଛତ୍ରପୁର କୃଷକ ଉତ୍ପାଦକ ସଂଗଠନ ଜରିଆରେ କ୍ରୟ କରିବେ। ଚଳିତ ବର୍ଷ ପ୍ରଥମ ଥର ପାଇଁ ଏହି ପ୍ରକ୍ରିୟା ସରକାରଙ୍କ ତରଫରୁ ନିଆଯାଇଥିବା ବେଳେ ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ମୁଗ ବିକ୍ରି କରିବା ପାଇଁ ପଞ୍ଜିକରଣ କରିଛନ୍ତି। ଏହି ନୂତନ ପଦକ୍ଷେପକୁ କୃଷକ ମହଲରେ ସ୍ୱାଗତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଛତ୍ରପୁର କୃଷି ଜିଲ୍ଲା ଅଧିକାରୀ କୁଳମଣି ବାରିକ,ଆତ୍ମା ଉପ ପ୍ରକଳ୍ପ ନିର୍ଦ୍ଦେଶକ ବାସୁଦେବ ଶତପଥି, ଭାରପ୍ରାପ୍ତ ଗୋଷ୍ଠୀ କୃଷି ଅଧିକାରୀ ହିଞ୍ଜିଳିକାଟୁ ବିଘ୍ନରାଜ ସେଠି, ସହକାରୀ କୃଷି ଅଧିକାରୀ ଜାନକୀ ବଲ୍ଲଭ ପଟ୍ଟନାୟକ, କୃଷି ଅଧୀଦର୍ଶକ ମୁନିବାଇ ନାୟକ, ଗ୍ରାମ୍ୟ କୃଷି କର୍ମଚାରୀ ଧରିତ୍ରୀ ପାଢ଼ୀ, କୃଷି ଅଧୀଦର୍ଶକ ଦୁର୍ଗା ପ୍ରସାଦ ପ୍ରଧାନ, ମନୋରଞ୍ଜନ ରେଡ୍ଡୀ, ଦାରୁଭଦ୍ରା ପଞ୍ଚାୟତ ସରପଞ୍ଚ ବିକାଶ ସେଠୀ, ଛତ୍ରପୁର କୃଷକ ଉତ୍ପାଦ ସଂଗଠନ ନିର୍ଦ୍ଧେଶକ ରବୀନ୍ଦ୍ର ନାହାକ, ମାର୍କଫେଡ଼ କର୍ମଚାରୀ ସିମାଞ୍ଚଳ ପଣ୍ଡା ଏବଂ ଶତାଧିକ ଚାଷୀ ଉପସ୍ଥିତ ଥିଲେ।



## କଣାସ ଅଞ୍ଚଳରେ ଝାଡାବାନ୍ତି ଜିଲ୍ଲାପାଳ କଲେ ଅନୁଧ୍ୟାନ

କଣାସ, (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା କଣାସ ବ୍ଲକ ବିଭିନ୍ନ ଗ୍ରାମରେ ଗତ ୧୫ଦିନରୁ ଉର୍ଦ୍ଧ୍ୱ ହେବ ଝାଡା ବାନ୍ତି ଲାଗିରହିଛି। ଏହି ପରିପ୍ରେକ୍ଷୀରେ କଣାସ ଗ୍ରସ୍ତରେ ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣା ଆସି ପ୍ରଥମେ ବିଜିପୁର ପଞ୍ଚାୟତର ଆକ୍ରାନ୍ତ ହୋଇଥିବା ଜଗନ୍ନାଥପୁର ଗ୍ରାମରେ ପହଞ୍ଚି ସ୍ଥିତି ସମୀକ୍ଷା କରିବା ସହ ଗ୍ରାମର ପରିବେଶ ବୁଲି ଦେଖିଥିଲେ, ମୁଖ୍ୟତଃ ପାନୀୟ ଜଳର ସମସ୍ୟା ଓ ପରିମଳର ଅବ୍ୟବସ୍ଥା ଅନୁଧ୍ୟାନ କରି ଲୋକମାନଙ୍କୁ ସେଚତାନତା କରିବା ପାଇଁ ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ପରାମର୍ଶ ଦେଇଥିଲେ। ପରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲ୍ଲାପାଳ ଶ୍ରୀ ରାଣା ପହଞ୍ଚି ଝାଡାବାନ୍ତି ରୋଗୀଙ୍କୁ ଭେଟିବା ସହ ମେଡିକାଲର ବିଭିନ୍ନ ବିଭାଗ ବୁଲି ଦେଖିବା ସହ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ସହ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାପାଳ କହିଥିଲେ ମୁଖ୍ୟତଃ ପାନୀୟ ଜଳ ସମସ୍ୟା ଓ ପରିମଳ ସମସ୍ୟା ଯୋଗୁ ଝାଡାବାନ୍ତି ବ୍ୟାପୁଛି। ଏବେ ସ୍ଥିତି ସୁଧୁରିବା ସହ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା କମିଛି। ପାନୀୟ ଜଳ ଯୋଗାଣ ବିଭାଗର ଜିଲ୍ଲା ଏଜକ୍ୟୁଟିଭ ଇଞ୍ଜିନିୟର ଓ କଣାସ ସହକାରୀ ଯନ୍ତ୍ରୀଙ୍କୁ ଯଥା ଶୀଘ୍ର ପାଇପ ଜଳ ଯୋଗାଣ କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାସ୍ଥ୍ୟ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅକ୍ଷୟ ଶତପଥୀ, ଡିପିଏମ ଶ୍ୟାମ ସୁନ୍ଦର ତ୍ରିପାଠୀ, ଜୀବାଣୁ ବିଶେଷଜ୍ଞ ଶିଳ୍ପୀ ଦାସ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ କ୍ଷମାନିଧି ସେଠୀ, ତହସିଲଦାର ହିମାଂଶୁ ଶେଖର ଗିରି, ବିପିଏମ ଧନେଶ୍ୱର ସ୍ୱାଇଁ, ବିପିଏ ଓ ସ୍ୱର୍ଣ୍ଣଲତା ରଥ ପ୍ରମୁଖ ଉପସ୍ଥିତ ଥିଲେ।

## କନଓ୍ୱର ବିଶାଳ ସିଂ ଦକ୍ଷିଣ ପଶ୍ଚିମାଞ୍ଚଳର ନୂତନ ଡିଆଇଜି



କୋରାପୁଟ, (ଭାସ୍କର ନ୍ୟୁଜ) ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଅଖିଳେଶ୍ୱର ସିଂଙ୍କ ଭୁବନେଶ୍ୱର ଏସଆଇଡବ୍ଲ୍ୟୁ ଡିଆଇଜି ଭାବେ ବଦଳି ହୋଇଛି । ତାଙ୍କ ସ୍ଥାନରେ ଭୁବନେଶ୍ୱର ଏସଆଇଡବ୍ଲ୍ୟୁର ଡିଆଇଜି ଡ. କନଓ୍ୱର ବିଶାଳ ସିଂ ଦକ୍ଷିଣ ପଶ୍ଚିମାଚଂଳର ନୂଆ ଡିଆଇଜି ହୋଇଛନ୍ତି । ଡ. କନଓ୍ୱର ବିଶାଳ ସିଂ କୋରାପୁଟରେ ପ୍ରାୟ ୫ବର୍ଷ ପୂର୍ବେ ଏସ୍‌ପି ଭାବେ କାର୍ଯ୍ୟରତ ଥିଲେ । ତାଙ୍କ ସମୟରେ ଗଞ୍ଜେଇ ଚାଲାଣ ରୋକିବା ପାଇଁ ଅପରେସନ ଗ୍ରୀନ୍ କ୍ଲିନ୍ କାର୍ଯ୍ୟକାରୀ ହୋଇଥିଲେ । ସେହିପରି କୋରାପୁଟ ଜିଲ୍ଲାରେ ମାଓ ଦମନରେ ତାଙ୍କ ଉଲ୍ଲେଖନୀୟ ଅବଦାନ ରହିଥିଲା ।

## ଉପଖଣ୍ଡସ୍ତରୀୟ ବଜ୍ରପାତ ସଚେତନତା ଅଭିଯାନ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାରେ ବୃଦ୍ଧିପାଉଥିବା ବଜ୍ରପାତ ଜନିତ କ୍ଷୟକ୍ଷତି ଓ ଧନଜୀବନ ନଷ୍ଟକୁ ଦୃଷ୍ଟିରେ ରଖି ଆଜି କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ କରଞ୍ଜିଆ, ମହାବିଦ୍ୟାଳୟ ଓ ଜାତୀୟ ସେବା ଯୋଜନା ବ୍ୟୁରୋ, ମହାରଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ମିଳିତ ସହଯୋଗ ରେ ଉପଖଣ୍ଡସ୍ତରୀୟ ବଜ୍ରପାତ ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି। କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ରୂପେ କରଞ୍ଜିଆ ବିଡ଼ିଓ ପ୍ରଦ୍ୟୁମ୍ନ କୁମାର ନାଏକ, ସମ୍ମାନିତ ଅତିଥି ତଥା ପ୍ରଶିକ୍ଷକ ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ମନରଞ୍ଜନ ମିଶ୍ର,ଏନଏସଏସ ବ୍ୟୁର ବସନ୍ତ ମହାନ୍ତ, ଅତିଥି ଭାବେ ମୟୁରଭଞ୍ଜ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅନାମ ଚରଣ ରାଉଳ, ଅଧ୍ୟାପିକା ଗୀତାଞ୍ଜଳି ବର୍ତିଆ ମଞ୍ଚାସିନ ହୋଇଥିଲେ। ପ୍ରଥମେ ଅତିଥିଙ୍କ ଦ୍ୱାରା ଜଗତରନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦ୍ୱୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅଧ୍ୟାପକ ରଣଜିତ ସାହା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ସିପୁନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶିକ୍ଷକ ପ୍ରଫେସର ମନରଞ୍ଜନ ମିଶ୍ର ବଜ୍ରପାତ ସମ୍ବନ୍ଧୀୟ ସଚେତନତା ଓ ବଜ୍ରପାତ ପୂର୍ବର ଲକ୍ଷଣ ବିଷୟରେ ଉପଖଣ୍ଡର ପାଞ୍ଚଟି ବ୍ଲକ ଓ କରଞ୍ଜିଆ ଏନ୍‌ଏସି ଅଞ୍ଚଳରୁ ଆସିଥିବା ଅଙ୍ଗନୱାଡି କର୍ମୀ, ସାମାଜିକ କର୍ମୀ, ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ଭାବେ ଭିଡିଓ ଚିତ୍ର ମାଧ୍ୟମରେ ପ୍ରଶିକ୍ଷଣ ଓ ବିବରଣୀ ପ୍ରଦାନ କରିଥିଲେ ଏବଂ ଭାରତ ସରକାରଙ୍କ ଦ୍ୱାରା ବିକଶିତ ଦାମିନୀ, ମେଘଦୂତ, ରେନ ଆଲାର୍ମ, ଉମଙ୍ଗ ଆଦି ମୋବାଇଲ ଆପ ବ୍ୟବହାର କରି କିଭଳି ବଜ୍ରପାତର ପୂର୍ବାନୁମାନ କରାଯାଇ ପାରିବ ତାହା ବୁଝାଇଥିଲେ। ଏହି ଅବସରରେ ପ୍ରଶିକ୍ଷକ ପ୍ରଫେସର ମନରଞ୍ଜନ ମିଶ୍ର,ଏନ୍‌ଏସ୍‌ଏସ୍ ବ୍ୟୁର ବସନ୍ତ ମହାନ୍ତ, ଡିପିଓ ଅନାମ ଚରଣ ରାଉଳଙ୍କୁ କରଞ୍ଜିଆ କଲେଜ ପକ୍ଷରୁ ଉତ୍ତରୀୟ ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ଫୋଟଚିତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜସେବୀ ଗମ୍ଭା ସିଂ, ସାମାଜିକ କର୍ମୀ ଜ୍ୟୋସ୍ନାରାଣୀ ମହାନ୍ତ, ନିହାରିକା ଦାସ ଓ ବିଭିନ୍ନ କଲେଜର ଏନଏସଏସ ସଂଯୋଜକ ମାନଙ୍କ ସମେତ ପଞ୍ଚାପୀଢ ଉପଖଣ୍ଡର ପାଞ୍ଚୋଟି ବ୍ଲକ ଓ କରଞ୍ଜିଆ ଏନଏସିର ପ୍ରାୟ ସାତଶହରୁ ଉର୍ଦ୍ଧ ଅଙ୍ଗନୱାଡିକର୍ମୀ, ସ୍ୱେଚ୍ଛାସେବୀ ଓ ଛାତ୍ର ଛାତ୍ରୀ ଯୋଗଦେଇଥିଲେ।




## ବନ୍ୟାରେ ବ୍ୟାପକ ପରିବା ଫସଲ ନଷ୍ଟ

କଣାସ, (ଭାସ୍କର ନ୍ୟୁଜ୍) : କଣାସ ବ୍ଲକ୍‌ରେ ପ୍ରବାହିତ ହୋଇଥିବା ଦୟା ନଦୀରେ ପ୍ରଥମ ବନ୍ୟାଜଳ ଗତକାଲି ଅପରାହ୍ନ ରେ ପ୍ରବେଶ କରି ଦୋକନ୍ଦା, ଗଡ ବଳଭଦ୍ରପୁର, ପାଣ୍ଡିଆକେରା ପଞ୍ଚାୟତର ଦୋକନ୍ଦା, କଦଳୀ ଦଣ୍ଡା, ବାଲିପାଟଣା, ତରପଡ଼ା, ବୈଦ୍ୟନାଥପାଟଣା, କଖାରୁବସ୍ତ, ସବଳଙ୍ଗ, ଗଡବଡପୁଟ, ପାଣ୍ଡିଆକେରା ଗ୍ରାମର ପରିବା ଫସଲ ଜମିରେ ବନ୍ୟାଜଳ ପ୍ରବେଶ କରିଥିବାରୁ ଚାଷୀମାନେ ଉକ୍ତ ଜମିରେ କରିଥିବା ପୋଟଳ, କଲରା, ଭେଣ୍ଡି, ବାଇଗଣ, ଲଙ୍କା, ପୋଇ, କଖାରୁ, ପ୍ରଭୃତି ବୁଡି ଯାଇଥିବାରୁ ଚାଷୀ ମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଦୟା ନଦୀରେ କଣାସ ଠାରେ ବିପଦ ସଂକେତ, ୩.୯୯ ମି.ମି ଥିବା ବେଳେ ଆଜି ଦିନ ୧ ସୁଦ୍ଧା ୩.୫୫ ମି.ମି ଜଳ ପ୍ରବାହିତ ହୋଇଛି। ଦୟାନଦୀରେ ବନ୍ୟାଜଳ ବିପଦ ସଂକେତ ପାଖାପାଖି ହେବାକୁ ବସିଥିବା ବେଳେ ଚାଷୀ ମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି, ଗ୍ରାମ ମହାଜନ ଠାରୁ ଚଢ଼ା ସୁଧରେ ଋଣ ଆଣି ପରିବା ଫସଲ କରିଥିବାରୁ ଏବେ ଚିନ୍ତାରେ ସମୟ ଅତିବାହିତ କରୁଥିବା ଶୁଣିବାକୁ ମିଳିଛି।



## ପୋଲିସ ପକ୍ଷରୁ ମାଓବାଦୀ ଆତ୍ମସମର୍ପଣ ଆହ୍ୱାନ ପୋଷ୍ଟର

ମୁନିଗୁଡ଼ା, (ଭାସ୍କର ନ୍ୟୁଜ୍) : ଦୀର୍ଘଦିନ ହେବ ମାଓବାଦୀ ସଂଗଠନ ଓ ପୋଲିସ୍ ମଧ୍ୟରେ ଅହିନକୂଳ ସମ୍ପର୍କରେ ଉଭୟ ପକ୍ଷରୁ ଗଡିଛି ହଜାର ହଜାର ମୁଣ୍ଡ। ସୃଷ୍ଟି ହୋଇଥିଲା ଜନସାଧାରଣଙ୍କ ପାଇଁ ଭୟର ବାତାବରଣ। ମାଓବାଦୀ ମାନଙ୍କର ମାତ୍ରାଧୀକ ଅତ୍ୟାଚାର ଓ ନରସଂହାର, ଯାହାକୁ ସହ୍ୟ କରିପାରୁନଥିଲେ ପୋଲିସ୍ ଫୋର୍ସ, ବହୁ କ୍ଷେତ୍ରରେ ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇ ମାଓବାଦୀଙ୍କ ଗୁଳିରେ ଟଳି ପଡ଼ିଥିଲେ ପୋଲିସ୍ ବାବୁ। ଏବେ ଆଉ ପୋଲିସ୍ ନିରବ ନ ରହି ମାଓ ଦମନରେ ସୁଫଳ ହାସଲ କରି ମାଓବାଦୀଙ୍କ ସଙ୍ଗଠନକୁ ଦୁର୍ବଳ କରିଦେଲେଣି, ଭୟରେ ଦିନକୁ ଦିନ ମାଓ ସଙ୍ଗଠନ ଛାଡି ପୋଲିସ୍ ନିକଟରେ ଆତ୍ମସମର୍ପଣ କରି ମୁଖ୍ୟ ସ୍ରୋତରେ ସାମିଲି ହୋଇ ସରକାରୀ ସାହାଯ୍ୟ ପାଇ ସପରିବାର ସହ ଶାନ୍ତିରେ ଜୀବନଯାପନ କରୁଛନ୍ତି। ବହୁ ମାଓବାଦୀ ମାନେ ସଙ୍ଗଠନ ଛାଡ଼ିବାକୁ ମନବଳାଉ ଥିଲେ ମଧ୍ୟ ସଙ୍ଗଠନର ପଦାଧିକାରୀଙ୍କ ଚାପ ଓ ଭୟରେ ଅନିଚ୍ଛାକୃତ ଭାବେ ନିଜ ଜୀବନକୁ ବଞ୍ଚାଇ ରଖିଛନ୍ତି। ତାଙ୍କର ମନୋବଳକୁ ବଢାଇ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ ହୋଇ ଭଲ ମଣିଷଟିଏ ହେବା ପାଇଁ ଆଜି ରାୟଗଡା ପୋଲିସ୍ ପୋଷ୍ଟର ମାଧ୍ୟମରେ ଆହ୍ୱାନ ଦେଇଛନ୍ତି। ତେଣୁ ଏସ୍ପିଙ୍କ ନିର୍ଦ୍ଦେଶରେ ମୁନିଗୁଡା ପୋଲିସ୍ ବସଷ୍ଟାଣ୍ଡରେ ପୋଷ୍ଟର ମାଧ୍ୟମରେ ମାଓବାଦୀ ମାନଙ୍କୁ ଆହ୍ୱାନ କରିଛନ୍ତି, ସେମାନେ ଆତ୍ମସମର୍ପଣ କରି ମୁଖ୍ୟ ସ୍ରୋତରେ ସାମିଲି ହୁଅନ୍ତୁ। ଯେଉଁମାନେ ଆତ୍ମସମର୍ପଣ କରିବେ ସେମାନଙ୍କୁ ସରକାର ନଗଦ ୨୫ ହଜାର ଟଙ୍କା ଅନୁକମ୍ପାମୂଳକ ଦେବା ସହ ପିଲାମାନଙ୍କର ରହିବା ଖାଇବା ପଢିବା ଦାୟିତ୍ୱ ସରକାର ଗ୍ରହଣ କରିବେ। ଏଥିସହିତ ଘର ନିର୍ମାଣ, ଝିଅ ବାହାଘର ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବେ ଏବଂ ସେମାନଙ୍କ ନାମରେ ଥିବା କେଶଗୁଡିକ ଉଠାଇ ଦିଆଯିବ ବୋଲି ପୋଲିସ୍ ଲଗାଇଥିବା ବ୍ୟାନରରେ ଲିପିବଦ୍ଧ ରହିଛି। ଏହି ସବୁ ବ୍ୟାନର ଚନ୍ଦ୍ରପୁର ବ୍ଲକର ହନୁମନ୍ତପୁରୁ, ବିଷମକଟକ ବ୍ଲକର ଖମ୍ବସୀ ଓ ନିୟମଗିରି ପାହାଡ଼ରେ ପୋଲିସ୍ ଲଗାଇଥିବା ବ୍ୟାନର ଦେଖିବାକୁ ମିଳିଛି। ତେଣୁ ଆତ୍ମସମର୍ପଣ କରିବାକୁ ଚାହୁଁଥିଲେ ୬୩୭୦୨୦୪୦୩୨, ୮୬୫୮୪୬୫୬୫୨ ନମ୍ବରରେ ଯୋଗାଯୋଗ କରିବାକୁ ପୋଷ୍ଟରରେ ପୋଲିସ୍ ଅନୁରୋଧ କରିଛି।

**ମାଓବାଦୀଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ପ୍ରୟାସ**

## ମାସେ ପୁରିନି, ମରାମତି ଖୋଜିଲାଣି ରାସ୍ତା

### ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ସାଜିଛି ନିରବଦ୍ରଷ୍ଟା

ଆଳି, (ଭାସ୍କର ନ୍ୟୁଜ୍) : ରାଜନଗର ଥାନା ଅନ୍ତର୍ଗତ ଓସ୍ତିଆ ପଞ୍ଚାୟତର ଆଳି ପାର୍ଶ୍ୱରେ ଥିବା ନଦୀ ପାର ଗାଁ ନଳଦିଆ ଓ କଟକଣା ଏବଂ ଆଳି ବ୍ଲକର ଅରେହିକଣାକୁ ସଂଯୋଗ କରୁଥିବା ସେତୁ ଦୀର୍ଘଦିନ ହେବ ନିର୍ମାଣଧୀନ ଅଛି। ଏହାକୁ ଲାଗି ରହିଥିବା ଆପ୍ରୋଚ ରାସ୍ତା ନିର୍ମାଣକୁ ଏକ ମାସ ପୁରିନଥିବା ବେଳେ ମରାମତି ପାଇଁ ଅପେକ୍ଷା କଲାଣି ଉକ୍ତ ରାସ୍ତା। ସୂଚନା ସୂତ୍ରରୁ ପ୍ରକାଶ ୨୦୧୯ ମସିହା ଜୁନ ୨୫ ତାରିଖରେ ଗ୍ରାମ୍ୟ ଉନୟନ ବିଭାଗ ପକ୍ଷରୁ ପ୍ରାୟ ୫ କୋଟି ୬୫ଲକ୍ଷ ଟଙ୍କା ବ୍ୟୟରେ ବ୍ରାହ୍ମଣୀ ନଦୀ ଉପରେ ପୋଲ କାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ ୨୦୨୦ ମସିହା ଡିସେମ୍ବର ମାସରେ ଶେଷ ମିଆଁଦି ରହିଥିଲା। ସେତୁ କାର୍ଯ୍ୟ ୫ବର୍ଷରେ ପହଁଚି ଥିଲେ ମଧ୍ୟ କାର୍ଯ୍ୟ ସରିବାର ନାଁ ନେଉନି। କାର୍ଯ୍ୟ ଆରମ୍ଭରୁ ନିମ୍ନମାନର କାର୍ଯ୍ୟକୁ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ ମଧ୍ୟ ସେତେବେଳେ କଥାକୁ ଗୁରୁତ୍ୱର ସହ ପ୍ରଶାସନ ନେଇନଥିଲା। ଠିକାଦାର ଓ ଯନ୍ତ୍ରୀଙ୍କ ମିଳି ଭଗତରେ ହେଉଥିଲା ନିମ୍ନମାନର କାର୍ଯ୍ୟ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ କାର୍ଯ୍ୟ ଆରମ୍ଭରୁ ବିଭାଗୀୟ ଅଧିକାରୀ ଥରେ ଦୁଇ ଥର କାର୍ଯ୍ୟ ଦେଖିବାକୁ ଆସିଥିଲେ ମଧ୍ୟ ଆଉ ବାବୁଙ୍କୁ କାର୍ଯ୍ୟରେ ଦେଖିବାକୁ ମିଳିନଥିଲା। ଦୀର୍ଘ ତିନି ବର୍ଷ ପରେ ସେତୁ କାର୍ଯ୍ୟ ଅପୂର୍ଣ୍ଣାଙ୍ଗ ହୋଇରହିଥିଲା। ସେତୁ କାର୍ଯ୍ୟ ନସାରି ଠିକାଦାର ଛୁ ମାରିଥିଲା। କିଛି ଦିନ ବ୍ୟବଧାନରେ ପୁଣିଥରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ କରିଥିଲେ ଠିକାଦାର ସେତେବେଳେ କାମରେ ଅନିୟମିତତା ହେଉଥିବା ଦେଖି ସ୍ଥାନୀୟ ଲୋକେ ପ୍ରତିବାଦ କରିଥିଲେ। ଏଭଳି ବାରମ୍ବାର ଲୋକେ ଅଭିଯୋଗ କରି ଆସୁଥିଲେ ମଧ୍ୟ କାର୍ଯ୍ୟରେ ସୁଧାର ଆସିନଥିଲା। ଏବେ ଲକ୍ଷ ଲକ୍ଷ ଟଙ୍କାର ଆପ୍ରୋଚ ପିଚୁ ରାସ୍ତାର ବାସ୍ତବତା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଏବଂ ରାଜନଗର ସୀମାନ୍ତବର୍ତ୍ତୀ ଅରେହିକଣା ଓ ନଳଦିଆ ଗାଁର ସଂଯୋଗୀକରଣ କରୁଥିବା ସେତୁ ଦୀର୍ଘ ବର୍ଷର ମନମୁଖି କାମ ପରେ ଆଜି ବି ଅସମ୍ପୂର୍ଣ୍ଣ ପଡ଼ି ରହିଛି। ସେତୁକାମ ପରେ ହୋଇଥିବା ସଂଯୋଗୀକରଣ ରାସ୍ତା ଅତି ନିମ୍ନମାନର ହୋଇଥିଲା ଯେ ରାସ୍ତା ନିର୍ମାଣର ଏକ ମାସ ବି ପୂରିନି ହେଲେ ରାସ୍ତା ମରାମତି ପାଇଁ ବିକଳ ହେଲାଣି। ନିର୍ମାଣ ହୋଇଥିବା ନୂତନ ରାସ୍ତାର ଗୋଟିଏ ପାର୍ଶ୍ୱ ପ୍ରାୟ ୫୦ ମିଟର ଫାଟି ଆଁ କଲାଣି ସ୍ଥାନେ ସ୍ଥାନେ ରାସ୍ତା ଦବିଗଲାଣି ଏବଂ ରାସ୍ତା କଡ଼ରୁ ମାଟି ଧସିବା ଆରମ୍ଭ କଲାଣି। ଅନ୍ୟପକ୍ଷେ ସେତୁକୁ ସଂଯୋଗ କରିଥିବା ରାସ୍ତା ଏକ ନାଳ ସଦୃଶ ହୋଇଯାଇଥିଲା ଯାହା ଏବେ କଂକ୍ରିଟରେ ଲୁଚା ଯାଉଛି। ମାଟି ବନ୍ଧର ସୁରକ୍ଷା ପାଇଁ ନିର୍ମାଣ ହୋଇଥିବା ପଥର ବନ୍ଧ ଧସିବାରେ ଲାଗିଲାନି। ଏବେ ଅଞ୍ଚଳରେ ନିମ୍ନମାନର କାମକୁ ନେଇ ବହୁ ଅସନ୍ତୋଷ ଦେଖା ଦେଇଛି। ଲୋକେ ସମ୍ପୂର୍ଣ୍ଣ ଭାବେ ସରକାରୀ କଳକୁ ଦାୟୀ କରୁଥିବା ନଜର ଆସୁଛି। କାର୍ଯ୍ୟ ସମୟରେ ସଠିକ ରୂପେ ତଦାରଖ ଏବଂ ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଅଣଦେଖା କରାଯିବା ପାଇଁ ଆଜି ଏପରି ସମସ୍ୟା ଉପୁଜୁଛି ବୋଲି ତାପସ ରଞ୍ଜନ କୁଣ୍ଡ, ଅଞ୍ଜନ ନାୟକ, ବିଶ୍ୱଜିତ ସୂତାର, ଦିବ୍ୟରଞ୍ଜନ ମହାନ୍ତି, ଗୌତମ ମହାନ୍ତି, ରାମ ରଞ୍ଜନ ପାତ୍ର ପ୍ରମୁଖ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଦୁଃଖ ଓ ପରିତାପର ବିଷୟ ଗ୍ରାମବାସୀଙ୍କ ଅଭିଯୋଗ ଏବଂ ବାରମ୍ବାର ଏ ନେଇ ଖବର ପ୍ରକାଶ ପାଇବା ପରେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ନିକଟରୁ ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ। ଯେତେବେଳେ ଆମେ ଏ ନେଇ ଗ୍ରାମ୍ୟ ଉନ୍ନୟନ ଉପ ବିଭାଗୀୟ ଅଧିକାରୀ ସୁବାଷ ଦାସଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ କାମ ସଠିକ ଭାବେ ଚାଲୁଅଛି। ତେବେ ଏଠି ପ୍ରଶ୍ନ ଉଠେ ଗ୍ରାମବାସୀଙ୍କ ଅଭିଯୋଗ ଠିକ ନା ବିଭାଗୀୟ ଅଧିକାରୀଙ୍କ ଉତ୍ତର ଠିକ୍ ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏବେ ଚର୍ଚ୍ଚା ଜୋର ଧରିବାରେ ଲାଗିଛି।



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅଧୀନସ୍ଥ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତହସିଲ ପ୍ରଶାସନ ଗ୍ରାମାଞ୍ଚଳରେ ପହଞ୍ଚି ତହସିଲର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବ। ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଅରକ୍ଷିତ କାଣ୍ଡିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରା ଓ ରାଜସ୍ୱ ପରିଦର୍ଶକ ମାନସ କୁମାର ନାଥ ଉପସ୍ଥିତ ରହି ବଳଭଦ୍ରପୁର ରାଜସ୍ୱ ସର୍କଲ ଅଧିନସ୍ଥ ୭୫ଜଣ ହିତାଧିକାରୀଙ୍କୁ ୱାରସ ସଂଶୋଧନ ହୋଇଥିବା ପଟ୍ଟା, ବନ୍ଦୋବସ୍ତ ପଟ୍ଟା, ପଟ୍ଟା ସଂଶୋଧନ, ଇ-ପାଉତି ମାଧ୍ୟମରେ ରାଜସ୍ୱ ପୈଠ ଓ ବହୁ ହିତାଧିକାରୀଙ୍କ ଜାତିଗତ ପ୍ରମାପତ୍ର ସମେତ ଅନ୍ୟାନ୍ୟ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମିତିସଭ୍ୟ ଫନିନ୍ଦ୍ର ବେହେରା, ବଳଭଦ୍ରପୁର ରାଜସ୍ୱ ନିରୀକ୍ଷକ ଲକ୍ଷ୍ମଣ ବେହେରାଙ୍କ ସମେତ ତହସିଲ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଗଞ୍ଜେଇ ସହ ମଦ ଜବତ, ୩ ଗିରଫ

କୋରାପୁଟ (ଭାସ୍କର ନ୍ୟୁଜ୍) : ନନ୍ଦପୁର ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢଉ କରି ୨୭କିଲୋ ଗଞ୍ଜେଇ ଏବଂ ୧୨ଲିଟର ଦେଶୀ ମଦ ଜବତ କରିଛି। ଏନେଇ ତିନୋଟି ମାମଲା ରୁଜୁ କରି ଦୁଇ ଜଣ ମହିଳା ଓ ଜଣେ ପୁରୁଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନନ୍ଦପୁର ଅବକାରୀ ପୋଲିସ ନନ୍ଦପୁର ବ୍ଲକ ପାଡୁଲୁଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜୟନ୍ତଗିରି ଗାଁରେ ଚଢଉ କରି ଗଞ୍ଜେଇ ଜବତ କରିବା ସହ ଏଥିରେ ସଂପୃକ୍ତ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ସିରମେ ଖରା (୫୦)। ଜବତ ଗଞ୍ଜେଇ ଓଜନ କରିବାରୁ ୬କିଲୋ ବୋଲି ଜଣାପଡ଼ିଥିଲା। ଅବକାରୀ ନିରୀକ୍ଷକ ଅନ୍ନପୂର୍ଣ୍ଣା ରଥ ଘଟଣାର ତଦନ୍ତ କରୁଛନ୍ତି। ସେହିପରି ଛାତଡିପୁଟ ଗାଁରେ ଚଢଉ କରି ବୁଲକି ପାଙ୍ଗି (୫୮) ଘରୁ ଗଞ୍ଜେଇ ଜବତ କରିବା ସହ ବୁଲକି ପାଙ୍ଗିଙ୍କୁ ଗରିଫ କରିଥିଲୋ। ଓଜନ ପରେ ଏହା ୨୧କିଲୋ ବୋଲି ଜଣାପଡିଥିଲା। ସେହି ଗାଁର ଜୟରାମ ପାଙ୍ଗି (୪୮) ଘରେ ଚଢଉ କରି ୧୨ ଲିଟର ଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଘଟଣାର ତଦନ୍ତ ଉପନୀରିକ୍ଷକ ଅଭୟ କୁମାର ନାୟକ କରୁଥିବା ଅବକାରୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ବେଦବ୍ୟାସଙ୍କ ଜନ୍ମୋତ୍ସବ ପାଳିତ

ବ୍ୟାସନଗର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ବ୍ୟାସ ସରୋବର ରାଘୁଜୀ ଗୋସାଇଁଙ୍କ ପୀଠରେ ଆଜି ମହର୍ଷି ବେଦବ୍ୟାସଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। 'ବ୍ୟାସ ଭୂମି' ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜ୍ଞାନରଞ୍ଜନ ରାଉତ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପୂଜାର୍ଚ୍ଚନା ଓ ବୈଦିକ ମନ୍ତ୍ର ଉଚ୍ଚାରଣ କରାଯାଇଥିଲା। ବ୍ୟାସନଗର ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗ ଦେଇ ବେଦବ୍ୟାସଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତ ବର୍ଷର ଯେତେ ମହାପୁରୁଷ ଅଛନ୍ତି କୃଷ୍ଣ ଦ୍ୱୈପାୟନ ମହର୍ଷି ବେଦବ୍ୟାସଙ୍କ ଭଳି କେହି ସାତ୍ତ୍ୱିକ ତତ୍ତ୍ୱଜ୍ଞାନ ପ୍ରଦାନ କରି ନାହାନ୍ତି, କେଉଁ ଅନାଦି ଅନନ୍ତ କାଳରୁ ଭାରତରେ ଗୁରୁ ପରମ୍ପରା ରହି ଆସିଛି। ମହାଭାରତ ଓ ଅଷ୍ଟାଦଶ ପୁରାଣର ରଚୟିତା, ବେଦର ବିଭାଗ କର୍ତ୍ତା ବ୍ୟାସଙ୍କୁ ଜଗତର ଗୁରୁ ଏବଂ ବ୍ୟାସ ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା କୁହାଯାଏ ବୋଲି ବକ୍ତାମାନେ କହିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ 'ବ୍ୟାସ ଭୂମି' ଆନୁକୂଲ୍ୟରେ ଗତ ଆଠ ବର୍ଷ ହେବ ଏହି ଜନ୍ମୋତ୍ସବ ରାଘୁଜୀ ଗୋସାଇଁଙ୍କ ପୀଠରେ ପାଳନ ହୋଇଆସୁଛି। ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ନାୟକ, ଆଡଭୋକେଟ୍ ରଜତ କୁମାର ରାଉତ, ଅବସର ପ୍ରାପ୍ତ ଶିକ୍ଷା ଅଧିକାରୀ ଗୟାଧର ନନ୍ଦ, ସାମ୍ବାଦିକ ନିତ୍ୟାନନ୍ଦ ମହାଳିକ, ଅଶୋକ ବୋଷ, ଅବସରପ୍ରାପ୍ତ ସେନା ଅଧିକାରୀ ଅଶୋକ କୁମାର ପତି, ମାନବାଧିକା କର୍ମୀ ଡ. ସୁରେଶ କୁମାର ହୋତା, ବିଶ୍ୱମ୍ବର ରାଉତ, ଲକ୍ଷ୍ମୀଧର ଦାସଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଶେଷରେ ମନ୍ଦିର ପୂଜକ ଗୋବିନ୍ଦ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସ୍ତରଙ୍ଗରେ କଳା ପଲସର ଆତଙ୍କ

⇨ ଛାତ୍ରୀଙ୍କୁ ରାସ୍ତାରେ ମରଣାନ୍ତକ ଆକ୍ରମଣ
⇨ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ଅସ୍ତରଙ୍ଗରେ ଦିନ ଦ୍ୱିପ୍ରହରରେ କଳା ପଲସର ଆତଙ୍କ। ଅସ୍ତରଙ୍ଗ ଥାନା ଠାରୁ ୩ଶହ ମିଟର ଦୂରରେ ଗୁରୁବାର ସକାଳେ ଟ୍ୟୁସନ ସାରି ଘରକୁ ସକାଳ ୯ଘ ୩୦ମିନିଟ ସମୟରେ ଫେରୁଥିବା ବେଳେ କଳା ମୁଖାପିନ୍ଧା ୨ ଜଣ ଯୁବକ ଏଭଳି ଆକ୍ରମଣ କରିଥିବା ବେଳେ କିଛିକ୍ଷଣ ମଧ୍ୟରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ମୁତାବକ ଗୁରୁବାର ପୂର୍ବାହ୍ନ ସମୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଠାରୁ ୩ଶହ ମିଟର ଦୂର ଅସ୍ତରଙ୍ଗରୁ ନୂଆଗଡ ମୁଖ୍ୟ ରାସ୍ତାରେ ୧୩ବର୍ଷର ଛାତ୍ରୀ ଜଣକ ଟ୍ୟୁସନରୁ ଘରକୁ ଫେରୁଥିବା ବେଳେ ଅସ୍ତରଙ୍ଗ ପାର୍କ ଯିବା ରାସ୍ତା ନିକଟରେ ୨ଜଣ ଯୁବକ କଳା ପଲସର ଧରି ଠିଆ ହୋଇଥିବା ବେଳେ ଜଣେ ହାତରେ ବାଉଁଶର ଠେଙ୍ଗା ଧରିଥିଲା। ଏହି ସମୟ ରାସ୍ତାର ଅନ୍ୟ ପାର୍ଶ୍ୱରୁ ଏକ ଗାଡି ଆସୁଥିବାରୁ ଛାତ୍ରୀ ଜଣକ ରାସ୍ତା ପାର୍ଶ୍ୱକୁ ଯାଇ ସାଇକେଲରୁ ଓହ୍ଲାଇ ପଡ଼ିଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ଥିବା କଳା ମୁଖା ପିନ୍ଧା ୨ ଯୁବକଙ୍କ ମଧ୍ୟରୁ ଜଣେ ବାଉଁଶ ଠେଙ୍ଗା ଛାତ୍ରୀଙ୍କ ଉପରକୁ ଫିଙ୍ଗିଥିବା ବେଳେ ଠେଙ୍ଗାଟି ଛାତ୍ରୀର ଡାହଣ ପଟ କାନ୍ଧରେ ବାଜିଲା। ହଠାତ୍ ଛାତ୍ରୀ ଜଣକ ଭୟଭୀତ ହୋଇ ସାଇକେଲ ନେଇ ଘରକୁ ବାହାରିଥିବା ବେଳେ କଳାମୁଖା ପିନ୍ଧା ୨ ଯୁବକ ମଧ୍ୟରୁ ଜଣେ ହାତକୁ ଧରିଥିବା ବେଳେ ଅନ୍ୟ ଜଣେ ଯୁବକ ଛାତ୍ରୀଙ୍କ ଆଣ୍ଠୁକୁ ପିଟିଥିଲେ। ଏଥିସହ ଶୂନ୍‌ସାନ୍ ରାସ୍ତାର ସୁଯୋଗ ନେଇ ଛାତ୍ରୀଙ୍କୁ ମାରିଦେବାକୁ ପ୍ରୟାସ କରିଥିଲେ। ଏହି ସମୟରେ ଛାତ୍ରୀଙ୍କ ପାଟି ଶୁଣି ଯାତାୟତ କରୁଥିବା ଲୋକେ ଆସିଯିବାରୁ କଳା ମୁଖା ପିନ୍ଧା ଦୁଇ ଯୁବକ କଳାପଲସର ଧରି ସେ ସ୍ଥାନରୁ ଫେରାର ହୋଇଯାଇଥିଲେ। ଛାତ୍ରୀ ଜଣକ ସ୍କୁଲ ଡ୍ରେସ୍‌ରେ ଥିବା ବେଳେ ଦୁର୍ବୃତ୍ତଙ୍କ ଆକ୍ରମଣ ଶିକାର ହୋଇ ଅସ୍ତରଙ୍ଗ ଥାନାରେ ପହଞ୍ଚ ଥିଲେ। ଅନ୍ୟ ପଟେ ପୂର୍ବ ଶତ୍ରୁତାକୁ ନେଇ ଏଭଳି ଘଟଣା ଘଟିଛି ବୋଲି ପରିବାର ଲୋକ ଅଭିଯୋଗ କରୁଥିବା ବେଳେ, ଛାତ୍ରୀଙ୍କୁ ମାରିଦେବାକୁ ପୂର୍ବ ଶତ୍ରୁ ଏଭଳି ସୁପାରୀ କିଲର ଲଗାଇ ଏଭଳି ଘଟଣା ଘଟାଇଛି ବୋଲି ଚର୍ଚ୍ଚା। ୧୩ବର୍ଷୀୟ ଛାତ୍ରୀଙ୍କ ଅଭିଯୋଗ ପାଇବା ପରେ ଅସ୍ତରଙ୍ଗ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରୀ ରଖିଥିବା ବେଳେ କିନ୍ତୁ ଛାତ୍ରୀଙ୍କ ପରିବାର ଲୋକ ସନ୍ଦେହ କରିଛନ୍ତି ପୂର୍ବ ଶତ୍ରୁତାକୁ ନେଇ ଜଣେ ବ୍ୟକ୍ତି ଏଭଳି କାର୍ଯ୍ୟ କରିଛି ବୋଲି ଲିଖିତ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତଦନ୍ତ ଜାରି ରହିଥିବା ବେଳେ ଘଟଣାରେ ପୋଲିସ କାହାକୁ ଅଟକ ରଖିନାହିଁ କି କଳା ମୁଖା ପିନ୍ଧା ଯୁବକ କିଏ ପୋଲିସ ଟେର୍ ପାଇନାହିଁ। ତେବେ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ମୁଖ୍ୟ ରାସ୍ତାରେ ଏଭଳି କଳା ପଲସର ଓ କଳା ମୁଖା ପିନ୍ଧା ଆତଙ୍କ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳାଇଦେଇଛି।



# ଧର୍ମଘଟ ଓ ହରତାଳ ଶାନ୍ତିପୂର୍ଣ୍ଣ



ଆସିକା (ଭାସ୍କର ନ୍ୟୁଜ୍) : ସର୍ବଭାରତୀୟ ଧର୍ମଘଟର ଡାକରା ଅନୁସାରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ସିଟୁ, ସହିତ ଗ୍ରାମୀଣ ବ୍ୟାଙ୍କ, ଚିନିକଳ, କର୍ମଚାରୀ, ଅଙ୍ଗନବାଡି ସଙ୍ଘମାନେ ମଧ ସାମିଲ ହୋଇଛନ୍ତି। ଏଥିରେ ଦେଶର ସମସ୍ତ କାର୍ଯ୍ୟରତ ଅନେକ କର୍ମଚାରୀ ନିଜର ଜୀବନ ଜୀବିକା ସହିତ ଖେଳ ଖେଳୁଥିବା ସରକାରଙ୍କ ନୀତି ନିୟମକୁ ଆନ୍ଦୋଳନ, ପ୍ରତିବାଦ ସଭା, ଧାରଣା ଓ ଧର୍ମଘଟ ମାଧ୍ୟମରେ ସରକାରଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିଥିଲେ। ସରକାର ୨୯ ପ୍ରକାରର ଶ୍ରମ ଆଇନକୁ ବଦଳାଇ ୪ଟି ଶ୍ରମ ସଂହିତା (ଲେବର କୋର୍ଡସ୍) ରୂପେ ପରିବର୍ତ୍ତନ କରିଛନ୍ତି। ଏହି ଶ୍ରମ ସଂହିତାକୁ ଜୋର ଜବରଦସ୍ତ ଆଣିବା ପାଇଁ ଲାଗି ପଡିଛନ୍ତି, ଯଦି ଦେଶରେ ଶ୍ରମ ସଂହିତା ସମ୍ପୂର୍ଣ୍ଣ ଭାବେ ଲାଗୁ ହୋଇ ଆସିଯିବ, ତେବେ ଶ୍ରମିକ ବର୍ଗ ପାଇଁ ସଙ୍ଘ ଗଠନ କରିବା, ଧାରଣା ଓ ଆନ୍ଦୋଳନ କରିବା ଅତ୍ୟନ୍ତ କଠିନ ହେଇପଡ଼ିବ। ଶ୍ରମିକଙ୍କ କଲ୍ୟାଣ ପାଇଁ କେବଳ ମାଲିକଙ୍କ ଦୟା ଉପରେ ହିଁ ନିର୍ଭର କରିବାକୁ ପଡିବ। ଅସଂଗଠିତ କ୍ଷେତ୍ରର ପ୍ରାୟ ୯୦% ଶ୍ରମିକଙ୍କ ପାଖରେ ପିଏଫ, ଇଏସ୍ଆଇ, ପେନସନ ଭଳି କୌଣସି ଆଇନ ସମ୍ମତ ଅଧିକାର ନାହିଁ। ଆଶା, ଆଙ୍ଗନବାଡ଼ି, ସ୍ୱଚ୍ଛସାଥି, ସୁପରଭାଇଜର, ମିଡ ଡେ ମିଲ୍ ଯୋଗାଇବାରେ କାର୍ଯ୍ୟରତ ମହିଳାମାନେ ମାନଙ୍କ ଭଳି ଅନେକ ସ୍କିମ ୱାର୍କର ନିଜେ ଶ୍ରମିକ ବୋଲି ମଧ ଘୋଷିତ ହୋଇ ନାହାନ୍ତି। ସେମାନଙ୍କ ପାଖରେ କୌଣସି ସର୍ବନିମ୍ନ ଦରମା କିମ୍ବା ସାମାଜିକ ସୁରକ୍ଷା ମଧ ନାହିଁ। ଏଣୁ ସରକାର ଶ୍ରମ ସଂହିତାକୁ ରଦ୍ଦ କରିବା, ଠିକା-ଆଉଟସୋର୍ସିଂ-ସ୍କିମ ୱାର୍କର ଶ୍ରମିକଙ୍କୁ ସ୍ଥାୟୀ କରିବା, ବଜାର ଦର ଅନୁସାରେ ସର୍ବନିମ୍ନ ମଜୁରୀ ଲାଗୁ କରିବା, ନୂତନ ପେନସନ ଯୋଜନା ବାତିଲ କରିବା, ସାର୍ବଜନୀନ କ୍ଷେତ୍ର ଶିଳ୍ପ ସୁରକ୍ଷା ପ୍ରଭୃତି ଦାବିକୁ ମାନିବାକୁ ବିଭିନ୍ନ ସଂଗଠନ ଦାବି କରିଛନ୍ତି। ଆଜି ଆସିକା ଚିନିଶିଳ୍ପ ନୂଆଗାଁ ଆଗରେ ଶ୍ରମିକମାନେ ଧାରଣାରେ ବସୁଥିବା ବେଳେ ବ୍ଲକ କାର୍ଯ୍ୟାଳୟ ଆଗରେ ଅଙ୍ଗନବାଡି କର୍ମୀ ସଙ୍ଘ ମଧ ଅନୁରୂପ ଭାବେ ଧାରଣାରେ ସାମିଲ ହୋଇଥିଲେ। ଏଥିରେ ଆଇନଜୀବୀ ବିଦେଶୀ ନାୟକ, ସୁଜିତ କୁମାର ପୃଷ୍ଟି, ଅଙ୍ଗନବାଡ଼ି ଦିଦି ମିନତୀ ବରାଡ଼, ଗାୟତ୍ରୀ ପଣ୍ଡା, ଉଷାରାଣୀ ସାହୁ, ଗୀତାଞ୍ଜଳି ପ୍ରଧାନ, ରଶ୍ମିତା ପାଣିଗ୍ରାହୀ, ସୁକାନ୍ତି ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇ ନିଜର ଦାବି ଉପସ୍ଥାପନ କରିଥିଲେ। ୩୦୦ରୁ ଊର୍ଦ୍ଧ୍ୱ ଅଙ୍ଗନବାଡି, ଆଶା, ପାଚିକା, ସହାୟିକା ଯୋଗଦେଇ ଧର୍ମଘଟକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶବରାମ ରାଉତ, ଅନ୍ତର୍ଯାମୀ ନାୟକ, କୈଳାଶ ଚନ୍ଦ୍ର ପଟ୍ଟନାୟକ, ନାଗେଶ୍ୱର ରାଓ, ସୁରଜ ଗୌଡ଼, କପିଳେଶ୍ୱର ଜେନା, ଶିକ୍ଷକ ନେତା ପୀତବାସ ମହାପାତ୍ର, ଦେବହରି ମହାନ୍ତିଙ୍କ ସମେତ ଅନେକ ଶ୍ରମିକ ନେତା ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଏଭଳି ନୀତିକୁ ପ୍ରତିବାଦ କରିଥିଲେ।

## ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ଜଳେଶ୍ୱର (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜଳେଶ୍ୱର ଡିଗ୍ରୀ ମହା ବିଦ୍ୟାଳୟରେ ଯୁକ୍ତ ତିନି(+୩)ପ୍ରଥମ ବର୍ଷର ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଉତ୍ସବ ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲିପ କୁମାର ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଓଡ଼ିଆ ବିଭାଗର ଅଧାପକ ସତ୍ୟମୟ ଆଚାର୍ଯ୍ୟ ଯୋଗଦେଇ ସାଧନା ହିଁ ସିଦ୍ଧି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଇଂରାଜୀ ବିଭାଗର ବରିଷ୍ଠ ଅଧାପକ ସଂଗ୍ରାମ ପଟ୍ଟନାୟକ ଯୋଗ ଦେଇ ଉତ୍ତମ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ଅଧାପିକା ଓ ଅଧାପକ ମାନେ ପାଠ ମନସ୍କ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଶେଷରେ ନୂତନ ଛାତ୍ରୀ ମାନଙ୍କୁ ମହାବିଦ୍ୟାଳୟ ତରଫରୁ ଉପହାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା କରିବାରେ ମହା ବିଦ୍ୟାଳୟର ସମସ୍ତ ଅଧାପକ ଓ ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

### ଇ-କେୱାଇସି ଯାଞ୍ଚ ଅବଧି ସରିଲା

# ବାଦ୍ ପଡିବେ ୬ହଜାରରୁ ଊର୍ଦ୍ଧ୍ୱ !

ବଡ଼ଚଣା (ଭାସ୍କର ନ୍ୟୁଜ୍) : ବଡ଼ଚଣା ବ୍ଲକର ୪୩ଟି ପଞ୍ଚାୟତରେ ୫୨୫୨୫ ପରିବାର ୧୮୪୭୬୩ ଜଣଙ୍କୁ ରାସନ କାର୍ଡ ରେ ଅନ୍ତର୍ଭୁକ୍ତ କରାଯାଇଛି। ଆଜି ପର୍ଯ୍ୟନ୍ତ ୮୭୭୭ ହିତାଧିକାରୀ ମାନେ ଇ-କେୱାଇସି ଯାଞ୍ଚ କରାଇ ନାହାନ୍ତି । ଇତିମଧ୍ୟରେ ଅବଧି ଶେଷ ହୋଇଛି। ସରକାର ଚଳିତ ବର୍ଷ ବାରମ୍ବାର ସୁଯୋଗ ଦେବା ପରେ କେୱାଇସି ଯାଞ୍ଚ ପୂର୍ଣ୍ଣ ହୋଇ ନାହିଁ। ରାସନ୍ କାର୍ଡ ଯୋଜନାରେ ପିଏଚଏଚ( ଅଗ୍ରାଧିକାର ପରିବାର) ୪୬୧୦୭ ପରିବାର ୧୬୫୪୭୩ ଜଣ ଏହି କାର୍ଡରେ ଅନ୍ତର୍ଭୁକ୍ତ ଥିବାବେଳେ ୮୨୭୩.୬୫ କେଜି ଚାଉଳ ଏବଂ ଅନ୍ତ୍ୟୋଦୟ ଯୋଜନାରେ ୫୫୪୭ ପରିବାର ୧୭୫୩୨ ଜଣ ହିତାଧିକାରୀଙ୍କୁ ୧୯୪୧.୫ କେଜି ଚାଉଳ ଓ ରାଜ୍ୟ କାର୍ଡ ରେ ୮୭୧ ପରିବାର ୧୭୫୮ ଜଣଙ୍କୁ ୮୭.୯୦ କେଜି ଚାଉଳ ସାମଗ୍ରୀ ଏହି ହିତାଧିକାରୀଙ୍କ ପାଇଁ ସରକାରଙ୍କ ତରଫରୁ ରାସନ୍ ସାମଗ୍ରୀ ପାଉଥିବାର ଖବର ଅଛି। ପୂର୍ବରୁ ୩୭୩୫ ଜଣ ନୂତନ କାର୍ଡ ନେବା ପାଇଁ ଦରଖାସ୍ତ କରିଥିଲେ ଚଳିତ ବର୍ଷ ୯୯୬ ଜଣଙ୍କୁ ନୂତନ କାର୍ଡ ବଣ୍ଟନ କରାଯାଇଥିବାବେଳେ ଅବଶିଷ୍ଟ ୨୭୩୯ ପରିବାର ଦରଖାସ୍ତ ଯୋଗ୍ୟ ବିବେଚିତ ହୋଇଅଛନ୍ତି ସରକାରଙ୍କ ନିର୍ଦ୍ଦେଶ ଆସିଥିଲେ ଯୋଗ୍ୟ ବିବେଚିତ ହୋଇଥିବା ହିତାଧିକାରୀଙ୍କୁ ବଣ୍ଟନ କରାଯିବ। କେୱାଇସି ଯାଞ୍ଚ ଯୋଗୁଁ ୬୦୦୦ ଊର୍ଦ୍ଧ୍ୱ ହିତାଧିକାରୀ ବାଦ୍ ପଡିବାର ସମ୍ଭାବନା ଅଛି ବୋଲି ଯୋଗାଣ ଅଧିକାରୀଙ୍କ ଠାରୁ ପ୍ରକାଶ। ବର୍ତ୍ତମାନ ୮୭୭୭ ଜଣ ହିତାଧିକାରୀଙ୍କୁ ଜୁଲାଇ ମାସରୁ ଏମାନଙ୍କ ଚାଉଳ ବନ୍ଦ କରାଯିବ। ୩ ମାସ ମଧ୍ୟରେ ଯଦି ଏମାନେ ଇ-କେୱାଇସି ଅପଡେଟ ନ କରନ୍ତି, ତେବେ ତାଲିକାରୁ ସମ୍ପୂର୍ଣ୍ଣ ବାଦ୍ ପଡିବେ ବୋଲି ସରକାର ଚେତାଇ ଦେଇଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅନେକ ଅଯୋଗ୍ୟ ଓ ମୃତବ୍ୟକ୍ତି ସାମିଲ ଥିବା ଅଭିଯୋଗ ହୋଇ ଆସୁଥିଲା। ନୂଆ ଯୋଗ୍ୟ ବ୍ୟକ୍ତି ଚାଉଳ ପାଇବାରୁ ବଞ୍ଚିତ ହେଉଥିଲେ। ନୂଆ ସରକାର ଆସିବା ପରେ ବଣ୍ଟନ ବ୍ୟବସ୍ଥାକୁ ସ୍ୱଚ୍ଛ କରିବାକୁ ୨୦୨୪ ଅଗଷ୍ଟ ୨୨ତାରିଖରୁ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ। ଯେଉଁଭଳି ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ଇ-କେୱାଇସି କରିପାରିବେ ସେଥିପାଇଁ ସରକାର ପ୍ରାୟ ୫ଥର ଏହାର ଅବଧି ବୃଦ୍ଧି କରିଥିଲେ। ଏପରିକି ବାହାରେ ରହୁଥିବା ବ୍ୟକ୍ତିଙ୍କୁ ମଧ ଇ-କେୱାଇସି ଅପଡେଟ କରିବାର ସୁଯୋଗ ଦିଆଯାଇଥିଲା। ସବୁ ପରେ ଶେଷରେ ଅବଧିକୁ ବନ୍ଦ କରାଯାଇଛି। ଜୁନ ଶେଷ ସୁଦ୍ଧା ଯେଉଁ ମାନେ ଇ-କେୱାଇସି କରି ନାହାନ୍ତି ସେମାନଙ୍କୁ ବାଦ୍ ଦିଆଯିବା ଏକପ୍ରକାର ନିଶ୍ଚିତ ହୋଇଛି। ବଡ଼ଚଣା ବ୍ଲକଟି ୪୩ଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବାବେଳେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ମୋଟ ୧୮୪୭୬୩ ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇ ରାସନ ସାମଗ୍ରୀ ପାଉଛନ୍ତି। ସମୁଦାୟ ସମଗ୍ର ବ୍ଲକର ୧୦୩୦୩ କ୍ୱିଣ୍ଟାଲ ଚାଉଳ ବଣ୍ଟନେ କରାଯାଉଛି, କେୱାଇସି ଯୋଗୁଁ ତିନି ମାସର ବହୁ ଚାଉଳ ବଞ୍ଚିତ ହେବ। ବର୍ଷ ବର୍ଷ ଧରି ଏହି ମୃତ ବ୍ୟକ୍ତିଙ୍କ ନାଁରେ ମଧ୍ୟ ଚାଉଳ ଉଠୁଥିବା ସ୍ପଷ୍ଟ, ବାରମ୍ବାର ସୁଯୋଗ ପରେ ମଧ ସରକାର ଶେଷ ସୁଯୋଗ ଦେଇଛନ୍ତି। ଜୁଲାଇରୁ ଏମାନଙ୍କ ଚାଉଳ ବନ୍ଦ ହେବ। ୩ମାସ ମଧ୍ୟରେ ଇ-କେୱାଇସି ଯାଞ୍ଚ ନକଲେ ସମ୍ପୂର୍ଣ୍ଣ ବାଦ୍ ଦିଆଯିବ ବୋଲି କୁହାଯାଇଛି। ତେବେ ଅନେକେ ଅଯୋଗ୍ୟ ହିତାଧିକାରୀ କଟିଯିବା ଭୟରେ ଇ-ଯାଞ୍ଚ କରୁନଥିବା ଜଣାଯାଇଛି।

## ତହସିଲ କର୍ମଚାରୀଙ୍କ କଳାବ୍ୟାଚ୍ ପରିଧାନ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ଅମଲା ସଂଘର କର୍ମଚାରୀମାନେ ସାତ ତାରିଖ ଠାରୁ କଳାବ୍ୟାଚ ପରିଧାନ କରି କାର୍ଯ୍ୟ କରୁଥିବା ଦେଖାଦେଇଛି। ଓଡ଼ିଶା ରାଜସ୍ୱ ଅମଲା ସଙ୍ଘର ଆହ୍ୱାନ କ୍ରମେ ଦଶ ଦଫା ଦାବି ନେଇ ସବୁ ଜାଗାରେ କର୍ମଚାରୀମାନେ କଳାବ୍ୟାଚ ପରିଧାନ କରି କାର୍ଯ୍ୟରତ ଥିବାବେଳେ, ପରଜଙ୍ଗ ତହସିଲ ଶାଖାରେ ଅନ୍ତର୍ଭୁକ୍ତ ଥିବା କର୍ମଚାରୀମାନେ କଳାବ୍ୟାଚ ପିନ୍ଧି କାର୍ଯ୍ୟରେ ଲିପ୍ତ ରହି ସଙ୍ଘକୁ ସହଯୋଗ କରିଛନ୍ତି। ଗତ ୭/୭/୨୫ତାରିଖ ଠାରୁ ୧୧/୭/୨୫ତାରିଖ ପର୍ଯ୍ୟନ୍ତ କଳାବ୍ୟାଚ ପିନ୍ଧି କାର୍ଯ୍ୟରେ ଯୋଗ ଦେବେ ବୋଲି ସଙ୍ଘ ନିଷ୍ପତ୍ତି କରିଥିବା ବେଳେ, ଯଦି ସରକାର ଏମାନଙ୍କ ଦାବି ଆସନ୍ତା ୧୪/୭/୨୫ତାରିଖ ମଧ୍ୟରେ ବିଚାରକୁ ନେଇ ଦାବିମାନ ପୂରଣ ନକରନ୍ତି ତେବେ ୧୪/୭ ଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ସୂଚନା ମିଳିଛି। ଏହି କଳାବ୍ୟାଚ ପରିଧାନରେ ପରଜଙ୍ଗ ତହସିଲ କାର୍ଯ୍ୟାଳୟର ଉପବିଭାଗ ଅଧିକାରୀ ଅର୍ଦ୍ଧେନ୍ଦୁ ଶେଖର ପତି, ବରିଷ୍ଠ ସହାୟକ ଲାଲ ଚାନ୍ଦ ସିଂହ, କନିଷ୍ଠ ସହାୟକ ଅନୁପ କୁମାର ସିଂହ, ଓମ୍ ପ୍ରକାଶ ସିଂହ, ସତ୍ୟଜିତ ସାହୁ ସାମିଲ ହୋଇଥିଲେ।

## ଭୋଟର ତାଲିକା ପ୍ରସ୍ତୁତି ତାଲିମ ଶିବିର ଉଦ୍‌ଯାପିତ

ବେଲପାହାଡ (ଭାସ୍କର ନ୍ୟୁଜ୍) : ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ଦ୍ୱାରା ବୁଥସ୍ତରୀୟ ଅଧିକାରୀମାନଙ୍କ ତିନିଦିନିଆ ଜାତୀୟ ପ୍ରଶିକ୍ଷଣ ଶିବିର ବେଲପାହାଡ଼ସ୍ଥିତ ଟିଆରଏଲ ଏସବିଆଇ ଆରସେଟିରେ ଅନୁଷ୍ଠିତ ହୋଇ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ୟୁନ୍ୟ ୧୪୫ଜଣ ବୁଥସ୍ତରୀୟ ଅଧିକାରୀ ଏହି କାର୍ଯ୍ୟକ୍ରମର ଯୋଗ ଦେଇଥିବା ଜଣାପଡିଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ପ୍ରଶିକ୍ଷଣ ଶିବିରରେ ଏବିଡ଼ିଓ ଗୋପାଳ କ୍ରିଷ୍ଣ ମିଶ୍ର, ବେଲପାହାଡ ପୌରାଧିକାରୀ ଗୌରଭ ପ୍ରଧାନ, ଅତିରିକ୍ତ ରାଜସ୍ୱ ଅଧିକାରୀ ଅଜିତ ମହନ୍ତ, ଝାରସୁଗୁଡା ତହସିଲଦାର ଶ୍ରଦ୍ଧାକର କୁମ୍ଭାର ପ୍ରମୁଖ ଅଧିକାରୀ ମାନେ ଯୋଗ ଦେଇଥିଲେ। ବେଲପାହାଡ ପୌର କର୍ମଚାରୀ ଚୈତନ୍ୟ ସ୍ୱାଇଁ, ବିରେନ ବେହେରା, ଶୈଳେଶ ବହିଦାର, ଅମନ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବେଲପାହାଡ ସ୍ଥିତ ଟିଆରଏଲ ଏସ୍‌ବିଆଇ ଆରସେଟି ସଭା ଗୃହ ଠାରେ ଗତ ୮ ତାରିଖ ମଙ୍ଗଳ ବାର ଠାରୁ ଏହି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଥିବା ପ୍ରକାଶ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ କେକେ ଓ କେଆର୍ ରେଳ ଲାଇନ୍ ଯାଞ୍ଚ



କୋରାପୁଟ (ଭାସ୍କର ନ୍ୟୁଜ୍) : ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର 'ଫଙ୍କୱାଲ ଜଗଦଲପୁର-କୋରାପୁଟ (କେକ-୨) ଲାଇନ ଯାଞ୍ଚ କରିଛନ୍ତି। ରେଳ ଟ୍ରାକ, ଷ୍ଟେସନ ୟାର୍ଡ, ରେଳ ପ୍ରତିଷ୍ଠାନ, ରେଳ ଷ୍ଟେସନ ଇତ୍ୟାଦି ଯାଞ୍ଚ କରିଛନ୍ତି। ଟ୍ରାକ୍, କର୍ଭ, ସେତୁ, ପଏଣ୍ଟ ଏବଂ କ୍ରସିଂ ଇତ୍ୟାଦିର ସୁରକ୍ଷା ଦିଗ ଗୁଡିକୁ ଯାଞ୍ଚ କରିବା ପାଇଁ ସେକ୍ସନର ୱିଣ୍ଡୋ ଟ୍ରେଲିଂ ଯାଞ୍ଚ କରିଥିଲେ। ଏହି ସମୟରେ ଡିଭିଜନାଲ ରେଳ ପରିଚାଳକ ଲଳିତ ବୋହରା, ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର ନିର୍ମାଣ ଏବଂ ୱାଲଟିୟର ଡିଭିଜନର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ମହାପ୍ରବନ୍ଧକ ଜରଟି ଏବଂ ମାଳିଗୁଡା ଷ୍ଟେସନ ୟାର୍ଡ, ଓଭରହେଡ ଇକ୍ୟୁପମେଣ୍ଟ, ପଏଣ୍ଟ ଏବଂ କ୍ରସିଂ, ଟ୍ରାକ୍ ସର୍କିଟ, ଜରଟି-ମାଳିଗୁଡା ମଧ୍ୟରେ ସାମଗ୍ରିକ ୟାର୍ଡ ଲେଆଉଟରେ ପ୍ରମୁଖ ସୁରକ୍ଷା ଦିଗ ଗୁଡିକ ଟିକିନିଖି ଯାଞ୍ଚ କରିଥିଲେ। ଜଗଦଲପୁର- କୋରାପୁଟ-ରାୟଗଡା ପର୍ଯ୍ୟନ୍ତ ୱିଣ୍ଡୋ ଟ୍ରେଲିଂ ଯାଞ୍ଚ କରିଥିବା ସୂଚନା ଦିଆଯାଇଛି । ଏହା ସହିତ ମହାପ୍ରବନ୍ଧକ ପରମେଶ୍ୱର 'ଫଙ୍କୱାଲ କୋରାପୁଟ-ରାୟଗଡା ଲାଇନର ୱିଣ୍ଡୋ ଟ୍ରେଲିଂ ଯାଞ୍ଚ କରିଥିଲେ । ଯାହାଦ୍ୱାରା ମାର୍ଗରେ ଥିବା କର୍ଭ, ସେତୁ, ଟନେଲ ଏବଂ ସିଗନାଲିଂ ସିଷ୍ଟର ସୁରକ୍ଷା ଯାଂଚ କରାଯାଇଥିଲା। ସେ କାକିରିଗୁମା-ରାଉଳି ମଧ୍ୟରେ ଏକ ପ୍ରମୁଖ ସେତୁ ଏବଂ କାକିରିଗୁମାରେ ରେଳ ସାଇଡିଂ ମଧ୍ୟ ଯାଞ୍ଚ କରିଥିଲେ। ଏହାସହ ସେ ଲେଭଲ କ୍ରସିଂ ଗେଟ୍ କେଆର-୧୫ରେ ସୁରକ୍ଷା ଅଡିଟ୍ କରିଥିଲେ। ଏହାପରେ ରେଳ କର୍ମଚାରୀ ଏବଂ ଗ୍ୟାଙ୍ଗ ମ୍ୟାନଙ୍କ ସହ ସେମାନଙ୍କ ଦକ୍ଷତା, ସୁରକ୍ଷା ପ୍ରୋଟୋକଲ୍ ଏବଂ କାର୍ଯ୍ୟକ୍ଷମ ପ୍ରକ୍ରିୟା ସମ୍ପର୍କରେ ସଚେତତନା ମୂଲ୍ୟାଙ୍କନ କରିଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୯୦ ୟୁନିଟ ସଂଗ୍ରହ





ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ଡେରାବିଶ ବଜାରର ବ୍ୟବସାୟୀ ମାନଙ୍କ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୯୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଗତ ତିନିବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଶିବରରେ ବ୍ୟବସାୟୀମାନେ ପ୍ରତ୍ୟେକ ରକ୍ତଦାତାଙ୍କୁ ପରିବେଶର ସୁରକ୍ଷା ବାର୍ତ୍ତା ବାଣ୍ଟିବା ସହ ଗୋଟିଏ ଲେଖାଏଁ ବୃକ୍ଷଚାରା ପ୍ରଦାନ କରିବା ସହ ଏହାକୁ ଲଗାଇ ଯତ୍ନର ସହ ବଢ଼ାଇବା ପାଇଁ ପରାମର୍ଶ ଦେଇଥିଲେ। ଆଜି ପୂର୍ବାହ୍ନରେ ବଜାରର ବ୍ୟବସାୟୀ ମାନଙ୍କ ପକ୍ଷରୁ ଆୟୋଜିତ ଏହି ରକ୍ତଦାନ ଶିବିରରେ ବିଶିଷ୍ଟ ସମାଜସେବୀ ପ୍ରାଧାପକ ଡ. ଅଜୟ କୁମାର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବୀରଟିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏଥିରେ ଅତିଥି ଭାବେ ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି, ଡେରାବିଶ ଥାନା ଅଧିକାରୀ ସରୋଜ କୁମାର ସାହୁ, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ସିଂ, ଗୋଲରାହଟର ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁ, ସମାଜସେବୀ ମନିଷା ପଣ୍ଡା, ୧୨ ନଂ ଜୋନ୍ ବିଜେପି ସଭାପତି ଅଶ୍ୱିନୀ ପରିଡ଼ା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଜାର କମିଟିର ସଭାପତି ସଞ୍ଜୟ କୁମାର ସାହୁ, ସମ୍ପାଦକ ବିଶ୍ୱମୋହନ ଦାସ, ଉପଦେଷ୍ଟା କରୁଣାକର କର, ମଥୁରାନନ୍ଦ ବେହେରା, ବନମାଳୀ ଦୁବେ, ନବୀନ କୁମାର ନାୟକ, ଉଦୟନାଥ ସାହୁ, ଅଜୟ କୁମାର ସାହୁ, ଭାସ୍କର ଚନ୍ଦ୍ର ସାହୁ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ ପ୍ରତ୍ୟେକ ରକ୍ତଦାତାଙ୍କୁ ଗୋଟିଏ ଲେଖାଏ ଫଳ ଓ ଔଷଧୀୟ ବୃକ୍ଷ ପ୍ରଦାନ କରି ପରିବେଶ ସୁରକ୍ଷା ପାଇଁ ଏହାକୁ ସଯତ୍ନରେ ନିଜ ବାଡ଼ିରେ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ ସ୍ଥିତ କେନ୍ଦ୍ରୀୟ ରକ୍ତ ଭଣ୍ଡାରର ଡାକ୍ତର କିଶୋର ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଏକ ଡାକ୍ତରୀ ଟିମ୍ ରକ୍ତଦାତାମାନଙ୍କ ଠାରୁ ମୋଟ ୯୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବଜାର କମିଟିର ସଭ୍ୟ ଆୱେଜ ଖାନ୍, ତେସାମୁଦିନ ଖାନ୍, ବିଶ୍ୱଜିତ ନାୟକ, ପ୍ରକାଶ ସାହୁ, ସମ୍ବିତ କୁମାର ସିଂ, ମନୋରଞ୍ଜନ ବାରିକ, ଅଦ୍ୱୈତ ସାହୁ, ଉମେଶ ନାୟକ, ପୁରୁଷୋତ୍ତମ ସେଠୀ, ସୁରେନ୍ଦ୍ର ସାହୁ, ମୃତ୍ୟୁଞ୍ଜୟ ସାହୁ, ଅଶୋକ ସ୍ୱାଇଁ, ଡମ୍ବରୁ ଧର ସାହୁ, ରୁଦ୍ରପ୍ରକାଶ ମହାପାତ୍ର, ପ୍ରକାଶ କୁମାର ଦୁବେ, ଦେବେନ୍ଦ୍ର ନାୟକ, ରଶ୍ମିରଞ୍ଜନ ସାହୁ, ସୁରେନ୍ଦ୍ର କୁମାର ସାହୁ, ଗୌତମ ଦାସ, ଗୟାଧର ସାହୁ, ସମାଜସେବୀ ସରୋଜ କୁମାର ମାହାଳୀ ଏବଂ ଅନୁପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଜାରର ବ୍ୟବସାୟୀ ଓ ସ୍ଥାନୀୟ ଲୋକମାନେ ଉପସ୍ଥିତ ରହି ରକ୍ତଦାନ କରିଥିଲେ।

## ରାଶିଫଳ

ଶୁକ୍ରବାର, ୧୧ ଜୁଲାଇ ୨୦୨୫



**ମେଷ:** ବ୍ୟବସାୟ ଆଶା କରାଯାଉଥିବା ସଫଳତା ହାସଲ କରିବାର ସମ୍ଭାବନା ଅଧିକ। ଆୟ ବୃଦ୍ଧି ପାଇବ। ମଜା ଏବଂ ମଜାଦାର ଧାରା ଦିନସାରା ଜାରି ରହିବ। ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ। ଆଜି ଘର ସଜାଇବା ପାଇଁ ବ୍ୟବସ୍ଥା ମଧ ପରିବର୍ତ୍ତନ ହେବ।




**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ। ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ। ତଥାପି, ସଫଳତା ବିଳମ୍ବ ହୋଇପାରେ। ମଧ୍ୟାହ୍ନ ଭୋଜନ ପରେ ଏକ ବ୍ୟବସାୟ ଅନୁକୂଳ ପରିବେଶ ସୃଷ୍ଟି ହେବ।



**ମିଥୁନ:** ମନରୁ ନକାରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ। ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ। ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ। କୌଣସି ସ୍ଥାନାନ୍ତରଣର ହେବାର ଅଛି ହେଲେ ଭଲ।




**କର୍କଟ:** ମନ ଆନନ୍ଦ ଏବଂ ମଜା ସହିତ ଆନନ୍ଦିତ ହେବ। ଏହି ଧାରାରେ, ସାଙ୍ଗମାନଙ୍କ ଉପଭୋଗ ମନୋରଂଜନର ଉପଭୋଗକୁ ଦ୍ୱିଗୁଣିତ କରିବ। ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଗାଡି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ।



**ସିଂହ:** ଆପଣଙ୍କର ଅଧକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ। ଧନ ପାଇବା ପାଇଁ ଦୃଢ ସମ୍ଭାବନା ଅଛି। ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ପେରସ୍ତ ହେବ। ସେୟାର ଇତ୍ୟାଦି ମାଧ୍ୟମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି।




**କନ୍ୟା:** ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ। କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ। ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ। ବ୍ୟବସାୟରେ ସମୟ ଅନୁକୂଳ ହେବ। ପ୍ରତିଯୋଗୀମାନେ ଜିତିବେ।



**ତୁଳା:** ଆଜି ଆପଣଙ୍କ ପାଇଁ ମଧ୍ୟମ ଫଳପ୍ରଦ ହେବ। ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ । ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୌଣସି ବିବାଦ ହେବ ନାହିଁ। କିନ୍ତୁ ମଧ୍ୟାହ୍ନ ପରେ ସୁସ୍ଥ ଅନୁଭବ କରିବେ। ସୃଜନଶୀଳ ପ୍ରବୃତ୍ତି ପ୍ରତି ଧ୍ୟାନ ଦେବ। ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ ଅଟେ।



**ବିଛା:** ଘରୋଇ ଜୀବନରେ ଜଟିଳ ପ୍ରଶ୍ନର ସମାଧାନ ହେବ। ଏହା ସହିତ, ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ। ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ। ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ।




**ଧନୁ:** ଆଜି, ମନ ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ। ତଥାପି, ଛାତ୍ରମାନେ ପଢିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ। ମଧ୍ୟାହ୍ନ ଭୋଜନ ପରେ, ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ। ପ୍ରତିଯୋଗୀଙ୍କ ଇଚ୍ଛା ସଫଳ ହେବ ନାହିଁ।



**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ। ଘରୋଇ ଜୀବନରେ ଅତ୍ୟଧିକ ସୁସ୍ଥ୍ୟ ପରିବେଶ ରହିବ। ଆପଣ ଆଧ୍ୟାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ। ମଧ୍ୟାହ୍ନ ପରେ, ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ। ନିଷ୍ପତ୍ତି ଶକ୍ତିର ଅଭାବ ରହିବ। ଘରୋଇ କାମ ପଛରେ ଟଙ୍କା ଖର୍ଚ୍ଚ କରିବାର ସମ୍ଭାବନା ଅଛି।



**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ। ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ। ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ। ମଧ୍ୟାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ। ପାରିବାରିକ ଜୀବନରେ ସମନ୍ୱୟ ରହିବ। ଶାରୀରିକ ସ୍ୱାସ୍ଥ୍ୟ ମଧ ଭଲ ରହିବ।



**ମୀନ:** ବିବାହ କରିବାକୁ ଯୋଗ ଫିଟିବ। ବାଣିଜ୍ୟିକ କ୍ଷେତ୍ରରେ ମଧ ଲାଭ ହେବ। ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ। ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ। ସାଙ୍ଗମାନେ ମଧ ଉପକୃତ ହେବେ। ମଧ୍ୟାହ୍ନ ଭୋଜନ ପରେ, ଆପଣ କୌଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ। ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ବୁଥସ୍ତରୀୟ ଅଧିକାରୀଙ୍କ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି ।ଏହି ତାଲିମ ଶିବିରରେ ଦୁଇଟି ଗ୍ରୁପ ଗଠନ କରି ତାଲିମ ଦିଆଯିବ ।ତେବେ ଗତକାଲି ପ୍ରଥମ ଗ୍ରୁପରେ ଚାଳିଶ ଜଣ ବୁଥ ଲେବଲ ଅଧିକାରୀ ଓ ଅଧିକ୍ଷକ ଯୋଗ ଦେଇଥିଲେ ।ଆଜି ଚାଳିଶି ଜଣଙ୍କୁ ତାଲିମ ଦିଆଯିବ। ଗତକାଲିର ତାଲିମ ପ୍ରଦାନ ସମୟରେ ଉପଜିଲ୍ଲାପାଳ ପ୍ରକାଶ ମିଶ୍ର, ଡେପୁଟି କଲେକ୍ଟର,ତେନ୍ତୁଳିଖୁଣ୍ଟି ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ, ତେନ୍ତୁଳିଖୁଣ୍ଟି ବିଡ଼ିଓ ମନୋଜ ପାଣିଗ୍ରାହୀ ସମେତ ଜିଲ୍ଲା ନିର୍ବାଚନ ଟିମ୍ ସାମିଲ ଥିଲେ। ମଧ୍ୟାହ୍ନ ଭୋଜନ ବିରତି ପରେ ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ସାମିଲ ହୋଇଥିଲେ। ଏହି ଶିବିରରେ ନୂତନ ଭୋଟର ପରିଚୟ ପତ୍ର ଆବେଦନ,ସଂଶୋଧନ, ସ୍ଥାନାନ୍ତରଣ,ଆଦି କିପରି କରାଯିବ,ବୁଥସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟ କଣ? ଦାୟିତ୍ୱ କଣ? ମାର୍ଗ ଦର୍ଶକ ପୁସ୍ତିକା ଅନୁସାରେ ବିସ୍ତୃତ ଭାବେ ତାଲିମ ଦିଆଯାଇଛି। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପି ତପନ ମିଶ୍ର ଓ ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଆମ୍ବୁଲାନ୍ସ ଧକ୍କାରେ ଜଣେ ମୃତ

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରୁ କୁନ୍ଦେଇ କୁ ସଂଯୋଗ କରୁଥିବା ରାସ୍ତାରେ ବାଇକ୍‌କୁ ଧକା ଦେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଖବର ନେବାରେ ଜଣାଯାଇଛି ଯେ ରାଇଘର ବ୍ଲକ ଅନ୍ତର୍ଗତ ଗଞ୍ଜାପାରା ନିକଟରେ ଏହି ଦୁର୍ଘଟଣା ଘଟିଛି। ପ୍ରକାଶ ଥାଉ କି ଗତକାଲି ରାତ୍ର ୯ ଟା ବେଳେ ହାଟଭରାଣ୍ଡି ଠାରୁ ଏକ ଆମ୍ବୁଲାନ୍ ଓଡି ୨୪ଇ ୯୧୩୨ ନମ୍ବର ଗାଡ଼ି ରାଇଘର ଆସୁଥିଲା। ସେହି ସମୟରେ ସିଜି୨୧ ବି ୦୨୩ ବାଇକ୍ ଯୋଗେ କୁକୁଡ଼ା ମାଂସ ନେଇ ନିଜ ଘର ଦୁମରଡିହି କୁ ଫେରିଥିଲେ। ସେହି ସମୟରେ ମୁହାଁମୁହିଁ ଧକ୍କା ଫଳରେ ଆମ୍ବୁଲାନ୍ସ ଦୁଇ ବାଇକ୍ ଆରୋହୀଙ୍କୁ ଘୋଷାରି ଘୋଷାରି ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ନେଇ ଯାଇଥିଲା। ଫଳରେ ଦୁଇ ଆରୋହୀ ଗୁରୁତର ଭାବେ ଆହତ ହୋଇ ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ଅବସ୍ଥାରେ ବିଜୟ ମାଝୀର ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଉମରକୋଟ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ଥିବା ଲୋକେ ଆମ୍ବୁଲାନ୍ସ ଡ୍ରାଇଭରକୁ ମାଡ଼ ମାରିବା ଜଣାଯାଇଛି। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଁଚି ଆମ୍ବୁଲାନ୍ସ ଗାଡିକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି।

## ଏମ୍‌ଭି ୧୫ ଗ୍ରାମ ରାସ୍ତା ଅବସ୍ଥା ଶୋଚନୀୟ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଏମଭି ୧୫ ଗ୍ରାମର ରାସ୍ତା ଅବସ୍ଥା ଶୋଚନୀୟ ହୋଇ ଥିବାବେଳେ ଏହି ରାସ୍ତାରେ ଯାତାୟତ କରିବା କଷ୍ଟକର ହୋଇପଡିଛି । ଏହି ରାସ୍ତା ଦେଇ ପ୍ରତିଦିନ ଆଖପାଖ ଅଞ୍ଚଳରୁ ଲୋକେ, ଗାଡି ,ମୋଟର, ସାଇକେଲରେ ଯାତାୟତ କରୁଥିବାବେଳେ ବର୍ଷା ଯୋଗୁଁ ମାଟି ରାସ୍ତାଟିରେ ଯାତାୟାତ କରିବା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ କଷ୍ଟକର ହୋଇ ପଡିଛି । ଏହି ରାସ୍ତା ଦେଇ ଆଖପାଖ ଗ୍ରାମ ଯଥା ଅରକେଲଗୁଡା, ପରଜାଗୁଡା, କମଳାପଦର, ଏମଭି ୪୬ ଭଳି ଅନେକ ଗ୍ରାମର ଲୋକେ ନିତିଦିନ ଯାତାୟତ କରନ୍ତି । ଜିଲ୍ଲା ସଦର ମହକୁମାକୁ ଯିବା ପାଇଁ ଏହି ରାସ୍ତା ମୁଖ୍ୟ ରାସ୍ତା ଭାବେ ରହିଥିବା ବେଳେ ବର୍ତ୍ତମାନ ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁଁ ଲୋକେ ରାସ୍ତାରେ ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇ ପଡିଛି । କୁନି କୁନି ପିଲାଏ ବିଦ୍ୟାଳୟ ଯିବା ଠାରୁ ଆରମ୍ଭ କରି ରୋଗୀ ଓ ବୟସ୍କ ବ୍ୟକ୍ତି ମଧ୍ୟ ଏହି ରାସ୍ତାରେ ଯାତାୟତ କରୁଥିବା ବେଳେ ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁଁ ଅନେକ ସମସ୍ୟା ସହ ବହୁବାର ଦୁର୍ଘଟଣାର ଶିକାର ମଧ୍ୟ ହେଉଥିବା ନେଇ ସ୍ଥାନୀୟ ବାସିନ୍ଦା ରୂପାଲି ରାୟ, କ୍ରୀଷ୍ଣା ବେପାରୀ, ଝଣ୍ଟୁ ପାଲ, ମାଣିକ ନପନ ବିଶ୍ୱାସ, ଦୁଲାଲି ରାୟ ପ୍ରମୁଖଙ୍କ ସହ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ପ୍ରଶାସନ ସହ ନେତା ମନ୍ତ୍ରୀଙ୍କୁ ଗୁହାରି କରିଥିଲେ ମଧ୍ୟ କିଛି ସୁଫଳ ମିଳିନଥିବାରୁ ମାଲକାନଗିରି ବିଡିଓଙ୍କୁ ମଧ୍ୟ ଏକ ଲିଖିତ ଅଭିଯୋଗ ପତ୍ର ଦେଇଥିବା ସହ ଏହାର ତୁରନ୍ତ ମରାମତି ପାଇଁ ଦାବି କରିଛନ୍ତି।

## ବିଧାୟକଙ୍କ ଗ୍ରାମ ପରିକ୍ରମା

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ଶୁଙ୍କୁନାପେଟା ଗ୍ରାମକୁ ପରିଦର୍ଶନ କଲେ ମାନ୍ୟବର ପାରଳା ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ । ଏଥିରେ ବିଧାୟକ ଗ୍ରାମବାସୀଙ୍କ ସମସ୍ୟା ପଚାରି ବୁଝିବା ସହ ଏହି ସମସ୍ୟାର ସମାଧାନ ଅତିଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଲେ । ଏହି ପରିଦର୍ଶନ ରେ ବିଧାୟକ ସହିତ ଜିଲ୍ଲାପରିଷଦ ଅଧକ୍ଷ ଜି. ତିରୁପତି ରାଓ,ଜିଲ୍ଲା ବିଜୁ ଜନତା ଦଳର ସଭାପତି ପ୍ରଦୀପ ନାୟକ, କାଶୀନଗର ବ୍ଲକ ଅଧକ୍ଷା ଶ୍ରୀମତୀ ବଲାସାୟାମ୍ମା,ପୂର୍ବତନ ବିଧାୟକ ସୂ ର୍ଯ୍ୟା ରାଓ,ଖାରଡ଼ା ସରପଞ୍ଚ ଅଖିଳ ପାତ୍ର,ସମିତି ଶ୍ରୀଧର, ଶୁଦ୍ଧି ମହାପାତ୍ର ପ୍ରମୁଖ ପରିଦର୍ଶନ କରିଥିଲେ ।

## ଚଢ଼ାଦରରେ ୟୁରିଆ ସାର ବିକ୍ରି ଅଭିଯୋଗ

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ୟୁରିଆ ସାର ଓ ବିହନ ଚଢ଼ା ଦରରେ ବିକ୍ରୀ ହେଉଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ବର୍ତ୍ତମାନ ଚିନ୍ତାରେ ଚାଷୀ। ଏହା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଏହାର ଫାଇଦା ଉଠାଉଛନ୍ତି କିଛି ବ୍ୟବସାୟୀ। ଖବର ନେବାରେ ଜଣାଯାଇଛି ଯେ ସରକାରୀ ହିସାବରେ ରାଇଘର ବ୍ଲକରେ ୭୨ ହେକ୍ଟର ଚାଷ ଜମି ସକାଶେ ୟୁରିୟ ସାର୍ ଆସୁଥିବାବେଳେ ଜଙ୍ଗଲ ଜମି ପଟ୍ଟା ପାଇଥିବା ଜମି ସରକାରୀ ହିସାବରେ ନ ଥିବା ଯୋଗୁଁ ୟୁରିଆ ସାର ସଟେଜ୍ ହୋଇଯାଉଥିବା ଡିଲର କହିଛନ୍ତି ଏବଂ ତାହା ପାଇଁ ଚିଠି ବି କରାଯାଇଥିବା ପ୍ରକାଶ କରିଛନ୍ତି। ରାଇଘର ବ୍ଲକ ପାଇଁ ଟନ୍ ୟୁରିୟା ପ ୪୫୩୮,୨୫ ଡିଏପି ୨୨୫୬,୩ ମେଟ୍ରିକ୍ ଟନ୍ ଏମଓପି ୨୫୮,୫ ଏନପିଏ, ଓଏନପି ଏ୧୨୨୯,୪୫ ମେଟ୍ରିକ୍ ଟନ୍ ସାର୍ ଆସିଥିବା ଜଣାଯାଇଛି। ବର୍ତ୍ତମାନ ୟୁରିଆ ସାର ସଟେଜ ଥିବା ଦେଖିବାକୁ ମିଳିଛି। ଏହାର ଫାଇଦା ନେଇ କେତେକ ବ୍ୟବସାୟୀ ସରକାରଙ୍କ ନିୟମକୁ ଖୁଲମ୍ ଖୋଲା ଉଲଂଘନ କରି ଗରିବ ଚାଷୀଙ୍କୁ ଶୋଷଣ କରୁଥିବା ଦେଖିବାକୁ ମିଳିଛି। କିଛି ବ୍ୟବସାୟୀ ବିହନ ନ ନେଲେ ସାର ଦିଆଯିବ ନାହିଁ। କିମ୍ବା ମୋ ପାଖରେ ସାର ନାହିଁ କହୁଥିବା ଜଣାଯାଇଛି। ବ୍ୟବସାୟୀଙ୍କ ଏଭଳି ବ୍ୟବହାରକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି । ୟୁରିଆ ଓଡିଏପି ସାର୍ ସରକାରୀ ଦରଠାରୁ ଚଢ଼ା ଦରରେ ବିକ୍ରୀ ହଉଥିବା ଦେଖିବାକୁ ମିଳିଛି।, କିଛି ଅସାଧୁ ବ୍ୟବସାୟୀ ସାଙ୍ଗକୁ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀମାନେ ମଧ୍ୟ ପ୍ରତି ବର୍ଷ ଭଳି ଏହି ବର୍ଷ ଆରମ୍ଭରୁ ନିରୀହ ଚାଷୀଙ୍କୁ ଶୋଷଣ କରିବା ଆରମ୍ଭ କରୁଥିବା ଖବର ଆସୁଛି। ଚଢ଼ାଦରରେ ବିକ୍ରୀ କରି ବ୍ୟବସାୟୀ ମାଲମାଲ ହେଉଥିବା ନଜିର ରହିଛି। ବ୍ଲକର ୨୬ ଗୋଟି ପଂଚାୟତରେ କିଛି ବ୍ୟବସାୟୀ ବିହନ ଲାଇସେନ୍ସ ଥିବାବେଳେ ବହୁତ ଗୁଡ଼ାଏ ବ୍ୟବସାୟୀ ବିନା ଲାଇସେନ୍ସ ରେ ଖୁଲମ୍ ଖୋଲା ଚଢ଼ା ଦରରେ ବିହନ ସାଂଗକୁ ସାର ମଧ୍ୟ ବିକ୍ରି କରୁଛନ୍ତି। ଏବଂ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀମାନଙ୍କ ନିମନ୍ତେ ଷ୍ଟକ ତାଲିକା ଦୋକାନ ସମ୍ମୁଖରେ ଲଗାଇବା ନିୟମ ଥିବା ବେଳେ ଏହାର ମଧ୍ୟ ଖୁଲମ୍ ଖୋଲା ଉଲଂଘନ କରାଯାଉଛି। ବର୍ତ୍ତମାନ ଟ୍ରକ ଟ୍ରକ ସାର ଆସୁଥିବା ବେଳେ ବହୁ ଲୋକଙ୍କ ପାଖରେ ସାର ପହଞ୍ଚି ପାରିନାହିଁ। ଗତ କିଛି ଦିନ ତଳେ କୃଷି ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ତଥାପି ଚଢ଼ା ଦରରେ ସାର ବିକ୍ରି ହେଉଛି। ଯେତେ ଗୁଡ଼ାଏ କମ୍ପାନୀର ବିହନ ଅଛି। ସବୁ କମ୍ପାନୀର ଲାଇସେନ୍ସ ଥିବା ସରକାରୀ ନିୟମ ଥିବା ବେଳେ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। କେତେକ ବ୍ୟବସାୟୀ ଗୋଟାଏ ଦୁଇଟା ବିହନ ଲାଇସେନ୍ସ କରି ବିଭିନ୍ନ କମ୍ପାନୀର ବିହନ ରଖି ବ୍ୟବସାୟ କରୁଛନ୍ତି। ତେଣୁ କଳାବଜାରି କରୁଥିବା ବ୍ୟବସାୟୀଙ୍କୁ ଚଢ଼ାଉ କରି ତାଙ୍କ ଉପରେ ରୋକ୍ ଲଗାଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଖଡ଼ିଆଳ ଥାନାରେ ନାହିଁ ବିଶ୍ରାମଗାର, ଲୋକଙ୍କୁ ମିଳୁନି ବସିବା ପାଇଁ ସ୍ଥାନ



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲାର ଖଡ଼ିଆଳ ଥାନା ଏକ ଗୁରୁତ୍ୱ ବହନ କରୁଥିବା ଥାନା। ଏହି ଥାନାରେ ପ୍ରାୟ ପ୍ରତ୍ୟେକ ଦିନ ମହିଳା, ପୁରୁଷ, ଯୁବକ ଓ ଯୁବତୀ ଲୋକଙ୍କ ଭିଡ ରହିଥାଏ। କିନ୍ତୁ ଲୋକଙ୍କ ପାଇଁ ବସିବାର କୋଣସି ସୁବିଧା ନାହିଁ। ଲୋକେ ଖରା ବର୍ଷା, ଶୀତ କାକରରେ ଏଣେ ତେଣେ ହୋଇ ବସିରହୁଥିବା ଦୃଶ୍ୟ ଦେଖିବାକୁ ମିଳିଥାଏ। ଉଭୟ ଲୋକେ ବିଭିନ୍ନ ସମସ୍ୟା ଧରି ଥାନାକୁ ଆସିଥାନ୍ତି। ହେଲେ ଲୋକଙ୍କ ବସିବା ପାଇଁ ଭଲ ବିଶ୍ରାମ ଗୃହ ଟିଏ ବି ନାହିଁ। କାହିଁ ପୁରୁଣା ଯୁଗର ଗୋଟିଏ ବିଶ୍ରାମ ଗୃହ ଅଛି ଯେ, ତାହାର ଅବସ୍ଥା ଜରାଜୀର୍ଣ୍ଣ ହୋଇପଡିଛି ।ତେଣୁ ବୁଦ୍ଧିଜୀବି ମହଲରେ, ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କ ମଧ୍ୟରେ ଓ ସାଧାରଣ ଲୋକଙ୍କ ମଧ୍ୟରେ ଦାବି ହେଉଛି ଯେ, ଲୋକଙ୍କ ସୁବିଧା ପାଇଁ ଏକ ବିଶ୍ରାମ ଗୃହର ନିର୍ମାଣ କରାଗଲେ ଆସୁଥିବା ଲୋକମାନେ ଉପକୃତ ହୋଇପାରନ୍ତେ।

## ୧୦ ବର୍ଷ ହେଲା ଅର୍ଦ୍ଧ ନିର୍ମିତ ହୋଇ ପଡ଼ିରହିଛି ପ୍ରଧାନମନ୍ତ୍ରୀ ଆବାସ ଗୃହ

ପରଘରେ ଆଶ୍ରୟ ନେଇଛନ୍ତି ବିଧବା ଅଯୋଧାଙ୍କ ପରିବାର



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଲାଞ୍ଜି ଗ୍ରାମର ବିଧବା ଅଯୋଧା ମାଝି (୭୯)ଙ୍କର ଦଶ ବର୍ଷ ହେଲା ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି ପ୍ରଧାନମନ୍ତ୍ରୀ ଆବାସ। ପରଘରେ ଆଶ୍ରୟ ନେଇଛନ୍ତି ବିଧବା ବୃଦ୍ଧା ତିନି ପରିବାର ସଦସ୍ୟ। ବୃଦ୍ଧା ଅଯୋଧାଙ୍କ ଅଭିଯୋଗ ଅନୁଯାୟୀ ୨୦୧୫ ମସିହାରେ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଆବାସ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିଲେ। କାର୍ଯ୍ୟାଦେଶ ପାଇବା ପରେ ଘର ନିର୍ମାଣ କରିବା ପାଇଁ ଯୋଜନା ରଖିଥିବା ବେଳେ ଲାଞ୍ଜି ଗ୍ରାମର ବଳରାମ ନନ୍ଦ ଘରକୁ ଆସି ଆବାସ ଘର ତିଆରି କରିଦେବି କହି ଠିକା ବାବଦରେ ବୃଦ୍ଧାଙ୍କ ସହିତ କଥାବାର୍ତ୍ତା ହୋଇ କାର୍ଯ୍ୟ ଆରମ୍ଭ କଲେ। ବୃଦ୍ଧା ଜଣକ ତିନି କିସ୍ତି ହିସାବରେ ସମସ୍ତ ଟଙ୍କା ଉଠାଇ ଦେଇଦେଲେ ।ହେଲେ ପ୍ରଧାନ ମନ୍ତ୍ରୀ ଆବାସ ଗୃହକୁ ସ୍ଲାବ ପଡିବା ପର୍ଯ୍ୟନ୍ତ ତିଆରି କରି ଅର୍ଦ୍ଧନିର୍ମିତ ଭାବରେ ଛାଡି ଦେଇଛନ୍ତି। ଫଳରେ ଦଶ ବର୍ଷ ଧରି ଅର୍ଦ୍ଧନିର୍ମିତ ଆବାସ ଗୃହ ଖରା ବର୍ଷା ଖାଇ ଦୁର୍ବଳ ହୋଇଯାଇଛି। ବୃଦ୍ଧା ଓ ପରିବାର ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଗୃହକୁ ସମ୍ପୂର୍ଣ୍ଣ କରିବାକୁ ପ୍ରତ୍ୟେକ ବର୍ଷ ବାରମ୍ବାର କହିଲେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି ଠିକାଦାର। ଫଳରେ ବିଧବା ବୃଦ୍ଧା ଓ ତିନି ପରିବାର ସଦସ୍ୟ ଅନ୍ୟ ଲୋକଙ୍କ ଘରେ ଆଶ୍ରୟ ନେଇଛନ୍ତି ।ଏନେଇ ଠିକାଦାର ବଳ ରାମ ନନ୍ଦଙ୍କୁ ପଚାରିବାରୁ ଆଜକୁ ୧୦ ବର୍ଷର କଥା ମତେ ଦୁଇ କିସ୍ତି ରେ ୫୦ ରୁ ୫୫ ହଜାର ଟଙ୍କା ଦେଇଛି ତିନି କିସ୍ତି ଟଙ୍କା ଦେଇନାହିଁ। ସେତେବେଳେ ର ୭୫ ହଜାର ଟଙ୍କା ମୁଁ ଯେତିକି ବନିବାର କଥା ବନେଇଦେଇଛି। ମୁଁ ସେମାନଙ୍କୁ କହିଲି ଯେ ଏନଆରଇଜି ଏସ୍ ଟଙ୍କା ଉଠାଇ ଦିଅ। ଘର ଛାତ ପକେଇ ଦେବି । ହେଲେ ମୋର କଥା ଶୁଣଲେନି। ମୁଁ ଗରିବ ଲୋକର ଟଙ୍କା ନେଇ ଖାଇନି। ମୁଇ ଜାଣିଛେ ସେ ଜଣେ ଗରିବ ଲୋକ ବୋଲି କହିଥିଲେ ଠିକାଦାର। ଏନେଇ ଖଡ଼ିଆଳ ଗୋଷ୍ଠି ଉନ୍ନୟନ ଅଧିକାରୀ ନର୍ସିଂ ଗାଦବାଙ୍କୁ ପଚାରିବାରୁ ସେ କହିଥିଲେ ମୁଁ ଏହି ଘଟଣା ଉପରେ ତଦନ୍ତ କରି କହିବି

## ବିଭିନ୍ନ ଟ୍ରେଡ୍ ୟୁନିୟନ୍ ପକ୍ଷରୁ ଭାରତ ବନ୍ଦର ପ୍ରଭାବ



ମାଲକାନଗିରି (ଭାସ୍କର ନ୍ୟୁଜ୍): କେନ୍ଦ୍ର ଟ୍ରେଡ ୟୁନିୟନ୍ ଓ ସ୍ୱାଧୀନ ଫେଡେରେସନ୍ ଭାରତ ବନ୍ଦକୁ ସମର୍ଥନ କରି ଆଜି ମାଲକାନଗିରି ଜିଲ୍ଲାର ବିଭିନ୍ନ ଶ୍ରମିକ ସଂଗଠନ ତରଫରୁ ରାଜରାସ୍ତାରେ ବାହାରି ବିଭିନ୍ନ ଦାବି ନେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତି,ନିୟମକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।୧୦ଟି ପ୍ରମୁଖ ଟ୍ରେଡ୍ ୟୁନିଅନ୍ ଦ୍ୱାରା ଡାକରା ଦିଆଯାଇଥିବା ଦେଶବ୍ୟାପୀ ବନ୍ଦ ସହିତ ଏକତା ପ୍ରକାଶ କରିବା ପାଇଁ ଏହି ଆନ୍ଦୋଳନ କରାଯାଇଥିଲା।ଏହି ଆନ୍ଦୋଳନରେ ସି.ପି.ଆଇ ର ସମ୍ପାଦକ ବ୍ରଜ ମାଝୀଙ୍କ ସହିତ ଦଳୀୟ କର୍ମୀ,ଅଙ୍ଗନୱାଡ଼ି କର୍ମୀ,ଆଶା କର୍ମୀ, ସ୍କିମ୍ ୱର୍କର,ପାଚିକା,ବିଭିନ୍ନ ଆଉଟ୍ ସର୍ଚିଙ୍ଗ ଯୁବକ ଯୁବତୀ ଓ ବହୁ ସଂଖ୍ୟକ ଶ୍ରମିକ ଏବଂ ୟୁନିଅନ୍ ସଦସ୍ୟ ଏହି ପ୍ରତିବାଦରେ ଅଂଶଗ୍ରହଣ କରି ପ୍ରକାଶ କରିଥିଲେ ଯେ,ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ୍, ସ୍କିମ୍ ୱାର୍କର ଯଥା ଅଙ୍ଗନୱାଡ଼ି, ଆଶା, ପାଚିକା, ଉଦ୍ୟାନ ସାଥୀ ଓ ଗ୍ରାମପଞ୍ଚାୟତ ୱାର୍କରଙ୍କୁ ୱାର୍କର ମାନ୍ୟତା, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା, ପୁରୁଣା ପେନ୍‌ସନ୍ ଲାଗୁ କରିବା, ରାଷ୍ଟ୍ରୀୟ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା ଆଦି ଦାବି କରାଯାଇଛି ।ତେବେ ଗତ କିଛି ମାସ ମଧ୍ୟରେ, ମାଲକାନଗିରି ଜିଲ୍ଲାରେ ବିଭିନ୍ନ ପ୍ରସଙ୍ଗରେ ବନ୍ଦ ଡାକରା ଦିଆଯାଇଛି, ଯେପରିକି ମାଓବାଦୀଙ୍କ ଦ୍ୱାରା ଡାକରାଯାଇଥିବା ବନ୍ଦ, ସ୍ଥାନୀୟ ପ୍ରସଙ୍ଗରେ ବିଭିନ୍ନ ରାଜନୈତିକ ଦଳ ଦ୍ୱାରା ଡାକରାଯାଇଥିବା ବନ୍ଦ,କିଛି ଘଟଣା ବିରୋଧରେ ପ୍ରତିବାଦ କରିବା ପାଇଁ ହିନ୍ଦୁ ସଂଗଠନ ଦ୍ୱାରା ଡାକରା ଦିଆଯାଇଥିବା ବନ୍ଦ, ଯାହାଫଳରେ ଜିଲ୍ଲାରେ ଅନେକ କାର୍ଯ୍ୟକଳାପ ସ୍ଥଗିତ ରଖିବାକୁ ହେଉଛି ।ତେବେ ପ୍ରତ୍ୟେକ ବନ୍ଦର ପ୍ରଭାବ ଏହାର ଗମ୍ଭୀରତା ଏବଂ ଜନସମର୍ଥନ ଉପରେ ନିର୍ଭର କରାଯାଉଥିବା ବେଳେ ବିଶେଷ କରି ସାଧାରଣ ଲୋକଙ୍କ ଉପରେ ଏହାର ପ୍ରଭାବ ଅଧିକ ଦେଖିବାକୁ ମିଳୁଛି। ତେବେ ବନ୍ଦ ଯାତ୍ରା ସମୟରେ, ଆନ୍ଦୋଳନକାରୀମାନେ ମାଲକାନଗିରିର ସଦର ବସଷ୍ଟାଣ୍ଡ ଦେଇ ଶୋଭାଯାତ୍ରା କରିବା ସହ ସ୍ଲୋଗାନ ଦେଇଥିଲେ ଏବଂ ସେମାନଙ୍କର ଦାବି ଉଲ୍ଲେଖ କରିଥିବା ବ୍ୟାନର ପ୍ରଦର୍ଶନ କରିଥିଲେ।

ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ବନ୍ଦ କର, ବେକାର ଯୁବକଙ୍କୁ ନିଯୁକ୍ତି ଦିଅ, ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣ ବନ୍ଦ କର, ସ୍କିମ ଶ୍ରମିକମାନଙ୍କୁ ଶ୍ରମିକର ମାନ୍ୟତା ଓ ସାମାଜିକ ସୁରକ୍ଷା ପ୍ରଦାନ କର। ଡିଏମଏଫ୍ ପାଣ୍ଠିର ଉଚିତ୍ ବ୍ୟବହାର କରି ବଣାଇର ବିଭିନ୍ନ ପ୍ରଭାବିତ ଅଞ୍ଚଳର ବିକାଶ କର, ଚାଷୀ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ଗ୍ୟାରେଣ୍ଟି ଆଦି ଦାବି ରଖିଥିଲେ। ଏହି ବନ୍ଦ ଆନ୍ଦୋଳନରେ ସିପିଆଇ(ଏମ୍) ଜିଲ୍ଲା କମିଟି ସଭ୍ୟ ପ୍ରଭାତ କୁମାର ପଣ୍ଡା, ଅଶୋକ ସାମଲ, ଜନ ଡୁଙ୍ଗଡୁଙ୍ଗ, ବାଦଲ ବାରିକ୍,ପ୍ରଭାତ ପାତ୍ର, ହଳଧର ବାରିକ୍ ସମେତ ଶହ ଶହ ସିପିଆଇ (ଏମ୍) କର୍ମୀ ଓ ସେହିଭଳି କଂଗ୍ରେସର ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ସନାତନ ଘଣା, ପୂର୍ଣ୍ଣଚନ୍ଦ୍ର ବାରିକ, କେଦାର ପଣ୍ଡା , ଅମିତ୍ ସାହୁ ସମେତ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ଫୋର୍ସ ମୁତୟନ ଥିଲେ।





ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ବନ୍ଦ ପାଳନ ସଫଳ ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରକାଶ ଥାଉ କି ଦେଶବ୍ୟାପି ବିଭିନ୍ନ ସଂଗଠନ ପକ୍ଷରୁ ବନ୍ଦ ଡାକରା ଦେଇଥିଲା ଏହାର ପ୍ରଭାବରେ ରାଇଘରରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଯାହାଫଳରେ ସମସ୍ତ ବେସରକାରୀ ଅନୁଷ୍ଠାନ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଏହି ବନ୍ଦ ଡାକରାରେ ପାଚିକା ସହାୟିକା ସଂଘ, ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ, କୃଷକ ସଂଘ ଆଦି ବିଭିନ୍ନ ସଂଘ ସାମିଲ ହୋଇ ଏକ ରାଲିରେ ବାହାରି ଦୋକାନ ବଜାର ଗାଡ଼ି ମୋଟର ବନ୍ଦ କରିଥିଲେ। ଜରୁରୀକାଳୀନ ସେବା ବ୍ୟତିତ ସରକାରୀ ଅନୁଷ୍ଠାନ ଏବଂ ସରକାରୀ ବାସ ଚଳାଚଳକୁ ବାଦ ଦେଇ ଅନ୍ୟ ସମସ୍ତ ଅନୁଷ୍ଠାନ ବନ୍ଦ ରହିଥିଲା। ଦୂରଦୂରାନ୍ତକୁ ବସ ଚଳାଚଳ ବନ୍ଦ ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



ଉମରକୋଟ (ଭାସ୍କର ନ୍ୟୁଜ୍): ୧୨ଘଣ୍ଟିଆ ଭାରତ ବନ୍ଦ ଡାକରା ଦେଇଛନ୍ତି ବିଭିନ୍ନ ଟ୍ରେଡ୍ ୟୁନିୟନ। ଯାହାର ପ୍ରଭାବ ଦେଖିବାକୁ ମିଳିଛି ।ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ରେ ଶାନ୍ତି ଶୃଙ୍ଖଳାରେ ୧୨ଘଣ୍ଟିଆ ଭାରତ ବନ୍ଦ ସଫଳ ହୋଇଥିଲା ।ସହରର ପ୍ରତ୍ୟେକ ସରକାରୀ ବେସରକାରୀ ଅନୁଷ୍ଠାନ ଗୁଡିକୁ ବନ୍ଦ କରାଯାଇଥିଲା ।ସହର ର ଜୟପୁର ରୁ ରାଇଘର ଓ ଜୟପୁର ରୁ କୋଣ୍ଡାଗାଁ ରାସ୍ତା ଠାରେ ଟ୍ରକ ଗୁଡିକ ରାଖି ରାସ୍ତା ଅବରୋଧ କରି ରଖିଥିଲେ, ଜରୁରୀକାଳୀନ ସେବା କୁ ବାଦ ଦେଲେ ଅନ୍ୟ ସମସ୍ତ ପରିବହନ ସେବାକୁ ବନ୍ଦ କରିଦିଆଯାଇଥିଲା। ଉମରକୋଟରେ ଘରୋଇ ବସ, ସରକାରୀ ବସ ଓ ଟ୍ରକ୍ ଚଳାଚଳ ବନ୍ଦ ରହିଥିଲା। ଦୋକାନ ବଜାର, ଅଟୋ ଚଳାଚଳ, ବ୍ୟାଙ୍କ, ବେସରକାରୀ ଅନୁଷ୍ଠାନ ବନ୍ଦ କରିବା ପାଇଁ କୌଣସି ନିଷ୍ପତ୍ତି ହୋଇଥିବା ସୂଚନା ମିଳିନ ଥିବା ବେଳେ ପିକେଟିଙ୍ଗ କରି ବନ୍ଦ କରାଯାଇଥିଲା। ସକାଳୁ ହଠାତ ବନ୍ଦ ହୋଇଯିବା ଯୋଗୁଁ ଦୂରଗାମୀ ବସ ଅଟକି ଯିବାଯୋଗୁ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ ।ସନ୍ଧ୍ୟା ୬ ଘଟିକା ପରେ ଯାତାୟାତ ସ୍ୱାଭାବିକ ହେବା ସହ ଦୋକାନ ବଜାର ଖୋଲା ହୋଇଥିଲା।

ବୌଦ୍ଧ (ଭାସ୍କର ନ୍ୟୁଜ୍):ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ କେନ୍ଦ୍ର ସରକାର ଶ୍ରମଆଇନ ସଂଶୋଧନ ନାଁ ରେ ପ୍ରଚଳନ କରିବାକୁ ଥିବା ୦୪ ଶ୍ରମ କୋର୍ଡ ଆଇନ ବାତିଲ ରାଷ୍ଟ୍ରୟାତ ଉଦ୍ୟୋଗର ଘରୋଇକରଣ ବାତିଲ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ ଠିକା ସଂସ୍ଥା ଅଧୀନରେ କାର୍ଯ୍ୟକରୁଥିବା କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା ସହ ଘୃଣ୍ୟ ଆଉଟସୋର୍ସିଙ୍ଗ ବ୍ୟବସ୍ଥା ପ୍ରତ୍ୟାହୃତ ସହ ସର୍ବନିମ୍ନ ୨୬ହଜାର ଟଙ୍କା ମଜୁରୀ ପ୍ରଦାନ ଓ ଆଶା ଅଙ୍ଗନବାଡ଼ି ପ୍ରଭୃତି ସ୍କିମ ୱାର୍କରଙ୍କୁ ଶ୍ରମିକ ମାନ୍ୟତା ପ୍ରଭୃତି ଦାବୀ ନେଇ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଗୁଡିକ ପକ୍ଷରୁ ଆହୁତ ସର୍ବ ଭାରତୀୟ ଶ୍ରମିକ ଧର୍ମଘଟ ପ୍ରରିପ୍ରେକ୍ଷୀରେ ଆଜି ବୌଦ୍ଧ ଜିଲ୍ଲା ଏଆଇଟିୟୁସି ପକ୍ଷରୁ ଶ୍ରମିକ ନେତା ଅବକାଶ ସାହୁ ଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଓଡିଶା ଆଶାକର୍ମଚାରୀ ସଂଘ ବୌଦ୍ଧ ଶାଖା ପକ୍ଷରୁ ବାସନ୍ତୀ ପ୍ରଧାନ, ସାନ୍ତ୍ୱନା ମଲ୍ଲିକ ପ୍ରବାସିନୀ ମହାକୁଡ, ସ୍ୱର୍ଣ୍ଣପ୍ରଭା ସାହୁ, କଳ୍ପନା ସାହୁ , ଅର୍ଚନା ଆଚାର୍ଯ୍ୟ , ରିତାରାଣୀ ରାଜ, ନିର୍ମଳା ବିନ୍ଧାଣୀ ପ୍ରମୁଖଙ୍କ ନେତୃତ୍ୱରେ ଦେଢ଼ ଶହରୁ ଉର୍ଦ୍ଧ ଆଶା ଓ ଅନ୍ୟାନ୍ୟ ଶ୍ରମିକ ନେତୃତ୍ୱ ଏହି ପ୍ରତିବାଦ ସଭାରେ ଯୋଗଦେଇଥିଲେ। ତେବେ ଦେଶର ୯ ଶ୍ରମିକ ସଂଗଠନ ଶ୍ରମିକମାନଙ୍କ ଅଧିକାର ଉପରେ ହେଉଥିବା ଆକ୍ରମଣକୁ ତୀବ୍ର ବିରୋଧ କରି ଡାକରା ଦେଇଥିବା ଭାରତ ବନ୍ଦର ଆଂଶିକ ପ୍ରଭାବ ବୌଦ୍ଧ ଜିଲ୍ଲାରେ ଦେଖିବାକୁ ମିଳିଛି । ଉକ୍ତ ଧର୍ମଘଟ ଯୋଗୁଁ ବୌଦ୍ଧ ଜିଲ୍ଲା ସଦର ମହକୁମାର ସମସ୍ତ ଜାତୀୟ କରଣ ଓ ଘରୋଇ ବ୍ୟାଙ୍କ ଗୁଡିକ ବନ୍ଦ ରହିଛି । ଧର୍ମଘଟକୁ ବ୍ୟାଙ୍କ କର୍ମଚାରୀ ସଂଗଠନ ଗୁଡିକ ସମର୍ଥନ କରିଥିବା ଦୃଷ୍ଟିରୁ ବ୍ୟାଙ୍କ ବନ୍ଦ ରହିଛି ଓ ବ୍ୟାଙ୍କ ସେବା ଠପ ହୋଇ ଯାଇଛି । ଫଳରେ ଗ୍ରାହକ ମାନେ ଅସୁବିଧା ଭୋଗ କରୁଥିବା ଦେଖିବାକୁ ମିଳିଛି ।





କୋଇଡା(ଭାସ୍କର ନ୍ୟୁଜ୍): ସୁନ୍ଦରଗଡ ଜିଲ୍ଲା କୋଇଡା ବ୍ଲକ କୋଇଡା ମୁଖ୍ୟ ଛକ ଠାରେ ସି ଆଇଟିୟୁ. ସୁନ୍ଦରଗଡ ଜିଲ୍ଲା କମିଟି ଓ ଟ୍ରେଡ ୟୁନିୟନ ଓ କଂଗ୍ରେସ ସମୂହ ପକ୍ଷରୁ ମିଳିତ ଭାବେ ୨୧ ଗୋଟି ଦାବି ନେଇ ଭାରତ ବନ୍ଦ ଡାକରା ଆନ୍ଦୋଳନ ସଂଗଠିତ ହୋଇଛି। ଜରୁରୀକାଳୀନ ସେବାକୁ ଛାଡି କୋଇଡା ରାଜ୍ୟ ରାଜପଥକୁ ବନ୍ଦ କରିବା ସହ କୋଇଡା ବଜାର, ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଖଣି ନିର୍ଦ୍ଦେଶକ କାଯ୍ୟାଳୟ, ସମସ୍ତ ଖଣି ଖାଦାନ ଓ ବିଦ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ଦେଖିବାକୁ ମିଳିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଦାବି ଗୁଡ଼ିକ ହେଲା ୪ଟି ଶ୍ରମ କୋର୍ଡ ବାତିଲ କର, ଶ୍ରମିକ ଛଟେଇ ବନ୍ଦ କର, ମାସିକ ସର୍ବନିମ୍ନ ମଜୁରୀ ୨୬ ହଜାର ପ୍ରଦାନ କର,





## ତିନିଦିନ ହେଲା ଡ୍ରାଇଭରଙ୍କ ଆନ୍ଦୋଳନ ଜାରି

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ରାଜ୍ୟ ଡ୍ରାଇଭର ମହା ସଂଘ ଡାକରାରେ ମଙ୍ଗଳବାର ଠାରୁ ଲକ୍ଷ୍ମୀପୁର ବ୍ଲକ ଅଞ୍ଚଳରେ ଥିବା କାର୍ଯ୍ୟରତ ଡ୍ରାଇଭରମାନେ ସାତ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ।ବର୍ତ୍ତମାନ ଏହି ଆନ୍ଦୋଳନକୁ ତିନିଦିନ ବିତି ଯାଇଥିବା ବେଳେ ଏଯାଏଁ କୌଣସି ନିଷ୍କର୍ଷ ବାହାରି ପାରିନି। ଅପର ପଟେ ଏହି ଆନ୍ଦୋଳନ କେବେ ସ୍ଥଗିତ ହେବ ତାକୁ ନେଇ ସାଧାରଣରେ ଚିନ୍ତାର କାରଣ ପାଲଟିଛି ।କାରଣ ଡ୍ରାଇଭର ମାନଙ୍କ ଆନ୍ଦୋଳନ ପାଇଁ କୌଣସି ମାଲ ବୁହା ଗାଡ଼ି ଆସୁନଥିବାରୁ ଅଞ୍ଚଳରେ ସବୁ ଜିନିଷ ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଖାଲି ସେତିକି ନୁହଁ ଲକ୍ଷ୍ମୀପୁରରେ ଥିବା ଦୁଇଟି ପେଟ୍ରୋଲ ପମ୍ପ ମଧ୍ୟରୁ ଗୋଟିଏ ବୁଧବାର ଠାରୁ ବନ୍ଦ ଥିବା ବେଳେ ଗୋଟିଏ ଖୋଲାଅଛି। ଲକ୍ଷ୍ମୀପୁର ସମେତ ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକର ଲୋକେ ଏଇ ଦୁଇଟି ପେଟ୍ରୋଲ ପମ୍ପ ଉପରେ ଭରସା କରୁଥିବା ବେଳେ ରେଲୱେ ରାସ୍ତାରେ ଥିବା ପେଟ୍ରୋଲ ପମ୍ପ ରେ ଆଜି ସକାଳୁ ଦୁଇ ଚକିଆଠୁ ଆରମ୍ଭ କରି ଚାରି ଚକିଆ ଯାନ ଗୁଡିକ ର ଲମ୍ବା ଲାଇନ ଲାଗିଥିବା ଦେଖିବାକୁ ମିଳିଛି। ଡ୍ରାଇଭର ମାନଙ୍କ ଆନ୍ଦୋଳନର ପ୍ରଭାବ ସବୁ କ୍ଷେତ୍ରରେ ପଡ଼ିଥିବା ବେଳେ ଜନଜୀବନ ଅସ୍ତ ବ୍ୟସ୍ତ ହୋଇପଡିଛି ।ଅପର ପଟେ ଯେତେ ଦିନ ଯାଏଁ ଆମର ଦାବି ସରକାର ଶୁଣି ନାହାନ୍ତି ସେତେ ଦିନ ଯାଏଁ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘ କହିଛି।

## ଟିପିଡବ୍ଲୁଓଡିଏଲର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଶୁଭାରମ୍ଭ





ନୂଆପଡା(ଭାସ୍କର ନ୍ୟୁଜ୍): ଗ୍ରାମୀଣ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟିପି ୱେଷ୍ଟର୍ଣ୍ଣ ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଆଜି ନୂଆପଡା ଜିଲ୍ଲା ପାଇଁ ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଭ୍ୟାନ୍ ଉଦଘାଟନ କରାଯାଇଅଛି । ଏହି ଭ୍ୟାନଟିକୁ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ,ଆଇଏଏସ୍, ଆନୁଷ୍ଠାନିକ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉପସ୍ଥିତିରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ପଦକ୍ଷେପ ଟିପିଡବ୍ଲୁଓଡିଏଲର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍ ) କାର୍ଯ୍ୟକ୍ରମ ଅଧୀନରେ ସାମାଜିକ କଲ୍ୟାଣ ପାଇଁ ଚାଲିଥିବା ପ୍ରତିବଦ୍ଧତାର ଏକ ଅଂଶ। ନୂତନ ଭାବରେ ଆରମ୍ଭ ହୋଇଥିବା ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ମୂଳଲକ୍ଷ୍ୟ ହେଉଛି ନୂଆପଡ଼ା ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ତଥା ପ୍ରାଥମିକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଲୋକମାନଙ୍କୁ ଅତ୍ୟାବଶ୍ୟକ ଚିକିତ୍ସା ଯୋଗାଇବା । ନୂଆପଡ଼ା ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ବ୍ୟାପୁଥିବା ବିଭିନ୍ନ ସଂକ୍ରାମକ ରୋଗର ଚିକିତ୍ସାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ମୋବାଇଲ୍ ହେଲ୍ଥ ଡିସପେନସାରି ଭ୍ୟାନର ଗତିପଥ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରାଯିବ । ଏହି ମୋବାଇଲ୍ ହେଲ୍ଥ ଡିସପେନସାରି ଭ୍ୟାନଟି ଅତ୍ୟାଧୁନିକ ଚିକିତ୍ସା ସୁବିଧା, ଡାକ୍ତର, ନର୍ସ ଏବଂ ଫାର୍ମାସିଷ୍ଟଙ୍କୁ ନେଇ ସୁସଜ୍ଜିତ ହୋଇଛି । ଯାହା ବିଭିନ୍ନ ପ୍ରକାରର ପ୍ରାଥମିକ ସ୍ୱାସ୍ଥ୍ୟସେବା, ସ୍ୱାସ୍ଥ୍ୟ ପରୀକ୍ଷା, ଟୀକାକରଣ ତଥା ବିଭିନ୍ନ ରୋଗ ପାଇଁ ମୌଳିକ ଔଷଦ ପ୍ରଦାନ କରିବ । ଏହି ଉଦଘାଟନ ଉତ୍ସବରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଗ୍ରାମୀଣ ସ୍ୱାସ୍ଥ୍ୟ ଉନ୍ନତି କ୍ଷେତ୍ରରେ ଟିପିଡବ୍ଲୁଓଡିଏଲର ଉତ୍ସର୍ଗୀକୃତ ପ୍ରୟାସ ପାଇଁ କମ୍ପାନୀକୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଜ୍ଞାପନ କରିଥିଲେ । ଆଗାମୀ ଦିନରେ ନୂଆପଡ଼ା ଜିଲ୍ଲାରେ ସାମାଜିକ କ୍ଷେତ୍ରରେ ଅଧିକ ସହଯୋଗ ପାଇଁ କମ୍ପାନୀକୁ ପରାମର୍ଶ ଦେଇଥିଲେ । ଏହି ଶୁଭ ଉଦଘାଟନ ଅବସରରେ ନିଜର ମତାମତ ପ୍ରକାଶ କରି ଟିପି ଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, "ମୁଁ ଏହା ଜାଣି ଖୁସି ଯେ ନୂଆପଡା ଜିଲ୍ଲା ପାଇଁ ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବାର ଶୁଭାରମ୍ଭ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ ଦ୍ୱାରା ଆନୁଷ୍ଠାନିକ ଭାବରେ ଆରମ୍ଭ କରାଯାଇଛି। ସ୍ୱାସ୍ଥ୍ୟସେବା ଏକ ମୌଳିକ ମାନବିକ ଅଧିକାର । ଏହି ପଦକ୍ଷେପ ମାଧ୍ୟମରେ, ଆମେ ନୂଆପଡାର ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପ୍ରବେଶ ପାର୍ଥକ୍ୟକୁ ପୂରଣ କରିବାକୁ ଲକ୍ଷ୍ୟ ରଖିଛୁ । ଏହି ପ୍ରୟାସ ଅନ୍ତର୍ଭୁକ୍ତ ବିକାଶ ଏବଂ ସମାଜ କଲ୍ୟାଣ ପ୍ରତି ଆମର ପ୍ରତିବଦ୍ଧତା ସହିତ ସଂଯୁକ୍ତ।"ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଟିପିଡବ୍ଲୁଓଡିଏଲ ପକ୍ଷରୁ କଳାହାଣ୍ଡି, ସୋନପୁର ଏବଂ ଦେଓଗଡ଼ ଜିଲ୍ଲାରେ ସମାନ ପ୍ରକାରର ମୋବାଇଲ୍ ହେଲ୍ଥ ଡିସପେନ୍ସରୀ ଭ୍ୟାନ୍ ସଫଳତାର ସହିତ ନିୟୋଜିତ କରାଯାଇଅଛି । ଏହା ପଶ୍ଚିମ ଓଡିଶାର ଗ୍ରାମୀଣ ଅଞ୍ଚଳରେ ସ୍ଥାୟୀ ସ୍ୱାସ୍ଥ୍ୟସେବା ସୁଯୋଗ ପ୍ରଦାନ କରି ଆସୁଅଛି ।




ବୋଲଗଡ଼ (ଭାସ୍କର ନ୍ୟୁଜ): ପୂର୍ବ ସରକାର ଙ୍କ ସମୟରେ ହୋଇଥିବା ବିଦ୍ୟାଳୟ ମିଶ୍ରଣ ନିଷ୍ପତି କ୍ରମେ ବହୁ ପ୍ରାଥମିକ ଓ ମଧ୍ୟଇଂରାଜୀ ବିଦ୍ୟାଳୟକୁ ନିକଟବର୍ତ୍ତୀ ଉଚ୍ଚବିଦ୍ୟାଳୟ ସହ ମିଶ୍ରଣ କରାଯାଇ ଥିଲା। ସେହି କ୍ରମରେ ବୋଲଗଡ଼ ଶିକ୍ଷାବ୍ଲକ ଅନ୍ତର୍ଗତ ମାଣିକାଗୋଡ଼ା ପ୍ରାଥମିକ ବିଦ୍ୟାଳୟକୁ ମଧ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ମିଶାଇ ଦିଆଯାଇଥିଲା। ତେବେ ୧୮୯୭ ମସିହାରେ ପ୍ରତିଷ୍ଠିତ ସ୍ୱାଧୀନତା ପୂର୍ବରୁ ତଥା ବ୍ରିଟିଶରାଜ ଅମଳର ଏହି ବିଦ୍ୟାଳୟ ସହ ବହୁ ସ୍ମୃତି ବିଜଡ଼ିତ ଥିବା କାରଣରୁ ଗ୍ରାମବାସୀ ଓ ବୁଦ୍ଧିଜୀବୀ ମାନେ ଏହାକୁ ପୁନଃ ଖୋଲିବା ନିମନ୍ତେ ବର୍ତ୍ତମାନର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅନେକବାର ଦାବୀ ଉପସ୍ଥାପନ କରି ନିରାଶ ହୋଇଛନ୍ତି। ସ୍ୱାଧୀନତା ପୂର୍ବରୁ ଏହି ସ୍କୁଲ ବୋଲଗଡ଼ ବ୍ଲକ ଅଞ୍ଚଳର ପ୍ରଥମ ବିଦ୍ୟାଳୟ ରୂପେ ଗଢିଉଠିଥିଲା ବେଳେ ଅନେକ ସ୍ୱାଧିନତା ସଂଗ୍ରାମୀ, ଲେଖକ,ସାହିତ୍ୟିକ, ପ୍ରଶାସନିକ ଅଧିକାରୀ ଏହି ବିଦ୍ୟାଳୟର ପାଠ ପଢ଼ିଥିଲେ। ସ୍କୁଲଟି ବନ୍ଦହେବା ପୂର୍ବରୁ ଏଠାରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶତାଧିକ ବିଦ୍ୟାର୍ଥୀ ଅଧ୍ୟୟନ କରୁଥିଲେ।ଏହି ବିଦ୍ୟାଳୟ ନିକଟବର୍ତ୍ତୀ ଅଞ୍ଚଳର ଅନେକ ଛାତ୍ରୀ ଛାତ୍ର ମାନେ ମଧ ପ୍ରତ୍ୟହ ୧ କିଲୋମିଟରରୁ ଅଧିକ ଦୂରରେ ଅବସ୍ଥିତ ଏହି ଉଚ୍ଚ ବିଦ୍ୟାଳୟକୁ ପଢ଼ିବାପାଇଁ ଚାଲିଚାଲି ଯାଇ ହଇରାଣ ହେଉଛନ୍ତି । ତେବେ ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ମାନାର୍ଥେ ବ୍ରିଟିଶ ଅମଳର ଏହି ପ୍ରାଥମିକ ବିଦ୍ୟାଳୟକୁ ପୁନର୍ବାର ଖୋଲିବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଦାବୀ ହୋଇଛି।

# ଜିନ୍ଦଲ ନଗରରେ ନୀଳାଦ୍ରି ବିଜେ



ଅନୁଗୁଳ (ଭାସ୍କର ନ୍ୟୁଜ): ଜିନ୍ଦଲ ନଗରର ଦେବଭୂମି ମନ୍ଦିର ପରିସରରେ ପବିତ୍ର ନୀଳାଦ୍ରି ବିଜେ ଭକ୍ତି ଏବଂ ଉତ୍ସାହର ସହିତ ପାଳିତ ହୋଇଯାଇଛି । ଜିନ୍ଦଲ ନଗର ଏବଂ ନିକଟସ୍ଥ ଗ୍ରାମରୁ ହଜାର ହଜାର ଭକ୍ତ ଏକତ୍ରିତ ହୋଇ ବଡ଼ଠାକୁର ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥ ଏବଂ ଶ୍ରୀ ସୁଦର୍ଶନଙ୍କୁ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ । ଦେବଭୂମିର ପ୍ରଥମ ସେବିକା ଓ ଜିନ୍ଦଲ ଫାଉଣ୍ଡେସନର ଅଧକ୍ଷା ତଥା ପ୍ରଥମ ସେବକ ଓ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ଅଧକ୍ଷ ତଥା କୁରୁକ୍ଷେତ୍ରରୁ ୩ଥର ନିର୍ବାଚିତ ହୋଇଥିବା ସାଂସଦ ନବୀନ ଜିନ୍ଦଲଙ୍କ ପତ୍ନୀ ଶ୍ରୀମତି ଶାଲୁ ଜିନ୍ଦଲ ଶ୍ରଦ୍ଧା ଓ ସମର୍ପଣର ସହ ସମସ୍ତ ନୀତିକାନ୍ତି ମନ୍ଦିରର ମୁଖ୍ୟ ନୀତି ପରାମର୍ଶଦାତା ଶ୍ରୀକାନ୍ତ ଜୀଙ୍କ ମାର୍ଗଦର୍ଶନରେ କରିଥିଲେ । ରଥ ଶୋଧ, ମଣିମା ଡାକ, ଏବଂ ଦ୍ୱାର ଫିଟା ଭଳି ପାରମ୍ପାରିକ ରୀତିନୀତି ସହିତ ଏହି ଦିନଟି ଆରମ୍ଭ ହୋଇଥିଲା। ତାପରେ ମଙ୍ଗଳ ଆରତୀ, ତଡପ ଲାଗି ଏବଂ ଅବକାଶ ନୀତି ସହିତ ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ସ୍ୱତନ୍ତ୍ର ବେଶରେ ସୁସଜ୍ଜିତ କରାଯାଇଥିଲା ଏବଂ ରୋଷ ହୋମ, ସୂର୍ଯ୍ୟପୂଜା ସାଙ୍ଗକୁ ଦ୍ୱାରପାଳ ପୂଜା ଭଳି ରୀତିନୀତି ସମ୍ପୂର୍ଣ୍ଣ ପବିତ୍ରତା ସହିତ କରାଯାଇଥିଲା। ଏହି ପବିତ୍ର ଦିନରେ ଗୋପାଳ ବଲ୍ଲଭ, ବେଶ ଆରତୀ ଏବଂ ସର୍ବସାଧାରଣ ଦର୍ଶନ ସହିତ ଶ୍ରଦ୍ଧାଳୁ ମାନେ ଚତୁର୍ଦ୍ଧାମୂର୍ତ୍ତୀଙ୍କ ଈଶ୍ୱରୀୟ ରୂପ ଦେଖିବାର ସୁଯୋଗ ପାଇଥିଲେ । ଧୂପ ଏବଂ ପହୁଡ ଭଳି ମଧ୍ୟାହ୍ନ ନୀତିକାନ୍ତି ପରେ ପହୁଡ ଫିଟା, ସନ୍ଧ୍ୟା ଆରତୀ, ଭଜନ ଏବଂ କୀର୍ତ୍ତନ ଯୋଗୁ ମନ୍ଦିର ଏବଂ ରଥ ନିକଟରେ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା । ଭକ୍ତମାନେ ପ୍ରସାଦ ପାଇବା ସହିତ ମୁଖ୍ୟ ସେବିକାଙ୍କ ଦ୍ୱାରା ଅନୁଷ୍ଠିତ ମଙ୍ଗଳାର୍ପଣ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଗୋଟି ପହଣ୍ଡି। ଏହା ପରେ ମହାପ୍ରଭୂ ବଡ ଭାଇ ଓ ଭଉଣୀଙ୍କୁ ନେଇ ରତ୍ନବେଦୀକୁ ଫେରିଥିଲେ । ଲକ୍ଷ୍ମୀ ଠାକୁରାଣୀଙ୍କ ରୋଷ, ରସଗୋଲା ଭୋଗ, ମାନ ଭଞ୍ଜନ, ବଡ଼ ସିଂହାର ଏବଂ ପହୁଡ ସମେତ ନୀଳାଦ୍ରି ବିଜେ ନୀତି ଠିକ ଶ୍ରୀମନ୍ଦିର ଭଳି ଦେଖି ଭକ୍ତମାନେ ଆନନ୍ଦ ପ୍ରକାଶ କରିଥିଲେ। ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ପାଇବା ସହିତ ଏହି ପବିତ୍ର ମହାପର୍ବରେ ସାମିଲ ହୋଇ ଭକ୍ତ ମାନେ ନିଜକୁ ଧନ୍ୟ ମନେ କରିଥିଲେ । ଶ୍ରୀ ଚତୁର୍ଦ୍ଧାମୂର୍ତ୍ତୀଙ୍କ ନିକଟରେ ନିଜର ଭକ୍ତି ନୈବେଦ୍ୟ ସମର୍ପଣ କରିବା ସହିତ ଶ୍ରୀମତୀ ଶାଲୁ ଜିନ୍ଦଲ, ସମସ୍ତ ନୀତିକାନ୍ତି ଓ ଭକ୍ତିର ଭାବରେ ଲଗାତାର ଚାରି ବର୍ଷ ଧରି ରଥଯାତ୍ରାକୁ ସଫଳତାର ସହିତ ପରିଚାଳନା କରି ଆସିଥିବାରୁ ସ୍ଥାନୀୟ ସମ୍ପ୍ରଦାୟ ଏବଂ ସମସ୍ତ ଜିନ୍ଦଲବାସୀଙ୍କୁ କୃତଜ୍ଞତା ଜଣାଇଥିଲେ। ଅନୁଗୁଳ ସମେତ ଓଡ଼ିଶାବାସୀ ଏବଂ ସମସ୍ତ ଭାରତୀୟଙ୍କ ଉପରେ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ପାଇଁ ଜିନ୍ଦଲ ପରିବାର ପକ୍ଷରୁ ଶ୍ରୀମତୀ ଶାଲୁ ଜିନ୍ଦଲ ଆନ୍ତରିକ ପ୍ରାର୍ଥନା କରିଥିଲେ। ଏହି ଆଧାତ୍ମିକ ଉତ୍ସବକୁ ସଫଳ କରିବା ପାଇଁ ସମର୍ପିତ ପ୍ରୟାସ ପାଇଁ ସେ ସମଗ୍ର କର୍ମଚାରୀ, ସେବାୟତ, ଗଣମାଧ୍ୟମ, ସ୍ଥାନୀୟ ପ୍ରଶାସନ, ସମ୍ପ୍ରଦାୟ ସଦସ୍ୟ ଏବଂ ସ୍ଥାନୀୟ ପରିଚାଳନା କମିଟିକୁ ମଧ୍ୟ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ। ପୁରୀ ରଥଯାତ୍ରା ସମୟରେ ଘିଅନ୍ନ, ଡାଲମା ଏବଂ ଖଟା ସହିତ ୨୦ ଲକ୍ଷରୁ ଅଧିକ ଲୋକଙ୍କୁ ଗରମ ରନ୍ଧା ଖାଦ୍ୟ ପରିବେଷଣ କରିଥିବାରୁ ଟିମ୍ ଜିନ୍ଦଲ ଫାଉଣ୍ଡେସନକୁ ଶ୍ରୀମତୀ ଜିନ୍ଦଲ ଧନ୍ୟବାଦ ଜଣାଇଥିଲେ।

## ଭୂକମ୍ପରେ ଥରିଲା ଦିଲ୍ଲୀ-ଏନସିଆର୍

ନୂଆଦିଲ୍ଲୀ : ଦିଲ୍ଲୀ-ଏନସିଆର, ହରିଆଣା, ଉତ୍ତରପ୍ରଦେଶ, ପଞ୍ଜାବ ସମେତ ଉତ୍ତର ଭାରତର ଅନେକ ସ୍ଥାନରେ ଭୂକମ୍ପ ଝଟକା ଗୁରୁବାର ସକାଳ ୯ଟା ୪ ମିନିଟରେ ଏହି ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୧ ରେକର୍ଡ କରାଯାଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ହରିଆଣାର ଝଜର ବୋଲି ଜଣାପଡ଼ିଛି। ତେବେ ଭୂମିକମ୍ପ ସମୟରେ ଲୋକମାନେ ଭୟରେ ପଦାକୁ ପଳାଇ ଆସିଥିବାବେଳେ ବେଶ୍ କିଛି ସମୟ ପାଇଁ ମେଟ୍ରୋ ଚଳାଚଳ ବନ୍ଦ ହୋଇଯାଇଥିଲା। ତେବେ ଏହି ଭୂକମ୍ପରେ ହୋଇଥିବା କ୍ଷୟକ୍ଷତି ନେଇ କୌଣସି ସୂଚନା ମିଳିପାରି ନାହିଁ । ପୂର୍ବରୁ ମଇ ୧୨ ତାରିଖରେ ୟୁପି ଏବଂ ବିହାରର ଅନେକ ସହରରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ଚଳିତବର୍ଷ ଫେବୃଆରୀ ୧୭ ତାରିଖରେ ଦିଲ୍ଲୀ ଏନସିଆରରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିଲା। ସକାଳ ପ୍ରାୟ ୫.୪୫ରେ ଏହି ଭୂକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୦ ରେକର୍ଡ କରାଯାଇଥିଲା। ଏହାର କେନ୍ଦ୍ରସ୍ଥଳ ଦିଲ୍ଲୀର ଧଉଳାକୁଆଁ ନିକଟରେ ଥିଲା। ଭୂମିକମ୍ପର କେନ୍ଦ୍ରସ୍ଥଳ ଭୂମିରୁ ପ୍ରାୟ ୫ କିମି ତଳେ ଥିବା ଅନୁମାନ କରାଯାଇଛି। ଦିଲ୍ଲୀ ଦେଶର ସେହି କିଛି ଅଞ୍ଚଳ ମଧ୍ୟରୁ ଗୋଟିଏ, ଯେଉଁଠାରେ ଭୂମିକମ୍ପର ବିପଦ ବହୁତ ଅଧିକ। ଭୂମିକମ୍ପର ତୀବ୍ରତାକୁ ଆଧାର କରି ଭାରତରେ ୪ଟି ଭୂକମ୍ପୀୟ କ୍ଷେତ୍ର ରହିଛି। ଯେହେତୁ ଦିଲ୍ଲୀର ନୈନିତାଲ, ପିଲଭିଟି, ଉତ୍ତରାଖଣ୍ଡର ରୁରକୀ, ବିହାରର ପାଟନା, ଉତ୍ତରପ୍ରଦେଶର ବୁଲନ୍ଦସହର, ଗୋରଖପୁର, ସିକିମ୍‌ର ଗ୍ୟାଙ୍ଗଟକ, ପଞ୍ଜାବର ଅମୃତସର ପରି ୪ଟି ଭୂକମ୍ପ କ୍ଷେତ୍ର ରହିଛି, ଯେଉଁଠାରେ ଅଧିକ ଭୂକମ୍ପ ଭୟ ରହିଥାଏ।

## ୧୨ ନକ୍ସଲଙ୍କ ଆତ୍ମସମର୍ପଣ



ମାଲକାନଗିରି(ଭାସ୍କର ନ୍ୟୁଜ): ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ଜିଲ୍ଲାରେ, ଲୋନ୍ ଭାରାତୁ ଅଭିଯାନ ଅଧୀନରେ ଦାନ୍ତେୱାଡା ଏସପି ଗୌରବ ରାୟଙ୍କ ନିକଟରେ ୨୮ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଥିବା ୪ ଜଣ ମହିଳା ନକ୍ସଲ ସମେତ ମୋଟ ୧୨ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣକାରୀ ନକ୍ସଲଙ୍କ ସଂଖ୍ୟା ଏକ ହଜାର ଅତିକ୍ରମ କରିବା ପରେ ଦାନ୍ତେୱାଡା ଏସପି ଗୌରବ ରାୟ କେକ୍ କାଟି ଖୁସି ପ୍ରକାଶ କରିଛନ୍ତି। ସମସ୍ତ ଆତ୍ମସମର୍ପଣକାରୀ ନକ୍ସଲଙ୍କୁ ପୁନର୍ବାସ ନୀତି ଅନୁଯାୟୀ ପ୍ରତ୍ୟେକଙ୍କୁ ୫୦,୦୦୦ ଟଙ୍କାର ସହାୟତା ପ୍ରଦାନ କରାଯିବ ଏବଂ ଛତିଶଗଡ଼ ସରକାର ଦ୍ୱାରା ପ୍ରଦାନ କରାଯାଇଥିବା ଅନ୍ୟାନ୍ୟ ସୁବିଧା ଯେପରିକି ଦକ୍ଷତା ବିକାଶ ପାଇଁ ତାଲିମ, କୃଷି ଜମି ଇତ୍ୟାଦି ପ୍ରଦାନ କରାଯିବ। ଡିଆରଜି, ବସ୍ତର ଫାଇଟର୍ସ, ଇଣ୍ଟେଲିଜେନ୍ସ ବ୍ରାଞ୍ଚ ଦାନ୍ତେୱାଡା, ଆରଏଫଟି (ଇଣ୍ଟେଲିଜେନ୍ସ ବ୍ରାଞ୍ଚ) ଦାନ୍ତେୱାଡା, ୧୧୧ତମ ବାଟାଲିୟନ ସିଆରପିଏଫ ଏବଂ ୨୪୧ତମ ବାଟାଲିୟନ ସିଆରପିଏଫ ବସ୍ତର ନକ୍ସଲମାନଙ୍କୁ ଆତ୍ମସମର୍ପଣ

### ଦ.ପୂ. ରେଳପଥ-ଟେଣ୍ଡର

ଡିଆର୍ଏମ୍ / ଯନ୍ତ୍ରୀ/ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ କାର୍ଯ୍ୟ କରୁଛନ୍ତି ଏବଂ ଖୋଲା ଟେଣ୍ଡର ବିରୁଦ୍ଧରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି: କ୍ରମିକ.ନଂ; ଟେଣ୍ଡର ନୋଟିସ୍ ନମ୍ବର.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ, ସର୍ବଶ୍ରେଷ୍ଠ ମୂଲ୍ୟ: (୧); ସିକେପି-ୱେଷ୍ଟ-୨୫-୨୬-୧୮; ସିନିୟର ଡେନ୍ (ପଶ୍ଚିମ)/ ଚକ୍ରଧରପୁରର ଅଧିକାର କ୍ଷେତ୍ର ଅଧୀନରେ ୧୪.୮୧୦ ଟିକେଏମ୍ କିମି ପାଇଁ ରାଉରକେଲା-ଝାରସୁଗୁଡ଼ା ଜଙ୍କସନ୍-ସିଟିଆର(ଏସ୍); ଟ.୪,୦୧,୮୬,୭୧୦.୩୬; ଟ.୩,୫୦,୯୦୦.୦୦; (୨) ସିକେପି-ୱେଷ୍ଟ-୨୫-୨୬-୧୯; ସର୍ଡେଗା ଷ୍ଟେସନ କୋଠାରେ ଚତୁର୍ଥ ମହଲା ଭାବରେ ବେସମେଣ୍ଟ କ୍ଷେତ୍ରର ବିକାଶ ଏବଂ ଅତିରିକ୍ତ ମହଲା ନିର୍ମାଣ; ଟ.୨,୪୧,୪୪,୭୯୧.୬୭; ଟ.୨,୭୦,୭୦୦.୦୦; (୩) ସିକେପି-ଇଷ୍ଟ-୨୫-୨୬-୧୫; ସିନିୟର ଡେନ୍ (ପୂର୍ବ) / ଚକ୍ରଧରପୁରର ଅଧିକାରକ୍ଷେତ୍ର ଅଧୀନରେ ମଣିକୁଇରେ ଉଭୟ ଅପ୍ ଏବଂ ଡାଉନ୍ ଗ୍ରୀଡରେ ଗୋଟିଏ ଲୁପ୍ ଲାଇନ ଏବଂ ୭୦ ମିଟର ଲମ୍ବ ବିଶିଷ୍ଟ ଗୋଟିଏ ସିକ୍ ସାଇଡିଂ ନିର୍ମାଣ; ଟ.୫,୬୯,୭୮,୬୮୫.୩୦; ଟ.୪,୩୪,୯୦୦.୦୦; (୪) ସିକେପି-ସେଣ୍ଟ୍ରାଲ୍-୨୫-୨୬-୨୭; ସିନିୟର ଡେନ୍ / ସେଣ୍ଟ୍ରାଲ୍ / ଚକ୍ରଧରପୁରର ଅଧିକାରକ୍ଷେତ୍ର ଅଧୀନରେ (ଦ୍ୱିତୀୟ କଲ୍) ଏଲ୍‌ଡବ୍ଲୁଆର୍ ଟ୍ରାକର ରକ୍ଷଣାବେକ୍ଷଣ ପାଇଁ ବିଭିନ୍ନ ରେଳ ସେକ୍ସନ ପାଇଁ କେବଳ ସ୍ୱୟଂଚାଳିତ ଟ୍ୟାପିଂ ଥର୍ମିଟ୍ସ ଦ୍ୱାରା ତିନି-ପିସ୍ ମୋଲ୍ଡ ସହିତ ସଙ୍କୁଚିତ ବାୟୁ ପେଟ୍ରୋଲ / ଏଲପିଜି ବ୍ୟବହାର କରି ରେଳ ସନ୍ଧିଗୁଡ଼ିକର ଫ୍ୟୁଜନ୍ ୱେଲ୍ଡିଂ ପାଇଁ ୬୦୦୦ ଇଞ୍ଚ ୱେଲ୍ଡିଂ ଅଂଶର ଯୋଗାଣ; ଟ.୧,୪୮,୮୭,୯୭୧.୪୦; ଟ.୨,୨୪,୪୦୦.୦୦; (୫) ସିକେପି-ସେଣ୍ଟ୍ରାଲ୍-୨୫-୨୬-୨୮; ଚକ୍ରଧରପୁରରେ କ୍ଷତିଗ୍ରସ୍ତ ରାସ୍ତାର ମରାମତି; ଟ.୧,୯୦,୩୪,୩୦୨.୨୮; ଟ.୨,୪୫,୨୦୦.୦୦; ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: ଟ.୦.୦୦ (କ୍ରମାଙ୍କ ନଂ. ୧ ରୁ ୫ ପାଇଁ); ଖୋଲିବା ତାରିଖ: ୩୧.୦୭.୨୦୨୫ (କ୍ରମାଙ୍କ ନଂ.୧ ରୁ ୪ ପାଇଁ) ଏବଂ ୦୫.୦୮.୨୦୨୫ (କ୍ରମାଙ୍କ ନଂ. ୫ ପାଇଁ)। ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବ ଅନୁମତିପ୍ରାପ୍ତ ନୁହେଁ, ଏବଂ ଏପରି କୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ। ଟେଣ୍ଡରଟି ୱେବସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କର ଶ୍ରେଣୀ-୦୦୦ ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ଓଜରଚଝ ପୋର୍ଟାଲରେ ପଞ୍ଜିକୃତ ହୋଇଥିବା ଆବଶ୍ୟକ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପଲୋଡ୍ କରିବାକୁ ପଡିବ। ଟିପ୍ପଣୀ: ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ମାଗଣାରେ ଜାରି କରାଯିବ। (କର୍ତ୍ତୃପକ୍ଷ - ରେଳବାଇ ବିଡରଙ୍କ ପତ୍ର ସଂଖ୍ୟା ୨୦୨୦/ସିଇ-I/ ସିଟି/ ୩ଇ/ ଜିସିସି/ ପଲିସି। (ତାରିଖ ୧୬.୦୭.୨୦୨୦) **(PR-377)**


**AFFIDAVIT**

By virtue of an affidavit sworn before the Executive Magistrate, Puri, dated: 10.07.2025, I Jeetu Pradhan, Address: village- Baliguali, Po- Baliguali, Ps- Penthakata marine, Dist- Puri, PIN- 752002, declare that I have changed my son's name from Yavesh Jyoti Pradhan to Piyush Pradhan. Henceforth, He shall be known as Piyush Pradhan for all purposes.

Sd/- Jeetu Pradhan

**AFFIDAVIT**

By virtue of an affidavit No-23 sworn before the Executive Magistrate, Nimapara on dated: 09.06.2025, I Ranulata Behera, W/o- Sisira Kumar Senapati, resident of village- Biluamundali, Post- Jhadaling, Ps- Astaranga, Dist- Puri, declares that I have changed my minor son's name from Akalesh Kumar Behera to SaiKrushna Senapati. Henceforth, He shall be known as Saikrishna Senapati for all purposes.

Sd/-Ranulata Behera

**AFFIDAVIT**

By virtue of an affidavit sworn before the Executive Magistrate, Bari, Jajpur, dated: 08.07.2025, I Anita Panda, Address: At- Ratalanga, Po- Ratalanga, Ps- Bari Ramachandrapur, Dist- Jajpur, Odisha, PIN- 755004, declare that I have changed my daughter's name from Sweety Panda to Debasmita Panda. Henceforth, She shall be known as Debasmita Panda for all purposes.

Sd/- Anita Panda

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated: 08.07.2025, I Arabinda Sahoo, Address: At- Chutipalanga, Po- Bhuasunipatana, via- Baghamari, Ps- Begunia, Dist- Khordha, Odisha, PIN-752061, declare that I have changed my son's name from Sai Pritam to Sai Pritam Sahoo. Henceforth, He shall be known as Sai Pritam Sahoo for all purposes.

Sd/- Arabinda Sahoo

**AFFIDAVIT**

By virtue of an affidavit No-87 sworn before the Executive Magistrate on dated 09.04.2025, I Pramod Kumar Harichandan, S/o- Padma Charan Harichandan, resident of At- Nimuna, Post- Baulabandha, Ps- Nachuni, Dist- Khordha, declares that my wife's correct name is Bebina Harichandan & my son's correct name is Dibyanshu Harichandan which is mentioned in recent birth certificate of my son. But wrongly mentioned in previous birth certificate as Bebina Palai & Dibyansu Harichandan respectively. This affidavit is to be produced before concerned authority for necessary rectification as Dibyansu Harichandan to Dibyanshu Harichandan & Bebina Palai to Bebina Harichandan accordingly.

Sd/- Pramod Kumar Harichandan


### ଆଇଏମ୍‌ଡି ଡିଜିଙ୍କ ସତର୍କବାଣୀ

# ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି ବର୍ଦ୍ଧିତ ତାପମାତ୍ରା

ନୂଆଦିଲ୍ଲୀ,୧୦।୭: ଜଳବାୟୁ ପରିବର୍ତ୍ତନ ବିଶ୍ୱସ୍ତରରେ ପ୍ରମୁଖ ସମସ୍ୟା ପାଲଟିଛି। କିନ୍ତୁ ଏହାର ପ୍ରଭାବରେ ସ୍ଥାନୀୟ ସ୍ତରରେ ସମସ୍ୟା ଦେଖାଦେଉଛି । ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଉଛି। ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଫଳରେ ହିଟୱେଭ୍‌ର ଇଣ୍ଟନସିଟି ବୃଦ୍ଧି ପାଉଛି। ରାତିର ତାପମାତ୍ରା ବଢୁଛି। ଯାହାଫଳରେ ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡୁଛି। ଗୋଟିଏ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇଲେ ୭ ପ୍ରତିଶତ ଆର୍ଦ୍ରତା ବଢୁଛି। ତେଣୁ ଲୋକଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ହେଉଛି। କେବଳ ମଣିଷ ନୁହନ୍ତି, ପଶୁପକ୍ଷୀଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି ବୋଲି



ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ଚଳିତ ସିଜିନରେ ଓଡ଼ିଶାରେ ସାଧାରଣ ବର୍ଷାଠାରୁ ଅଧିକ ବର୍ଷା ହେବ। ଲଘୁଚାପ ସଂଖ୍ୟା ଅଧିକ ରହିବ। ସାମୁଦ୍ରିକ ଜୁଆର ବୃଦ୍ଧି ପାଇବ। ଚଳିତ ସିଜିନରେ ରାଜ୍ୟରେ ବହୁ ଅଧିକ ବର୍ଷା ହେବାକୁ ଥିବାବେଳେ ଉତ୍ତର ଓ ଦକ୍ଷିଣ ଓଡ଼ିଶା, ମହାନଦୀ କ୍ୟାଚମେଣ୍ଟ, ଗୋଦାବରୀ ଓ କ୍ରିଷ୍ଣା କ୍ୟାଚମେଣ୍ଟରେ ଅଧିକ ବର୍ଷା ହେବାର ସମ୍ଭାବନା ଥିବାରୁ ଏହିସବୁ ନଦୀ ଅବବାହିକା ଉପରେ ନିୟମିତ ତଦାରଖ କରିବା ଆବଶ୍ୟକ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଓଡ଼ିଶା ଉପକୂଳ ରାଜ୍ୟ ହୋଇଥିବାରୁ ବିଜୁଳି, ଘଡ଼ଘଡ଼ି ପରିମାଣ ବଢୁଛି। ଲଘୁଚାପ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି । କିନ୍ତୁ ଡିପ୍ରେସନ ହ୍ରାସ ପାଉଛି। ଉତ୍ତର ବଙ୍ଗୋପସାଗରରେ ଅଧିକ ଲଘୁଚାପ ସୃଷ୍ଟି ହେଉଛି। ଚଳିତ ସିଜିନରେ ଅଧିକ ୩୫ ପ୍ରତିଶତ ବର୍ଷା ହୋଇଛି। ଜୁଲାଇ ମାସରେ ବର୍ତ୍ତମାନ ସୁଦ୍ଧା ୭୦ ପ୍ରତିଶତରୁ ଅଧିକ ବର୍ଷା ରେକର୍ଡ କରାଗଲାଣି। ସେପଟେ ଆରବ ସାଗରରେ ବାତ୍ୟା ବୃଦ୍ଧି ପାଉଛି। ବାତ୍ୟା ଏବେ ଧିରେ ଧିରେ ଗତି କରୁଛି। ପୂର୍ବରୁ ଉପକୂଳ ଅତିକ୍ରମ କରିବା ପାଇଁ ୩ ଘଣ୍ଟା ଲାଗୁଥିବାବେଳେ ଏବେ ୬ ଘଣ୍ଟା ଲାଗୁଛି। ଫଳରେ ଉପକୂଳ ଅଞ୍ଚଳରେ ବ୍ୟାପକ କ୍ଷତି ହେଉଛି। ଅତି ପ୍ରବଳ ବର୍ଷା, ସାମୁଦ୍ରିକ ଜୁଆର ଓ ପବନ ଉପକୂଳ ଅଞ୍ଚଳରେ ଲାଗି ରହିବ ବୋଲି ସେ ଚେତାଇ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୨ରେ ଓଡ଼ିଶା...

ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ଅପରେସନ କରାଯାଇଥିଲା। ତାଙ୍କର ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସେ ଚିକିତ୍ସାଧୀନ ଥିଲେ।

### ସମ୍ବିଧାନ ବଞ୍ଚାଅ...

ଦିନ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ସେ ଡ୍ରାଇଭର ମହାସଂଘକୁ ଅନୁରୋଧ କରିଛନ୍ତି। ଶୀ ଦାସ ଆହୁରି କହିଛନ୍ତି ଯେ କଂଗ୍ରେସ ଅହିଂସା ଆନ୍ଦୋଳନ କରି ଦେଶକୁ ସ୍ୱାଧୀନତା ଦେଇଥିଲା। ଅଥଚ ଏବେ କେନ୍ଦ୍ର ସରକାର ଗୋଟିଏ ସାମ୍ବିଧାନିକ ଅନୁଷ୍ଠାନକୁ ଦୁର୍ବଳ କରିବାକୁ ଚାହୁଁଛନ୍ତି। କଂଗ୍ରେସ ସଦାସର୍ବଦା ଜାତୀୟ ସଂହତି, ଧର୍ମନିରପେକ୍ଷତା ଓ ଜନସାଧାରଣଙ୍କ ମୌଳିକା ଅଧିକାର ପାଇଁ ଲଢେଇକରି ଆସିଛି। ରାହୁଲ ଗାନ୍ଧୀ କନ୍ୟାକୁମାରୀଠାରୁ କାଶ୍ମୀର ପର୍ଯ୍ୟନ୍ତ ଭାରତ ଯୋଡ଼ ପଦଯାତ୍ରା କରି ଯେଉଁ ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ ଆହ୍ୱାନ ଦେଇଛନ୍ତି ସେଥିରେ ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ଲକ୍ଷଲକ୍ଷ ଲୋକ ଯୋଗଦେଇ ସେମାନଙ୍କ ସମର୍ଥନ ଜଣାଇଥିବା ଶ୍ରୀ ଦାସ କହିଥିଲେ।

### ଭୋଟର ତାଲିକା...

ତାହା ଠିକ୍ ନୁହେଁ। ଏହା ସଂପୂର୍ଣ୍ଣ ପକ୍ଷପାତପୂର୍ଣ୍ଣ। ସେ କହିଛନ୍ତି, ଜୁଲାଇ ୧, ୨୦୨୫ରେ ୧୮ବର୍ଷ ବୟସ ହୋଇଥିବା ନାଗରିକମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯାଇପାରିବ । ଭୋଟର ତାଲିକାର ସାରାଂଶ ଅର୍ଥାତ୍ ସମୀକ୍ଷା ପ୍ରତିବର୍ଷ ନିୟମିତ ଭାବେ କରାଯାଇଥାଏ। ଏଥର ମଧ୍ୟ ଏହା ହୋଇଛି। ତେଣୁ ଭୋଟର ତାଲିକା ସଂଶୋଧନ କରିବାର ଏବେ କୌଣସି ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ ନିର୍ବାଚନ କମିଶନ ଯାହା କରିବା ଉଚିତ୍ ନୁହେଁ, ତାହା ଏବେ କରୁଛନ୍ତି। ଅନେକ ସ୍ତରରେ ଉଲ୍ଲଂଘନ କରାଯାଉଛି। ଗୁରୁବାର ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଛନ୍ତି ଯେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରାଯାଉଛି। ନିର୍ବାଚନ କମିଶନ ଏକ ସାମ୍ବିଧାନିକ ପ୍ରାଧିକରଣ। ସୁପ୍ରିମକୋର୍ଟ ସ୍ପଷ୍ଟଭାବେ ନିର୍ବାଚନ କମିଶନଙ୍କୁ ପରିଚୟପତ୍ର ଭାବରେ ଆଧାର କାର୍ଡ, ରାସନ କାର୍ଡ ଏବଂ ଭୋଟର ପରିଚୟପତ୍ର ଅନ୍ତର୍ଭୁକ୍ତ କରିବାକୁ କହିଛନ୍ତି। ଖଣ୍ଡପୀଠଙ୍କ ଏହି ନିଷ୍ପତ୍ତି ବିରୋଧୀଦଳଙ୍କୁ ଏକ ଝଟ୍‌କା ଦେଇଛି। ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୮ ତାରିଖରେ କରାଯିବ।

### ସୁଦୃଢ ହେବ...

ସେହିପରି ଆମେ ପଢିବା ଆମ ଭାଷାରେ ଯୋଜନାରେ ଆଦିବାସୀ ପିଲାମାନଙ୍କର ଶିକ୍ଷାପାଇଁ ପ୍ରୋତ୍ସାହିତ କରିବା । ଏହି ଯୋଜନା ଦ୍ୱାରା ସାନ୍ତାଳୀ, ସଉରା, କୁଇ ଏବଂ ମୁଣ୍ଡା ସମେତ ୧୭ଟି ଆଦିବାସୀ ଭାଷାରେ ଶିକ୍ଷାଦାନ କରି ଶିକ୍ଷାକୁ ସରଳୀକରଣ କରିବା ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ଏହି ବୈଠକରେ ଶ୍ରୀ ମାଝୀ କେନ୍ଦ୍ର ସରକାରଙ୍କ ନିକଟରେ କିଛି ଦାବି ରଖିଥିଲେ। ସେଥିମଧ୍ୟରେ ରାଜ୍ୟର ଗ୍ରାମାଞ୍ଚଳରେ ମୋବାଇଲ ନେଟ୍‌ୱାର୍କ ବୃଦ୍ଧି କରିବା, ୧୬୩୧ ବ୍ୟାଙ୍କ ନଥିବା ଗ୍ରାମ ପଞ୍ଚାୟତରେ ସ୍ଥାୟୀ ଶାଖା ଖୋଲିବା, କେନ୍ଦ୍ର ସରକାର ଏ ନେଇ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେବା ତଥା ସଂପୃକ୍ତ ଅଞ୍ଚଳରେ ଉତ୍ତମ ଇଣ୍ଟରନେଟ ସୁବିଧା ଯୋଗାଇବା ପାଇଁ ଶ୍ରୀ ମାଝୀ ଦାବି କରିଥିଲେ। ଆସନ୍ତାବର୍ଷ ପୁରୀରେ ପୂର୍ବାଞ୍ଚଳ ପରିଷଦ ବୈଠକ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି।

### ଗଡୁନି ଗାଡ଼ି...

ମହାସଂଘର ଆଲୋଚନା ବିଫଳ ହେବାପରେ ପରିସ୍ଥିତି ଉତ୍କଟ ରୂପ ଧାରଣ କରିଛି। ଯଦିଓ ଗୁରୁବାର ୧୫୦ଟି ତେଲ ଟ୍ୟାଙ୍କର ଭୁବନେଶ୍ୱରରେ ପହଞ୍ଚିଛି ଓ କଟକରେ ୬୭ଟି ଟ୍ୟାଙ୍କର ପହଞ୍ଚିଛି, ତଥାପି ଟାଙ୍କିରେ ଅସମ୍ଭାଳ ଭିଡ଼ ଲାଗି ରହୁଛି। ଗାଡ଼ି ଚାଲୁ ନଥିବାରୁ ଲୋକେ ଜରୁରି କାମରେ ଯାଇପାରୁ ନାହାନ୍ତି। ଗାଡ଼ି ଭଡ଼ାକରି କଲେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ତେଣୁ ସରକାର ତୁରନ୍ତ ମହାସଂଘ ସହ ଆଲୋଚନା କରି ଏହି ଧର୍ମଘଟକୁ ବନ୍ଦ କରିବାକୁ ବିଭିନ୍ନ ମହଲରୁ ଦାବି ଜୋର ଧରିଛି। ତେବେ ଆନ୍ଦୋଳନ ସମୟରେ ବିଭିନ୍ନ ସ୍ଥାନରେ ହିଂସା ଘଟୁଥିବା ସୂଚନା ମିଳିଛି। ବଲାଙ୍ଗୀର-ସୋନପୁର ଏନଏଚ୍-୫୭ ଟୋଲଗେଟ୍ ନିକଟରେ ମନୋଜ ବଗର୍ତ୍ତୀ ନାମକ ଜଣେ ଡ୍ରାଇଭର ଗାଡ଼ିନେଇ ଯାଉଥିବାବେଳେ ଆନ୍ଦୋଳନ କରୁଥିବା ଡ୍ରାଇଭରମାନେ ତାଙ୍କୁ ନିସ୍ତୁକ ପିଟିବାରୁ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ବଲାଙ୍ଗୀରସ୍ଥିତ ଭୀମଭୋଇ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆନ୍ଦୋଳନ ଭିତରେ ଶୁକ୍ରବାର କଂଗ୍ରେସ ଗାଡ଼ିଗୁଡ଼ିକୁ ଡ୍ରାଇଭର ମହାସଂଘ ଛାଡ଼ିବ ବୋଲି ନିଷ୍ପତ୍ତି ନେଇଥିବା ସୋସିଆଲ ମିଡିଆରେ ମହାସଂଘର ସଭାପତି ଜଣାଇଛନ୍ତି। ଏଥିନେଇ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଡ୍ରାଇଭର ମହାସଂଘକୁ ଅନୁରେଧ କରିଥିଲେ।


**THE ODISHA AGRO INDUSTRIES CORPORATION LTD.**
(Govt. of Odisha Undertaking)
Regd.HO:95-Satyanagar,Bhubaneswar-07
Tel:(0674)2570687,Email:oaicho@orissaagro.com
Website :odishaagro.nic.in

**Request for Proposal (RFP)**

Sealed RFP in prescribed format are invited from Electrical Licensed Contractor (H.T.) registered in ELBO, Bhubaneswar. For details, please visit our website: odishaagro.nic.in. The detail RFP documents will be available in the office of the undersigned from **dt.11.07.2025** to **dt.06.08.2025** up to 3.00 p.m. on payment of **Rs.10500/-+GST@18%** per set or else the documents can be downloaded from our website. If the documents downloaded be enclosed with a D.D. for **Rs.12,390/-** (Inclusive GST) in favor of "The Managing Director, OAIC Ltd." of any nationalized bank payable at *Bhubaneswar*. The last date of submission of quotation documents is **dt.06.08.2025** up to **5.00 p.m.** The undersigned reserves the right to accept/ reject any/ all application(s) without assigning any reasons thereof.

**CAD-1067**

**OIPR 01047/11/0053/2526**

Sd/-
MANAGINGDIRECTOR

**PANCHAYAT SAMITI OFFICE: GUDVELLA**
E-mail.ID-ori-gudvella@nic.in

**i-202**

**NATIONAL COMPETITIVE BIDDING THROUGH e-Procurement**

**Identification No. PS-GVL-02 OF 2025-26**

The BDO, Gudvella Block, Dist-Balangir on behalf of Governor of Odisha invites percentage rate bids in single cover system to be received in online mode only for the construction of works as detailed in the table below.

| Sl.No | Name of the Work | Amount put to tender(in Rupees) | Class of Contractor | Cost of Tender Paper | E.M.D(Bid Security) in Rs | Period of Completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of ACR Building for Kamasingha Primary school | 9,91,429 | "C" & "D" | 6,000 | 9,914 | Six calendar months |
| 2 | Construction of ACR Building for Gudvella Nodal UP School | 9,91,429 | "C" & "D" | 6,000 | 9,914 | Six calendar months |
| 3 | Construction of 50 MT Godown and Office Building at Jamut PACS | 25,93,728 | "B" & "C" | 6,000 | 25,937 | Six calendar months |

Further details can be seen from the e-procurement portal-http://tendersodisha.gov.in

Sd/-Block Development Officer, Gudvella

**OIPR 19350/11/0003/2526**

**GOVERNMENT OF ODISHA**
DEPARTMENT OF WATER RESOURCES
OFFICE OF THE CHIEF CONSTRUCTION ENGINEER,
DEO IRRIGATION PROJECT, KARANJIA
AT/PO: KARANJIA, DIST.: MAYURBHANJ-757037
Tel: 06796-296144, e-mail: cce.dip.dowr@gmail.com

**A-367**

**"e" Procurement Notice**

**Bid Identification No.: 02/CCEDIP of 2025-26**

| | | |
|---|---|---|
| Name of Work | : | As per Detailed Tender Call Notice |
| Total No. of Packages | : | 02 (Two) Nos. of Individual Work |
| Estimated cost of Package | : | From 203.07 Lakhs to 268.64 Lakhs |
| Period of Completion | : | 06 (Six) Months |
| Class of Contractor | : | "B" & "A" Class Contractor |
| Other Details | : | Mentioned in DTCN |

| Procurement Officer | Bid-Identification No. | Availability of tender on-line for bidding | |
|---|---|---|---|
| | | From | To |
| Chief Construction Engineer, Deo Irrigation Project, Karanjia | 02/CCEDIP of 2025-26 | 14.07.2025 at 10.00 AM | 28.07.2025 up to 05.30 PM |

Further details can be seen from the Govt. web site www.tendersodisha.gov.in.
Any addendum/corrigendum/cancellation of tender can also be seen in the said Website.

Sd/-Chief Construction Engineer,
Deo Irrigation Project, Karanjia.

**OIPR 32337/11/0007/2526**

**LEVEL-II TRANSPORT CONTRACTOR 2025-27**

NOTICE INVITING TENDER

**CAD-1054**

**Office of District Manager**
Odisha State Civil Supplies Corporation Ltd(OSCSC).
District-**Balasore**
**Phone**

For **Khaira Block** (Tender No-**1516** / dt.**08.07.2025** ), **Oupada Block**(Tender No-**1517** / dt.**08.07.2025**), **Simulia Block** (Tender No-**1518** /dt.**08.07.2025**), **Bahanaga Block** (Tender No-**1519**/ dt.**08.07.2025**), **Baliapal Block**(Tender No-**1520**/ dt.**08.07.2025**), **Soro Block & MPL** (Tender No-**1521**/ dt-**08.07.2025**), **Nilgiri Block & NAC** (Tender No-**1522**/ dt-**08.07.2025**), **Remuna Block** (Tender No- **1523** / dt. **08.07.2025**), **Balasore MPL** (Tender No- **1524** / dt. **08.07.2025** ), **Basta Block** (Tender No- **1525** / dt.**08.07.2025** ), **Sadar Block** (Tender No-**1526** / dt. **08.07.2025** ), **Jaleswar Block & MPL** (Tender No-**1527** / dt. **08.07.2025** ), **Bhograi Block** (Tender No- **1528** / dt. **08.07.2025**).

**Cost of Tender Document-Rs.5900/- Inclusive of GST for each RRC to Unit (Block/ ULB) combination of the district.**

Online tenders are invited from eligible bidders for selection and appointment of Level-II Contractor for transportation of Custom Milled Rice (CMR) from Rice Receiving Center (RRC) to Retail Center (FPS).

| | | |
|---|---|---|
| 1 | Availability of tender documents | From Date-**08.07.2025** Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On date-**15.07.2025** At-**11:00AM**, **Place-Office of the District Manager, OSCSC Ltd, Balasore.** |
| 3 | Last date and time for **online** submission of complete Tender Documents with enclosures. | Through e-procurement Portal : www.tendersodisha.gov.in Up to-**5:00PM**, of dt-**23.07.2025**. |
| 4 | Date, time and venue for opening of Technical Bid by the Tender Committee. | On dt-**24.07.2025** at-**11:00AM**, **Place-Office of the District Manager, OSCSC Ltd, Balasore.** |
| 5 | Date, time and venue of submission of original documents in support of scanned copies uploaded in the portal for verification. | On dt-**25.07.2025** at-**11:00AM** Place-**Sadvabana Sava Gruha, Collectorate, Balasore.** |
| 6 | Date & time of Financial Bid opening by the Tender Committee (only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | **Sadvabana Sava Gruha, Collectorate, Balasore.** |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English Language only |
| 10 | Help Desk Telephone No | (i) OSCSC Ltd: District Manager: No-9438200032 Account Head :No -9437202475 (ii) State Procurement Cell:- **0674-2530998/18003456765** |

**N.B**:1. If the office happens to be closed on the date of opening of tenders, tenders will be opened on the next working day in the same time.
2. District tender Committee reserves the right to cancel any/ all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in
4.The bidder must deposit Tender Document Fee and EMD at the time of submission of tender through online payment gate way service.
5.Any amendment /cancellation / re-tender/ corrigendum please refer to the website www.tendersodisha.gov.in , www.oscsc.in & www.foododisha.in.

Sd/-District Manager
OSCSC Limited, Balasore

**OIPR 07031/11/0009/2526**



ଡେରାଡୁନ୍: ଆଗାମୀ ୧୧ ତାରିଖରୁ ଆରମ୍ଭ ହୋଇଯିବ ଶ୍ରାବଣ ମାସ। କାଉଡିଆମାନେ ପାଣିଭାର ନେବାକୁ ପ୍ରସ୍ତୁତ ହେଲେଣି। ଆଗାମୀ ୧୪ରେ ଶ୍ରାବଣର ପ୍ରଥମ ସୋମବାର। ମହାଦେବଙ୍କଠି ଜଳାଭିଷେକ କରିବା ପାଇଁ କାଉଡିଆ ପାଣିଭାର ନେବେ । ବିଭିନ୍ନ ଶୈବ ପିଠରେ ଲାଗିବ ଭିଡ । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଶୈବ ପିଠମାନଙ୍କରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । କାଉଡିଆ ଯାତ୍ରାକୁ ଦୃଷ୍ଟିରେ ରଖି ହରିଦ୍ୱାରରେ ସ୍କୁଲ ଏବଂ କଲେଜ୍ ବନ୍ଦ ରହିବା ନେଇ ନିର୍ଦ୍ଦେଶ ଜାରି କରାଯାଇଛି । ଏହି ସମୟରେ ଛାତ୍ରଛାତ୍ରୀମାନଙ୍କର ଅନଲାଇନ୍ କ୍ଲାସ ଚାଲିବ। କାଉଡିଆ ଯାତ୍ରା ସମୟରେ ଭିଡ ରହିବ ଏବଂ ରାସ୍ତା ବନ୍ଦ ରହିବ। ଯେଉଁଥିପାଇଁ ସରକାରୀ, ବେସରକାରୀ, ଉଚ୍ଚ ଶିକ୍ଷା ସଂସ୍ଥା, ଅଙ୍ଗନୱାଡ଼ି କେନ୍ଦ୍ର ୧୪ ରୁ ୨୩ ଜୁଲାଇ ପର୍ଯ୍ୟନ୍ତ ବନ୍ଦ ରହିବ ସ୍କୁଲ। ତେବେ ଏଠି କହି ରଖୁଛୁ ଯେ, ହରିଦ୍ୱାରରୁ କାଉଡିଆ ଯାତ୍ରା ପାଇଁ ମୁଖ୍ୟ ରାସ୍ତା ରଷିକେଶ ଅଭିମୁଖେ ଯାଏ।

## ଗୁରୁପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି ଯେ, ସମସ୍ତ ଦେଶବାସୀଙ୍କୁ ଗୁରୁପୂର୍ଣ୍ଣିମାର ଅନେକ ଶୁଭକାମନା। ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ସମସ୍ତଙ୍କୁ ଅନେକ ଶୁଭେଚ୍ଛା।

## ଗୁରୁପୂର୍ଣ୍ଣିମାରେ ୧୦୮ ଶ୍ରୀ ସତ୍ୟନାରାୟଣ ବାବାଙ୍କ ଧାମରେ ପୂଜାର୍ଚ୍ଚନା କଲେ ବିଷ୍ଣୁଦେବ

ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଗୁରୁବାର ଗୁରୁପୂର୍ଣ୍ଣିମାରେ ରାୟଗଡ ଜିଲ୍ଲାର କୋଷମନାର ଗାଁରେ ଥିବା ୧୦୮ ଶ୍ରୀ ସତ୍ୟନାରାୟଣ ବାବାଙ୍କ ଧାମକୁ ଯାଇ ସେଠାରେ ଭୋଳାନାଥଙ୍କୁ ପୂଜାର୍ଚ୍ଚନା କରିବା ସହ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ଛତିଶଗଡବାସୀଙ୍କ ସୁଖ, ସମୃଦ୍ଧି ଏବଂ ଶାନ୍ତି ମଧ୍ୟ କାମନା କରିଥିଲେ। ଏହି ଅବସରରେ ଶ୍ରୀ ସାଏ କହିଥିଲେ, ଆଜିର ଏହି ପବିତ୍ର ଦିନ ହେଉଛି ଭକ୍ତି ଓ ମାର୍ଗର ଦିନ। ଏହା ଆମ ଜୀବନର ଗତିପଥକୁ ବଦଳାଇବାରେ ସହାୟକ ହୋଇଥାଏ। କୋଷମନାର ଏକ ପବିତ୍ର ଗାଁ ଓ ଏଠାରେ ଥା ଭୋଳାନାଥଙ୍କ ମନ୍ଦିରକୁ ପ୍ରତିଦିନ ଅଗଣିତ ଶ୍ରଦ୍ଧାଳୁ ଆସିଥାନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏଙ୍କ ସହ ରାଜ୍ୟ ଅର୍ଥମନ୍ତ୍ରୀ ଓପି ଚୌଧୁରୀ, ରାୟଗଡ ସାଂସଦ ରାଧେଶ୍ୟାମ ରଥିଆ, ରାଜ୍ୟସଭା ସାଂସଦ ଦେବେନ୍ଦ୍ର ପ୍ରତାପ ସିଂ, ବିଧାୟକ ପୁରନ୍ଦର ମିଶ୍ରା ଏବଂ ରାୟଗଡ ମେୟର ଜୀବରଧନ ଚୌହାନ ମଧ୍ୟ ସାମିଲ ହୋଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।



## କପିଳ ଶର୍ମାଙ୍କ କାଫେ ଉପରକୁ ଗୁଳିମାଡ଼

ନୂଆଦିଲ୍ଲୀ : ପ୍ରସିଦ୍ଧି କମେଡିଆନ ତଥା ଅଭିନେତା କପିଳ ଶର୍ମାଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସୁଛି। କାନାଡ଼ାରେ କପିଳ ଶର୍ମାଙ୍କ 'କାପ'ସ କାଫେ' ଉପରକୁ ଗୁଳିମାଡ଼ ହୋଇଛି। ଗୁଳି କାଣ୍ଡର ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ସେୟାର ହୋଇଛି। ଏହି ଗୁଳିକାଣ୍ଡ ପାଇଁ ଖାଲିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ବବର ଖାଲସା ଇଣ୍ଟରନ୍ୟାସନାଲ ଗ୍ୟାଙ୍ଗ ନିଜକୁ ଦାୟି କରିଛି। ମାମଲାରେ ବବର ଖାଲସା ଇଣ୍ଟରନ୍ୟାସନାଲ ସହ ସମ୍ପର୍କିତ ଆତଙ୍କବାଦୀ ହରଜିତ ସିଂହ ଓରଫ ଲାଡିର ନାମ ସାମ୍ନାକୁ ଆସୁଛି। ଲାଡି ଭାରତୀୟ ତଦନ୍ତକାରୀ ସଂସ୍ଥାନ ଏନଆଇଏର ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀଙ୍କ ଲିଷ୍ଟରେ ମଧ୍ୟ ଅଛି। କପିଳ ଶର୍ମାଙ୍କ ଏହି କାଫେ ଖୋଲିବାର ମାତ୍ର ୬ ଦିନ ହୋଇଛି।

## ବନ୍ୟା, ଭୂସ୍ଖଳନ ପ୍ରଭାବିତ ରାଜ୍ୟକୁ ହଜାର କୋଟି ଟଙ୍କା ମଞ୍ଜୁରି କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ: କେନ୍ଦ୍ର ସରକାର ବନ୍ୟା, ଭୂସ୍ଖଳନ ପ୍ରଭାବିତ ଆସାମ, ମଣିପୁର, ମେଘାଳୟ, ମିଜୋରାମ, କେରଳ, ଉତ୍ତରାଖଣ୍ଡ ପାଇଁ ୧୦୬୬.୮୦ କୋଟି ଟଙ୍କା ପ୍ରଦାନ କରିବାକୁ ଅନୁମୋଦନ କରିଛନ୍ତି। ଛଅଟି ବନ୍ୟା ପ୍ରଭାବିତ ରାଜ୍ୟ ମଧ୍ୟରୁ, ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (ଏସଡିଆରଏଫ୍) ରୁ କେନ୍ଦ୍ରୀୟ ଅଂଶ ଭାବରେ ଆସାମକୁ ୩୭୫.୬୦ କୋଟି ଟଙ୍କା, ମଣିପୁରକୁ ୨୯.୨୦ କୋଟି ଟଙ୍କା, ମେଘାଳୟକୁ ୩୦.୪୦ କୋଟି ଟଙ୍କା, ମିଜୋରାମକୁ ୨୨.୮୦ କୋଟି ଟଙ୍କା, କେରଳକୁ ୧୫୩.୨୦ କୋଟି ଟଙ୍କା ଏବଂ ଉତ୍ତରାଖଣ୍ଡକୁ ୪୫୫.୬୦ କୋଟି ଟଙ୍କା ଦିଆଯାଇଛି। ଏହି ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ସମୟରେ ଅତ୍ୟଧିକ ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଏହି ରାଜ୍ୟଗୁଡ଼ିକ ପ୍ରଭାବିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ କେନ୍ଦ୍ର ସରକାର ବନ୍ୟା, ଭୂସ୍ଖଳନ, ବାଦଲଫଟା ବର୍ଷା ପ୍ରଭାବିତ ରାଜ୍ୟକୁ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବାକୁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ମୋଦୀ ସରକାର ସମସ୍ତ ପରିସ୍ଥିତିରେ ରାଜ୍ୟମାନଙ୍କ ସହିତ ଦୃଢ଼ତାର ସହ ଛିଡା ହୋଇଛନ୍ତି। ଚଳିତ ବର୍ଷ କେନ୍ଦ୍ର ସରକାର ୧୪ଟି ରାଜ୍ୟକୁ ଏସଡିଆରଏଫ୍ ୬୧୬୬.୦୦ କୋଟି ଟଙ୍କା ଏବଂ ୧୨ଟି ରାଜ୍ୟକୁ ଏନଡିଆରଏଫ୍ ରୁ ୧୯୮୮.୯୧ କୋଟି। ଟଙ୍କା ପ୍ରଦାନ କରିଛନ୍ତି । ଏହା ବ୍ୟତୀତ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଏମ୍ଏଫ୍) ରୁ ୫ଟି ରାଜ୍ୟକୁ ୭୨୬.୨୦ କୋଟି ଟଙ୍କା ଜାରି କରାଯାଇଛି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନଡିଏମ୍ଏଫ୍) ରୁ ୨ଟି ରାଜ୍ୟକୁ ୧୭.୫୫ କୋଟି ଟଙ୍କା ମଧ୍ୟ ପ୍ରଦାନ କରାଯାଇଛି। କେନ୍ଦ୍ର ସରକାର ସମସ୍ତ ବନ୍ୟା, ଭୂସ୍ଖଳନ, ବାଦଲଫଟା ବର୍ଷା ପ୍ରଭାବିତ ରାଜ୍ୟକୁ ଆବଶ୍ୟକ ଏନଡିଆରଏଫ ଦଳ, ସେନା ଏବଂ ବାୟୁସେନା ସହାୟତା ସହିତ ସମସ୍ତ ଲଜିଷ୍ଟିକ୍ ସହାୟତା ମଧ୍ୟ ପ୍ରଦାନ କରିଛନ୍ତି। ଚଳିତ ବର୍ଷର ମୌସୁମୀ ସମୟରେ, ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ପାଇଁ ୨୧ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଏନଡିଆରଏଫ୍ ର ୧୦୪ଟି ଦଳ ନିୟୋଜିତ ହୋଇଛନ୍ତି।

## ଗୋଟିଏ ଜିଲ୍ଲାରେ ୧୪ ହଜାରରୁ ଅଧିକ ମହିଳା କ୍ୟାନ୍ସରରେ ସଂକ୍ରମିତ

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂଚନା

ନୂଆଦିଲ୍ଲୀ : ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଅନୁସାରେ ଗୋଟିଏ ଜିଲ୍ଲାରେ ୧୪ ହଜାରରୁ ଅଧିକ ମହିଳା କ୍ୟାନ୍ସରରେ ସଂକ୍ରମିତ ହୋଇଛନ୍ତି। ଏହି ଖବର ପ୍ରସାରିତ ହେବା ପରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସେହି ସ୍ଥାନଟି ମହାରାଷ୍ଟ୍ରର ହିଙ୍ଗୋଲି ଜିଲ୍ଲା। ଏଠାରେ ୧୪,୫୦୦ ମହିଳାଙ୍କ ଠାରେ କ୍ୟାନସର ଲକ୍ଷଣ ଥିବାର ଜଣାପଡ଼ିଛି। ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରକାଶ ଆବିତକର ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ସରକାରଙ୍କର ସଞ୍ଜୀବନୀ ସ୍କିମ୍ ଅନୁସାରେ, ସ୍କ୍ରିନିଂ ବେଳେ ଏହି ମହିଳାଙ୍କ ବିଷୟରେ ସୂଚନା ମିଳିଥିଲା। ପ୍ରକାଶ ଆବିତକର ନିଜର ଏକ ଲିଖିତ ଜବାବରେ ବିଧାନସଭାରେ କହିଛନ୍ତି ଯେ, ୮ ମାର୍ଚ୍ଚରେ ମହିଳା ଦିବସରୁ ସର୍ଭେ ଆରମ୍ଭ ହୋଇଥିଲା। ଏହି ଅନୁସାରେ ମୋଟ ୨,୯୨,୯୧୬ ମହିଳାଙ୍କ ମଧ୍ୟରେ ସର୍ଭେ କରାଯାଇଛି। ଏହି ସର୍ଭେ ବେଳେ ମହିଳାଙ୍କୁ କିଛି ପ୍ରଶ୍ନ ପଚାର ଯାଇଥିଲା, ଯାହାର ସେମାନେ ଜବାବ ଦେଇଥିଲେ। ଉକ୍ତ ଜବାବର ଆଧାରରେ ଏହା ଜଣାପଡ଼ିଛି ଯେ, ପାଖାପାଖି ୧୪,୫୦୦ ମହିଳାଙ୍କ ଠାରେ କ୍ୟାନସର ଭଳି ଲକ୍ଷଣ ଅଛି। ସେ କହିଛନ୍ତି, ମୋଟ ୧୪,୫୪୨ ମହିଳାଙ୍କ ମଧ୍ୟରୁ ୩ ଜଣଙ୍କୁ ଗର୍ଭାଶୟ



କ୍ୟାନସରର ସୂଚନା ମିଳିଛି। ଏହା ବ୍ୟତୀତ ଜଣେ ମହିଳାଙ୍କୁ ସ୍ତନ୍ୟ କ୍ୟାନସର ଓ ୮ ଜଣଙ୍କୁ ମାଉଥ୍ କ୍ୟାନସର ହୋଇଛି। ଏହି ସୂଚନା ଜିଲ୍ଲା କଲେକ୍ଟରଙ୍କ ପକ୍ଷରୁ କ୍ୟାନସରକୁ ନେଇ ଚଲାଯାଇ ଥିବା ସଚେତନତା ଅଭିଯାନରେ ସାମ୍ନାକୁ ଆସିଛି। ଏହି ଅଭିଯାନ ଏଥିପାଇଁ ଚଲାଯାଇଛି, ଯାହାକି କ୍ୟାନସରର ସୂଚନା ପ୍ରାରମ୍ଭିକ ଷ୍ଟେଜ୍ ?ରେ ହିଁ ଜଣାପଡ଼ିପାରିବ ଏବଂ ପୁଣି ସେହି ଲୋକଙ୍କ ଚିକିତ୍ସା କରାଯାଇ ପାରିବ। ହେଲେ ସ୍ୱାସ୍ଥ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, ମହିଳାଙ୍କ ପାଇଁ ଅଲଗା ଭାବେ କୌଣସି କ୍ୟାନସର ହସ୍ପିଟାଲର ନିର୍ମାଣର ପ୍ରସ୍ତାବ ନାହିଁ। ସେ ଏହା କହିଛନ୍ତି ଯେ, ଗ୍ରାମାଞ୍ଚଳରେ ସ୍କ୍ରିନିଂର ବ୍ୟବସ୍ଥାକୁ ମଜବୁତ କରାଯିବ, ଯାହାକି ଜଣାପଡ଼ିବ ଯେ, ମହିଳାଙ୍କ ଠାରେ କ୍ୟାନସରର କଣ ସ୍ଥିତି ଅଛି। ଜିଲ୍ଲା ହସ୍ପିଟାଲରେ ମଧ୍ୟ ଏହାର ଯାଞ୍ଚର ସୁବିଧା ଦିଆଯାଉଛି। ଏଥିପାଇଁ ଟାଟା ମେମୋରିଆଲ ହସ୍ପିଟାଲ ସହ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଟାଟା ମେମୋରିଆଲ ହସ୍ପିଟାଲ ପକ୍ଷରୁ ଏକ ଟିମ୍ ମାସରେ ଦୁଇ ଥର ହସ୍ପିଟାଲକୁ ଯିବେ ଏବଂ ସେଠାରେ କ୍ୟାମ୍ପ ଲଗାଇ ଯାଞ୍ଚ କରିବେ। ଖାଲି ଏତିକି ନୁହେଁ, ତଳ ସ୍ତରକୁ ଯାଞ୍ଚ ପାଇଁ କ୍ୟାନସର ଯୋଦ୍ଧାଙ୍କୁ ଟ୍ରେନିଂ ମଧ୍ୟ ଟିମ୍ ପକ୍ଷରୁ ଦିଆଯିବ। ସେ କହିଛନ୍ତି ଯେ, ରାଜ୍ୟର ୮ଟି ଜିଲ୍ଲା ହସ୍ପିଟାଲରେ ଡେ-କେୟାର କେମୋଥେରାପୀ ସେଣ୍ଟର ମଧ୍ୟ ଆରମ୍ଭ କରାଯାଇଛି। ଏହା ବ୍ୟତୀତ ଏମିତି ସେଣ୍ଟର ଗୁଡ଼ିକୁ ରାଜ୍ୟର ଅନ୍ୟ ଜିଲ୍ଲାରେ ମଧ୍ୟ ସ୍ଥାପିତ କରିବାର ପ୍ରସ୍ତୁତି ଅଛି।

## ଭାରତରୁ ୧୦ ଲକ୍ଷ ଶ୍ରମିକ ନେବ ରୁଷିଆ

ନୂଆଦିଲ୍ଲୀ: ରୁଷିଆ ୨୦୨୫ ଶେଷ ସୁଦ୍ଧା ଭାରତରୁ ୧୦ ଲକ୍ଷ ଶ୍ରମିକଙ୍କୁ ଡାକିବାକୁ ଯୋଜନା କରିଛି। ୟୁକ୍ରେନ ଯୁଦ୍ଧ ଯୋଗୁ ରୁଷିଆରେ ପୁରୁଷ ଏବଂ ଶ୍ରମିକଙ୍କ ଅଭାବ ଦୂର କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ୟୁରାଲ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ମୁଖ୍ୟ ଆଣ୍ଡ୍ରେ ବେସେଡିନ କହିଛନ୍ତି, ଭାରତ ସହିତ ଏହି ସମ୍ପର୍କରେ ଚୁକ୍ତି ଚୂଡ଼ାନ୍ତ ହୋଇଛି। କେବଳ ଏତିକି ନୁହେଁ, ଭାରତୀୟ ଶ୍ରମିକମାନଙ୍କୁ ସାହାଯ୍ୟ କରିବା ପାଇଁ ସେଓ୍ୱର୍ଦଲୋଭସ୍କର ରାଜଧାନୀ ୟେକାଟେରିନବର୍ଗରେ ଏକ ନୂତନ ଭାରତୀୟ ଦୂତାବାସ ମଧ୍ୟ ଖୋଲିବାକୁ ଯାଉଛି। ରୁଷିଆର ସେଓ୍ୱର୍ଦଲୋଭସ୍କ ଅଞ୍ଚଳ ଶିଳ୍ପର ଏକ ବଡ଼ କେନ୍ଦ୍ର। ଏଠାରେ ଧାତୁ ଏବଂ ଯନ୍ତ୍ରପାତି ସହିତ ଜଡିତ କାରଖାନାରେ ଶ୍ରମିକଙ୍କ ଏକ ବଡ଼ ଅଭାବ ରହିଛି। ବେସେଡିନ୍ଙ୍କ ଅନୁଯାୟୀ, ୟୁକ୍ରେନ ଯୁଦ୍ଧରେ ରୁଷୀୟ ପୁରୁଷମାନଙ୍କୁ ନିୟୋଜିତ କରିବା ଏବଂ ଯୁବକମାନେ କାରଖାନାରେ କାମ ନ କରିବାକୁ ପ୍ରବୃତ୍ତ ହେବା ଏହାର ପ୍ରମୁଖ କାରଣ। ଭାରତର ପରିଶ୍ରମୀ ଏବଂ କୁଶଳୀ ଶ୍ରମିକ ଏହି ଅଭାବକୁ ପୂରଣ କରିପାରିବେ।



ୟେକାଟେରିନବର୍ଗ ସହର ଟ୍ରାନ୍ସ-ସାଇବେରିଆନ ରେଳପଥ ମାଧ୍ୟମରେ ୟୁରୋପ ଏବଂ ଏସିଆକୁ ସଂଯୋଗ କରୁଥିବା ଏକ ବଡ଼ ଲଜିଷ୍ଟିକ୍ସ ହବ ହେବାକୁ ଯାଉଛି। ଏହା ସହିତ, ଏହି ସହର ଆର୍କଟିକ ବିକାଶରେ ମଧ୍ୟ ଏକ ବଡ଼ ଭୂମିକା ଗ୍ରହଣ କରିବ। ଏଠାରେ ଧାତୁ ଏବଂ ଯନ୍ତ୍ରପାତି ଶିଳ୍ପରେ ଭାରତୀୟ ଶ୍ରମିକମାନଙ୍କୁ ଏକ ବଡ଼ ସୁଯୋଗ ମିଳିବ। ୟେକାଟେରିନବର୍ଗର ପାଗ ଭାରତୀୟମାନଙ୍କ ପାଇଁ ଏକ କଠିନ କାମ ହୋଇପାରେ। ଗ୍ରୀଷ୍ମ ଋତୁରେ, ସେଠାକାର ତାପମାତ୍ରା ୨୪ ଡିଗ୍ରୀ ପର୍ଯ୍ୟନ୍ତ ରହିଥାଏ, କିନ୍ତୁ ଶୀତ ଋତୁରେ ଏହା -୧୭ ଡିଗ୍ରୀକୁ ଖସିଯାଏ। ଅକ୍ଟୋବରରୁ ଏପ୍ରିଲ ପର୍ଯ୍ୟନ୍ତ ତୁଷାରର ଏକ ଆବରଣ ରହିଥାଏ। ଅଧିକାଂଶ ଭାରତୀୟ ଶ୍ରମିକ ମଧ୍ୟପ୍ରାଚ୍ୟର ଗରମ ପାଗରେ କାମ କରିବାରେ ଅଭ୍ୟସ୍ତ, ତେଣୁ ରୁଷିଆର ଶୀତ ସେମାନଙ୍କ ପାଇଁ ଏକ ନୂତନ ଚ୍ୟାଲେଞ୍ଜ ହେବ। ଏହା ବ୍ୟତୀତ, ଯେଉଁମାନେ ଶୁଦ୍ଧ ନିରାମିଷାଶୀ, ସେମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିବା ମଧ୍ୟ କଷ୍ଟକର ହୋଇପାରେ। ତଥାପି, ରୁଷିଆରେ ଭାରତୀୟ ଏବଂ ଅନ୍ତର୍ଜାତୀୟ ବ୍ରାଣ୍ଡର ଗରମ ପୋଷାକ ସହଜରେ ଉପଲବ୍ଧ, ଯାହା ଥଣ୍ଡାରୁ କିଛି ଆଶ୍ୱସ୍ତି ଦେଇପାରେ। ଏହି ପଦକ୍ଷେପ ଭାରତ ଏବଂ ରୁଷିଆ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବ। ଭାରତ ପୂର୍ବରୁ ରୁଷିଆର ତେଲ, ଗ୍ୟାସ, ଔଷଧ ଏବଂ ଆଇଟି କ୍ଷେତ୍ରରେ ନିବେଶ କରୁଛି। ଭାରତୀୟ ଶ୍ରମିକଙ୍କ ରୁଷକୁ ସ୍ଥାନାନ୍ତର କେବଳ ସେଠାରେ ଶ୍ରମିକ ଅଭାବ ପୂରଣ କରିବ ନାହିଁ, ବରଂ ଭାରତ ମଧ୍ୟ ଲାଭବାନ ହେବ।

# ବାଣିଜ୍ୟ



ରାଉରକେଲା (ଭାସ୍କର ନ୍ୟୁଜ୍) : ଅନନ୍ୟ ବୈଷୟିକ ଦକ୍ଷତା ଏବଂ ନବସୃଜନର ପ୍ରଦର୍ଶନ ପୂର୍ବକ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର, ସିଣ୍ଟରିଂ ପ୍ଲାଣ୍ଟ-୨ (ଏସପି-୨)ର ଏକ ଉଦ୍ୟମୀ କାର୍ମିକ ଦଳ ଏକ ନିଜସ୍ୱ ବୈଷୟିକ ସମାଧାନ ସଫଳତାର ସହ ବିକଶିତ କରି ଓଜନ ପ୍ରଣାଳୀରେ ଏକ ଗୁରୁତ୍ୱପୂର୍ଣ୍ଣ ଅପରେସନଗତ ଆହ୍ୱାନ ଦୂର କରିଛନ୍ତି। ଏହି ନୂତନ ବୈଷୟିକ ହସ୍ତକ୍ଷେପ ଏହାର କାର୍ଯ୍ୟନିପୁଣତାରେ ଉଲ୍ଲେଖନୀୟ ଉନ୍ନତି ଆଣିବା ସହ ୧୦ ଲକ୍ଷ ଟଙ୍କାରୁ ଅଧିକ ସଞ୍ଚୟ ସାଧିତ କରିଛି। ଏହି ଦଳ ସଫଳତାର ସହ ଓଜନ ପ୍ରଣାଳୀରେ ପୁରୁଣା କମ୍ୟୁନିକେଶନ କାର୍ଡ (ଜେ.କେ.ଟି କାର୍ଡ)କୁ ନିଜସ୍ୱ ରୂପେ ଡିଜାଇନ ଓ ବିକଶିତ ବ୍ୟବସ୍ଥା କାର୍ଯ୍ୟକାରୀ କରିଛି। ଏସପି-୨ର ଡିଜିଏମ୍ ସବ୍ୟସାଚୀ ଜେନାଙ୍କ ନେତୃତ୍ୱରେ ବିଭାଗର ଡେପୁଟି ମ୍ୟାନେଜର ପି.କେ. ନାଥ, ଡେପୁଟି ମ୍ୟାନେଜର ସି.ବି. ମୁଣ୍ଡା , ଜୁନିଅର ଅଫିସର ଏସ.ଏସ. ସର, ଏବଂ ଓସିଟି ପ୍ରଶିକ୍ଷାର୍ଥୀ ଏ. ମାଜିଙ୍କୁ ନେଇ ଗଠିତ ଏକ ଦଳ ଏହି ସମସ୍ୟାର ସମାଧାନ ପାଇଁ ଆହ୍ୱାନକୁ ଗ୍ରହଣ କରିଥିଲେ। ସେମାନେ କାର୍ଡର କାର୍ଯ୍ୟଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଭାବରେ ଅଧ୍ୟୟନ କରିଥିଲେ

## ଓଡ଼ିଶାରେ ଆୟୋଜିତ ହେବ ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ୨୦୨୬ ଜାନୁଆରୀ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ବରମୁଣ୍ଡା ପଡିଆରେ ଓଡ଼ିଶା ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ୨୦୨୬ର ଚତୁର୍ଥ ସଂସ୍କରଣ ଆୟୋଜିତ ହେବ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ୨୦୩୩ ଓ ୨୦୪୭ ମସିହା ପାଇଁ ବିକଶିତ ଓଡିଶା ଭିଜନ ଅନୁଶରଣରେ ଏହି ଆନ୍ତର୍ଜାତୀୟ ଏକ୍ସପୋ ରାଜ୍ୟରେ ଖଣି ଶିଳ୍ପ ପାଇଁ ଇକୋ ସିଷ୍ଟମକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଉପଯୁକ୍ତ ପଦକ୍ଷେପ । ଭାରତର ସର୍ବବୃହତ ଖଣି ଏବଂ ଭିତ୍ତିଭୂମି ପ୍ରଦର୍ଶନୀ ଭାବରେ ଏହା ବଜାର ସମ୍ପ୍ରସାରଣ, ପ୍ରଯୁକ୍ତି ଆବିଷ୍କାର ଏବଂ ବ୍ୟବସାୟ ଅଭିବୃଦ୍ଧି ପାଇଁ ଅତୁଳନୀୟ ସୁଯୋଗ ପ୍ରଦାନ କରିବ। ଓଡ଼ିଶା ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ-୨୦୨୬ର ଚତୁର୍ଥ ସଂସ୍କରଣ ଘୋଷଣା କରି ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ, 'ଓଡ଼ିଶାରେ ଆମେ ନିକଟରେ ଏକାଧିକ ବୃହତ୍ତ ପ୍ରକଳ୍ପକୁ ଅନୁମୋଦନ କରିଛୁ, ଯେଉଁଥିରେ ବିଭିନ୍ନ ପ୍ରମୁଖ କ୍ଷେତ୍ରରେ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି, ଯାହା ଶିଳ୍ପ ପୁଞ୍ଜିନିବେଶ ପ୍ରତି ଓଡ଼ିଶାର ଆକର୍ଷଣକୁ ଦର୍ଶାଉଛି। ନାଲକୋର ପୂର୍ବତନ ଅଧକ୍ଷ ତଥା ଏମଡି ତପନ କୁମାର ଚାନ୍ଦ କହିଛନ୍ତି, 'ଏହି ଚତୁର୍ଥ ଓଡିଶା ଖଣି ଏବଂ ଭିତ୍ତିଭୂମି ଆନ୍ତର୍ଜାତୀୟ ପ୍ରଦର୍ଶନୀରେ ଶିଳ୍ପପତି,ଖଣିରେ କାର୍ଯ୍ୟରତ କର୍ମଚାରୀ, ଉଦ୍ଭାବକ ଏବଂ ଶିଳ୍ପ ବିଶେଷଜ୍ଞଙ୍କ ଏକତ୍ରିତ କରିବା ସହ ଖଣି ସମ୍ବନ୍ଧରେ ଶିଖର ସମ୍ମିଳନୀର ଆୟୋଜନ କ୍ଷେତ୍ରରେ ଓଡିଶାକୁ ବିଶ୍ୱର କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବ। ଏହି ସମ୍ମିଳନୀରେ ୨୫୦ ରୁ ଅଧିକ ଆନ୍ତର୍ଜାତୀୟ ସ୍ତରୀୟ କମ୍ପାନୀ ଅଂଶଗ୍ରହଣ କରିବାର ସମ୍ଭାବନା ଅଛି। ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅଧକ୍ଷ ସ୍ୱାମୀ ପ୍ରେମ ଅନ୍ୱେଶୀ କହିଛନ୍ତି, ବିଗତ ତିନି ବର୍ଷ ମଧ୍ୟରେ ଓଡ଼ିଶା ଖଣି ଓ ଭିତ୍ତିଭୂମି ଆନ୍ତର୍ଜାତୀୟ ଏକ୍ସପୋ, ଭାରତ ତଥା ଭାରତ ବାହାରେ ଖଣିର ଭବିଷ୍ୟତ ପାଇଁ ଏକ ଶକ୍ତିଶାଳୀ ଉତ୍ପ୍ରେରକ ଭାବେ ଉଭା ହୋଇଛି। ୨୦୨୬ର ସଂସ୍କରଣ ଏହି ଗତିକୁ ଅଧିକ ସୁଦୃଢ଼ ଜାରି ରଖିଛି, ଏକ ଚାରି ଦିନିଆ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ପ୍ରଦାନ କରୁଛି ଯେଉଁଠାରେ ନୀତି ନିର୍ଧାରକ, ନିବେଶକ, ଉଦ୍ୟୋଗପତି ଏବଂ ଖଣି ପେସାଦାରମାନେ ଏକତ୍ରିତ ହୋଇ ଭାରତର ଶିଳ୍ପ ବିକାଶର ନିମିତ୍ତେ ଆଲୋଚନା କରିପାରିବେ। ପୂର୍ବର ସଫଳତାକୁ ଆଧାର କରି ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଓଡ଼ିଶା ଖଣି ଓ ଭିତ୍ତିଭୂମି ଆନ୍ତର୍ଜାତୀୟ ଏକ୍ସପୋ ୨୦୨୬ ଆୟୋଜନ କରାଯାଉଛି, ଯେଉଁଥିରେ ଖଣି ଯନ୍ତ୍ରପାତି, ଉପକରଣ, ଉନ୍ନତ ଜ୍ଞାନକୌଶଳ ସମାଧାନ, ସେବା ଏବଂ ଯୋଗାଣ କ୍ଷେତ୍ରରେ ଅତ୍ୟାଧୁନିକ ଉଦ୍ଭାବନକୁ ପ୍ରଦର୍ଶିତ କରାଯିବ। ତୃତୀୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଆନ୍ତର୍ଜାତୀୟ ଏକ୍ସପୋ ୨୦୨୫ରେ ବ୍ୟବସାୟ ଉତ୍ପାଦନରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ଏହି ଏକ୍ସପୋରେ ୩୦% ଅଭିବୃଦ୍ଧି ଘଟିଥିଲା, ଯେଉଁଥିରେ ଶିଳ୍ପପତି, ସରକାରୀ ପ୍ରତିନିଧି ଏବଂ ନୀତି ନିର୍ଧାରକଙ୍କ ସମେତ ୧୫,୦୦୦ରୁ ଅଧିକ ବ୍ୟବସାୟୀ ପର୍ଯ୍ୟଟକ ଆକର୍ଷିତ ହୋଇଥିଲେ।



## ଫ୍ରାଙ୍କଲିନ ଇଣ୍ଡିଆ ମଲ୍‌ଟି ଆସେଟ ଆଲୋକେସନ ଫଣ୍ଡର ଶୁଭାରମ୍ଭ

ମୁମ୍ବାଇ : ଫ୍ରାଙ୍କଲିନ ଟେମ୍ପଲେଟନ (ଇଣ୍ଡିଆ) ଇକ୍ୱିଟି, ଡେବଟ ଏବଂ କମୋଡିଟିଜରେ ନିବେଶ କରୁଥିବା ଏହାର ମୁକ୍ତ ଭାବରେ ପରିସମାପ୍ତ ହେଉଥିବା ବହୁବିଧ ଆସେଟ ଆବଣ୍ଟନକାରୀ ଫଣ୍ଡ ଫ୍ରାଙ୍କଲିନ ଇଣ୍ଡିଆ ମଲଟି ଆସେଟ ଆଲୋକେସନ ଫଣ୍ଡ (ଏଫଆଇଏମଏଏଫ) ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ସୁଚିନ୍ତିତ ଭାବରେ ପରିଚାଳିତ ଏହି ଫଣ୍ଡ ଡେବଟ, ମନି ମାର୍କେଟ ଇନଷ୍ଟ୍ରୁମେଣ୍ଟ ଏବଂ କମୋଡିଟିଜରେ ଆବଣ୍ଟନ ଦ୍ୱାରା ସମର୍ଥିତ ସମସ୍ତ ବୃହତ, ମଧ୍ୟମ ଏବଂ କ୍ଷୁଦ୍ର କ୍ୟାପ ବର୍ଗଗୁଡିକରେ ଅଭିବୃଦ୍ଧି ଏବଂ ମୂଲ୍ୟଗତ ରଣକୌଶଳର ସମ୍ମିଶ୍ରଣରେ ଇକ୍ୱିଟିଗୁଡିକରେ ନିବେଶ ଦ୍ୱାରା ଦୀର୍ଘସୂତ୍ରୀ ପୁଞ୍ଜି ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏହାର ଶୁଭାରମ୍ଭ ଅବସରରେ ପ୍ରକାଶ କରି ଅବିନାଶ ସତୱାଲେକର, ପ୍ରେସିଡେଣ୍ଟ, ଫ୍ରାଙ୍କଲିନ ଟେମ୍ପଲେଟନ-ଇଣ୍ଡିଆ କହିଥିଲେ, 'ଏହି ଫଣ୍ଡର ପ୍ରଚଳନ ଆମ ଗ୍ରାହକମାନଙ୍କର ଅଗ୍ରାଧିକାର ବିଷୟ, ଲକ୍ଷ୍ୟସମୂହ ଏବଂ ଚାଲେଗୁଡିକ ସମ୍ପର୍କରେ ବୁଝିବା ଏବଂ ସେମାନଙ୍କର ଦୀର୍ଘସୂତ୍ରୀ ଆର୍ଥିକ ଲକ୍ଷ୍ୟଗୁଡିକ ମୁତାବକ ସମାଧାନ ଯୋଗାଇଦେବାକୁ ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଫଣ୍ଡ ଶୁଭାରମ୍ଭ ଏବଂ ଏହାର ନିବେଶ ରଣକୌଶଳ ସମ୍ପର୍କରେ ମତ ଦେଇ ଜାନକୀରମଣ ଆର, ଚିଫ ଇନଭେଷ୍ଟମେଣ୍ଟ ଅଫିସର-ଏମର୍ଜିଂ ମାର୍କେଟସ ଇକ୍ୱିଟି-ଇଣ୍ଡିଆ, ଫ୍ରାଙ୍କଲିନ ଟେମ୍ପଲେଟନ କହିଥିଲେ, 'ପୋର୍ଟଫୋଲିଓ ଅଭିବୃଦ୍ଧି ନିମନ୍ତେ ଇକ୍ୱିଟିରେ ନିବେଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ତାହା ଜନ୍ମଗତ ଭାବରେ ଅସ୍ଥିରତା ଏବଂ ସମୟଭିତ୍ତିକ ସଂଶୋଧନ ଦେଇ ଗତିକରିଥାଏ। ରାହୁଲ ଗୋସ୍ୱାମୀ, ଚିଫ ଇନଭେଷ୍ଟମେଣ୍ଟ ଅଫିସର, ଇଣ୍ଡିଆ ଫିକ୍ସଡ ଇନକମ, ଫ୍ରାଙ୍କଲିନ ଟେମ୍ପଲେଟନ କହିଥିଲେ, 'ବିଗତ ୨୦ବର୍ଷ ଧରି ଶୀର୍ଷ ପ୍ରଦର୍ଶନକାରୀ ଆସେଟ ବର୍ଗ ସମୟାନ୍ତରରେ ଇକ୍ୱିଟି, ଫିକ୍ସଡ ଇନକମ ଏବଂ କମୋଡିଟିଜଗୁଡିକ ମଧ୍ୟରେ ପରିବର୍ତ୍ତିତ ହୋଇଛି। ସେଥିପାଇଁ ସେଗୁଡିକ ମଧ୍ୟରେ ସମୟ ସମୟରେ ଶୀର୍ଷସ୍ତରର ଆସେଟ ଆବଣ୍ଟନ କରୁଥିବା ଏକ ପୋର୍ଟଫୋଲିଓ ନିବେଶକଙ୍କୁ କମ ନିମ୍ନମୁଖୀ ଆପଦ ସହିତ ଅଭିବୃଦ୍ଧି ସାମର୍ଥ୍ୟ ଯୋଗାଇ ଦେଉଥିବା ଏକ ସନ୍ତୁଳିତ ରଣକୌଶଳ ଯୋଗାଇ ଦେଇପାରିବ। ଫ୍ରାଙ୍କଲିନ ଇଣ୍ଡିଆ ମଲଟି ଆସେଟ ଆଲୋକେସନ ଫଣ୍ଡର ଡେବଟ ଅଂଶ ଏହାର ନିବେଶ ଲକ୍ଷ୍ୟସମୂହ ଅନୁଯାୟୀ ସକ୍ରିୟ ଭାବରେ ପୋର୍ଟଫୋଲିଓ ପରିଚାଳନା ଦ୍ୱାରା ନିରାପତ୍ତା, ଲିକ୍ୱିଡିଟି ଏବଂ ରିଟର୍ଣ୍ଣ ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ଲକ୍ଷ୍ୟ ରଖିଛି।

## ସୋନି ଇଣ୍ଡିଆ ପକ୍ଷରୁ ଡବ୍ଲ୍ୟୁଏଫ-ସି୭୧୦ଏନ ଟ୍ରୁଲି ୱାୟରଲେସ ନଏଜ କ୍ୟାନସେଲିଂ ଇୟରବଡ ଉନ୍ମୋଚିତ

ନୂଆଦିଲ୍ଲୀ: ସୋନି ଇଣ୍ଡିଆ ପକ୍ଷରୁ ଡବ୍ଲ୍ୟୁଏଫ-ସି୭୧୦ଏନ ଟ୍ରୁଲି ୱାୟରଲେସ ନଏଜ କ୍ୟାନସେଲିଂ ଇୟରବଡ ଉନ୍ମୋଚନ କରାଯାଇଛି। ଏଥିରେ ନଏଜ କ୍ୟାନସେଲେସନ ପ୍ରଯୁକ୍ତି, ଦୀର୍ଘ ସମୟ ଚାଲୁଥିବା ବ୍ୟାଟେରି ଓ ଏଆଇ ସହିତ ଉଚ୍ଚ କଲମାନ ଭଳି ସୁବିଧା ରହିଛି। ଗୁଣାତ୍ମକମାନର ସାଉଣ୍ଡ, ନୂଆ ଷ୍ଟାଇଲିସରଙ୍ଗ ଓ ଡିଜାଇନରେ ଏହାକୁ ପ୍ରସ୍ତୁତକରାଯାଇଛି ଯାହା କାନରେ ସହଜରେ ଲାଗି ପାରୁଛି। ସୋନିର ଡୁଆଲ ନଏଜ ସେନସର ପ୍ରଯୁକ୍ତି ବାହ୍ୟକୋଳାହଳକୁ ଅଟକାଇ ଗ୍ରାହକଙ୍କୁବିନା ଅସୁବିଧାରେ ସଙ୍ଗୀତ ଉପଭୋଗ କରିବାର ସୁବିଧା ପ୍ରଦାନ କରୁଛି।ଏହା ଆମ୍ବିଏଂଟ ସାଉଣ୍ଡମୋଡକୁ ସମର୍ଥନ କରୁଛି। ସୋନି ସାଉଣ୍ଡ କନେକ୍ଟ ଆପ ଜରିଆରେଗ୍ରାହକମାନେ ଆମ୍ବିଏଂଟ ସାଉଣ୍ଡରସ୍ତରରେ ପରିବର୍ତନ ଆଣିପାରିବେ। ଏଥିରେ ଆଡାପଟିଭ ସାଉଣ୍ଡ କଂଟ୍ରୋଲ ଭଳି ସୁବିଧା ମଧ୍ୟ ରହିଛି। ଏହିଇୟର ବଡ ଗ୍ଲାସ ବ୍ଲୁ ସହିତଗୋଲାପୀ, ଧଳା ଓ କଳାରଙ୍ଗରେ ଉପଲବ୍ଧ ହୋଇଛି। ଏହାକୁ ସାଙ୍ଗରେ ନେବା ଓ କାନରେ ପିନ୍ଧିବା ବେଶସହଜ। ଏଥିରେ ସିଲିଣ୍ଡ୍ରିକାଲ ଚାର୍ଜିଂ କେସ ରହିଛି। ଏହାର ବିବିଧ କନେକ୍ସନ ଯୋଗୁଁ ଦୁଇଟି ବ୍ଲୁଟୁଥ ଡିଭାଇସଏକସ ଙ୍ଗେକନେକ୍ଟ ହୋଇପାରିବ। ଉଭୟ ଭିତରେ ସ୍ୱୟଂକ୍ରିୟ ଭାବେ ଅଦଳବଦଳ ହୋଇପାରିବ। ସୋନି ଏହାକୁ ଉଭୟ ଷ୍ଟାଇଲିସ ଓ ପରିବେଶମିତ ବ୍ୟୟୀ କରିଛି। ଏହା ଜୁଲାଇ ୧୦ଠାରୁ ଉପଲବ୍ଧ ହେବ। ଏହାର ମୂଲ୍ୟ ୮,୯୯୦ ଟଙ୍କାରଖାଯାଇଛି।

## ପଲିସିବଜାର 'ଜିତୋ ଅପ୍‌ନା ଘର' ସଫଳତାର ସହିତ ଶେଷ



ନୂଆଦିଲ୍ଲୀ: କର୍ମଚାରୀ କୈନ୍ଦ୍ରିକ ସଂଗଠନ ହେବା ନିମନ୍ତେ ନିଜର ପ୍ରତବଦ୍ଧତାକୁ ପୁନଃଦୃଢ଼ୀଭୂତ କରି ପଲିସୀବଜାର ଏହାର ସର୍ବୋତ୍ତମ ପ୍ରଦର୍ଶନକାରୀ କର୍ମଚାରୀଙ୍କର ବାସଗୃହ ମାଲିକାନା ସ୍ୱପ୍ନ ସାକାର କରିବା ଉପରେ ଦୃଷ୍ଟିନିବଦ୍ଧ କରୁଥିବା ଏହିଧରଣର ଏକ ଅନନ୍ୟ ପ୍ରୟାସ 'ଜିତୋ ଅପନାଘର'ର ୫ମ ସଂସ୍କରଣ ସଫଳତାର ସହିତ ସମ୍ପୂର୍ଣ୍ଣ କରିଛି। ପଲିସୀବଜାର ତାହାର ବିକ୍ରିରେ ନିରନ୍ତର ସଫଳତା ଜାରି ରଖି ଏବଂ ସମୁଦାୟ ସଂଗଠନ ମଧ୍ୟରେ ଉତ୍କର୍ଷକୁ ସ୍ୱୀକୃତି ଜଣାଇବାର ପ୍ରତିବଦ୍ଧତା ସହିତ ପ୍ରଥମ ଥର ପାଇଁ ସେବାଗୁଡିକ କ୍ଷେତ୍ରକୁ ('ଜିତୋ ଅପନାଘର') ଜେଏଜି ୫.୦ ଅବସରରେ ଜେଏଜି ସୁବିଧା ସମ୍ପ୍ରସାରିତ କରିଥିଲା। ପଲିସୀବଜାର ଆଜି ସୁଦ୍ଧା ଜେଏଜି ମାଧ୍ୟମରେ କର୍ମଚାରୀଙ୍କୁ ୩୯ଟି ବାସଗୃହ, ୨୪ କାର ଏବଂ ନଗଦ ଅର୍ଥ ପ୍ରୋତ୍ସାହନ ଆଦି ମୋଟ ୪୦ କୋଟି ଟଙ୍କାର ଫାଇଦା ପ୍ରଦାନ କରିଛି। କେବଳ ଜେଏଜିର ୫ମ ସଂସ୍କରଣରେ ୧୦ଜଣ ଆଡଭାଇଜରଙ୍କୁ ବାସଗୃହ ଏବଂ ୮ ଜଣ ଆଡଭାଇଜନରଙ୍କୁ କାର ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଏଥିସହିତ ଆଡଭାଇଜରଙ୍କୁ ସେମାନେ ଏକ ବାସଗୃହ ଅଥବା ଏକ କାର ମାଲିକାନା ହାସଲ କରିଥିଲେ ମଧ୍ୟ ସେମାନଙ୍କ ପ୍ରଦର୍ଶନ ଆଧାରରେ ୧୧ କୋଟି ଟଙ୍କା ଅର୍ଥ ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଜେଏଜି ୫.୦ ରାତିର ଭବ୍ୟ ଉତ୍ସବ ପାଳନ ସ୍ମରଣୀୟ ହୋଇ ରହିବ। ବିଜେତାମାନଙ୍କୁ 'ସ୍ପିନ ଦି ହ୍ୱିଲ' କାର୍ଯ୍ୟକ୍ରମ ଜରିଆରେ ମନୋନୀତ କରାଯାଇଥିଲା। ଏହି ଅବସରରେ ସର୍ବବୀର ସିଂ, ଜଏଣ୍ଟ ଗ୍ରୁପ ସିଇଓ କହିଥିଲେ, 'ପଲିସୀବଜାରରେ 'ଜିତୋ ଅପନା ଘର' ସର୍ବଦା କେବଳ ଏକ ପ୍ରତିଯୋଗିତା ଠାରୁ ଅନେକ କିଛି ଅଧିକ ହୋଇ ରହିଆସିଛି।

## ଆମାଜନ ପକ୍ଷରୁ ଏକ୍ସଟ୍ରାଭାଗା-ପ୍ରାଇମ୍‌ଡେ ଆରମ୍ଭ




ନୂଆଦିଲ୍ଲୀ: ଆମାଜନ ଇଣ୍ଡିଆ ପ୍ରାଇମ୍ ସଦସ୍ୟମାନଙ୍କ ପାଇଁ ବର୍ଷର ସବୁଠାରୁ ପ୍ରତୀକ୍ଷିତ ସପିଂ ଏକ୍ସଟ୍ରାଭାଗା – ପ୍ରାଇମ୍ ଡେ ୨୦୨୫ ଆରମ୍ଭ କରିବାକୁ ପ୍ରସ୍ତୁତ। ଜୁଲାଇ ୧୨ ତାରିଖ ଦିନ ୧୨:୦୦ ରୁ ଜୁଲାଇ ୧୪ ତାରିଖ ଦିନ ୧୧:୫୯ ପର୍ଯ୍ୟନ୍ତ, ଦ୍ରୁତତମ ସ୍ପିଡ, ଆକର୍ଷଣୀୟ ଡିଲ୍ ଏବଂ ବ୍ଲକବଷ୍ଟର ମନୋରଞ୍ଜନ ସହିତ ବିସ୍ତୃତ କଲେକ୍ସନ ସହିତ ୭୨ ଘଂଟାର ନନ୍-ଷ୍ଟପ୍ ସପିଂ ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ। ପ୍ରାଇମ୍ ଡେ ସ୍ମାର୍ଟଫୋନ୍, ଇଲେକ୍ଟ୍ରୋନିକ୍ସ, ଟିଭି, ଉପକରଣ, ଆମାଜନ ଡିଭାଇସ୍, ଫ୍ୟାଶନ୍, ସୌନ୍ଦର୍ଯ୍ୟ, ଗୃହ ଏବଂ ରୋଷେଇ ଘର, ଫର୍ଣ୍ଣିଚର, ଗ୍ରୋସେରୀ, ପ୍ରତିଦିନର ଆବଶ୍ୟକୀୟ ସାମଗ୍ରୀ ଏବଂ ଆହୁରି ଅନେକ ବର୍ଗରେ ଚମତ୍କାର ସଂଚୟ ଆଣିଛି। ଏ ସମ୍ପର୍କରେ ଆମାଜନ, ଭାରତ ଏବଂ ଏମର୍ଜିଂ ମାର୍କେଟ, ଡେଲିଭରିଜ୍ ଏବଂ ରିଟର୍ଣ୍ଣ, ପ୍ରାଇମ୍-ଡାଇରେକ୍ଟର ଅକ୍ଷୟ ସାହି କହିଛନ୍ତି ଯେ, 'ପ୍ରାଇମ୍ ଡେ ହେଉଛି ଆମର ଗ୍ରାହକମାନଙ୍କର ଏକ ଉତ୍ସବ, ଏବଂ ଚଳିତ ବର୍ଷ ଆମେ ୭୨ ଘଂଟାର ସପିଂ, ଅତୁଳନୀୟ ସଂଚୟ ଏବଂ ବ୍ଲକବଷ୍ଟର ମନୋରଞ୍ଜନ ସହିତ ପୂର୍ବ ଅପେକ୍ଷା ବଡ଼ ହେବାକୁ ଯାଉଛୁ। ବିଭିନ୍ନ ବର୍ଗରେ ହଜାର ହଜାର ଡିଲ୍ ସହିତ, ପ୍ରାଇମ୍ ଡେ ଦେଶବ୍ୟାପୀ ପ୍ରାଇମ୍ ସଦସ୍ୟମାନଙ୍କ ପାଇଁ ଆମାଜନର ସର୍ବୋତମ ସୁବିଧା ଆଣିବାକୁ ପ୍ରତିଶ୍ରୁତି ଦେଉଛି। ଗ୍ରାହକମାନେ ଆମର ଜେନେରେଟିଭ୍ ଏଆଇ-ପାୱାରଡ୍ ସପିଂ ଆସିଷ୍ଟାଂଟ ରୁଫସ୍ ମଧ୍ୟ ବ୍ୟବହାର କରିପାରିବେ। ଚଳିତ ବର୍ଷ, ଏହା ଡେସ୍କଟପରେ ବିସ୍ତାରିତ ପ୍ରବେଶ ସହିତ ଆହୁରି ଉନ୍ନତ ହୋଇଛି, ଯଦ୍ୱାରା ପ୍ରାଇମ୍ ସଦସ୍ୟମାନେ ସେମାନଙ୍କ ଆବଶ୍ୟକତା ପାଇଁ ଉପଯୁକ୍ତ ଡିଲ୍ ଖୋଜି ପାଇପାରିବେ।' ଏ ସମ୍ପର୍କରେ ଆମାଜନ୍ ଇଣ୍ଡିଆ ଓ ଅଷ୍ଟ୍ରେଲିଆ ଅପରେସନ୍ସର ଭାଇସ୍ ପ୍ରେସିଡେଂଟ ଅଭିନବ ସିଂହ କହିଛନ୍ତି ଯେ, 'ଆମର ପ୍ୟାନ୍-ଇଣ୍ଡିଆ ଲଜିଷ୍ଟିକ୍ ନେଟୱାର୍କ ହେଉଛି ଗ୍ରାହକମାନଙ୍କୁ ଦ୍ରୁତ ଗତିରେ ସୁବିଧା ପ୍ରଦାନ କରିବାର ମୂଳଦୁଆ, ଏବଂ ଆମେ ସମଗ୍ର ଦେଶରେ ଦ୍ରୁତ, ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ



ନୂଆଦିଲ୍ଲୀ: କ୍ରିକେଟ ଜଗତରେ ବୈଭବ ସୂର୍ଯ୍ୟବଂଶୀ ଏବେ ଚର୍ଚ୍ଚାରେ ରହିଛନ୍ତି। ବିଶେଷ କରି ସୋସିଆଲ ମିଡିଆରେ ତାଙ୍କର ଫ୍ୟାନ ଫଲୋଇଂ ପ୍ରତିଦିନ ବୃଦ୍ଧି ପାଉଛି। ଆଇପିଏଲ ୨୦୨୫ରେ ରାଜସ୍ଥାନ ରୟାଲ୍ସ (ଆରଆର ପ୍ଲେୟାର ବୈଭବ ସୂର୍ଯ୍ୟବଂଶୀ) ପାଇଁ ବ୍ୟାଟରେ ନିଜର ଦକ୍ଷତା ଦେଖାଇଥିବା ବୈଭବ ଇଂଲଣ୍ଡରେ ମଧ୍ୟ ନିଜର ଭିନ୍ନ ଛାପ ସୃଷ୍ଟି କରିଥିଲେ। ସମ୍ପ୍ରତି, ଏକ ଆକର୍ଷଣୀୟ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଦୁଇ ଝିଅ ଇଂଲଣ୍ଡରେ ତାଙ୍କୁ ଭେଟିବା ପାଇଁ ପାଗଳ ହୋଇଯାଇଥିଲେ ଏବଂ ଜଣେ ପ୍ରଶଂସକ ତାଙ୍କୁ ଭେଟିବା ପାଇଁ ୬ ଘଣ୍ଟା ପର୍ଯ୍ୟନ୍ତ ଗାଡ଼ି ଚଳାଇଥିଲେ। ବର୍ତ୍ତମାନ ତାଙ୍କର ଫଟୋ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି। ରାଜସ୍ଥାନ ରୟାଲ୍ସ ତାଙ୍କ ପୂର୍ବତନ ପ୍ରେମିକାଙ୍କ ଉପରେ ଏକ ପୋଷ୍ଟ ଶେୟାର କରିଛି, ଯେଉଁଥିରେ ସେ କ୍ୟାପଶନରେ ଲେଖିଛନ୍ତି ଯେ ଏହା ପ୍ରମାଣ କରେ ଯେ ଆମର ଭଲ ପ୍ରଶଂସକ କାହିଁକି ଅଛନ୍ତି। ଜଣେ ୱାର୍ସେଷ୍ଟରରୁ ୬ଘଣ୍ଟା ଗାଡ଼ି ଚଳାଇଥିଲେ। ଗୋଲାପୀ ଜର୍ସି ପିନ୍ଧି ଟିମ ଇଣ୍ଡିଆ ଏବଂ ବୈଭବ (ବୈଭବ ସୂର୍ଯ୍ୟବଂଶୀ) ପାଇଁ ଉତ୍ସାହିତ ହୋଇଥିଲି। ଅନାୟା, ରିଭା ଏବଂ ବୈଭବଙ୍କ ପାଇଁ ଏକ ସ୍ମରଣୀୟ ଦିନ। ବୈଭବଙ୍କ ସହିତ ଏହି ଝିଅମାନଙ୍କର ଫଟୋ ଇଣ୍ଟରନେଟରେ ଭାଇରାଲ ହେଉଛି।

## ଇଣ୍ଡିଆ-ଇଂଲଣ୍ଡ ତୃତୀୟ ଟେଷ୍ଟ

# ଇଂଲଣ୍ଡର ପ୍ରଥମ ପାଳି ୨୫୧/୪

ପ୍ରଥମ ଦିବସ



ନୂଆଦିଲ୍ଲୀ: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ୨୦୨୪-୨୫ର ତୃତୀୟ ମ୍ୟାଚ୍ ଗୁରୁବାର ଲଣ୍ଡନର ଲର୍ଡସ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଉଛି। ଏହି ମ୍ୟାଚ୍‌ରେ ଇଂଲଣ୍ଡ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ୪ୱିକେଟ ବିନିମୟରେ ୨୫୧ ରନ୍ କରିଛି। ଦଳ ପ୍ରଥମରୁ ସତର୍କତାର ସହ ବ୍ୟାଟିଂ କରିଥିଲା। ଦଳ ପକ୍ଷରୁ ଜାକ୍ କ୍ରାଲୱେ ୧୮, ବେନ୍ ଡକେଟ୍ ୨୩, ଓଲି ପୋପ୍ ୪୪, ହାରି ବ୍ରୁକ୍ ୧୧ ରନ୍ କରିଥିବା ବେଳେ ଜୋ ରୁଟ୍ ୯୯ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ୩୯ରନ୍ କରି ବ୍ୟାଟିଂ କରୁଛନ୍ତି। ଭାରତ ପକ୍ଷରୁ ଜସ୍‌ପ୍ରୀତି ବୁମ୍‌ରା ୧ୱିକେଟ, ରବିନ୍ଦ୍ର ଜାଡେଜା ୧ୱିକେଟ ନେଇଥିବା ବେଳେ ନୀତିଶ କୁମାର ରେଡ୍ଡି ୨ଟି ୱିକେଟ ଅକ୍ତିଆର କରିଛନ୍ତି।

ସୂଚନାଯୋଗ୍ୟ ଯେ, ଦୁଇ ଦେଶ ମଧ୍ୟରେ ସିରିଜର ପ୍ରଥମ ମ୍ୟାଚ୍ ଲର୍ଡସରେ ଖେଳାଯାଇଥିଲା, ଯେଉଁଥିରେ ଆୟୋଜକ ଦଳ ୫ୱିକେଟରେ ବିଜୟୀ ହୋଇଥିଲା। ଏହା ପରେ, ଭାରତୀୟ ଦଳ ଏକ ମହାନ ପ୍ରତ୍ୟାବର୍ତ୍ତନ କରି ଏଜବାଷ୍ଟନ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡକୁ ୩୩୬ରନରେ ପରାସ୍ତ କରି ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜକୁ ୧-୧ରେ ସମାନ ସ୍ତରରେ ରହିଛି। ଏହି ମ୍ୟାଚ୍ ଦୁଇ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ।

## ଲର୍ଡସରେ ଘଣ୍ଟି ବଜାଇ ଖେଳ ଆରମ୍ଭ କଲେ ସଚିନ୍



ଲର୍ଡସ: ଲର୍ଡସରେ ଗୁରୁବାର ଭାରତ-ଇଂଲଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ଏହି ଅବସରରେ ମାଷ୍ଟର-ବ୍ଲାଷ୍ଟର ସଚିନ ତେନ୍ଦୁଲକର ଘଣ୍ଟି ବଜାଇ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ। ସଚିନ ତେନ୍ଦୁଲକର ଏକ ଇଂରାଜୀ ଚେକ ବ୍ଲେଜର ଏବଂ ଟାଇ ପିନ୍ଧି ଲର୍ଡସ ପାଭିଲିୟନର ବୋଲର୍ସ ବାରକୁ ଆସି ଘଣ୍ଟି ବଜାଇ ଲର୍ଡସର ପରମ୍ପରାରେ ସୌଜନ୍ୟର ଆଉ ଏକ ପୃଷ୍ଠା ଯୋଡିଥିଲେ। ଯଦିଓ ଲର୍ଡସ ଟେଷ୍ଟର ଇତିହାସ ୧୪୧ ବର୍ଷ ପୁରୁଣା, ଘଣ୍ଟି ବଜାଇବାର ପରମ୍ପରା ମାତ୍ର ୧୮ବର୍ଷ ପୂର୍ବରୁ ୨୦୦୭ ମସିହାରେ ଆରମ୍ଭ ହୋଇଥିଲା। ସାର ଭିଭିଆନ ରିଚାର୍ଡସ ପ୍ରଥମେ ୨୦୦୭ ମସିହାରେ ଘଣ୍ଟି ବଜାଇ ଏହି ପରମ୍ପରା ଆରମ୍ଭ କରିଥିଲେ। ଏହା ପରେ, ସୁନୀଲ ଗାଭାସ୍କର ଏହି ତାଲିକାରେ ସାମିଲ ହେବାରେ ପ୍ରଥମ ଭାରତୀୟ ନାମ ହୋଇଥିଲେ। ପୂର୍ବରୁ, ସଚିନ ତେନ୍ଦୁଲକରଙ୍କୁ ୭ ବର୍ଷ ପୂର୍ବେ ୨୦୧୮ରେ ଘଣ୍ଟି ବଜାଇବାକୁ ନିମନ୍ତ୍ରଣ କରାଯାଇଥିଲା। ୨୦୨୫ରେ ଆରମ୍ଭ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ପାଇଁ ପୁଣି ଥରେ ଲର୍ଡସ ଘଣ୍ଟି ବଜାଇବାର ଗୌରବ ମିଳିଛି। ପୂର୍ବତନ ଅଧିନାୟକ ଏବଂ ପ୍ରଶିକ୍ଷକ ରବି ଶାସ୍ତ୍ରୀ ମଧ୍ୟ ୨୦୧୮ରେ ଏହି ସମ୍ମାନ ପାଇଛନ୍ତି। ଟେଷ୍ଟ ମ୍ୟାଚ ଆରମ୍ଭ ହେବା ପୂର୍ବରୁ ପ୍ରତିଦିନ ଜଣେ କିମ୍ବଦନ୍ତୀ ଖେଳାଳିଙ୍କୁ ଏହି ସୁଯୋଗ ଦିଆଯିବା ମଧ୍ୟ ବିଶେଷ। ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ମ୍ୟାଚ ସମୟରେ ଗୁରୁବାର ଲର୍ଡସ ସ୍ଥିତ ଏମ୍‌ସିସି ସଂଗ୍ରହାଳୟରେ ମହାନ ସଚିନ ତେନ୍ଦୁଲକରଙ୍କ ଏକ ଚିତ୍ର ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହା ଷ୍ଟୁଆର୍ଟ ପିଅର୍ସନ ରାଇଟ ୧୮ ବର୍ଷ ପୂର୍ବେ ତାଙ୍କ ଘରେ ନିଆଯାଇଥିବା ଏକ ଫଟୋଗ୍ରାଫରୁ ତିଆରି କରିଛନ୍ତି। ଏହା ବର୍ଷର ଶେଷ ପର୍ଯ୍ୟନ୍ତ ଏମ୍‌ସିସି ସଂଗ୍ରହାଳୟରେ ରହିବ ଏବଂ ତା'ପରେ ଏହାକୁ ପାଭିଲିୟନକୁ ସ୍ଥାନାନ୍ତର କରାଯିବ। ଏହା ମଧ୍ୟ ଆଶ୍ଚର୍ଯ୍ୟଜନକ ଯେ, ସେ ବିଶ୍ୱର ପ୍ରାୟ ପ୍ରତ୍ୟେକ ଗ୍ରାଉଣ୍ଡରେ ଶତକ ହାସଲ କରିଛନ୍ତି କିନ୍ତୁ ଲର୍ଡସ ଟେଷ୍ଟରେ ତାଙ୍କ ନାମ ନାହିଁ। ତଥାପି, ୧୯୯୮ ମସିହାରେ, ପ୍ରିନସେସ ଅଫ ୱେଲ୍ସ ମେମୋରିଆଲ ଚାରିଟି ମ୍ୟାଚ୍‌ରେ, ସଚିନ ବିଶ୍ୱର ସମସ୍ତ ଦଳ ପକ୍ଷରୁ ଏମ୍‌ସିସି ବିପକ୍ଷରେ ଏକ ୫୦-୫୦ ଓଭର ମ୍ୟାଚ୍‌ରେ ୧୨୫ ରନ୍‌ର ଇନିଂସ ଖେଳି ନିଜ ଉପରୁ ଏହି ବୋଝ ଦୂର କରିଥିଲେ। ଟେଷ୍ଟ ମ୍ୟାଚ୍‌ରେ ୫୧ ଶତକର ମାଲିକ ଲର୍ଡସ୍‌ରେ ଏକ ଟେଷ୍ଟରେ ସର୍ବାଧିକ ୩୭ ରନ କରିଛନ୍ତି। ସଚିନ ଲର୍ଡସ୍‌ରେ ୫ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି।

## ଅଷ୍ଟ୍ରେଲିଆ ଗସ୍ତ ପାଇଁ ଭାରତୀୟ ମହିଳା ଦଳ ଘୋଷିତ

# ରାଧା ଯାଦବ ତିନୋଟି ଫର୍ମାଟରେ ଅଧିନାୟକ



ନୂଆଦିଲ୍ଲୀ: ରାଧା ଯାଦବଙ୍କୁ ତିନୋଟି ଫର୍ମାଟରେ ଭାରତ ଏ ଅଧିନାୟକ ନିଯୁକ୍ତ କରାଯାଇଛି। ଏ ନେଇ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଗୁରୁବାର ଦଳ ଘୋଷଣା କରିଛି। ଶେଫାଳି ବର୍ମା ଦିନିକିଆ ଫର୍ମାଟରେ ଫେରିବେ, ଯେତେବେଳେ ଶ୍ରେୟଙ୍କା ପାଟିଲ ଏବଂ ତିତସ ସାଧୁ ଆଘାତ ଯୋଗୁଁ ଛୁଟି ପରେ ପୁନରାଗମନ ପାଇଁ ପ୍ରସ୍ତୁତ ଅଛନ୍ତି। ଭାରତ ଏ ତିନୋଟି ଟି-୨୦ ଏବଂ ତିନୋଟି ଦିନିକିଆ ମ୍ୟାଚ୍ ଖେଳିବ ଏବଂ ତା'ପରେ ଅଗଷ୍ଟ ୭ ରୁ ଅଗଷ୍ଟ ୨୪, ୨୦୨୫ ପର୍ଯ୍ୟନ୍ତ ଏକ ଚାରି ଦିନିଆ ମ୍ୟାଚ୍ ଖେଳିବ। ଭର୍ମା ଶେଷ ଥର ପାଇଁ ଅକ୍ଟୋବର ୨୦୨୪ ରେ ଅହମ୍ମଦାବାଦରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏକ ଦିନିକିଆ ଖେଳିଥିଲେ ଏବଂ ଖରାପ ଫର୍ମ ଯୋଗୁଁ ତାଙ୍କୁ ଦଳରୁ ବାହାର କରାଯାଇଥିଲା। ଯାହା ଫଳରେ ଗତ ବର୍ଷ ଛଅଟି ଦିନିକିଆରେ ସେ କେବଳ ୧୦୮ ରନ କରିପାରିଥିଲେ। ସେ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜ ପାଇଁ ଟି-୨୦ ଦଳକୁ ଫେରିଥିଲେ। କିନ୍ତୁ ପରବର୍ତ୍ତୀ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ସ୍ଥାନ ପାଇ ନଥିଲେ। ଏ ଦଳ ସହିତ ସିରିଜ ଏହି ବର୍ଷ ଶେଷରେ ଘରୋଇ ଦିନିକିଆ ବିଶ୍ୱକପ ପାଇଁ ଦଳରେ ସ୍ଥାନ ପାଇବା ପାଇଁ ଭାର୍ମାଙ୍କ ପାଇଁ ସୁଯୋଗ ହେବ। ଏହି ସମୟରେ, ଗତ ବର୍ଷ ମହିଳା ଏସିଆ କପ ସମୟରେ ଆରମ୍ଭ ହୋଇଥିବା ଦୀର୍ଘ ଆଘାତ ପରେ ପାଟିଲ କ୍ରିକେଟ୍ କ୍ଷେତ୍ରକୁ ଫେରିଛନ୍ତି। ସେ ପରବର୍ତ୍ତୀ ୟୁଏଇରେ ଟି୨୦ ବିଶ୍ୱକପରେ ଖେଳିଥିଲେ। କିନ୍ତୁ ଏହି ବର୍ଷ ଆରମ୍ଭରେ ମହିଳା ପ୍ରିମିୟର ଲିଗ୍ (ଆଇପିଏଲ୍) ହରାଇଥିଲେ। ପାଟିଲ ଭାରତ ପାଇଁ ଶେଷ ଥର ପାଇଁ ଜୁନ୍ ୨୦୨୪ ଏବଂ ଅକ୍ଟୋବର ୨୦୨୪ରେ ଦିନିକିଆ ଏବଂ ଟି୨୦ ଖେଳିଥିଲେ। ଗତ ମାସରେ ବେଙ୍ଗାଲୁରୁରେ ଜାତୀୟ ବୋଲରଙ୍କ ଶିବିରରେ ତାଙ୍କର ଏକ ଫ୍ରାକ୍ଚର ହେବା ପରେ ସ୍ପିନ୍-ବୋଲିଂ ଅଲରାଉଣ୍ଡରଙ୍କ ସାମିଲ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସରୁ ଡାକ୍ତରୀ କ୍ଲିୟରାନ୍ସ ପାଇଁ ଅପେକ୍ଷାରତ। ପାଟିଲଙ୍କୁ କେବଳ ଟି୨୦ ଦଳରେ ସ୍ଥାନ ଦିଆଯାଇଛି। ଟି -୨୦ ଦଳ: ରାଧା ଯାଦବ (କ୍ୟାପ୍‌ଟେନ୍), ମିନୁ ମଣି (ଭାଇସ୍ କ୍ୟାପ୍‌ଟେନ୍), ଶାଫାଳି ଭର୍ମା, ଡି.ବ୍ରିଣ୍ଡା, ସାଜନା ସାଜିଭାନ୍, ଉମା ଚେଟ୍ରି (ୱିକେଟକିପର), ରାଘବୀ ବିଷ୍ଟ, ଶ୍ରେୟଙ୍କା ପାଟିଲ, ପ୍ରେମ ରାୱତ, ନନ୍ଦିନୀ କାଶ୍ୟପ (ୱିକେଟକିପର)। ଏକ ଦିନିକିଆ ଦଳ: ରାଧା ଯାଦବ (କ୍ୟାପ୍‌ଟେନ୍), ମିନୁ ମଣି (ଭାଇସ୍‌କ୍ୟାପ୍‌ଟେନ୍), ଶେଫାଳି ଭର୍ମା, ତେଜଲ ହାସାବନିସ୍, ରାଘବୀ ବିଷ୍ଟ, ତନୁଶ୍ରୀ ସାର୍କ, ଉମା ଚେଟ୍ରି (ୱିକେଟକିପର), ପ୍ରିୟା ମିଶ୍ର, ତନୁଜା କାନୱାର, ନନ୍ଦିନୀ କାଶ୍ୟପ, ୱାକର ଶଜଜଜ ଟାଇଟସ୍ ସାଧୁ।

## ହାଇଦ୍ରାବାଦ କ୍ରିକେଟ ସଂଘ ସଭାପତି ଗିରଫ



ହାଇଦ୍ରାବାଦ : ହାଇଦ୍ରାବାଦ: ଆଇପିଏଲ ୨୦୨୫ ଟିକେଟ ହେରଫେରରେ ହାଇଦ୍ରାବାଦ କ୍ରିକେଟ ଆସୋସିଏଶନର ସଭାପତି ଜଗନମୋହନ ରାଓ ଗିରଫ ହୋଇଛନ୍ତି । ତେଲେଙ୍ଗାନା ପୋଲିସ ରାଓଙ୍କ ସମେତ ଅନ୍ୟ ୪ ସିନିୟର ଅଧିକାରୀଙ୍କୁ ମଧ୍ୟ ଗିରଫ କରିଛି । ସେମାନେ ହେଲେ କୋଷାଧ୍ୟକ୍ଷ ସି.ଶ୍ରୀନିବାସ ରାଓ, ସିଇଓ ସୁନୀଲ କାନ୍ତେ ଓ ସେକ୍ରେଟାରୀ ରାଜେନ୍ଦ୍ର ଯାଦବଙ୍କ ପତ୍ନୀ ଜି.କବିତା । ସନରାଇଜର୍ସ ହାଇଦ୍ରାବାଦକୁ ଟିକେଟ ଦେବା ପାଇଁ ବ୍ଲାକମେଲ କରିବା ଅଭିଯୋଗ ହୋଇଛି । ବିସିସିଆଇ ନିୟମ ଅନୁସାରେ ୧୦ ପ୍ରତିଶତ ପାସ ପ୍ରଦାନ କରାଯାଇ ପାରିବ । ମାତ୍ର ସେମାନେ ଆବଶ୍ୟକତାଠାରୁ ଅଧିକ ପାସ ଦାବୀ କରିଥିଲେ । ତେଲେଙ୍ଗାନା କ୍ରିକେଟ ଆସୋସିଏଶନ ସେକ୍ରେଟାରୀ ଧର୍ମଗୁରବ ରେଡ୍ଡୀ ଏଚସିଏ ଉପରେ ଅନେକଗୁଡିଏ ଅଭିଯୋଗ କରିଥିଲେ । ଲକ୍ଷ୍ନୌ ସୁପର ଜ୍ୟାଂଟସ ବିପକ୍ଷ ମୁକାବିଲାରେ ଏଚସିଏ ଅଧ୍ୟକ୍ଷ କର୍ପୋରେଟ ବକ୍ସକୁ ତାଲା ପକାଇ ଦେଇଥିଲେ । ସେମାନେ ଅଧିକ ଟିକେଟ ପାଇଁ ସନରାଇଜର୍ସ ହାଇଦ୍ରାବାଦ ଟିମକୁ ବ୍ଲାକମେଲ କରିଥିଲେ । ବିସିସିଆଇ ପକ୍ଷରୁ ପୂନର୍ବାର ସ୍ପଷ୍ଟ କରାଯାଇଛି ଯେ, ୩୯୦୦ ଅଧିକ ପାସ ଦିଆଯାଇ ପାରିବ ନାହିଁ । ଏସଆରଏଚ ଓ ଏଚସିଏ ମିଳିତ ଭାବେ କାର୍ଯ୍ୟ କଲେ ଅଧିକ ସଂଖ୍ୟକ ଦର୍ଶକ ମ୍ୟାଚକୁ ଉପଭୋଗ କରିପାରିବେ ।

## ପୁଣି ଚାକିରି କରିବେ ସୁଶୀଲ



ନୂଆଦିଲ୍ଲୀ: ଦେଶର ଜଣାଶୁଣା କୁସ୍ତିଯୋଦ୍ଧା ତଥା ଅଲିମ୍ପିକ୍ ପଦକ ବିଜେତା ସୁଶୀଲ କୁମାର ଜାମିନରେ ତିହାର ଜେଲରୁ ବାହାରିଛନ୍ତି। ଦିଲ୍ଲୀ ହାଇକୋର୍ଟ ବିନା କାରଣରେ ମାମଲା ଦୀର୍ଘ ଦିନ ଧରି ଚାଲୁଥିବାରୁ ସୁଶୀଲଙ୍କୁ ଜାମିନ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଦିଲ୍ଲୀ ଛତ୍ରସାଲ ଷ୍ଟାଡିୟମରେ ପୂର୍ବତନ ଜୁନିଅର ଜାତୀୟ କୁସ୍ତି ଚାମ୍ପିଅନ ସାଗର ଧନଖଡ଼ଙ୍କ ସହିତ ଏକ ସମ୍ପତ୍ତି ବିବାଦକୁ ସୁଶୀଲ କୁମାରଙ୍କ ଝଗଡ଼ା ହୋଇଥିଲା। ଏହି ସମୟରେ ସୁଶୀଲ ଧନଖଡ଼ଙ୍କ ଉପରେ ଆକ୍ରମଣ କରିଥିଲେ। ସୁଶୀଲଙ୍କ ଆକ୍ରମଣରେ ଧନଖଡ଼ଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ଏହି ଘଟଣାର ସଙ୍ଗେସଙ୍ଗେ ପୁଲିସ ସୁଶୀଲଙ୍କୁ ଗିରଫ କରି ନେଇଥିଲା। ଦୀର୍ଘ ଦିନ ଧରି ଜେଲରେ ଥିବା ସୁଶୀଲ କୁମାରଙ୍କୁ ସମ୍ପ୍ରତି ଆଶ୍ୱସ୍ତି ମିଳିଛି। ଜେଲରୁ ବାହାରିବା ପରେ ସୁଶୀଲ କୁମାର ଏବେ କ'ଣ କରୁଛନ୍ତି, ସେ ଚାକିରି କରିବେ କି ନାହିଁ। ତାଙ୍କୁ କେଉଁ ବିଭାଗରେ ଚାକିରି ମିଳିବ ଏନେଇ ଲୋକଙ୍କ ମନରେ ଅନେକ ପ୍ରକାର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ରେଳବାଇ ପକ୍ଷରୁ ପ୍ରକାଶ କି ସୁଶୀଲ କୁମାର ଦୋଷୀ ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ ତାଙ୍କ ଦାୟିତ୍ୱ ତୁଲାଇ ପାରିବେ। ଏଥିରେ କୌଣସି ଅସୁବିଧା ନାହିଁ । ସୁଶୀଲ ଉତ୍ତର ରେଳୱେରେ କମର୍ସିୟାଲ ମ୍ୟାନେଜର ପଦରେ ନିଯୁକ୍ତ ଅଛନ୍ତି । ସେ ଏହି ବିଭାଗରେ କାମ କରି ତାଙ୍କ ସେବା ପ୍ରଦାନ କରିବେ।

## ଅମୀରଙ୍କୁ ପ୍ରଶଂସା କଲେ ଜ୍ୱାଳା



ମାଡ୍ରାସ: ଭାରତର ଷ୍ଟାର ବ୍ୟାଡମିଂଟନ ଖେଳାଳି ଜ୍ୱାଲା ଗୁଟ୍ଟା ଏବଂ ଅଭିନେତା ବିଷ୍ଣୁ ବିଶାଳ ନିକଟରେ ମାଆ, ବାପା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଦୀର୍ଘ ଦିନ ହେବ ଉଭୟ ସମସ୍ତ ପ୍ରକାର ଉଦ୍ୟମ କରୁଥିଲେ ମଧ୍ୟ ସଫଳ ହୋଇପାରୁ ନ ଥିଲେ । ଜ୍ୱାଲା ୫ରୁ ୬ଥର ଆଇଭିଏଫ ଟ୍ରିଟମେଂଟ କରି ମଧ୍ୟ ବିଫଳ ହୋଇଥିଲେ । ୪୧ ବର୍ଷୀୟ ଜ୍ୱାଲା ମାଆ ହେଇ ପାରିବେ ନାହିଁ ବୋଲି ଭାବି ନେଇଥିଲେ । ଏବେ ଏହି ସୌଭାଗ୍ୟ ହାସଲ କରିବା ପରେ ସେ ଏହାର ସମସ୍ତ ଶ୍ରେୟ ଅମୀର ଖାଁଙ୍କୁ ଦେଇଛନ୍ତି । ଅମୀର ଉଭୟଙ୍କୁ ମୁମ୍ବାଇର ଏକ ଡାକ୍ତରଙ୍କ ପାଖକୁ ନେଇଥିଲେ । ସେ କହିଥିଲେ ଜ୍ୱାଲାଙ୍କୁ ୧୦ ମାସ ସମ୍ପୂର୍ଣ୍ଣ ଭାବେ ଟ୍ରିଟମେଂଟ ହେବାକୁ ପଡିବ । ଅମୀର ତାଙ୍କ ଘରେ ରହିବା ପାଇଁ ଜ୍ୱାଲା ଏବଂ ବିଶାଲଙ୍କୁ କହିଥିଲେ । ସେଠାରେ ସେ ପରିବାର ସଦସ୍ୟ ଭଳି ଚଳିଥିଲେ । ଆଜି ମୁଁ ଅମୀରଙ୍କ ସହଯୋଗ ଯୋଗୁ ମାଆ ହୋଇପାରିଛି ବୋଲି ଜ୍ୱାଲା କହିଛନ୍ତି । ସେମାନେ ତାଙ୍କ ଝିଅର ନାମ ମୀରା ରଖିଛନ୍ତି ।

## ଅଗଷ୍ଟ ୨୯ରୁ ପ୍ରୋ କବାଡ଼ି ଲିଗ୍



ନୂଆଦିଲ୍ଲୀ: ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ୧୨ଶ ସଂସ୍କରଣ ଅଗଷ୍ଟ ୨୯ରୁ ଆରମ୍ଭ ହେବ। ଫ୍ରାଞ୍ଚାଇଜି ଭିତ୍ତିକ ପ୍ରୋ କବାଡ଼ି ଲିଗ୍‌ର ଗତ ୧୧ଟି ସଂସ୍କରଣରେ ୮ଟି ପୃଥକ୍ ଦଳ ଚମ୍ପିଆନ୍ ହୋଇଛନ୍ତି। ସଫଳତମ ଦଳ ଭାବେ ପାଟନା ପାଇରେଟ୍‌ସ କ୍ରମାଗତ ୩ ଥର ଚମ୍ପିଆନ୍ ହୋଇଥିବା ବେଳେ ଗତବର୍ଷ ହରିୟାଣା ଷ୍ଟିଲର୍ସ ପ୍ରଥମ ଥର ଜିତିଥିଲା। ୧୨ଟି ଦଳ ଡବଲ୍ ରାଉଣ୍ଡ ରବିନ୍ ଲିଗ୍ ଭିତ୍ତିରେ ବା ପରସ୍ପର ବିପକ୍ଷରେ ୨ ଥର ଲେଖାଏଁ ଖେଳିବେ। ପଏଣ୍ଟ ଟେବୁଲ୍‌ର ପ୍ରଥମ ୨ଟି ଦଳ ସେମିଫାଇନାଲକୁ ଏବଂ ପରବର୍ତ୍ତୀ ୪ଟି ଦଳ ଏଲିମିନେଟରକୁ ଉନ୍ନୀତ ହେବେ। ୬ ସପ୍ତାହ ତଳେ ପ୍ରୋ କବାଡ଼ି ଲିଗ୍ ୧୨ଶ ସଂସ୍କରଣର ନିଲାମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦ ଜଣ ଖେଳାଳି ୧ କୋଟିରୁ ଅଧିକ ମୂଲ୍ୟରେ ବିକ୍ରି ହୋଇଥିଲେ। ୨୦୧୪ରେ ଆରମ୍ଭ ହୋଇଥିବା ପ୍ରୋ କବାଡ଼ି ଲିଗ୍ ଦେଶର ଅନ୍ୟତମ ଶ୍ରେଷ୍ଠ ପେସାଦାର କ୍ରୀଡ଼ା ଟୁର୍ଣ୍ଣାମେଣ୍ଟରେ ପରିଣତ ହୋଇଛି।


**Government of Jharkhand**
**Home, Prison and Disaster Management Department (Disaster Management Division)**
T.A. Division Building, Near Golchakar, Dhurwa, Ranchi, Jharkhand, Pin Code-834004.

**Expression of Interest (Request for Proposal)**

HIRING SERVICES OF CHARTERED ACCOUNTANT FIRM FOR STATUTORY AUDIT FOR THE FINANCIAL YEAR- 2010-11 TO FINANCIAL YEAR 2025-26

It is to be informed that date of opening of technical bid regarding Chartered Accountant which was extended till further information by the advertisement published on 04.07.2025 PR No.-356486 will be now opened on 18.07.2025 at 3.00 PM.

Under Secretary,
Home, Prison and Disaster Management Department
(Disaster Management Division)
Jharkhand, Ranchi
T.A. Division Building, Near Golchakkar, Dhurwa, Ranchi, Jharkhand, Pin Code-834004.

PR.NO.356950 Disaster Management(25-26):D

**GOVERNMENT OF JHARKHAND**
**OFFICE OF THE EXECUTIVE ENGINEER**
**R.C.D. , ROAD DIVISION, SAHIBGANJ**

**e- Procurement Notice**

**e-Tender Reference no.- RCD/SAHIBGANJ/623/2025-26**
**Dated : 09.07.2025**

| | | |
|---|---|---|
| 1 | Name of Work | IRQP work Babupur Pandit Tola to Chutia More Road (Total Length – 3.650 Km) under Road Division, Sahibganj for the year 2025-26 |
| 2 | Estimated Cost (Rs) | Rs. 3,79,51,954.00 (Rupees Three Crores Seventy Nine Lacs Fifty One Thousand Nine Hundred Fifty Four and Zero Paise) Only. |
| 3 | Time of Completion | 04 (Four) Months |
| 4 | Last date / Time for receipt of bids | 11.08.2025 upto 12.00 Noon |
| 5 | Date of Publication of Tender on website | 21.07.2025 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website
http://jharkhandtenders.gov.in

EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ

PR 357019
Road(25-26).D

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, धनबाद**

**शुद्धि पत्र**

सर्वसाधारण को सूचित किया जाता है कि इस कार्यालय के ई– निविदा आमंत्रण सूचना संख्या 04/RWD/DHANBAD/25-26 दिनांक 23.06.2025 जिसका पी0आर0 355766 Rural Works Department (25-26) उक्त निविदा आमंत्रण सूचना के कंडिका 10 के निविदा को अपरिहार्य कारणवश रद्द किया जाता है।

शेष सभी शर्ते यथावत रहेंगी।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, धनबाद

PR 356981 Rural Work Department(25-26).D

**महानिदेशक एवं पुलिस महानिरीक्षक का कार्यालय, झारखण्ड, राँची**

**सूचना पट निविदा आमंत्रण सूचना सं0–09/2025–26**

निम्नांकित संख्या में Spy Camera की आपूर्ति हेतु GST निबंधित फर्मो से **दिनांक 24.07.2025 को समय 16:00 बजे तक** मुहरबन्द निविदाएं आमंत्रित की जाती है।

| क्र0 | Spy Camera का प्रकार | संख्या |
|---|---|---|
| 1 | Pen Spy Camera | 15 |
| 2 | Glasses (Spectacles) Spy Camera | 05 |
| 3 | Ribbon Spy Camera | 05 |
| 4 | Car Dashboard Spy Camera | 05 |

**नियम एवं शर्ते :–**

1. ईच्छुक फर्म अपने लेटर पैड पर निविदा दो भागों तकनीकी एवं वित्तीय भाग में देंगे। तकनीकी भाग में GST, पैन नम्बर तथा पूर्व में किसी सरकारी संस्थानों में आपूर्ति संबंधी प्रमाण प्रत्र की छाया प्रति संलग्न करना अनिवार्य होगा।
2. **परिशिष्ट–01 के रूप में संलग्न विहित प्रपत्र के अनुसार वित्तीय भाग समर्पित करेंगे।** वित्तीय भाग में अंकित दर अंको/अक्षरों में होगी और उसमें कोई कटींग अथवा ओभर राईटींग मान्य नहीं होगा। ऐसी निविदा को अस्वीकृत कर दिया जायेगा।
3. Spy Camera का **Specifications परिशिष्ट–02 के रूप में संलग्न है।** उक्त Specifications के अनुरूप Spy Camera की आपूर्ति नहीं करने पर आपूर्ति स्वीकार नहीं किया जायेगा।
4. क्रयादेश निर्गत करने से पूर्व Procurement Committee आवश्यकतानुसार नमूना की मांग कर सकती है।
5. Spy Camera की आपूर्ति केन्द्रीय भंडार, होटवार, राँची में करना अनिवार्य होगा।
6. निविदा के दोनों भाग (तकनीकी एवं वित्तीय) को अलग–अलग लिफाफा में सील कर दोनों के उपर अलग– अलग यथा "तकनीकी भाग" एवं "वित्तीय भाग" लिख कर एक अन्य लिफाफा में डालकर और उसे भी सील कर अधोहस्ताक्षरी के पदनाम से भेजना होगा। लिफाफा के उपर फर्म का नाम लिखा रहना अनिवार्य होगा।
7. निविदा का तकनीकी भाग एवं वित्तीय भाग दिनांक 25.07.2025 को समय 11:00 बजे Procurement Committee के समक्ष अधोहस्ताक्षरी के कार्यालय कक्ष में खोली जायेगी। निविदा खुलने के समय निविदादाता या उनके प्रतिनिधि उपस्थित रह सकते हैं।
8. निविदा समर्पित करने के पश्चात् निविदा से संबंधित किसी प्रकार का कागजात स्वीकार नहीं किया जायेगा।
9. महानिदेशक एवं पुलिस महानिरीक्षक, झारखण्ड, राँची को यह अधिकार सुरक्षित होगा कि बिना कारण बताये निविदा को रद्द कर सकेंगे।
10. सम्पूर्ण निविदा दस्तावेज (परिशिष्ट–01 एवं 02 सहित) झारखण्ड पुलिस के वेबसाईट www.jhpolice.gov.in पर उपलब्ध है। कार्यालय दिवस के दौरान पुलिस मुख्यालय, झारखण्ड, राँची से भी संपूर्ण निविदा दस्तावेज प्राप्त कर सकते है।

PR.NO.356944 Police(25-26):D
पुलिस महानिरीक्षक (प्रोविजन) झारखण्ड, राँची।

**विश्वविद्यालय पॉलिटेकनिक**
**बी॰ आई॰ टी॰, मेसरा, राँची – 835215**
**Website : univpoly.bitmesra.ac.in**

**डिप्लोमा इन इंजीनियरिंग द्वितीय चरण (VACANT SEATS) हेतु नामांकन सूचना –**

विश्वविद्यालय पॉलिटेकनिक, मेसरा झारखण्ड सरकार के कल्याण विभाग एवं बी0 आई0 टी0, मेसरा का एक संयुक्त उद्यम है। यह पूर्णतः आवासीय संस्थान है। इस संस्थान में निम्नलिखित विषयों के रिक्त सीटो में नामांकन हेतु प्रत्याशियों से आवेदन पत्र आमंत्रित किये जाते हैं :

1. ऑटोमोबाइल इंजीनियरिंग
2. कम्प्यूटर इंजीनियरिंग
3. मैकेनिकल इंजीनियरिंग
4. इलेक्ट्रॉनिक्स एण्ड कम्युनिकेशन इंजीनियरिंग
5. इलेक्ट्रिकल एण्ड इलेक्ट्रॉनिक्स इंजीनियरिंग
6. सिविल इंजीनियरिंग

(1) **शैक्षणिक योग्यता –**
(1.1) आवेदक को **मैट्रिक या समकक्ष परीक्षा में सारे विशयों में उत्तीर्ण होना अनिवार्य है।**
(1.2)

| श्रेणी (Category) | अनारक्षित वर्ग एवं अन्य पिछड़ी जाति के लिए (UR & OBC) | अनुसूचित जनजाति एवं अनुसूचित जाति के लिए (ST & SC) | आदिम जनजाति के लिए (PVTG) | विकलांग सभी श्रेणी (PH) |
|---|---|---|---|---|
| गणित एवं विज्ञान के प्राप्तांक का प्रतिशत | 45% या ज्यादा | Pass या ज्यादा | Pass या ज्यादा | Pass या ज्यादा |

**सभी श्रेणी के छात्रों का चयन विज्ञान एव गणित में प्राप्तांक के जोड़ का प्रतिशत के आधार पर होगा।**

(2) **आवासीय प्रमाण पत्र** :– कार्मिक, प्रशासनिक सुधार एवं राजभाषा विभाग द्वारा निर्गत पत्र संख्या 14/विविध – 15–22/2019 का0 5752 दिनांक – 19.07.2019 के अनुसार आवेदक को झारखण्ड का स्थानीय निवासी होना चाहिए। उक्त के अनुसार अंचलाधिकारी (CO) अथवा उच्चतर स्तर द्वारा निर्गत ऑन लाइन स्थानीय निवासी प्रमाण पत्र ही मान्य होगा।
(3) **जाति प्रमाण पत्र** :– कार्मिक, प्रशासनिक सुधार एवं राजभाषा विभाग द्वारा निर्गत पत्रांक – 14/जा0 नि0 –03–13/2015 का0 1754 दिनांक – 25.02.2019 के अनुसार जाति प्रमाण पत्र जिले के अंचलाधिकारी (CO) अथवा उच्चतर स्तर द्वारा निर्गत ऑन लाइन जाति प्रमाण पत्र ही मान्य होगा।
(4) **आयु सीमा** – अधिकतम आयु सीमा 30 जून, 2025 को सामान्य कोटि एवं अन्य पिछड़ी जाति के लिए **19** वर्ष एवं अनुसूचित जनजाति एवं अनुसूचित जाति के लिए **24** वर्ष निर्धारित की गयी है।

आवेदन पॉलिटेकनिक के **website** पर online भरा जा सकता है। पूर्णतः भरा हुआ आवेदन पत्र online आवेदन शुल्क (State Bank Collect के माध्यम से देय) **रु0 600** (अनारक्षित वर्ग Unreserved Category के लिए)/**रु0 350** (आरक्षित वर्ग ST, SC, PVTG & OBC Category के लिए) के e-receipt के साथ Submit करना है। आवेदन करने कि अंतिम तिथि **22 जूलाई, 2025** के संध्या 5 बजे तक है।

**नोट:** आवेदक को निर्देश दिया जाता है कि समय–समय पर **website: univpoly.bitmesra.ac.in & www.bitmesra.ac.in/12** पर उपलब्ध दिशा निर्देशों की जानकारी रखें।

आवेदन करने की अंतिम तिथि – **22 जूलाई, 2025 (Monday to Friday, 9.00 AM to 5.30 PM)**
मेधाक्रम (Merit List), साक्षात्कार एवं नामांकन (Counselling cum Admission) के प्रकाशन की तिथि संस्थान की वेबसाइट के माध्यम से अधिसूचित की जाएगी।
Contact details – 9470588848 email – admissions.univpoly@bitmesra.ac.in

निदेशक
विश्वविद्यालय पॉलिटेक्निक
आदिवासी कल्याण आयुक्त।

PR 356972 (Schedule Tribe, Schedule Caste, Minority and Backward Class Welfare Department)25-26*D



ଜନ୍ମ ହେବା ଛୁଆମାନଙ୍କର ଶୋଇବା ସମୟ ନଥାଏ । ଜନ୍ମ ପରେ ୬ ମାସ ପର୍ଯ୍ୟନ୍ତ ପିଲାମାନେ ଏକ ଅଜବ ଢଙ୍ଗରେ ଶୋଇଥାନ୍ତି । ଅଧିକାଂଶ ଶିଶୁ ଦିନସାରା ଶୋଇଥାନ୍ତି ଏବଂ ରାତି ହେବା ମାତ୍ରେ ଉଠିପଡ଼ନ୍ତି । ଏହାପରେ ରାତିରେ ଆଉ ଶୋଇନଥାନ୍ତି । ସରଳ ଶବ୍ଦରେ କହିବାକୁ ଗଲେ, ଶିଶୁମାନଙ୍କର ଶୋଇବା ପ୍ରଣାଳୀ ଏହାର ବିପରୀତ । ବୟସ ବୃଦ୍ଧି ସହିତ, ସେମାନଙ୍କର ଶୋଇବା ନିୟମିତତା ସ୍ୱାଭାବିକ ହୋଇଯାଏ । ଛୁଆଙ୍କ ଶୋଇବା ସମୟ ନଥାଏ- ପ୍ରଥମ କିଛି ମାସରେ ପିତାମାତାଙ୍କୁ ସବୁଠାରୁ ଅଧିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଶିଶୁରୋଗ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଛୋଟ ପିଲାମାନଙ୍କର ଏହି ଶୋଇବା ନିୟମିତତା ସମ୍ପୂର୍ଣ୍ଣ ସ୍ୱାଭାବିକ । ପିଲାମାନଙ୍କର ଶୋଇବା ଶୈଳୀ ଆରମ୍ଭରେ ବହୁତ ପରିବର୍ତ୍ତନ ହୁଏ, କିନ୍ତୁ ପରେ ଏହା ଠିକ୍ ହୋଇଯାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଯେତେବେଳେ ପିଲାଟି ମାତୃ ଗର୍ଭରେ ଥାଏ, ସେତେବେଳେ ତା'ର ସର୍କାଡିଆନ୍ ରିଦମ୍ ସ୍ଥିର ହୋଇଯାଏ । ଯେତେବେଳେ ପିଲାଟି ଜନ୍ମ ହୁଏ, ସେ ମଧ୍ୟ ସମାନ ସର୍କାଡିଆନ୍ ରିଦମ ଅନୁସରଣ କରେ ଏବଂ ପ୍ରଥମ ୨-୩ ମାସ ପର୍ଯ୍ୟନ୍ତ ରାତିରେ ଜାଗ୍ରତ ରହିବା ଏବଂ ଦିନରେ ଶୋଇବାକୁ ପସନ୍ଦ କରେ । ପ୍ରତି ୩ ଘଣ୍ଟାରେ ଭୋକ ଲାଗିଥାଏ- ନବଜାତ ଶିଶୁକୁ ମଧ୍ୟ ପ୍ରତି ୨-୩ ଘଣ୍ଟାରେ ସ୍ତନ୍ୟପାନ କରାଇବାକୁ ପଡ଼ିଥାଏ, ଯାହା ଫଳରେ ସେ ବାରମ୍ବାର ଉଠିଥାଏ ।

## ଏଣିକି ମନର ଭାବନା ପଢ଼ିବ ମେସିନ



ଆଜିକାଲି ଲୋକମାନଙ୍କ ମଧ୍ୟରେ ମାନସିକ ଦୁଶ୍ଚିନ୍ତା ତଥା ଆତ୍ମହତ୍ୟା ପ୍ରବଣତା ବଢ଼ିବାରେ ଲାଗିଛି । ଲୋକଙ୍କ ମାନସିକ ପରିସ୍ଥିତି ଅଧ୍ୟୟନ ସହ ବିଭିନ୍ନ ସମସ୍ୟା ଚିହ୍ନଟ ଓ ଏହାର ନିରାକରଣ ପାଇଁ ଏକ ଅଭିନବ ମୋବାଇଲ ଆପ୍ଲିକେସନ୍ ପ୍ରସ୍ତୁତ କରିଛନ୍ତି । ବଲାଙ୍ଗୀର ସହର ମଧ୍ୟରେ ଥିବା ପେନ୍ ଲାଇନର ଯୁବକ ଅବିନାଶ ଭରଦ୍ୱାଜ ଦାସ ଗୋଲାବାରୁଦ କାରଖାନା ଅଧିକାରୀ ପ୍ରମୋଦ ଦାସ ଓ ଦୀପ୍ତିମୟୀ ଦାସଙ୍କ ପୁଅ । ୟୁଏସ୍ଏ କାଲ୍ ସାଉଦେଣ୍ଡ ୟୁନିଭର୍ସିଟିରୁ ଅନ୍ ଲାଇନରେ ପିଏସ୍ ଓ୍ୱାଇଡି (ଡକ୍ଟର ଅଫ୍ ସାଇକୋଲୋଜି)ରେ ଅଧ୍ୟୟନରତ ଅଛନ୍ତି । ସେ ଟେନସନର ମୋଡେଲ ନାମକ ଏକ ଆପ୍ଲିକେସନ୍ ନିର୍ମାଣ କରିଛନ୍ତି । ମୁଣ୍ଡରେ ଇଇଜି ହେଡ୍ ସ୍ୟାଟ୍ ଲଗାଇ ମସ୍ତିଷ୍କ ତରଙ୍ଗ ଯାଞ୍ଚ କରାଯାଇପାରୁଛି । ଯେଉଁଥିରେ ଆମେ ଜାଣି ପାରିବା ଟ୍ରେସ, ଆତ୍ମହତ୍ୟା ପ୍ରବଣତା,ଫୋବିଆ , ଅଟିଜିମ୍ ଓ ଶିଶୁଙ୍କ ବ୍ୟବହାର ଢାଞ୍ଚା ସହ ଲର୍ଣ୍ଣିଂ ଡିଜ୍ଅଡର ଇତ୍ୟାଦି ଚିହ୍ନଟ କରାଯାଇ ପାରୁଛି । ମସ୍ତିଷ୍କ ତରଙ୍ଗ ଅଧ୍ୟୟନ ପରେ ରୋଗ ଚିହ୍ନଟ ହେବା ସହ ଆବଶ୍ୟକ ଥେରାପି ବ୍ୟବହାର କରାଯାଇ ମଣିଷକୁ ସୁସ୍ଥ ଅବସ୍ଥାକୁ ଅଣାଯାଇ ପାରିବ ବୋଲି ଅବିନାଶ ଦାବି କରିଛନ୍ତି । ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି ପ୍ରସ୍ତୁତ କରିଥିବା ଆପ୍ଲିକେସନ୍ ରେ ବ୍ରେନ ମ୍ୟାପିଂ ଡାଟା (ଭର୍ଚୁଆଲ ବ୍ରେନ ପ୍ରୋଜେକ୍ଟ ବାଏ ୟୁରୋପିଏନ୍ ୟୁନିଅନ),ନିଉରୋଲଜିକାଲ ଡାଟା,ଇଣ୍ଟରନ୍ୟାସନାଲ୍ କ୍ଲାସିଫିକେସନ୍ ଅଫ୍ ଡିଜିଜେସ୍ (ଆଇସିଡି ୧୦) ଡାଇଗ୍ନୋଷ୍ଟିକ ଷ୍ଟାଟିଷ୍ଟିକାଲ୍ ମାନୁଆଲ (ଡିଏସ୍ଏମ୍), ଇଣ୍ଟରନ୍ୟାସନାଲ୍ ଭର୍ସନ ଟେକ୍ସ ରିଭାଇଜ୍ ଆଦି ବ୍ୟବହାର କରିଛନ୍ତି । ନ୍ୟୁରୋ ଫିଡ୍‌ବେକ୍ ପାଇଁ ଇଇଜି ହେଡ୍ ସ୍ୟାଟ୍ ମୁଣ୍ଡରେ ଲଗାଇ ମସ୍ତିଷ୍କର ତରଙ୍ଗ ମାପ କରାଯିବା ସହ ଏହା ଯାଞ୍ଚ କରାଯାଇ ପାରୁଛି । ଏଭଳି ସୁବିଧା ଦେଶ ତଥା ରାଜ୍ୟର ବଡବଡ ସହରରେ ରହିଥିବା ବେଳେ ବଲାଙ୍ଗୀର ଭଳି ସହରରେ ଉପଲବ୍ଧ ହୋଇ ନ ଥିବା ଅବିନାଶ କହିଛନ୍ତି । ତାଙ୍କ ଆପ୍ଲିକେସନ୍ ଅପରାଧୀଙ୍କ ଲାଇଭ ଡିଟେକ୍ସନ ପାଇଁ ମଧ୍ୟ ବ୍ୟବହାର ହୋଇପାରିବ ବୋଲି କହିଛନ୍ତି ।

## ପାଟିଲା ଅମୃତଭଣ୍ଡା ରସ ପିଇବାର ଲାଭ

*ପାଚିଲା ଅମୃତଭଣ୍ଡା ରସ ପିଇବାକୁ ବହୁତ ସ୍ୱାଦିଷ୍ଟ ଏବଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସ୍ୱାସ୍ଥ୍ୟକର ହୋଇଥାଏ । ତେବେ ଆସନ୍ତୁ ଜାଣିବା ପାଚିଲା ଅମୃତଭଣ୍ଡା ରସ ପିଇବାର ଲାଭ ....*



ପ୍ରକୃତରେ ଅମୃତଭଣ୍ଡା ଫାଇବର, ଭିଟାମିନ୍, ମିନେରାଲ୍ ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଏକ ଫଳ । ପିଲାଙ୍କଠାରୁ ବୃଦ୍ଧ ପର୍ଯ୍ୟନ୍ତ ଘରର ସମସ୍ତଙ୍କ ଖାଦ୍ୟରେ ଅମୃତଭଣ୍ଡା ସାମିଲ କରିବା ଉଚିତ । ଅମୃତଭଣ୍ଡା ରସ କେବଳ ଶକ୍ତି ଦିଏ ନାହିଁ ବରଂ ପେଟକୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରେ ।

### ପାଚିଲା ଅମୃତଭଣ୍ଡା ରସ ପିଇବାର ଲାଭ

**ପେଟକୁ ସୁସ୍ଥ ରଖେ:** ଅମୃତଭଣ୍ଡା ରସ ପିଇବା ଦ୍ୱାରା କୋଷ୍ଠକାଠିନ୍ୟ, ଗ୍ୟାସ୍ ଏବଂ ଏସିଡିଟି କମିଯାଏ । ଅମୃତଭଣ୍ଡାରେ ପାପେନ ନାମକ ଏକ ଏନଜାଇମ୍ ଥାଏ ଯାହା ହଜମ ପ୍ରକ୍ରିୟାକୁ ଉନ୍ନତ କରିବାରେ ମଧ୍ୟ ସାହାଯ୍ୟ କରେ । ତେଣୁ, ଆପଣ ପ୍ରତ୍ୟେକ ଦିନ ୧ ଗ୍ଲାସ୍ ଅମୃତଭଣ୍ଡା ରସ ପିଇବା ଉଚିତ୍ । ଯାହା ପେଟ ପାଇଁ ବହୁତ ଲାଭଦାୟକ ପ୍ରମାଣିତ ହେବ ।

**ମେଦବହୁଳତା ହ୍ରାସ କରନ୍ତୁ :** ପ୍ରତିଦିନ ଅମୃତଭଣ୍ଡା ରସ ପିଇବା ଦ୍ୱାରା ଓଜନ ହ୍ରାସ ହେବାକୁ ଲାଗିବ । ଏହି କମ୍ କ୍ୟାଲୋରୀ ରସକୁ ଓଜନ ହ୍ରାସ ଡାଏଟରେ ସାମିଲ କରାଯାଇପାରିବ । ହେଲେ, ବିନା ଚିନିରେ ଏବଂ ପୂର୍ଣ୍ଣ ଫାଇବର ସହିତ ଏହି ରସ ପିଇବା ଅଧିକ ଲାଭଦାୟକ ହେବ । ଅମୃତଭଣ୍ଡା ରସ ପିଇବା ଦ୍ୱାରା ପେଟ ଦୀର୍ଘ ସମୟ ପର୍ଯ୍ୟନ୍ତ ଫୁଲ୍ ରହିଥାଏ ।

**ଶକ୍ତିଶାଳୀ ରୋଗ ପ୍ରତିରୋଧକ ଶକ୍ତି:** ଅମୃତଭଣ୍ଡାରେ ଭିଟାମିନ୍ ସି ମଧ୍ୟ ମିଳିଥାଏ । ଏହାକୁ ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ମଜବୁତ ହୁଏ । ଏହା ବ୍ୟତୀତ ଅମୃତଭଣ୍ଡାରେ ଆଣ୍ଟିଅକ୍ସିଡାଣ୍ଟ ମଧ୍ୟ ମିଳିଥାଏ ଯାହା ଶରୀରକୁ ମୁକ୍ତ ରାଡିକାଲ୍ସ ସହିତ ଲଢ଼ିବାରେ ସାହାଯ୍ୟ କରେ ।

**ଚର୍ମ ଏବଂ ଆଖି ପାଇଁ ଲାଭଦାୟକ:** ପ୍ରତିଦିନ ଅମୃତଭଣ୍ଡା ରସ ପିଇବା ଦ୍ୱାରା ଚର୍ମ ଏବଂ ଆଖି ପାଇଁ ବହୁ ଲାଭଦାୟକ ସାବ୍ୟସ୍ତ ହୋଇଥାଏ । ଏଥିରେ ଭିଟାମିନ-ଏ ଏବଂ ଭିଟାମିନ-ସି ଥିବାରୁ ଏହା ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ଏବଂ ଚର୍ମକୁ ଚମକଦାର କରିବାରେ ସାହାଯ୍ୟ କରେ । ଏଥି ସହ ଜାଣିରଖନ୍ତୁ ଯେ, ଅମୃତଭଣ୍ଡା ରସ ପିଇବା ଦ୍ୱାରା ଚମକ ଆସିବା ଆରମ୍ଭ ହେବ ।

### ପାଚିଲା ଅମୃତଭଣ୍ଡା ରସ କିପରି ତିଆରି କରିବେ

ପ୍ରଥମେ, ଏକ ପାଚିଲା ଅମୃତଭଣ୍ଡା ନିଅନ୍ତୁ । ଅମୃତଭଣ୍ଡା ଚୋପା ଏବଂ ମଞ୍ଜି ବାହାର କରି ଖଣ୍ଡ ଖଣ୍ଡ କରି କାଟି ଦିଅନ୍ତୁ । ଏବେ ମିକ୍ସରର ଜୁସ୍ ପାତ୍ରରେ ଅମୃତଭଣ୍ଡା ପକାନ୍ତୁ । ଏଥି ସହ ଆପଣଙ୍କ ଆବଶ୍ୟକତା ଅନୁସାରେ ଏଥିରେ ପାଣି ମିଶାନ୍ତୁ । ଏବେ ସ୍ୱାଦ ଅନୁସାରେ କଳା ଲୁଣ ମିଶାନ୍ତୁ । ଯଦି ଆପଣ ମିଠା ରସ ପିଇବାକୁ ଚାହାଁନ୍ତି, ତେବେ ଆପଣ କିଛି ଚିନି ମଧ୍ୟ ମିଶାଇପାରିବେ । ଶେଷରେ ସକାଳେ ଖାଲି ପେଟରେ ଏହି ଜୁସ୍ ପିଅନ୍ତୁ । ଦେଖିବେ ଆପଣଙ୍କୁ ଆଶ୍ଚର୍ଯ୍ୟଜନକ ଲାଭ ମିଳିବ ।

## ଘରେ ଲଗାନ୍ତୁ ପାନ ଗଛ



*ଆଜିକାଲି ଅନେକ ଲୋକ ଘରର ବାଲ୍‌କୋନିରେ ଗାର୍ଡେନିଂ କରିବାକୁ ପସନ୍ଦ କରୁଛନ୍ତି । ଏହା ଘରର ସୌନ୍ଦର୍ଯ୍ୟକୁ ବୃଦ୍ଧି କରାଇବା ସହିତ ମାନସିକ ସ୍ତରରେ ଆନନ୍ଦ ପ୍ରଦାନ କରିଥାଏ । ଗାର୍ଡେନିଂରେ ସାମିଲ ଥାଏ ଅନେକ ପ୍ରକାରର ଗଛ, ଯେଉଁଗୁଡ଼ିକ ମଧ୍ୟରେ ରହିଛି ପାନ ଗଛର ନାମ । ତେବେ କିଛି ସ୍ଥାନରେ ପାନ ପତ୍ରର ବ୍ୟବହାର ହୋଇଥାଏ ବିଶେଷ କରି ପୂଜାପାଠରେ । ପାନ ପତ୍ରର ବ୍ୟବହାର କରି କେତେ ପ୍ରକାରର ଡିସ୍ ମଧ୍ୟ ପ୍ରସ୍ତୁତ କରାଯାଏ । ଏଥିପାଇଁ ଆପଣ ମଧ୍ୟ ଘରେ ପାନ ଗଛ ଲଗାଇ ପାରିବେ । ଯଦି ନିଜ ଘରେ ପାନ ଗଛ ଲଗାଇବାକୁ ଚାହୁଁଛନ୍ତି ତେବେ ସେଥିପାଇଁ କିଛି ଟିପ୍‌ସ....*

- ପାନ ଗଛକୁ ଭୂମି କିମ୍ବା କୁଣ୍ଡରେ ଲଗାଯାଏ । ପାନ ଗଛର ଲତା ଚାରିଆଡ଼କୁ ବ୍ୟାପୁଥିବାରୁ ଏହାକୁ ଭୂମିରେ ଲଗାଇଲେ ଅଧିକ ଲାଭ ମିଳେ । କିନ୍ତୁ ଘରେ ଲଗାଇଲେ ଏହାକୁ କୁଣ୍ଡରେ ଲଗାଇବାକୁ ପଡ଼େ ।
- ଘରେ ଯଦି ପାନ ଗଛ ଲଗାଇବାକୁ ଚାହୁଁଛନ୍ତି ତେବେ ଏଥିପାଇଁ ଏକ ଗଭୀର ଗୁଣ୍ଡ ନେଇ ସେଥିରୁ ପାଣି ବାହାରିବାର ଉପାୟ କରିବେ । ନହେଲେ ଗଛ ନଷ୍ଟ ହୋଇଯିବ । ସଠିକ୍ ମଟିର ଉପଯୋଗ କଲେ ତାହା ଗଛକୁ ବୃଦ୍ଧି ହେବାରେ ସାହାଯ୍ୟ କରିବ । ଏଥିପାଇଁ ନିଜେ ମାଟି ପ୍ରସ୍ତୁତ କରିବାକୁ ହେବ । ମାଟିରେ ଗୋବରର ଖତ ମିଶାଇବେ ।
- ପାନ ପତ୍ରର ଡେମ୍ଫରୁ ଗଛ ବୃଦ୍ଧି ହୋଇପାରିବ । ଏଥିପାଇଁ ପାନ ପତ୍ରର ଡେମ୍ଫକୁ ଖୁବ୍ ଭଲ ଭାବରେ କଟିଂ କରି ପ୍ରସ୍ତୁତ ମାଟିରେ ଲଗାନ୍ତୁ । ଗଛ ଲଗେଇବା ପରେ ମାଟିକୁ ଦବେଇଦେବେ । କିନ୍ତୁ ପତ୍ର ଭାଗଟି ଯେପରି ମାଟି ଉପରେ ରହିଥିବ ।
- ଗଛକୁ ସିଧା ସୂର୍ଯ୍ୟକିରଣ ପଡ଼ିବା ସ୍ଥାନରେ ରଖିବେ ନାହିଁ ଓ ଏଥିରେ ସଠିକ୍ ସମୟରେ ଯେପରି ପାଣି ଦିଆଯିବ । ଅଧିକ ପଣି ଗଛର କ୍ଷତି କରିବ । ଗଛର ସଠିକ୍ ବୃଦ୍ଧି ପାଇଁ ଦୁଇ ସପ୍ତାହରେ ଥରେ ଖାଦ୍ୟ ଦେବେ । ତେବେ ପାନ ଗଛ ବଡ଼ ହେବା ଆରମ୍ଭ କଲେ ତାକୁ ସପୋର୍ଟର ଆବଶ୍ୟକ ହେବ । ଏଥିପାଇଁ କାଠର ସାହାଯ୍ୟ ନେଇପାରନ୍ତି ।

## ବିଗ୍‌ବସ୍ ଯିବେ ଧନଶ୍ରୀ !

ସୁପରଷ୍ଟାର ସଲମାନ ଖାନଙ୍କ ବିବାଦୀୟ ସୋ' ବିଗ୍ ବସ୍‌ର ଏବେ ଏକ ନୂତନ ସିଜିନ୍ ଆରମ୍ଭ ହେବାକୁ ଯାଉଛି । ପ୍ରତି ବର୍ଷ ଏବର୍ଷ ମଧ୍ୟ ବିଗ୍ ବସ୍ ଧାର୍ଯ୍ୟ ସମୟରେ ଆରମ୍ଭ ହେବ । ଏହି ସୋ'ର ପ୍ରଶଂସକମାନେ ଏବେ ଏହାର ପ୍ରିମିୟର ପାଇଁ ଅପେକ୍ଷା କରି ବସିଛନ୍ତି । ଏମଧ୍ୟରେ ସୋ'ର ପ୍ରତିଯୋଗୀମାନଙ୍କୁ ନେଇ ପ୍ରତିଦିନ ନୂଆ ନୂଆ ଅପଡେଟ୍ ଆସୁଛି । ରିପୋର୍ଟ ଅନୁଯାୟୀ, ଏଥର ବଲିଉଡ୍, ଟିଭି ଏବଂ ଅନେକ ସୋସିଆଲ ମିଡିଆ ଷ୍ଟାର ବିଗ୍ ବସ୍‌ରେ ନଜର ଆସିବେ । କୁହାଯାଉଛି ଯେ, ସୋ'ର ନିର୍ମାତାଙ୍କ ଦ୍ୱାରା ଭାରତର ଷ୍ଟାର କ୍ରିକେଟରଙ୍କ ପୂର୍ବ ପତ୍ନୀଙ୍କୁ ମଧ୍ୟ ଯୋଗାଯୋଗ କରାଯାଇଛି । ବିଗ୍ ବସ୍ ୧୯ ପାଇଁ ଯୁଜଭେନ୍ଦ୍ର ଚହଲଙ୍କ ପୂର୍ବ ପତ୍ନୀ ଧନଶ୍ରୀ ବର୍ମାଙ୍କ ସହିତ ଯୋଗାଯୋଗ କରାଯାଇଥିବା ସାମ୍ନାକୁ ଆସିଛି । ଯୁଜଭେନ୍ଦ୍ର ଚହଲ ଏବଂ ଧନଶ୍ରୀ ବର୍ମାଙ୍କର ଏହି ବର୍ଷ ଆଇପିଏଲ ପୂର୍ବରୁ ଛାଡପତ୍ର ନିଶ୍ଚିତ ହୋଇଥିଲା । ଛାଡପତ୍ର ପରେ ଯୁଜଭେନ୍ଦ୍ର ଚହଲ, ଆରଜେ ମହବେସଙ୍କୁ ଡେଟ୍ କରୁଛନ୍ତି । ଉଭୟଙ୍କୁ ପ୍ରାୟତଃ ଏକାଠି ଦେଖିବାକୁ ମିଳୁଛି । ଏପରି ପରିସ୍ଥିତିରେ, ଯଦି ଧନଶ୍ରୀ ବିଗ୍ ବସ୍‌ରେ ପ୍ରବେଶ କରନ୍ତି, ତେବେ ସଲମାନ ଖାନଙ୍କ ସୋ'ର ଟିଆରପି ବଢ଼ିବା ନିଶ୍ଚିତ । ଯଦି ଧନଶ୍ରୀ ସୋ' କରିବାକୁ ରାଜି ହୁଅନ୍ତି ତେବେ ତାଙ୍କ ବ୍ୟକ୍ତିଗତ ଜୀବନ ସହ ଜଡିତ ଆହୁରି ଅନେକ ଗୁପ୍ତ କଥା ଉନ୍ମୋଚିତ ହେବ । ଏହା ସହିତ, ତାଙ୍କ ପ୍ରଶଂସକମାନେ ଜାଣିପାରିବେ ଯେ, ଧନଶ୍ରୀ ବାସ୍ତବ ଜୀବନରେ କିପରି । କେବଳ ଏତିକି ନୁହେଁ, ସେ କାହିଁକି ଯୁଜଭେନ୍ଦ୍ର ଚହଲଙ୍କଠାରୁ ଛାଡପତ୍ର ନେଇଥିଲେ ସେ ବିଷୟରେ ମଧ୍ୟ ବହୁତ କିଛି ଜଣାପଡ଼ିବ ।



## 'ଧୁରନ୍ଧର'ରେ ସାରା ଅର୍ଜୁନ



ଗତ ରବିବାର ରିଲିଜ୍ ହୋଇଥିଲା ରଣବୀର ସିଂହଙ୍କ ଅପ୍‌କମିଙ୍ଗ ଫିଲ୍ମ 'ଧୁରନ୍ଧର'ର ଫାର୍ଷ୍ଟ ଲୁକ୍ । ରଣବୀରଙ୍କ ୪୦ତମ ଜନ୍ମଦିନ ଅବସରରେ ନିର୍ମାତା ଫିଲ୍ମର ଫାର୍ଷ୍ଟ ଲୁକ୍ ଜାରି କରିଥିଲେ । ଏଥିରେ ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଅର୍ଜୁନ ରାମପାଲ ଓ ଆର୍ ମାଧବନ ଅଭିନୟ କରିଛନ୍ତି । ଫାର୍ଷ୍ଟ ଲୁକ୍ ଭିଡିଓରେ କିନ୍ତୁ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଫିଲ୍ମର ଫିମେଲ୍ ଲିଡ୍ ସାରା ଅର୍ଜୁନ । ଦୀର୍ଘ ବର୍ଷ ଧରି ଶିଶୁ କଳାକାର ଭାବେ ଲୋକପ୍ରିୟତା ଅର୍ଜନ କରିଥିବା ସାରା 'ଧୁରନ୍ଧର' ଜରିଆରେ ଫିମେଲ୍ ଲିଡ୍ ଭାବେ କ୍ୟାରିଅର ଆରମ୍ଭ କରିବାକୁ ଯାଉଛନ୍ତି । ୨୦୦୫ ମସିହାରେ ଜନ୍ମିତ ସାରା ଅଭିନେତା ରାଜ ଅର୍ଜୁନଙ୍କ ଝିଅ । ମାତ୍ର ୧ ବର୍ଷ ବୟସରେ ସେ ପ୍ରଥମ ଫିଲ୍ମରେ ନଜର ଆସିଥିଲେ । ଫିଲ୍ମରେ ନିଜ ମାତାପିତାଙ୍କ ସହିତ ଏକ ମଲ୍‌ରେ ତାଙ୍କୁ ଦେଖିବାକୁ ମିଳିଥିଲା । ୨୦୧୧ ମସିହାର ଫିଲ୍ମ 'ଡିଭା ଥିରୁମଗଲ'ରେ ସେ ଦର୍ଶକଙ୍କ ଧ୍ୟାନ ଆକର୍ଷଣ କରିଥିଲେ । ଏଥିରେ ସେ ବିକ୍ରମଙ୍କ ଝିଅ ଭୂମିକା ନିର୍ବାହ କରିଥିଲେ । ତା'ପରେ ସେ 'ଏକ୍ ଥୀ ଡାୟନ୍', 'ସୈବମ୍' ଓ 'ସାଣ୍ଡ୍ କି ଆଁଖ୍' ଭଳି ଫିଲ୍ମରେ ନଜର ଆସିଲେ । ୨୦୨୨ରେ ସାରା ସବୁଠୁ ହାଇ-ପ୍ରୋଫାଇଲ୍ ଫିଲ୍ମ ଚରିତ୍ରରେ ନଜର ଆସିଲେ । ମଣି ରତ୍ନମ୍‌ଙ୍କ ଐତିହାସିକ ନାଟକ 'ପୋନିୟିନ୍ ସେଲ୍‌ଭନ'ର ୨ଟିଯାକ ଭାଗରେ ସେ ଐଶ୍ୱର୍ଯ୍ୟା ରାୟଙ୍କ ପିଲାଦିନର ନନ୍ଦିନୀ ଚରିତ୍ର ନିର୍ବାହ କରିଥିଲେ । ବିଶ୍ୱସ୍ତରରେ ୮୦୦ କୋଟି କଲେକ୍ସନ୍ କରିଥିବା ଏହି ଫିଲ୍ମ ସାରାଙ୍କୁ ବଡ଼ ସଫଳତା ଆଣିଦେଲା । ଫିଲ୍ମର ସଫଳତା ପରେ ୨୦୨୨ରେ ସାରାଙ୍କ ନେଟ୍ ସମ୍ପତ୍ତି ୧୦ କୋଟି ହେଲା, ଯାହା ତାଙ୍କୁ ଭାରତର ସବୁଠୁ ଧନୀ ଶିଶୁ କଳାକାର ମାନ୍ୟତା ଦେଲା । ପୁରୁଷପ୍ରାଧାନ୍ୟ ଫିଲ୍ମ 'ଧୁରନ୍ଧର'ରେ ସାରାଙ୍କ ଭୂମିକା ଅପେକ୍ଷାକୃତ ଛୋଟ, କିନ୍ତୁ ନିର୍ଦ୍ଦେଶକ ଆଦିତ୍ୟ ଧର ଏହା ମାଧ୍ୟମରେ ତାଙ୍କୁ ହିନ୍ଦୀ ଓ ତେଲୁଗୁ ସିନେମାର ଶିଶୁ କଳାକାରରୁ ଲିଡ୍ ଲେଡିର ଟ୍ୟାଗ୍ ଦେଇଛନ୍ତି । ଫିଲ୍ମର ଫାର୍ଷ୍ଟ ଲୁକ୍‌ରେ ସାରାଙ୍କର ୩ଟି ସିନ୍ ରହିଛି ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଗୋପ, (ଭାସ୍କର ନ୍ୟୁଜ): ଗୋପ ବ୍ଲକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଧର୍ମଘଟରେ ଶତାଧିକ ସଦସ୍ୟସଦସ୍ୟା ମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ସମଗ୍ର ଦେଶର ୨୫କୋଟିରୁ ଅଧିକ ଶ୍ରମିକ ଦେଶବ୍ୟାପୀ ଧର୍ମଘଟ ସାମିଲ ହୋଇଥିଲେ। ଏଥିରେ ବ୍ୟାଙ୍କ, ବୀମା କମ୍ପାନୀ, ଡାକ ସେବାଠାରୁ କୋଇଲା ଖଣି ପର୍ଯ୍ୟନ୍ତ କାମ କରୁଥିବା ଶ୍ରମିକମାନେ ସାମିଲ ହୋଇଥିଲେ। ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନର ମିଳିତ ମଞ୍ଚ ଏହାକୁ 'ଭାରତ ବନ୍ଦ' ନାମ ଦେଇଥିଲା। ୟୁନିଅନଗୁଡ଼ିକ କହିଛନ୍ତି ଯେ ସରକାର ଶ୍ରମିକଙ୍କ ଦାବିକୁ ଅଣଦେଖା କରିଛନ୍ତି ଏବଂ କର୍ପୋରେଟ ସ୍ୱାର୍ଥକୁ ପ୍ରୋତ୍ସାହିତ କରିଛନ୍ତି। ଏହି ଧର୍ମଘଟର ପ୍ରସ୍ତୁତି ମାସ ମାସ ଧରି ଚାଲିବା। ଏହି ଧର୍ମଘଟରେ ୨୫ କୋଟିରୁ ଅଧିକ ଶ୍ରମିକ ଯୋଗ ଦେଇଥିଲେ। ଏହା ବ୍ୟତୀତ ସରକାରୀ ପରିବହନ ମଧ୍ୟ ପ୍ରଭାବିତ ହୋଇଥିଲା କ୍ଷ ଗୋପ ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶତାଧିକ ଅଙ୍ଗନବାଡି ୱାର୍କର, ଆଶା କର୍ମୀ, ପାଚିକା ମହାସଂଘର ଶତାଧିକ ସଦସ୍ୟ ସଦସ୍ୟା ବୁଧବାର ଦିନ ଅନୁଷ୍ଠିତ ଭାରତ ବନ୍ଦ ଆନ୍ଦୋଳନ ରେ ସାମିଲ ହୋଇଥିଲେ। ଏହାର ନେତୃତ୍ୱ ନେଇଥିଲେ ନିଖିଳ ଓଡିଶା ଅଙ୍ଗନବାଡି କର୍ମୀ ସଂଘର ସଦସ୍ୟା ଓ ଆଶାକର୍ମୀର ସଦସ୍ୟା ବୃନ୍ଦ। ସେମାନଙ୍କର ଆଠ ଦଫା ଦାବି ସମ୍ବଳିତ ଏକ ମେମୋରେଣ୍ଡମ ବରିଷ୍ଠ ଅଧିକାରୀଙ୍କୁ ବ୍ଲକ କର୍ତ୍ତୃପକ୍ଷଙ୍କ ଜରିଆରେ ପ୍ରଦାନ କରାଗଲା।

# ମେସ୍‌ରେ ଛାତ୍ରୀଙ୍କ ଆତ୍ମହତ୍ୟା, ପୋଲିସ୍‌ର ତନାଘନା

କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ସହର ବାରୁଣୀଗାଁ ରୁପେଶ ମେସରେ ରହୁଥିବା ଜଣେ ଛାତ୍ରୀ ଗୁରୁବାର ସକାଳୁ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କରିଥିବା ଛାତ୍ରୀଙ୍କ ନାମ ଝରଣା ପଲେଇ(୨୦) ବୋଲି ଜଣାପଡିଛି। ତାଙ୍କ ବାପାଙ୍କ ନାମ ଅଭିମନ୍ୟୁ ପଲେଇ ଏବଂ ଘର ଯୋଡା ବ୍ଲକ କିତାବେଡା ଗ୍ରାମରେ ବୋଲି ଜଣାପଡିଛି। ସେ ରୁପେଶ ମେସରେ ରହି ଧରଣୀଧର ବିଶ୍ୱ ବିଦ୍ୟାଳୟରେ ପରିସରରେ ପିପିପି ମୋଡରେ ଚାଲିଥିବା ସେଲଫ୍ ଫାଇନାନ୍ସ କୋର୍ସରେ ବିବିଏ ଦ୍ୱିତୀୟ ବର୍ଷ ପାଠ ପଢୁଥିଲେ। ଗୁରୁବାର ସକାଳେ ସିଡି ରେଲିଂରେ ବେକରେ ଓଢଣୀ ଲଗାଇ ଝରଣା ଆତ୍ମହତ୍ୟା କରିଛନ୍ତି। ଟାଉନ ପୋଲିସ ସୂଚନା ପାଇ ମେସକୁ ଯାଇ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ଧରଣୀଧର ବିଶ୍ୱ ବିଦ୍ୟାଳୟ ନିକଟ ବାରୁଣୀଗାଁ, ଗୁମୁରା, କଲେଜରୋଡ, ସାତସିଙ୍ଗା, ବଣିଆପାଟରେ ବହୁ ସଂଖ୍ୟାରେ ଘରୋଇ ମେସ ଏବଂ ହଷ୍ଟେଲ ବେଆଇନ ଭାବେ ଚାଲିଛି। ପ୍ରଶାସନର ବିନା ଅନୁମତିରେ ଶହେରୁ ଉର୍ଦ୍ଧ୍ୱ ବେଆଇନ ବା ଅଣପଞ୍ଜିକୃତ ଘରୋଇ ଛାତ୍ରାବାସ ଓ ମେସ୍ ଚାଲିଥିଲେ ହେଁ ଏହାର ଯାଞ୍ଚ ହେଉନାହିଁ। ଗଢି ଉଠୁଥିବା ଘରୋଇ ହଷ୍ଟେଲ ଓ ମେସ୍ ମଧ୍ୟରେ ପରିମଳ ବ୍ୟବସ୍ଥା ଠିକ୍ ନଥିବା ବେଳେ ସମ୍ପୂର୍ଣ୍ଣ ଅସ୍ୱାସ୍ଥ୍ୟକର ପରିବେଶ ଏବଂ ଅସୁରକ୍ଷିତ ଭାବେ ଚାଲିଛି। ଅଧିକାଂଶ ଛାତ୍ରାବାସ ମାନଙ୍କରେ କୌଣସି ୱାର୍ଡେନ କିମ୍ବା ସୁରକ୍ଷା କର୍ମୀ ନଥିବାରୁ ସ୍ଥାନୀୟ ଅଣ ଛାତ୍ରମାନେ ହଷ୍ଟେଲ ମଧ୍ୟକୁ ଅବାଧ ପ୍ରବେଶ କରି ନାନା ନିଶା ସେବନ କରିବା ସହିତ ଛାତ୍ରମାନଙ୍କୁ ନିଶା ସେବନରେ ଲିପ୍ତ ରହିବାକୁ ବାଧ କରୁଛନ୍ତି। ହଷ୍ଟେଲ ଏବଂ ମେସରେ ହତ୍ୟା, ଆତ୍ମହତ୍ୟା ଏବଂ ସର୍ପାଘାତରେ ବହୁ ଅନ୍ତେବାସୀ ମୃତ୍ୟୁ ବରଣ କରୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେଉନଥିବାରୁ ଏଭଳି ଅଘଟଣା ଦିନକୁ ଦିନ ବଢିବାରେ ଲାଗିଛି।

# କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ଓ ଯୁବ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା

ଢେଙ୍କାନାଳ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ସ୍ଥାନୀୟ ଭେଉଳବାହି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଶ୍ୱ ସମ୍ବାଦ କେନ୍ଦ୍ର ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଦେବର୍ଷୀ ନାରଦ ଜୟନ୍ତୀକୁ ପାଳନ କରାଯାଇଥିଲା। ଗତ ୯ ତାରିଖ ସନ୍ଧ୍ୟା ୬ଟା ସମୟରେ ଏହି ଉତ୍ସବକୁ ପାଳନ କରିବାକୁ ଜିଲ୍ଲା ସଂଗଠନର ଆବାହକ ଅଶୋକ କୁମାର ଭଞ୍ଜଙ୍କ ଦକ୍ଷ ନେତୃତ୍ୱରେ ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତଥା ବୁଦ୍ଧିଜୀବୀ, ଲେଖକ, ସ୍ତମ୍ଭକାର ଓ ପତ୍ରକାରମାନଙ୍କୁ ଏକତ୍ରିତ କରାଯାଇଥିଲା। ଦେବର୍ଷୀ ନାରଦଙ୍କର ବାର୍ତ୍ତା ପରିବହନର କୌଶଳ ପ୍ରଶସ୍ତ ଧାର୍ମିକ ମାର୍ଗରେ ନ୍ୟାୟିକ ସୁବ୍ୟବସ୍ଥାକୁ ସୁଦୃଢ କରି ଏକ ଶକ୍ତିଶାଳୀ ରାଷ୍ଟ୍ର ନିର୍ମାଣ କରିଥିବା ମୁଖ୍ୟ ବିଷୟବସ୍ତୁ ଥିଲା। ତିନି ଯୁଗରେ ଦେବର୍ଷୀଙ୍କ କାର୍ଯ୍ୟ କୌଶଳର ସତ୍ୟ ଆଧାରିତ ତଥ୍ୟ ପ୍ରମାଣକୁ ଦର୍ଶାଇ ଆଲୋଚନା କରାଯାଇଥିଲା। ଉପସ୍ଥିତ ମଞ୍ଚାସୀନ ମୁଖ୍ୟ ଅତିଥି ଜିଲ୍ଲା ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ରତନ ନାୟର ଏହାକୁ ସହମତି ପ୍ରଦାନ କରିଥିଲେ। ରାଷ୍ଟ୍ରଦୀପ ସାପ୍ତାହିକ ପତ୍ରିକାର ସମ୍ପାଦକ ଚିତରଞ୍ଜନ ମହାପାତ୍ର ମୁଖ୍ୟବକ୍ତା ଭାବେ ଦାୟିତ୍ୱ ନେଇଥିଲେ। ରାଷ୍ଟ୍ରଦୀପ ସାପ୍ତାହିକ ପତ୍ରିକାର କାର୍ଯ୍ୟରତ ଜିଲ୍ଲା ପ୍ରତିନିଧି ଦୀପକ ପ୍ରସାଦ ପଟ୍ଟନାୟକ ମଞ୍ଚ ସଂଯୋଜନା ଓ ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ। ଏଠାରେ ପ୍ରକାଶଥାଏ କି, ନୀତି ଜ୍ଞାନ, ଧର୍ମ ଜ୍ଞାନ, ଘଟଣାର ମୁଖ୍ୟ କାରଣ ସହ ସମ୍ପର୍କିତ ଇତିହାସର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବିଷୟର ଜ୍ଞାନକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରି ଖବର ପରିବେଷଣ କରିବା ବର୍ତମାନ ସମୟରେ ଜରୁରୀ ହୋଇପଡିଛି। ଧାରାବାହିକ ଭାବେ ଲୋକମାନଙ୍କୁ ନିସ୍ୱାର୍ଥପର ସେବା ଯୋଗାଇବା ପାଇଁ ବିଭିନ୍ନ ସ୍ତରରେ ସାମ୍ବାଦିକ ମନେ ସୁସମ୍ପର୍କ ଆଧାରରେ କାର୍ଯ୍ୟ କରିବା ଦରକାର। ଶକ୍ତିଶାଳୀ ରାଷ୍ଟ୍ର ଗଠନର ମୁଖ୍ୟ ଭୂମିକା ରୂପେ ସାମ୍ବାଦିକମାନଙ୍କ ପ୍ରାଥମିକ କର୍ତ୍ତବ୍ୟ ରହିଅଛି। ଯାହାକି ମହାପାତ୍ର ତାଙ୍କ ବକ୍ତବ୍ୟରେ ଦେବର୍ଷୀ ନାରଦଙ୍କର ତିନୋଟି ଯୁଗରେ ମାନବ, ଦାନବ ଓ ଦେବତାମାନଙ୍କର ପ୍ରିୟ ହୋଇ ପ୍ରଶସ୍ତ ଧର୍ମଜ୍ଞାନ ଆଧାରରେ ନିସ୍ୱାର୍ଥପର ସମ୍ବାଦ ପରିବେଷଣର ଭିତିପ୍ରସ୍ତର ସ୍ଥାପନା କରି ନାୟିକ ମେରୁଦଣ୍ଡକୁ ସୁଦୃଢ କରିବା ପାଇଁ ଭାତୃ ଓ ମୈତ୍ରୀ ଭାବନାରେ ସମସ୍ତଙ୍କୁ ବାନ୍ଧି ରଖି ସତ୍ କର୍ମରେ ନିୟୋଜିତ କରିବା ପାଇଁ ସତ୍ୟ, ଧର୍ମ, କର୍ତବ୍ୟନିଷ୍ଠା, ନିସ୍ୱାର୍ଥପର ସେବା ସହ ସୁଶାସନ ପ୍ରଣାଳୀ, ଉତମ ଅର୍ଥ ବ୍ୟବସ୍ଥା, ସମାଜରେ ବର୍ଣ୍ଣ ବ୍ୟବସ୍ଥା, କର୍ତ୍ତବ୍ୟବୋଧତା ସମ୍ପର୍କୀତ କାର୍ଯ୍ୟକୁ ଗୁରୁତ୍ୱ ଦେଇ ସମ୍ବାଦ ପରିବହନ କରିଥିଲେ। ଏଣୁ ସଠିକ୍ ସମୟରେ ସଠିକ୍ ବ୍ୟକ୍ତିଙ୍କ ପାଖରେ ସ୍ୱଚ୍ଛ ସମ୍ବାଦ ପରିବେଷଣ କରିବା, ଏହାର ସମାଧାନ ବିଷୟରେ ବିଚାର ବିମର୍ଶ କରି ସଠିକ୍ ମାର୍ଗ ଦର୍ଶାଇବା କାରଣରୁ ଦେବର୍ଷୀ ସର୍ବତ୍ର ପ୍ରିୟ ହୋଇପାରିଥିଲେ। ଏହିସବୁ ଘଟଣାର ସତ୍ୟ ତଥ୍ୟ ପ୍ରମାଣ ହିସାବରେ ତ୍ରେତୟା ଯୁଗରେ ରାମାୟଣର ବାଳକାଣ୍ଡର ପ୍ରଥମ ୫ଟି ଶ୍ଳୋକରେ ୧୬ ଗୋଟି ପ୍ରଶ୍ନର ଉତର ଅଦ୍ୟାବଧି ପ୍ରାସଙ୍ଗିକ ଥିଲାବେଳେ ଦ୍ୱାପର ଯୁଗରେ ମହାଭାରତ ଶ୍ଳୋକ କ୍ରମାଙ୍କ ୧୨ ରୁ ୧୧୨ ମଧ୍ୟରେ ୧୨୩ ଗୋଟି ପ୍ରଶ୍ନୋତର ଯୁଧିଷ୍ଠିର ମହାରାଜଙ୍କ ସହ ଦେବର୍ଶୀ ନାରଦଙ୍କ ଆଲୋଚନା ହୋଇଥିବାର ପ୍ରମାଣ ରହିଅଛି। ଏହି କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ୧୯୮୨ ମସିହାରୁ ନିଷ୍ପାପର ଭାବେ ନିର୍ଭିକ ସାମ୍ବାଦିକତା କରିଆସୁଥିବା ଜିଲ୍ଲାର ବରିଷ୍ଠ ପତ୍ରକାର କୃଷ୍ଣ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ମିଶ୍ର ତାଙ୍କ ଜୀବନରେ କରିଥିବା ନିର୍ଭିକ ସାମ୍ବାଦିକ କିଛି ଅଭୂଲା ସ୍ମୃତିକୁ ଉପସ୍ଥାପନା କରି ମହାପାତ୍ରଙ୍କର ବକ୍ତବ୍ୟକୁ ସମର୍ଥନ ଜଣାଇଥିଲେ। ୧୯୪୮ ମସିହାରୁ ବରିଷ୍ଠ ସାମ୍ବାଦିକ, ଆଇନ୍ ଶିକ୍ଷକ ଭାବେ ଓ ପରବର୍ତ୍ତୀ ସମୟରେ ସାମ୍ବାଦିକ ମାନଙ୍କର ଶିକ୍ଷକ ରୂପେ କାର୍ଯ୍ୟ କରିବା ପରେ ଜିଲ୍ଲାର ଜନକଲ୍ୟାଣରେ ନିସ୍ୱାର୍ଥପର ସାମ୍ବାଦିକତାକୁ ଗୁରୁତ୍ୱ ଦେଇ ଜିଲ୍ଲା ପ୍ରଶାସନ ସହ ସୁ-ସମ୍ପର୍କ ରଖି ରାଜନେତା, ବୁଦ୍ଧିଜୀବୀ, ସାଧାରଣ ଜନତା, ଧାର୍ମିକ ମଠ ମନ୍ଦିରର ସର୍ବାଙ୍ଗ ଉନ୍ନତି ଦିଗରେ ମହର୍ଷୀଙ୍କ ପରି ଖବର ଆଦାନ ପ୍ରଦାନର ସୁନ୍ଦର ବ୍ୟବସ୍ଥା କରିଥିଲେ। ମହାପାତ୍ରଙ୍କ ବକ୍ତବ୍ୟକୁ ସର୍ବ ସମ୍ମୁଖରେ ସ୍ୱଚ୍ଛ ଅଭିଭାଷଣ ରଖି ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ। ଯୁବ ବର୍ଗରେ ଥିବା ନିର୍ଭିକ, ଉଚ୍ଚ ଶିକ୍ଷିତ ସାମ୍ବାଦିକ ଇଂ. ସୌମ୍ୟବ୍ରତ ସାହୁ ତାଙ୍କ ଜୀବନରେ ୨୧ଜଣ ଯୁବକଙ୍କୁ ନିର୍ଭିକ ସାମ୍ବାଦିକତା ଶିକ୍ଷା ଦେଇଥିବାବେଳେ ଜିଲ୍ଲା ବାହାରେ ଓ ଭିତରେ ଅନେକ ମଠ ମନ୍ଦିରର ଉନ୍ନତି ପାଇଁ ଖବର ପରିବେଷଣ କରିଥିବା କାରଣରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ଅଭିଭାଷଣରେ ନିଷ୍ପାପର ନିର୍ଭିକ ସମ୍ବାଦ ପରିବେଷଣ କରିବାର କଳା ଏବଂ କୌଶଳ ତାଙ୍କ ବାପାଙ୍କ ଠୁଁ ପ୍ରେରଣା ପାଇଥିବା କଥା ପ୍ରକାଶ କରିଥିଲେ। ସେ ତାଙ୍କ ଜୀବନରେ ସାଧାରଣ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ନିଃଶୁଳ୍କ, ନିର୍ଭିକ ଭାବେ ଖବର ପ୍ରସାରଣ କରିବାକୁ ଏହି ସଭାରେ ନିଜର ପ୍ରଧାନ କର୍ତ୍ତବ୍ୟ ବୋଲି ମତ ପ୍ରକାଶ କରିଥିଲେ।

# ଜିପିଏଲଏଫ କର୍ମକର୍ତ୍ତାଙ୍କ ପାରିଶ୍ରମିକ ପ୍ରଦାନ ନିମନ୍ତେ ବିଡିଓଙ୍କୁ ଦାବିପତ୍ର



ଜଳେଶ୍ୱର, (ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକର ୩୫ଟି ଗ୍ରାମ ପଞ୍ଚାୟତର କାର୍ଯ୍ୟରତ ଜିପିଏଲଏଫର ୬ ଗୋଟି କମ୍ୟୁନିଟି ସାପୋର୍ଟ ଷ୍ଟାଫଙ୍କ ପାରିଶ୍ରମିକ ଅର୍ଥ ମାସିକ ହାରରେ ପ୍ରଦାନ ନିମନ୍ତେ ଆଜି ଜିପିଏଲଏଫର କର୍ମକର୍ତ୍ତା ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।ସରକାର ମହିଳା ଗୋଷ୍ଠୀଙ୍କ ପାଇଁ ଲକ୍ଷପତି ଦିଦି ସହାୟତା ଯୋଜନା ଆରମ୍ଭ କରି ଥିବାରୁ କୃତଜ୍ଞତା ଜ୍ଞାପନ କରିବା ସହିତ ସେମାନେ ୨୦୧୩ ମସିହାରୁ ଜିପିଏଲଏଫର ବିଭିନ୍ନ କାର୍ଯ୍ୟ କରି ମାସିକ ହାରରେ ପ୍ରାପ୍ୟ ପାଇ ଆସୁଥିଲେ। ସରକାରଙ୍କ ପତ୍ର ସଂଖ୍ୟା-୧୫୧୩, ତା-୧୧/୩/୨୦୨୪ ରିଖ ଚିଠି ଅନୁସାରେ ସେମାନଙ୍କର ବର୍ଦ୍ଧିତ ପାରିଶ୍ରମିକ ରାଶି ୨୦୨୫ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପାଇଥିଲେ। ପୁନଶ୍ଚ ସରକାରଙ୍କ ପତ୍ର ସଂଖ୍ୟା-୨୬୭୦ ତା-୨୯/୩/୨୦୨୫ରିଖ ଚିଠିରେ ସେମାନଙ୍କ ପାରିଶ୍ରମିକ ବାବଦକୁ କାର୍ଯ୍ୟ ଦକ୍ଷତା ଅନୁଯାଇ ପାରିଶ୍ରମିକ ଦେବା ପାଇଁ କୁହାଯାଇଛି। ଯାହାକି ବିଗତ ଦିନରେ ପାଉଥିବା ମାସିକ ପ୍ରାପ୍ୟ ଠାରୁ ବହୁତ କମ ଅଟେ। ତା ସହିତ ସରକାରଙ୍କ ନିର୍ଦ୍ଦେଶାବଳୀରେ ଥିବା କାର୍ଯ୍ୟାବଳୀ ମଧ୍ୟରୁ କେତେଗୁଡିଏ କାର୍ଯ୍ୟ ସମ୍ପାଦନ କରାଯାଇଅଛି।ଯାହାର ପାରିଶ୍ରମିକ ସେମାନେ ପାଇପାରିବେ ନାହିଁ। ଜିପିଏଲଏଫ ଅଧୀନରେ ୬ ଗୋଟି କମ୍ୟୁନିଟ ସାପୋର୍ଟ ଷ୍ଟାଫ ଯଥା:- ଏମ୍‌ବିକେ, ସିଆରପି, କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କ ମିତ୍ର ଓ ଏଲଏସପି ର ସଦସ୍ୟ/ସଦସ୍ୟା ମାନେ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ମାସିକ ହାରରରେ ପାପ୍ୟ ପ୍ରଦାନ ପାଇଁ ସଂଘ ପକ୍ଷରୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିବା ବେଳେ ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର, ଏସମଡି ସି-କମ-କମିଶନର ଶକ୍ତି ଭୁବନେଶ୍ୱର, ବାଲେଶ୍ୱର ଜିଲ୍ଲାପାଳ, ପିଡି, ଡିପିପିଏମ, ଡିପିସି ବାଲେଶ୍ୱରଙ୍କ ସହିତ ଜଳେଶ୍ୱର ବିପିଏମ ଓ ପିପିସିଙ୍କୁ ନିୟମିତ ମାସିକ ହାରରେ ପାପ୍ୟ ପ୍ରଦାନ ପାଇଁ ଆନୁରୋଧ କରାଯାଇଛି।

# ଅନାଥ କନ୍ୟାର ବିବାହ ଅନୁଷ୍ଠିତ

କେନ୍ଦୁଝର, (ଭାସ୍କର ନ୍ୟୁଜ): ବୁଧବାର ସକାଳେ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଶିଶୁ ମଙ୍ଗଳ ସମିତିର ତତ୍ତ୍ୱାବଧାନରେ ଏକ ଅନାଥ ଝିଅର ବିବାହ ଅନୁଷ୍ଠିତ ହୋଇଥିଲା। ରୂପଶ୍ରୀ ଗନ୍ତାୟତ, ସ୍ମିତା କୁଅଁର,ରାଜଶ୍ରୀ ଉପାଧ୍ୟାୟ, ପ୍ରଣତି ବଳ, ପୁଣ୍ୟଶୀଳା ପାଣି,ରାକ୍ଷୀ ଜେନା, ରଶ୍ମିପ୍ରଭା ପରିଡା, ବୈଶାଳୀ ପ୍ରିୟଦର୍ଶିନୀ ପ୍ରମୁଖ ମୈତ୍ରୀ ଅନୁଷ୍ଠାନର ସଭ୍ୟାମାନେ ଏହି ବିବାହକୁ ଦାୟିତ୍ୱ ନେଇଥିଲେ। କନ୍ୟା ସୁକୁମତୀ ସିଙ୍କୁ ଏବଂ ବର ଗୁରୁବା ମୁଣ୍ଡାଙ୍କ ଗତକାଲି ବିବାହ ବୈଦିକ ରୀତି ନୀତିରେ ସଂପନ୍ନ ହେବା ପରେ ସେମାନଙ୍କୁ ସମସ୍ତ ଗୁରୁଜନ ମାନେ ଆର୍ଶୀବାଦ କରିଥିଲେ। ସେମାନେ ଦୁଇଜଣ ଯାକ କେନ୍ଦୁଝରର ବଡବିଲ ଅଂଚଳର। ଝିଅଟି ଅନାଥ ଥିବାରୁ ତା'ର କନ୍ୟାଦାନ ମୈତ୍ରୀର ସଦସ୍ୟା ରୂପଶ୍ରୀ ଗନ୍ତାୟତ କରିଥିଲେ। ଏହି ବିବାହ କାର୍ଯ୍ୟକୁ ସଫଳ କରିବା ପାଇଁ ଅନେକ ସାମାଜିକ କର୍ମୀ ସାହାଯ୍ୟ ଓ ସହଯୋଗ କରିଥିଲେ। ରୂପଶ୍ରୀ ଗନ୍ତାୟତ କନ୍ୟାଦାନ କରିଥିଲେ।

# ଶ୍ରମିକ ବିରୋଧୀ କାନୁନ ପ୍ରତ୍ୟାହାର ଦାବିରେ ହରତାଳ

ବ୍ୟାସନଗର, (ଭାସ୍କର ନ୍ୟୁଜ): କେନ୍ଦ୍ର ସରକାର ୪୪ଟି ଶ୍ରମ ଆଇନକୁ ପରବର୍ତ୍ତନ କରି ୪ଗୋଟି କୋଡ଼ ଓ ୧୨ ଘଣ୍ଟା କାର୍ଯ୍ୟନିର୍ଘଣ୍ଟ ତଥା ସର୍ବନିମ୍ନ ୨୬ ହଜାର ମାସିକ ଦରମା ଠିକାଶ୍ରମିକମାନଙ୍କୁ ଦେବା ସମେତ ୧୭ଦଫା ଦାବିକୁ ନେଇ ଦେଶବ୍ୟାପି ସାଧାରଣ ଧର୍ମଘଟରେ ପରିପ୍ରେକ୍ଷୀରେ ଯାଜପୁର ରୋଡ ଠାରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଏହାକୁ ନେଇ ଯାଜପୁର ରୋଡ ରେଳ ଷ୍ଟେସନ ସମୁଖରେ ଆଇଏନଟିୟୁସିର ରାଜ୍ୟ ଉପ ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ ଓ ଏଆଇୟୁଟିୟୁସିର ଜିଲ୍ଲା ସମ୍ପାଦକ ସୁରେଶ ପ୍ରଧାନ ଆଇଏନଟିୟୁସି ନେତା ନାରାୟଣ ଚନ୍ଦ୍ର ନାୟକ, ନିରଂଜନ ପରିଡା, ସୁଧାନିଧି ମହାପାତ୍ର ପଦ୍ମନାଭ ନାୟକ, ନିହାର ରଞ୍ଜନ ପହି ବିଦ୍ୟାଧର ଯେନା ଶତ୍ରୁଘନ ମଲିକ ବିଦ୍ୟୁତ ଶ୍ରମିକ ସଂଘର ବିପ୍ଳବ କୁମାର ସମାତରାୟ, ହେମନ୍ତ ନାୟକ ଓ ଏଆଇୟୁଟିୟୁସି ନେତା ବିଜୟ ମଲିକ, ରାଜକିଶୋର ମହାନ୍ତ ନିରୁପମା ବେହେରା, ଅଲେଖ ମଲିକ କାର୍ତ୍ତିକ ହାଲଦାର, ସୌଦାଗର ବେହେରା, କେଦାର ସାହୁ ଓ ସିଆଇଟିୟୁ ନେତା ତ୍ରିଲୋଚନ ରାଉତ, ମନନ୍ମଥ କୁମାର ରାୟ, ମାଳତୀ କିସ୍କୁ ପାଣି କିସ୍କୁ ଲାଳମଣୀ ମୁଣ୍ଡା, ସନ୍ତୋଷ ବରାଲ, କାହ୍ନୁ ମୁଖି ଗୌରଙ୍ଗ ନାୟକ ପ୍ରମୁଖ ଗୋପବନ୍ଧୁ ଛକ, ଚୋରଦା ବାଇ ପାସ୍ ଠାରେ ପୃଥକ ପୃଥକ ପ୍ରତିବାଦ ସଭା ରେ କେନ୍ଦ୍ର ଓ ରାଜ୍ୟ ଡବଲ ଇଞ୍ଜିନ ସରକାରଙ୍କୁ ଦୃଢ଼ ସମାଲୋଚନା କରିଥିଲେ। ଷ୍ଟେସନ ଠାରୁ ବର୍ଣ୍ଣଓଡ଼ ପଟୁଆର ସହର ପରିକ୍ରମା କରିବା ସହିତ ବ୍ୟାଙ୍କ ଗୁଡିକୁ ବନ୍ଦ କରିବା ପରେ ଚୋରଦା ବାଇ ପାସ୍‌ର ମୁଖ୍ୟ ରାସ୍ତା ଉପରେ ବସି ପ୍ରତିବାଦ କରିବା ଯୋଗୁ ଯାନବାହାନ ଗୁଡିକ ଯାତାୟାତରେ ପ୍ରତିବନ୍ଧକ ହେବାଯୋଗୁ ସ୍ଥାନୀୟ ପୋଲିସ ହସ୍ତକ୍ଷପ ପରେ ଏହା ସ୍ୱାଭାବିକ ଭାବେ ଯାତାୟାତ କରିଥିଲା।

# ନେତା କରିଛନ୍ତି ଜଳ ସମ୍ପଦ ବିଭାଗ ଜାଗାକୁ ଅବରୋଧ

କଣ୍ଟାପଡା, (ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ ପ୍ରତାପ ନଗରୀ ଜଳ ସମ୍ପଦ ବିଭାଗ ଅଧୀନ ଝାରପଡା ଶବର୍ଦ୍ଧ ଭିଜନ ଅଧୀନରେ ଗୋବିନ୍ଦ ପୁରରୁ ମଜୁରେଇ ପର୍ଯ୍ୟନ୍ତ ନଦୀ ବନ୍ଧକୁ ବିଜେପି ମଣ୍ଡଳ ସଭାପତି ଅବରୋଧ କରି ରଖିଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ସରକାରୀ ଜାଗାରୁ ଜବର ଦଖଲ ଉଚ୍ଛେଦ କରିବା ପାଇଁ ଘୋଷଣା କରିଥିବା ବେଳେ ନିଜ ଦଳର ମଣ୍ଡଳ ସଭାପତି ସରକାରୀ ଜାଗାକୁ ଜବର ଦଖଲ କରି ଘର ନିର୍ମାଣ କରିଥିବା ବେଳେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କେବେ? ନା ଶାସକ ଦଳର ହୋଇଥିବାରୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ ନା ଘଟଣା କୁ ଚାପି ଦିଆଯିବ। ଏଠାରେ ସୂଚନା ଥାଉ କି ନଦୀ ବନ୍ଧ ପାର୍ଶ୍ୱରେ ଘର ନିର୍ମାଣ କରିବା ପାଇଁ ବନ୍ଧ ଖୋଳା ଯାଉଥିବାରୁ ନଦୀରେ ବନ୍ୟା ଆସିଲେ ବିପଦ ସୃଷ୍ଟି କରିବ। ଏଥିପ୍ରତି ଜଳ ସମ୍ପଦ ବିଭାଗ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି।

# ଭୈରବ ଡିଗ୍ରୀ ମହାବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଡାବୁଗାଁ, (ଭାସ୍କର ନ୍ୟୁଜ): ଡାବୁଗାଁ ଭୈରବ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ ମହା ବିଦ୍ୟାଳୟ ର ଅଧକ୍ଷ ଶଙ୍କର ପ୍ରସାଦ ଗନ୍ତାୟତଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ 'ଏକ ପେଡ ମା କେ ନାମ' ଅନୁଯାଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିନକୁଦିନ ଜନବସତି ବୃଦ୍ଧି ଯୋଗୁଁ ଜଙ୍ଗଲ ହ୍ରାସ ସହ ପରିବେଶ ସନ୍ତୁଳନ ନଷ୍ଟ ହେଉଥିବାରୁ ଜନନୀ ମା'ଙ୍କ ସୁରକ୍ଷା ପାଇଁ ପ୍ରତ୍ୟେକ ଲୋକ ବୃକ୍ଷ ରୋପଣ କରିବା ଆବଶ୍ୟକ ବୋଲି ଅଧକ୍ଷ ଶଙ୍କର ଗନ୍ତାୟତ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ କିସମର ୧୦୦ ଟି ବୃକ୍ଷ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଲଗା ଯାଇଥିଲା। ଭୈରବ ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା, ଜାତୀୟ ସମର୍ଥ ବାହିନୀ ଓ ଯୁବ ରେଡ କ୍ରସ୍ ମିଳିତ ଆନୁକୁଲ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଡିଗ୍ରୀ ମହାବିଦ୍ୟାଳୟର ଅଧାପିକା ଉର୍ମିଳା ବ୍ରହ୍ମା, ଚନ୍ଦନା ପଣ୍ଡା, ଜ୍ୟୋତ୍ସ୍ନା ମାଝୀ,




ଅଧାପକ ମହେନ୍ଦ୍ର ଦେବରପଲ୍ଲୀ, ଦୟାରାମ ମନୋହର, ମାଷ୍ଟ ମଦ୍ରକ୍ଷ ନାୟକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେହିପରି କୋଇଲାରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କସ୍ତୁରବା ବାଳିକା ବିଦ୍ୟାଳୟ ପରିସରରେ ମଧ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ କିସମର ୨୦୦ ଟି ବୃକ୍ଷ ରୋପଣ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ବେହେରା, ସହକାରୀ ଶିକ୍ଷକ ବଲ୍ଲଭ ନାରାୟଣ ପଣ୍ଡା, ରମାକାନ୍ତ ସାହୁ, ଗୋବିନ୍ଦ ଭତରା, ଭକଚାନ୍ଦ ମାଝୀ, ଶିକ୍ଷୟତ୍ରୀ ପୁଷ୍ପଲତା ସାମଲ, ଶର୍ମିଳା ଜେନା, ସବିତା ଦାଶ, ତୃପ୍ତି ଓ ପ୍ରାଚି ସହ କ୍ରୀଡା ଶିକ୍ଷକ ପୁରୋହିତ ବାଘ ଉପସ୍ଥିତ ଥିଲେ।

# ଜୁଆଖେଳ ଉପରେ କାର୍ଯ୍ୟାନୁଷ୍ଠାନ ବିଳମ୍ବକୁ ନେଇ କୋର୍ଟରେ ମାମଲା

ନିଆଳି, (ଭାସ୍କର ନ୍ୟୁଜ): ନିଆଳି ବ୍ଲକ ବିନିଷ ପୁର ପଂଚାୟତ ବିନିସପୁର ଗ୍ରାମରେ ବେଧଡ଼କ ଭାବରେ ଚାଲିଛି ଜୁଆ ଖେଳ। ହେଲେ ଏହି ଜୁଆ ଖେଳାଳିମାନେ କାହାକୁ ଭୟ ନ କରି ସ୍ଥାନୀୟ କିଛି ଅସାମାଜିକ ଲୋକଙ୍କୁ ରଖି ଦିନ ଦିପ୍ରହରରେ ନିର୍ଭିକ ଭାବେ ଖେଳୁଛନ୍ତି। ସ୍ଥାନୀୟ ଅଞ୍ଚଳରୁ ଯିଏ ବିରୋଧ କଲା ପ୍ରଭାବ ଶାଳୀ ବ୍ୟକ୍ତିଙ୍କ ଦ୍ୱାରା ନିର୍ଯ୍ୟାତିତ ହେବାକୁ ପଡୁଛି। ବାରମ୍ବାର ବିଭିନ୍ନ ଗଣ ମାଧ୍ୟମ ରେ ଖବର ପ୍ରକାଶିତ ହୋଇ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ଅଭିଯୋଗ ହେଉଛି। ଏଣୁ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ସ୍ଥାନୀୟ ପ୍ରସାଶନକୁ ପକ୍ଷ କରି ଆଇନର ଆଶ୍ରୟ ନେଇଛନ୍ତି। ଏଠାରେ ସୂଚନା ଥାଉ କି ସ୍ଥାନୀୟ ଅଞ୍ଚଳର କିଛି କୁଜି ନେତା ଜୁଆ ଖେଳାଳିଙ୍କୁ ସମର୍ଥନ କରୁଥିବାରୁ ସେମାନେ ଖୁଲମଖୁଲା ଜୁଆ ଖେଳିବାକୁ ପଛାଉ ନାହାନ୍ତି।

# ସାଇ ଜଗବନ୍ଧୁ ନିର୍ମଳ ଝର ପାନୀୟଜଳ ପ୍ରକଳ୍ପ ଲୋକାର୍ପିତ




ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଦୋଲସାହି ପଞ୍ଚାୟତ ଅଧୀନ ଅଲୀନଗର ଛକ ସ୍ଥିତ ସାଇ ବିଶ୍ରାମାଗାର ପାର୍ଶ୍ୱରେ ସତ୍ୟ ଫାଉଣ୍ଡେସନ ପକ୍ଷରୁ ଓ ତିହିଡ଼ି ସତ୍ୟସାଇ ସେବା ସମିତି ତତ୍ତ୍ୱାବଧାନରେ ସାଇ ଜଗବନ୍ଧୁ ନିର୍ମଳ ଝର ପାନୀୟଜଳ ପ୍ରକଳ୍ପ ଗୁରୁବାର ଅପରାହ୍ନରେ ଲୋକାର୍ପିତ ହୋଇଯାଇଛି। ଶ୍ରୀ ସତସାଇ ସଂଗଠନର ଜିଲା ସଭାପତି ଡାକ୍ତର ରଂଜିତ୍ ଖଟୁଆ ଓ ପୂର୍ବତନ ସଭାପତି ଇଂ ସନାତନ ପାତ୍ର ଅତିଥି ଭାବେ ଯୋଗ ଦେଇ ପାନୀୟ ଜଳ ପ୍ରକଳ୍ପକୁ ଲୋକାର୍ପିତ କରିଥିଲେ। ଏହି ପାନୀୟ ଜଳ ପ୍ରକଳ୍ପରୁ ସ୍ଥାନୀୟ ଜନସାଧାରଣ ଉପକୃତ ହେବା ସହିତ ପାଳିଆବିନ୍ଧା କଲେଜର ଛାତ୍ରଛାତ୍ରୀ ମଧ୍ୟ ଥାଣ୍ଡା ପାନୀୟ ଜଳ ପାଇପାରିବେ। ବିଶେଷ ଭାବେ ଗ୍ରୀଷ୍ମ ଋତୁରେ ପାନୀୟଜଳ ପ୍ରକଳ୍ପ ଦ୍ୱାରା ସମସ୍ତ ଜନସାଧାରଣ ପାନୀୟଜଳ ପାଇପାରିବେ। ଏହି ଲୋକାର୍ପିତ ଉତ୍ସବରେ ଭଦ୍ରକ ସାଇ ବିଦ୍ୟା ବିହାର ସଭାପତି ମନୋଜ କୁମାର ନାୟକ, ସାଇ ବିଦ୍ୟା ବିହାର ସମ୍ପାଦକ ତଥା ସତ୍ୟ ଫାଉଣ୍ଡେସନର ମୁଖ୍ୟ ପାର୍ଥସାରଥି ନାୟକ, ତିହିଡ଼ି ସତ୍ୟସାଇ ସେବା ସମିତି ଆବାହକ ସଂଜୟ କୁମାର ମହାପାତ୍ର, ରାଜୀବ ଲୋଚନ ସାହୁ, ବିଶ୍ୱରଂଜନ ପତି, ଉମାକାନ୍ତ ମିଶ୍ର, ମୋହନ ଜେନା, ରାଜୀବ ଖିଲାର, ଯଶୋବନ୍ତ ବେହେରା, ପୂର୍ବତନ ସରପଞ୍ଚ ସୁଶାନ୍ତ ସେଠୀ, ପୂର୍ବତନ ସମିତିସଭ୍ୟ ଭରତ ସାହୁ, ରବିନ୍ଦ୍ର କୁମାର ଦାସ, ହିମାଂଶୁ ଭଟ୍ଟାଚାର୍ଯ୍ୟ, ରମାକାନ୍ତ ନାଥ, ହିମାଂଶୁ ନାୟକ, ପ୍ରଭାତ ରାଉଳ, ଶାନ୍ତିଲତା ବିଶ୍ୱାଳ, ରମାମଣି ନାୟକ, ସୁକାନ୍ତୀ ନାୟକ, ମୌସୁମୀ ନାୟକ, ଦୀପ୍ତିକାନ୍ତ ଭଂଜ, ରାଜୀବ ବଳ, ଅଜିତ୍ କୁଅଁର ପ୍ରମୁଖ ସହିତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଶେଷରେ ବିଜୟ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଯୋଗ୍ୟ ଯେ ତିହିଡ଼ି ସତ୍ୟ ଫାଉଣ୍ଡେସନ ପକ୍ଷରୁ ତିହିଡ଼ି ଓ ଚାନ୍ଦବାଲି ବ୍ଲକର ବିଭିନ୍ନ ସ୍ଥାନରେ ୬ଟି ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ ହୋଇଥିବା ବେଳେ ଫାଉଣ୍ଡେସନ ଦୁରାରୋଗ୍ୟରେ ଆକ୍ରାନ୍ତ ରୋଗୀଙ୍କୁ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରୁଛି। ଏଥି ସହିତ ଫାଉଣ୍ଡେସନ ମଧ୍ୟ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଆସୁଅଛି।

# ଆଳିର ଦୁଇଟି ସ୍ଥାନରୁ ଚୋରି

ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନରେ ୨ ତାରିଖରେ ହୋଇଥିବା ଚୋରିର ଏକ ସପ୍ତାହ ନ ପୂରୁଣୁ ଆଜି ଲୁଟେରାମାନେ ପୁଣି ଥରେ ସକ୍ରିୟ ହୋଇ ନିର୍ଭୟରେ ଲୁଟତରାଜ ଚାଲିଛନ୍ତି। ଗତକାଲି ବୁଧବାର ବିଳମ୍ବିତ ରାତିରେ ଆଳି ଥାନା ନରେନ୍ଦ୍ରପୁର ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମର ଦୁଇଟି ସ୍ଥାନରୁ ଚୋରି ହୋଇଥିବା ଜଣାପଡିଛି। ଖବର ସୂତ୍ରରୁ ପ୍ରକାଶ ଯେ ଆଳି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମରର ମନୋଜ ମଲିକଙ୍କ ପତ୍ନୀ ରୋଜାଲିନ ମଲିକଙ୍କ ଥାନାରେ ଅଭିଯୋଗ ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ରୋଜାଲିନ ରାତ୍ରିଭୋଜନ ପରେ ଶୋଇବାକୁ ଯାଇଥିଲେ। ଅନ୍ଧାର ରାତିର ସୁଯୋଗ ନେଇ ଲୁଟେରା ମାନେ ଘର ଭିତରକୁ ଝରକା ଗ୍ରିଲ ତାଡ଼ି ପଶିଥିଲେ। ରୋଜାଲିନଙ୍କ ଘରେ ଗଡ଼ରେଜ ତାଡ଼ି ସେଥିରେ ଥିବା ସୁନା ମଙ୍ଗଳସୂତ୍ର ୨ ଟି, ସୁନା ମୁଦି ୪ ଟି, ସୁନା କାନଫୁଲ ୧ ହଳ, ରୁପା ପାଉଁଜି ୨ ହଳ, ସୁନା ଚେନ ୨ ଟା ଯାହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ତତସହିତ ନଗଦ ୨୦ ହଜାର ଟଙ୍କା ଲୁଟେରା ମାନେ ଲୁଟି ନେଇଥିବା ନେଇ ଆଳି ଥାନାରେ ରୋଜାଲିନ ଅଭିଯୋଗରେ ଦର୍ଶାଇଛନ୍ତି। ଅପର ପକ୍ଷେ ରୋଜାଲିନଙ୍କ ଘର ଠାରୁ ନିକଟରେ ଅନ୍ୟ ଏକ ଘରୁ ମଧ୍ୟ ଲୁଟେରା ମାନେ ଝରକା ତାଡ଼ି ପଶିବା ସହ ବିଭିନ୍ନ ମୂଲ୍ୟବାନ ଜିନିଷ ଲୁଟି ନେଇଛନ୍ତି। ଆଳି ଥାନାରେ ଅନ୍ୟ ଏକ ଏତଲା ଅନୁଯାୟୀ ଉକ୍ତ ଗ୍ରାମର ଶଙ୍କର୍ଷଣ ସ୍ୱାଇଁଙ୍କ ପୁଅ ସତ୍ୟଜିତ ସ୍ୱାଇଁଙ୍କ ଘରୁ କାଲି ବିଳମ୍ବିତ ରାତ୍ରିରେ ସମସ୍ତେ ଶୋଇବା ପରେ ଲୁଟେରା ମାନେ ଝରକା ତାଡ଼ି ଘରେ ପଶି ଚୋରି କରିଥିବା ଘରକୁ ଭିତର ପଟୁ ଶିକୁଳି ପକାଇ ଦେଇଥିଲେ। ପରେ ଝରକା ତାଡ଼ି ଭିତରକୁ ପଶି ଘରେ ଥିବା ପ୍ରାୟ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୭୦ ହଜାର ଟଙ୍କା ଲୁଟେରା ମାନେ ଲୁଟି ନେଇଥିଲେ। ଘଟଣା ପରେ ସକାଳୁ ଏତଲା ଦିଆଯାଇଥିଲା ପରେ ମଧ୍ୟ ଆଳି ପୋଲିସ ପକ୍ଷରୁ କୌଣସି ଅଧିକାରୀ ଘଟଣା ସ୍ଥଳକୁ ଯାଇ ନଥିବା ନେଇ ସ୍ଥାନୀୟ ଲୋକ ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ବାରମ୍ବାର ଆଳି ଅଞ୍ଚଳରେ ଚୋରି ବଢ଼ି ଚାଲିଥିବା ବେଳେ ପୋଲିସର ହାତ ଖାଲି ପଡ଼ିଥିବା ବେଳେ ଏହା ଆଳି ପୋଲିସର ନିଷ୍କ୍ରିୟତା ବୋଲି ସାଧାରଣରେ ଆଲୋଚନା ହେଉଛି।

# ପୋଲିସ ଆଣି ନବ ବିବାହିତା କନ୍ୟାକୁ ନେଇଗଲା ମା'



ରଘୁନାଥପୁର, (ଭାସ୍କର ନ୍ୟୁଜ): ଜାକ ଜମକରେ ବାହାଘର ଅନୁଷ୍ଠିତ ହେବାପରେ ବରଘର ପକ୍ଷରୁ ଚତୁର୍ଥୀ ଭୋଜି ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ହଟାତ ପୋଲିସ ଭ୍ୟାନ ଘର ପାଖରେ ପହଞ୍ଚିବାରୁ କିଛି କ୍ଷଣ ମଧ୍ୟରେ ସବୁକିଛି ଫସର ଫାଟି ଯାଇଥିଲା। ନବବିବାହିତା କନ୍ୟାର ମାଙ୍କ ଅଭିଯୋଗ କ୍ରମେ ପୋଲିସ କନ୍ୟାକୁ ନେବାକୁ ଉଦ୍ୟତ ହେଉଥିବା ସମୟରେ ଗ୍ରାମବାସୀ ଓ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ। ଶେଷରେ ସ୍ଥାନୀୟ ସରପଞ୍ଚ, ଭଦ୍ରବ୍ୟକ୍ତି, ବନ୍ଧୁବାନ୍ଧବ ଓ ପୋଲିସ ଉପସ୍ଥିତରେ ଲେଖାପଢ଼ା ପରେ ବୁଧବାର ରାତି ସାଢେ ୩ ଟାରେ ବିବାହିତା କନ୍ୟାକୁ ନେଇ ମା ଚାଲିଯାଇଥିଲେ। ଏପରି ଆଶ୍ଚର୍ଯ୍ୟ ଚକିତ ଘଟଣା ଦେଖିବାକୁ ମିଳିଛି ରଘୁନାଥପୁର ଥାନା ତଂଅରା ପଞ୍ଚାୟତ ଅନ୍ତର୍ଗତ ଶାଳୀଜଙ୍ଗା ମୁଗଅଣ୍ଡା ପଡା ଗ୍ରାମରେ। ଗତ ଜୁଲାଇ ୫ ତାରିଖରେ ତାରପୁର ସ୍ଥିତ ମା ନାରାୟଣୀ ମନ୍ଦିରରେ ତିର୍ତ୍ତୋଲ ଥାନା ଗୋବିନ୍ଦପୁର ଗୁଣ୍ଡିଲ ଗ୍ରାମର ସୁରେଶ ନାୟକଙ୍କ ସାନ ଝିଅ ଦେବଦର୍ଶନିଙ୍କ ସହିତ ମୁଗଅଣ୍ଡା ଗ୍ରାମର ପ୍ରଭାକର ମହାପାତ୍ରଙ୍କ ପୁଅ ମାନସ ସହ ବୈଦିକ ରୀତିରେ ବିବାହ ଅନୁଷ୍ଠିତ ହୋଇଥିଲା। ଝିଅର ମାମୁ ସମୀର ସ୍ୱାଇଁ ଏଥିରେ ମଧ୍ୟସ୍ଥତା ସାଜିଥିଲେ। ଗତ ବୁଧବାର ଦେବଦର୍ଶନିଙ୍କ ମା ଝିଅକୁ ଉଦ୍ଧାର କରିବା ପାଇଁ ଥାନାରେ ଅଭିଯୋଗ କରିଥିଲେ। ତଦନୁଯାଇ ରଘୁନାଥପୁର ଥାନା ଏସଆଇ ଯୋଗେଶ୍ୱର ବେହେରା,ଏସଆଇ ରିତାଞ୍ଜଳୀ ନାୟକ ପୋଲିସ ଫୋର୍ସ ସହ ସନ୍ଧ୍ୟା ୭ ଟାରେ ଉକ୍ତ ଗ୍ରାମରେ ପହଞ୍ଚି ଝିଅକୁ ଉଦ୍ଧାର କରିବା ସମୟରେ ଗ୍ରାମବାସୀମାନେ ଏହାକୁ ବିରୋଧ କରିଥିଲେ। ବାହାଘର ଠାରୁ ଭୋଜି ହେବା ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ବହନ ସହ ସରପଞ୍ଚ ଓ ଭଦ୍ରଲୋକଙ୍କ ଉପସ୍ଥିତିରେ ଲେଖାପଢ଼ା କରି ଝିଅକୁ ନେଇଯିବା ପାଇଁ ଅଡି ବସିଥିଲେ। ଶେଷରେ ଦୀର୍ଘ ୭ ଘଣ୍ଟାର କସରତ ପରେ ବଣ୍ଡ ପେପରରେ କନ୍ୟା ଦେବଦର୍ଶନି, ତାଙ୍କ ମାଆ ଓ ବଡ ଭଉଣୀ, ମାମୁ ଦସ୍ତଖତ କରି ଓ ବର ପକ୍ଷର ସମସ୍ତ ଅଳଙ୍କାର ଫେରସ୍ତ କରି ସ୍ୱଇଚ୍ଛାରେ ଚାଲି ଯାଇଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ, ଅଜୟ ପାଲଟା ସିଂ, ନିତ୍ୟାନନ୍ଦ ମହାପାତ୍ର, ପ୍ରଫୁଲ ମହାପାତ୍ର, ସୁଦର୍ଶନ ଯୋଗାଣିଆ, ଅଜୟ ପାଣି, ଶୈଳେଶ ମହାପାତ୍ରଙ୍କ ସହ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ। ଉଦ୍ଧାର ହୋଇଥିବା ଦେବଦର୍ଶନୀଙ୍କୁ ତାଙ୍କ ମାଙ୍କ ଜିମା ଦିଆଯାଇ ଥିବା ଏବଂ ଆସନ୍ତା ୧୫ ଦିନ ଭିତରେ ଉଭୟ ପକ୍ଷ ଥାନାରେ ବସି ଆଲୋଚନା କରିବେ ବୋଲି ଏସଆଇ ବେହେରା ପ୍ରକାଶ କରିଛନ୍ତି। ଅଞ୍ଚଳରେ ଏହା ଏକ ଆଲୋଚ୍ୟର ବିଷୟ ହୋଇଥିବା ବେଳେ ବରଘର ପକ୍ଷରୁ ରନ୍ଧା ହୋଇଥିବା ୫ ଶହ ଲୋକଙ୍କ ଖାଦ୍ୟ ସମ୍ପୂର୍ଣ୍ଣ ଭାବେ ପୋତା ଯାଇଥିବାର ଜଣାଯାଇଛି।

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ସାଧାରଣ ପରିଷଦ ବୈଠକ

ଡାବୁଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଏକ ଜିଲ୍ଲା ସ୍ତରୀୟ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଜିଲ୍ଲା ସଭାପତି ଶିବାନନ୍ଦ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ରାଜ୍ୟ ସମ୍ପାଦକ ମହମ୍ମଦ ଜାବେଦ ଆଖତର ଯୋଗ ଦେଇଥିଲେ। ଆଖତର ରାଜସ୍ୱ କ୍ଷେତ୍ର ଅଧିକାରୀ ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ କହିଥିଲେ। ଅତ୍ୟଧିକ କାର୍ଯ୍ୟଭାର ସହ ଅଣ ରାଜସ୍ୱ କାର୍ଯ୍ୟ ଭାର ବୃଦ୍ଧି ନେଇ ଉଦବେଗ ପ୍ରକାଶ ପାଇଥିଲା। ବୈଠକରେ ଭୁବନେଶ୍ୱର ମହା ନଗର ନିଗମର ବରିଷ୍ଠ ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କ ଉପରେ ହୋଇଥିବା ଆକ୍ରମଣକୁ ସଂଘ ତରଫରୁ ନିନ୍ଦା କରାଯାଇଥିଲା। ରାଜ୍ୟ ଡିଜିଟାଲ ରାଜସ୍ୱ ସେବା ନିୟମ ୨୦ର ଉଲ୍ଲଂଘନ କରି ତହସିଲଦାର ମାନଙ୍କ ଦ୍ୱାରା ଘନ ଘନ ବଦଳି ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକୁ ତହସିଲ ସଂଘ ମାନଙ୍କ ଦ୍ୱାରା ସଂଗ୍ରହ କରାଯାଇ ଜିଲ୍ଲା ସଂଘକୁ ଅବଗତ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲ୍ଲା ର ସମସ୍ତ ରାଜସ୍ୱ ମଣ୍ଡଳ କାର୍ଯ୍ୟାଳୟ ରେ ଗ୍ରୁପ ଡି ପିଅନ ପୋଷ୍ଟ ଶୀଘ୍ର ପୂରଣ, ତହସିଲ ସ୍ତରୀୟ ଶାଖା ଗଠନ, ଜିଲ୍ଲାରେ ସଂଘ ର ଏକ ରାଜସ୍ୱ ଗୃହ ନିର୍ମାଣ, ରାଜ୍ୟ ସଂଘ କୁ ନ୍ୟାୟ ସଙ୍ଗତ ଦାବୀ ଗୁଡ଼ିକ ପୂରଣ ରେ ସହଯୋଗ କରିବାକୁ ଜିଲ୍ଲା ସଂଘ କୁ ସହାୟତା କରିବାକୁ ନିଷ୍ପତି ନିଆ ଯାଇଥିଲା। ୬୮ ଟି ରାଜସ୍ୱ ମଣ୍ଡଳ କାର୍ଯ୍ୟାଳୟରେ ଲାପଟପ୍ ପ୍ରଦାନ ହେତୁ ଜିଲ୍ଲା ପ୍ରଶାସନକୁ ସଂଘ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଶେଷରେ ରାଜସ୍ୱ ନିରୀକ୍ଷକ ପ୍ୟାହାକୁ ପଦନ୍ନତି ପାଇଥିବା



ତିନି ଜଣଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସଂଘର ପରାମର୍ଶଦାତା ପି ଉଦୟ କୁମାର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଉମରକୋଟ ଜୋନ ଉପ ସଭାପତି ରେଖା କାଞ୍ଚିଲାଲ,ପରାମର୍ଶଦାତା ଅନିଲ କୁମାର ଦାସ ଡାବୁଗାଁ ତହସିଲର ଗଙ୍ଗା ମହାଙ୍କୁଡ ଓ ଚୈତନ୍ୟ ବେହେରା ସହ ଜିଲ୍ଲାର ୧୦ଗୋଟି ବ୍ଲକ ର ରାଜସ୍ୱ କ୍ଷେତ୍ର ଅଧିକାରୀ ଉପସ୍ଥିତ ଥିଲେ।



# ଆମ କଳାହାଣ୍ଡି







## ବିଦ୍ୟୁତ ସଂସ୍ପର୍ଶରେ ଆସି ୨ ଚାଷୀଙ୍କ ମୃତ୍ୟୁ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଆମପାଣି ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ୨ଚାଷୀ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକ ହେଲେ କୋକସରା ବ୍ଲକ ବଡ଼ ପୋଡ଼ାଗୁଡା ଗାଁର ଚାଷି ଧନୁର୍ଯ୍ୟ ମଶ୍ରା ଓ କଛାର ପଡା ଗ୍ରାମର ଅନିରୁଦ୍ଧ ନାଏକ ବୋଲି ଜଣାପଡିଛି। ଦୁହେଁ ସମ୍ପର୍କରେ ଶଳା ଭିଣୋଇ ବୋଲି ସୂଚନା ମିଳିଛି। ସୂଚନା ମତେ ଆଜି ସକାଳେ ଦୁଇ ଜଣ ଚାଷି ବଡ଼ ପୋଡ଼ାଗୁଡା ନିକଟରେ ଥିବା ମୁଣ୍ଡୁରା ନଦୀ କୂଳରେ ଥିବା ଚାଷଜମିକୁ ମୋଟର ସାହାଯ୍ୟରେ ପାଣି ମଡାଉଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଘଟଣା ପରେ ପରିବାର ଲୋକେ ଉଦ୍ଧାର କରି ସ୍ଥାନୀୟ ଆମପାଣି ପୋଲିସକୁ ସୂଚନା ଦେଇଥିଲେ। ସୂଚନା ମିଳିବା ପରେ ଆମପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ଅବସ୍ଥା ଅନୁଧ୍ୟାନ ସହ ଶବ ଜବତ କରିଛି ଓ ଘଟଣାର ତଦନ୍ତ ଜାରି ରଖିଛି। ଦୁଇ ଚାଷୀଙ୍କ ଦୁଃଖଦ ମୃତ୍ୟୁ ପରେ ପରିବାର ଲୋକେ କ୍ଷତିପୂରଣ ଦାବି କରିଛନ୍ତି।



## ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳିତ

## ପ୍ରତିଯୋଗିତା ଓ ପୁରସ୍କାର ବିତରଣ ସଭା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ୨୦୨୫ ପାଳନ ଅବସରରେ ଓଡିଶା ସାହିତ୍ୟ ଏକାଡ଼େମୀ ଓ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ସାଧାରଣଜ୍ଞାନ ଓ କବିତା ଆବୃତ୍ତି ଓ ଭାଷାନ୍ତର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ୧୩ ଗୋଟି ବ୍ଲକରୁ ବ୍ଲକସ୍ତରୀୟ ପ୍ରତି ଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଆସି ଅଂଶ ଗ୍ରହଣ କରିଥିଲେ। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଜୁନିଅର୍ ବର୍ଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଆସନ୍ତା ତା. ୧୩.୦୭.୨୦୨୫ ରିଖରେ ଏବଂ ବରିଷ୍ଠ ବର୍ଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ତା. ୨୦.୦୭.୨୦୨୫ ରିଖ ଦିନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଏହି ଅବସରରେ ଜିଲ୍ଲା ସଂସ୍କୃତି ପରିଷଦ କଳାହାଣ୍ଡି ତରଫରୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା,ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ (ସା) ତନ୍ମୟ କୁମାର ଦରଓ୍ୱାନ ଯୋଗଦେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ଡି.ଡି. ପ୍ଲାନିଂ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ପ୍ରଧାନ ଶିକ୍ଷକ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ବିଭାଗର ସୋମନାଥ ସାହୁ ପରିଚାଳନା କରିଥିବା ବେଳେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୃଥିବୀକୁ ସରସ ସୁନ୍ଦର କରିବା ବନ ମହୋତ୍ସବର ମୂଳଲକ୍ଷ୍ୟ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଯୋରାଡବରା ପଞ୍ଚାୟତ ଭାରତୀ ବିଦ୍ୟାନିକେତନ ଠାରେ ବନ ମହୋତ୍ସବ ଉପଲକ୍ଷେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଛି। ଉକ୍ତ ଚାରାରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍ୱେଚ୍ଛାସେବୀ ଅମରନାଥ ପାତ୍ର, ସମ୍ମାନିତ ଅତିଥି ଭାବରେ ଗଗନ ବିହାରୀ ସାହୁ, ଭାରତୀ ବିଦ୍ୟାନିକେତନର ସମ୍ପାଦିକା ଭାଗ୍ୟବତୀ ସାହୁ, କୋଷାଧ୍ୟକ୍ଷ କ୍ଷେତ୍ରରାଜ ରଣା, ପ୍ରଧାନ ଶିକ୍ଷକ ରେଶବ ନାରାୟଣ ସାହୁ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ କିସମର ଚାରାରୋପଣ କରି ବନ ମହୋତ୍ସବ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ଶ୍ରୀଯୁକ୍ତ ପାତ୍ର ଛାତ୍ରଛାତ୍ରୀମାନଙ୍କୁ ପୃଥିବୀକୁ ସରସ ସୁନ୍ଦର କରିବା ଆମର ପ୍ରଧାନ କର୍ତ୍ତବ୍ୟ। ତେଣୁ ସମସ୍ତେ ଚାରାରୋପଣ କରିବା ନିହାତି ଦରକାର। ଆମେ ସମସ୍ତେ ସଙ୍କଳ୍ପ ନେବା ଯେ ଏହି ପୃଥିବୀକୁ ସରସ ସୁନ୍ଦର ଏବଂ ସବୁଜିମାରେ ଭରି ଦେବା ବୋଲି ମନ୍ତବ୍ୟ ଦେଇଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିତ୍ତରଞ୍ଜନ ନିଆଲ ହେଲେ କଂଗ୍ରେସ ଏସ୍‌ସି ସେଲ ରାଜ୍ୟ ଉପସଭାପତି



ଜୁନାଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦୁର୍ଗମ ଚିକିଲି ଗ୍ରାମର ଚିତ୍ତ ରଞ୍ଜନ ନିଆଲ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଅନୁସୂଚିତ ଜାତି ବିଭାଗ ବା ଏସସି ସେଲର ରାଜ୍ୟ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ଏନେଇ କଳାହାଣ୍ଡି ଜିଲ୍ଲାରେ ଖୁସିର ଲହରୀ ଖେଳି ଯାଇଛି। ଚିତ୍ତରଞ୍ଜନ ନିଆଲ ଭକ୍ତ ଦାସଙ୍କ ନେତୃତ୍ୱକୁ ଅନୁପ୍ରାଣିତ ହୋଇ କଂଗ୍ରେସରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ପ୍ରଥମେ ସେ କଂଗ୍ରେସରୁ ହାବଶପୁର ଯୋନ ସଭାପତି ଭାବେ ନିଜର ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ପରବର୍ତ୍ତୀ ସମୟରେ କଳାହାଣ୍ଡି ଜିଲ୍ଲା କଂଗ୍ରେସର ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇଥିଲେ। ବର୍ତ୍ତମାନ ଏସସି ସେଲର ରାଜ୍ୟ ଉପସଭାପତି ହେବା ପରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ରାଜ୍ୟ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ରାଜ୍ୟରେ ଅନୁସୂଚିତ ଜାତି ପ୍ରତି ବଢୁଥିବା ଅନ୍ୟାୟ ଅତ୍ୟାଚାର, ଗରିବ ନିଷ୍ପେସିତ ମାନଙ୍କ ସ୍ୱର ହୋଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି କହିଥିଲେ। ଏ ନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟି ଆସୁଛି।

## ମୃତ ମହିଳାଙ୍କ ପରିବାରକୁ ବିଜେଡି ପକ୍ଷରୁ ସହାୟତା



କୋକସରା, (ଭାସ୍କର ନ୍ୟୁଜ୍) : କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଗତ ଜୁନ୍ ମାସରେ ଭୁଲ ଇଞ୍ଜେକସନ ଯୋଗୁଁ ୬ ଜଣ ରୋଗୀଙ୍କ ମୃତ୍ୟୁ ହୋଇଥିଲା। ତେବେ ଏହି ୬ଜଣଙ୍କ ମଧ୍ୟରେ କୋକସରା ବ୍ଲକ ଲଡୁଗାଁ ଗ୍ରାମ ପଞ୍ଚାୟତ ସୁପାଡ ଗ୍ରାମର ମନବୋଧ ମାଝୀଙ୍କ ସ୍ତ୍ରୀ ଫୁଲମତୀ ମାଝୀ(୫୦)ଙ୍କ ମଧ୍ୟ ମୃତ୍ୟୁ ହୋଇଥିବା ଜଣାପଡିଛି। ତେବେ ଏହି ଦୁଃଖଦ ଘଟଣାରେ ମଙ୍ଗଳବାର ବିଜେଡି ଦଳ ପକ୍ଷରୁ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରଓ୍ୱାଲ, ରାଜେନ୍ଦ୍ର ନାଏକ, ବ୍ଲକ ବିଜେଡି ସଭାପତି ଶୁଶାନ୍ତ ବେହେରା ପ୍ରମୁଖ ସୁପାଡ ଗ୍ରାମରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରିଛନ୍ତି। ପରିବାର ବର୍ଗଙ୍କୁ ଏହି ଦୁଃଖ ସମୟରେ ଧୈର୍ଯ୍ୟ ରଖିବାକୁ ସମବେଦନା ଜଣାଇବା ସହିତ ବିଜେଡି ଦଳ ପକ୍ଷରୁ ଉକ୍ତ ପରିବାରକୁ ୩୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଛି। ପୂର୍ବତନ ମନ୍ତ୍ରୀ ଶ୍ରୀ ସିଂଦେଓ ସମସ୍ତ ମୃତକଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏବଂ ମୃତକଙ୍କ ପରିବାର ଲୋକଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ସହ ସରକାର ପକ୍ଷରୁ ଉକ୍ତ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଶାସକ ଦଳର କୌଣସି ନେତା କିମ୍ବା ସ୍ଥାନୀୟ ବିଧାୟକ ମୃତକଙ୍କ ପରିବାର ଲୋକଙ୍କୁ ବର୍ତ୍ତମାନ ସୁଦ୍ଧା ସାକ୍ଷାତ କିମ୍ବା ସମବେଦନା ମଧ୍ୟ ଜଣାଇ ନ ଥିବାରୁ ଲୋକଙ୍କ ମନରେ ଉଦ୍‌ବେଗ ପ୍ରକାଶ ପାଇଛି।

## ବିଲୁଆ ଆକ୍ରମଣରେ ୪ ଆହତ

ନର୍ଲା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ଘଣ୍ଟମାଲ୍ ପଞ୍ଚାୟତର ଆଡ୍ରିଂ ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗତକାଲି ସନ୍ଧ୍ୟା ୫ଟା ସମୟରେ ଶୌଚ ହେବାକୁ ନିକଟସ୍ଥ ନାଳକୁ ଯାଇଥିବା ବେଳେ ଏକ ପାଗଳ ବିଲୁଆ ଆକ୍ରମଣ କରି ଚାରି ଜଣଙ୍କୁ ଲହୁ ଲୁହାଣ କରିଥିବା ଦେଖିବାକୁ ମିଳିଛି। ସେଥିପାଇଁ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିବାରୁ ତୁରନ୍ତ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚି ଆହତ ମାନଙ୍କୁ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଆହତ ମାନଙ୍କ ମଧ୍ୟରୁ ୪୨ ବର୍ଷୀୟ ବୁଦ୍ଧିମନ୍ତ ବାଗଙ୍କ ନାକରେ ଆକ୍ରମଣ କରି ନାକ ଦଣ୍ଡି ଛିଣ୍ଡେଇ ଦେଇଥିବା ବେଳେ ରୋହିତ୍ ଗଉଡ୍ ନାମକ ସାତ ବର୍ଷୀୟ ନାବାଳକଙ୍କ ସହ ଅନ୍ୟ ଦୁଇ ଜଣଙ୍କ ହାତରେ, ପିଠିରେ ଓ ଗୋଡରେ ଆଘାତ କରିଥିବା ଦେଖିବାକୁ ମିଳିଛି। ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆହତ ମାନଙ୍କ ପାଇଁ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦିଆଯାଉଛି ବୋଲି ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଆଶୁତୋଷ ପଧାନ୍ ସୂଚନା ଦେଇଛନ୍ତି।

## ସ୍କୁଲ ପରିଦର୍ଶନରେ ଆସି ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇଲେ ସରପଞ୍ଚ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ସ୍କୁଲ ପରିଦର୍ଶନ ସହିତ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇ ଚର୍ଚ୍ଚାର ବିଷୟ ପାଲଟିଛନ୍ତି ଲାଞ୍ଜିଗଡ ବ୍ଲକ କମର୍ଦ୍ଧା ପଞ୍ଚାୟତର ସୁଶୀଳା ନାଏକ। ଆଜି କମର୍ଦ୍ଧା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ସରପଞ୍ଚ ଯାଇଥିବାବେଳେ ସ୍କୁଲର ତୃତୀୟ ଶ୍ରେଣୀର ଆମେ ଓ ଆମ ପରିବେଶ ବହିର ତୃତୀୟ ଅଧ୍ୟାୟରେ ଥିବା ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଓ ପଞ୍ଚାୟତର କାର୍ଯ୍ୟ ଉପରେ ସେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିଥିଲେ। ଶିକ୍ଷକ ବିଭୁତି ଭୂଷଣ ତାଣ୍ଡିଙ୍କ ଉପସ୍ଥିତିରେ ସରପଞ୍ଚ ପାଠ ପଢ଼ାଇବା ସହିତ ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିଥିଲେ।

## ଚାଷୀ ନେତା ସାଉଲ୍ ମଙ୍ଗରାଜ ହେଲେ ଏସ୍‌ସି ସେଲର ସାଧାରଣ ସମ୍ପାଦକ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ପୂର୍ବତନ ଯୁବ କଂଗ୍ରେସ ସଭାପତି ତଥା ଚାଷୀ ନେତା ସାଉଲ ମଙ୍ଗରାଜ ରାଜ୍ୟ କଂଗ୍ରେସ ଏସ୍‌ସି ସେଲ ସାଧାରଣ ସମ୍ପାଦକ ମନୋନୀତ ହୋଇଛନ୍ତି। ଶ୍ରୀ ମଙ୍ଗରାଜ ଛାତ୍ର ଜୀବନରୁ ରାଜନୀତିକୁ ଆସିଥିବା ବେଳେ ପୂର୍ବରୁ ଜୁନାଗଡ଼ ନିର୍ବାଚନ ମଣ୍ଡଳି ଯୁବ କଂଗ୍ରେସ ସଭାପତି, କଳାହାଣ୍ଡି ଜିଲ୍ଲା ଯୁବ କଂଗ୍ରେସ ସଭାପତି, ଜିଲ୍ଲା କିଶନ ସଙ୍ଘ ସଭାପତି, ଜନ ସଂଗ୍ରାମ ସମିତି ସଭାସତି ପରି ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟୀତ୍ୱ ତୁଲାଇ ସାରିଛନ୍ତି। ଗତ ବର୍ଷ ଜିଲ୍ଲାର ଚାଷୀ ସମସ୍ୟାକୁ ଗୋଲାମୁଣ୍ଡାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଦିର୍ଘ ୪୫୦ କିଲୋମିଟର ୧୨ ଜଣ ସାଥିଙ୍କୁ ଧରି ପଦଯାତ୍ରା କରି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ଜିଲ୍ଲା ତଥା ସାରା ରାଜ୍ୟରେ ଚର୍ଚ୍ଚିତ ହୋଇଥିଲେ। କଳାହାଣ୍ଡି ଓ ନୂଆପଡା ପ୍ରଭାରୀ ବିଜୟା ନନ୍ଦ କାଉଳିଆ,ବରିଷ୍ଠ କଂଗ୍ରେସ ନେତା ଅଖିଳ ଭାତ୍ରା, ସୁରେଶ ରାଓ, ପ୍ରଭାତ ଦାସ, କମଳ ତାଣ୍ଡି, ନରହରି ବାଗ ସୋମେଶ୍ୱର ମୁନି, ଅନିଲ ମଲ୍ଲିକ, ଲମ୍ବୁ ଜାଲ, ଓଡ଼ିଶା ସାମ୍ବାଦିକ ୟୁନିୟନ ସାଧାରଣ ସମ୍ପାଦକ କମ୍ବୁପାଣି ମିଶ୍ର ତଥା ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ଜଙ୍ଗଲୀ ହାତୀ ଉଜାଡିଦେଲେ ୮ ଏକର ଧାନ ଫସଲ


### ଏଲିଫ୍ୟାଣ୍ଟ ଟ୍ରେଞ୍ଚର ପୁନଃରୁଦ୍ଧାର ଏବଂ ୱାଚ ଟାୱାର ସ୍ଥାପନ ଦାବି




ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ପ୍ରାୟ ମାସଟିଏ ହେଲା ଲଘୁଚାପ ଜନିତ ବର୍ଷା ଲାଗି ରହିଥିବାବେଳେ ଠିକ୍ ସମୟରେ ବର୍ଷା ହେବା ଯୋଗୁଁ ଚାଷୀ ଏଥର ବିହନ ବୁଣାବୁଣି ଓ ତଳି ରୁଆରୁଇ କରିବାରେ ଆଗୁଆ ରହିଛି। କେତେକ ଅଞ୍ଚଳରେ ବୁଣାବୁଣି ଓ ତଳିରୁଆ ସାରିଥିବାବେଳେ କେଉଁ କେଉଁଠି ଧାନ ଗଛ ବଢ଼ି ଆସିଲାଣି। ତେବେ ଏହି ସମୟରେ ଚାଷୀ ଓ ଚାଷୀଙ୍କ ଉପରେ ଦାଉ ସାଧୁଛନ୍ତି ଜଙ୍ଗଲୀ ହାତୀ ପଲ। ଏକ ଷୋହଳଟିକିଆ ହାତୀପଲ ଧାନ ଚାଷ ହୋଇଥିବା ଜମିରେ ଉତ୍ପାତ କରିବା ସହିତ ପାଦରେ ଦଳିମକଚି ପ୍ରାୟ ୧୫ ଏକରରୁ ଉର୍ଦ୍ଧ୍ୱ ଜମିର ଧାନ ଫସଲକୁ ନଷ୍ଟ ବିନଷ୍ଟ କରିଦେଇଛନ୍ତି। ଜଙ୍ଗଲୀ ହାତୀପଲଙ୍କ ଏଭଳି ଉପଦ୍ରବ ଯୋଗୁଁ ମୁଣ୍ଡରେ ହାତଦେଇ ବସିଛନ୍ତି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଗୋବର୍ଧନପୁର ପଞ୍ଚାୟତ ତଥା ବିଶ୍ୱନାଥପୁର ଓ ନର୍ଲା ବନାଞ୍ଚଳ ଅନ୍ତର୍ଗତ ପାଣିମୁଣ୍ଡା ଗାଁର ଚାରିଜଣ ଜଣ ଚାଷୀ। ବୁଧବାର ବିଳମ୍ବିତ ରାତିରେ ପାଣିମୁଣ୍ଡା ଗାଁ ଉପର ମୁଣ୍ଡରେ ଥିବା ଚାଷଜମିକୁ ହଠାତ ଏକ ଷୋହଳ ଟିକିଆ ହାତୀପଲ ପଶି ଆସିବା ସହିତ ଗାଁର ଚାଷୀ ରଘୁନାଥ ଭୋଇଙ୍କ ଦୁଇ ଏକର, ତପନ କୁମାର ଭୋଇଙ୍କ ଦୁଇ ଏକର, ରୋହିତ ଭୋଇଙ୍କ ଦୁଇ ଏକର, ସାଧୁ ନାଏକଙ୍କ ଦୁଇ ଏକର ଜମିର ଧାନ ଫସଲକୁ ସଂପୂର୍ଣ୍ଣ ଭାବେ ଦଳି ମକଚି ନଷ୍ଟ ବିନଷ୍ଟ କରିଦେଇଛନ୍ତି। ଆଜି ସକାଳୁ ଚାଷୀମାନେ ଏ ସମ୍ପର୍କରେ ଜାଣିବା ପରେ ବନବିଭାଗକୁ ଖବର ଦେଇଥିଲେ। ତେବେ ପାଣିମୁଣ୍ଡା ଗାଁର ଚାଷଜମିର ଅଧାରୁ ଅର୍ଦ୍ଧେକ ଅଂଶ ବିଶ୍ୱନାଥପୁର ଓ ନର୍ଲା ବନାଞ୍ଚଳ ଅଧୀନରେ ଆସୁଥିବାରୁ କିଏ ତଦନ୍ତ କରିବ ଓ ରିପୋର୍ଟ ଦେବ ତାକୁ ନେଇ ବେଶ ସମୟ ଧରି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଏପରିକି ନର୍ଲା ବନାଞ୍ଚଳରୁ ଦୁଇ ତିନିଜଣ ଅସ୍ଥାୟୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ବିଶ୍ୱନାଥପୁର ବନାଞ୍ଚଳ ସିକେରକୁପା ସେକ୍ସନର ବନପାଳ ଭାଗିରଥୀ ନାଏକ, ଏଲିଫ୍ୟାଣ୍ଟ ସ୍କ୍ୱାର୍ଡ ସହିତ ପହଞ୍ଚି ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ଫେରିଯାଇଥିବା ଜଣାପଡିଛି। ତେବେ ବର୍ଷ ତମାମ ପାଣିମୁଣ୍ଡା, ଗୋବର୍ଦ୍ଧନପୁର ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଚଳପ୍ରଚଳ ଓ ଉପଦ୍ରବ ଲାଗି ରହିଥିବାବେଳେ ବନ ବିଭାଗ ପକ୍ଷରୁ ଲୋକଙ୍କ ଧନଜୀବନ ଓ କଷ୍ଟୋପାର୍ଜିତ ଫସଲର ସୁରକ୍ଷାକୁ ପ୍ରାଧାନ୍ୟ ଦେବା ବଦଳରେ ରେଳ ଧାରଣାରୁ ହାତୀକୁ ସୁରକ୍ଷା ଦେବାରେ ନିୟୋଜିତ ରହୁଛି। ସେହିପରି ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହେଉଥିବାବେଳେ ଲୋକଙ୍କୁ ନାମକୁ ମାତ୍ର କ୍ଷତିପୂରଣ ଦିଆଯାଉଥିବା ନେଇ ଅଭିଯୋଗ ହେଉଛି। ଏଣୁ ଜଙ୍ଗଲକୁ ଲାଗିଥିବା ଚାଷଜମିର ସୁରକ୍ଷା ପାଇଁ ଜଙ୍ଗଲ ସୀମାରେ ଥିବା ପୋତି ହୋଇପଡୁଥିବା ଏଲିଫ୍ୟାଣ୍ଟ ଟ୍ରେଞ୍ଚର ପୁନଃରୁଦ୍ଧାର କରିବା ଓ ହାତୀପଲର ଗତିବିଧି ସମ୍ପର୍କରେ ଜାଣିବାକୁ ସୁଉଚ୍ଚ ୱାଚ ଟାୱାର ନିର୍ମାଣ ପାଇଁ ଦାବି ହେଉଛି। ସେହିପରି ବର୍ତ୍ତମାନ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହେଉଛି।

## ରାଶିଫଳ

ଶୁକ୍ରବାର, ୧୧ ଜୁଲାଇ ୨୦୨୫



**ମେଷ:** ବ୍ୟବସାୟ ଆଶା କରାଯାଉଥିବା ସଫଳତା ହାସଲ କରିବାର ସମ୍ଭାବନା ଅଧିକ। ଆୟ ବୃଦ୍ଧି ପାଇବ। ମଜା ଏବଂ ମଜାଦାର ଧାରା ଦିନସାରା ଜାରି ରହିବ। ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ। ଆଜି ଘର ସଜାଇବା ପାଇଁ ବ୍ୟବସ୍ଥା ମଧ୍ୟ ପରିବର୍ତ୍ତନ ହେବ।




**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ। ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ। ତଥାପି, ସଫଳତା ବିଳମ୍ବ ହୋଇପାରେ। ମଧ୍ୟାହ୍ନ ଭୋଜନ ପରେ ଏକ ବ୍ୟବସାୟ ଅନୁକୂଳ ପରିବେଶ ସୃଷ୍ଟି ହେବ।



**ମିଥୁନ:** ମନରୁ ନକାରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ। ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ। ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ। କୌଣସି ସ୍ଥାନାନ୍ତରଣର ହେବାର ଅଛି ହେଲେ ଭଲ।




**କର୍କଟ:** ମନ ଆନନ୍ଦ ଏବଂ ମଜା ସହିତ ଆନନ୍ଦିତ ହେବ। ଏହି ଧାରାରେ, ସାଙ୍ଗମାନଙ୍କ ଉପଭୋଗ ମନୋରଂଜନର ଉପଭୋଗକୁ ଦ୍ୱିଗୁଣିତ କରିବ। ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଗାଡି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ।



**ସିଂହ:** ଆପଣଙ୍କର ଅଧ୍ୟକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ। ଧନ ପାଇବା ପାଇଁ ଦୃଢ ସମ୍ଭାବନା ଅଛି। ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ପେରସ୍ତ ହେବ। ସେୟାର ଇତ୍ୟାଦି ମାଧ୍ୟମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି।




**କନ୍ୟା:** ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ। କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ। ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ। ବ୍ୟବସାୟରେ ସମୟ ଅନୁକୂଳ ହେବ। ପ୍ରତିଯୋଗୀମାନେ ଜିତିବେ।



**ତୁଳା:** ଆଜି ଆପଣଙ୍କ ପାଇଁ ମଧ୍ୟମ ଫଳପ୍ରଦ ହେବ। ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ। ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୌଣସି ବିବାଦ ହେବ ନାହିଁ। କିନ୍ତୁ ମଧ୍ୟାହ୍ନ ପରେ ସୁସ୍ଥ ଅନୁଭବ କରିବେ। ସୃଜନଶୀଳ ପ୍ରବୃତ୍ତି ପ୍ରତି ଧ୍ୟାନ ଦେବ। ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ ଅଟେ।



**ବିଛା:** ଘରୋଇ ଜୀବନରେ ଜଟିଳ ପ୍ରଶ୍ନର ସମାଧାନ ହେବ। ଏହା ସହିତ, ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ। ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ। ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ।




**ଧନୁ:** ଆଜି, ମନ ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ। ତଥାପି, ଛାତ୍ରମାନେ ପଢିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ। ମଧ୍ୟାହ୍ନ ଭୋଜନ ପରେ, ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ। ପ୍ରତିଯୋଗୀଙ୍କ ଇଚ୍ଛା ସଫଳ ହେବ ନାହିଁ।




**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ। ଘରୋଇ ଜୀବନରେ ଅତ୍ୟଧିକ ସୁସ୍ଥ୍ୟ ପରିବେଶ ରହିବ। ଆପଣ ଆଧ୍ୟାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ। ମଧ୍ୟାହ୍ନ ପରେ, ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ। ନିଷ୍ପତ୍ତି ଶକ୍ତିର ଅଭାବ ରହିବ। ଘରୋଇ କାମ ପଛରେ ଟଙ୍କା ଖର୍ଚ୍ଚ କରିବାର ସମ୍ଭାବନା ଅଛି।



**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ। ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ। ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ। ମଧ୍ୟାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ। ପାରିବାରିକ ଜୀବନରେ ସମନ୍ୱୟ ରହିବ। ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ।



**ମୀନ:** ବିବାହ କରିବାକୁ ଯୋଗ ଫିଟିବ। ବାଣିଜ୍ୟିକ କ୍ଷେତ୍ରରେ ମଧ୍ୟ ଲାଭ ହେବ। ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ। ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ। ସାଙ୍ଗମାନେ ମଧ୍ୟ ଉପକୃତ ହେବେ। ମଧ୍ୟାହ୍ନ ଭୋଜନ ପରେ, ଆପଣ କୌଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ। ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ।



ଗ୍ରହଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯